# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ବୁଧବାର, ଡିସେମ୍ବର ୩/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, December 3/2025 | Page 14 | ₹ 7.00 | SAMBALPUR

୫୨ଶ ଭାଗ ୧୦ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 10 | ମୂଲ୍ୟ ₹୭/-




## ୧୦ ବର୍ଷ ପରେ ରୋମାନ୍ସ କରିବେ ଦୀପିକା-ରଣବୀର

ରଣବୀର କପୁର ଏବଂ ଦୀପିକା ପାଦୁକୋନ ୧୦ ବର୍ଷ ପରେ 'ଚୋରି ଚୋରି' ଚଳଚ୍ଚିତ୍ର ଦ୍ୱାରା ଅନୁପ୍ରାଣିତ ଆୟାନ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ ରୋମାଣ୍ଟିକ ଚଳଚ୍ଚିତ୍ରରେ ଅଭିନୟ କରିବାକୁ ଯାଉଛନ୍ତି।

୦୨

୧୪

## ପ୍ରି-କ୍ୱାର୍ଟରରେ ତନ୍ୱି

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନର ୧୫ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ତନ୍ୱି ପତ୍ରି।



# ୧୬ ସ୍ଥାନରେ ନଦୀଜଳ ପ୍ରଦୂଷିତ

ଭୁବନେଶ୍ୱର,୨।୧୨ (ରବିନାରାୟଣ ଜେନା)

ରାଜ୍ୟର କଳକାରଖାନା ଓ ଖଣିଖାଦାନରୁ ନିର୍ଗତ ଜଳ ନଦୀଜଳକୁ ପ୍ରଦୂଷଣ କରୁଛି। ଏହାସହ ସହରାଞ୍ଚଳ ବର୍ଜ୍ୟଜଳ ନିଷ୍କାସନ, ନଦୀଜଳର ଅତ୍ୟଧିକ ବ୍ୟବହାର ଯୋଗୁ ମଧ୍ୟ ଜଳ ପ୍ରଦୂଷିତ ହେଉଛି, ଯେଉଁଥିପାଇଁ ଜଳର ମାନ ବ୍ୟବହାରଯୋଗ୍ୟ ରହୁନାହିଁ। ସରକାରଙ୍କ ପକ୍ଷରୁ ହୋଇଥିବା ସର୍ଭେ ଅନୁଯାୟୀ, ରାଜ୍ୟର ୧୬ଟି ସ୍ଥାନରେ ନଦୀଜଳର ମାନ ନିର୍ଦ୍ଧାରିତ ମାନଠାରୁ କମ୍ ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ମଙ୍ଗଳବାର ବିଧାନସଭାରେ ତଥ୍ୟ ରଖିଛନ୍ତି।

ବିଧାୟିକା ଉପାସନା ମହାପାତ୍ରଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଗୃହକୁ ଦର୍ଶାଇଛନ୍ତି, ନଦୀ ଅବବାହିକାରେ ଜଳ ପ୍ରଦୂଷଣ ରୋକିବା ପାଇଁ ସରକାର ଅନେକଗୁଡ଼ିଏ ପଦକ୍ଷେପ ନେଇଛନ୍ତି। ସହରାଞ୍ଚଳ ଅଧିକାରୀମାନଙ୍କୁ ପ୍ରଦୂଷଣ ରୋକିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଜିଲା ପ୍ରଶାସନ, ନଗର ଉନ୍ନୟନ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ଜଳଯୋଗାଣ ଓ ପରିମଳ ପରିଷଦକୁ ପଦକ୍ଷେପ ନେବାକୁ ମଧ୍ୟ କୁହାଯାଇଛି। ନଦୀ ପ୍ରଭାବ ବୃଦ୍ଧି, ନଦୀ ସାମ୍ମୁଖ୍ୟ ବିକାଶ, ଶୌଚାଳୟ ନିର୍ମାଣ, ବାହ୍ୟ ମଳମୂତ୍ର ରୋକିବାକୁ ପଦକ୍ଷେପ ନିଆଯାଉଛି। ତେବେ ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, କୋଳାବ, ବଂଶଧାରା, ଇନ୍ଦ୍ରାବତୀ ଓ ବାହୁଡ଼ା ଆଦିର ୧୨୯ଟି ସ୍ଥାନରେ ଜଳର ଗୁଣାତ୍ମକ ମାନକୁ ପ୍ରତିମାସ ପରୀକ୍ଷା କରାଯାଇଥାଏ। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ୨୦୨୪ରେ କରାଯାଇଥିବା ପରୀକ୍ଷଣ ଅନୁଯାୟୀ, ୧୨୯ଟି ନଦୀଜଳ ପରୀକ୍ଷଣ ସ୍ଥାନ ମଧ୍ୟରୁ ବିଶୋଧନ ପରେ ୧୧୩ଟି ସ୍ଥାନରେ ନଦୀ ଜଳ 'ଗ' ଶ୍ରେଣୀରେ ରହୁଥିବାବେଳେ ୧୬ଟି ସ୍ଥାନରେ ନଦୀଜଳର ମାନ ନିର୍ଦ୍ଦିଷ୍ଟ ମାନ ମଧ୍ୟରେ ରହୁନାହିଁ। ସେଥିମଧ୍ୟରେ କାଠଯୋଡ଼ି ନଦୀ(କଟକ), ଦୟା ନଦୀ(ଭୁବନେଶ୍ୱର), ☞ପୃଷ୍ଠା-୪



ପୁରୀର ଶ୍ରୀଗୌରବିହାର ଆଶ୍ରମ (ମାତା ମଠ)ରେ ମଙ୍ଗଳବାର ବ୍ୟଞ୍ଜନ ଦ୍ୱାଦଶୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ମଠର ମହନ୍ତ ସୁବଳ ଚରଣ ଦାସ ମହାରାଜଙ୍କ ତତ୍ତ୍ୱାବଧାନରେ ଶ୍ରୀରାଧାକୃଷ୍ଣ ଓ ଶ୍ରୀଚୈତନ୍ୟଙ୍କ ନିକଟରେ ୮୭୫ ପ୍ରକାର ବ୍ୟଞ୍ଜନ ନୈବେଦ୍ୟ ଅର୍ପଣ କରାଯାଇଛି। **(ଫଟୋ: ଯଜ୍ଞେଶ୍ୱର ମହାନ୍ତି)**

# ନକଲି ଔଷଧ, ଚିନ୍ତାରେ ସରକାର

ଭୁବନେଶ୍ୱର,୨।୧୨(ରବିନାରାୟଣ ଜେନା)

**ରାଜ୍ୟରେ ନକଲି ଏବଂ ନିମ୍ନମାନର ଔଷଧ ବିକ୍ରିକୁ ନେଇ ଆସିଛି ସାଂଘାତିକ ତଥ୍ୟ, ଯାହାକି ଜନସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢ଼ାଇ ଦେଇଛି। ମଙ୍ଗଳବାର ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଦେଇଥିବା ତଥ୍ୟ ଅନୁସାରେ ଗତ ୪ବର୍ଷ ମଧ୍ୟରେ ୧୬୮ ପ୍ରକାର ବିଷାକ୍ତ ଏବଂ ୩୮୮ ପ୍ରକାର ନିମ୍ନମାନର ଔଷଧ ବଜାରରେ ବିକ୍ରି ହେଉଥିବା ଚିହ୍ନଟ କରାଯାଇଛି। ମନ୍ତ୍ରୀଙ୍କ ତଥ୍ୟ ଅନୁସାରେ ୨୦୨୧ରୁ ୨୦୨୪-୨୫ ମଧ୍ୟରେ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ୨.୫କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ନକଲି ଔଷଧ ଜବତ କରିଛନ୍ତି। ବେଆଇନ ଭାବେ ନିମ୍ନମାନର ଔଷଧ ପ୍ରସ୍ତୁତ କରାଯାଇ ଖୋଲା ବଜାରକୁ ଛଡ଼ାଯାଉଛି। ଔଷଧ କମ୍ପାନୀଗୁଡ଼ିକ ଲୋକଙ୍କ ଜୀବନ ସହ ଖେଳୁଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ଅପରପକ୍ଷରେ ଏହି ନକଲି ଓ ନିମ୍ନମାନର ଔଷଧ ରୋଗୀଙ୍କ ଉପରେ ବିଶେଷଭାବେ ପ୍ରଭାବ ପକାଉଛି ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ଦେଇଛନ୍ତି।**

### ୪ ବର୍ଷରେ ଚିହ୍ନଟ ହେଲାଣି ୧୬୮ ପ୍ରକାର ବିଷାକ୍ତ, ୩୮୮ ପ୍ରକାର ନିମ୍ନମାନର ଔଷଧ: ମନ୍ତ୍ରୀ



ରାଜ୍ୟବାସୀ ହାତ ପାଆନ୍ତାରେ ଯେଭଳି ସ୍ୱାସ୍ଥ୍ୟସେବା ପାଇବେ ତାକୁନେଇ କେନ୍ଦ୍ରଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ବହୁବିଧ ସ୍ୱାସ୍ଥ୍ୟଭିତ୍ତିକ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଏପରି କି ଯୋଜନାକୁ ଅତି ସରଳ କରିବାପାଇଁ କେତେକ ଯୋଜନା ପରିବର୍ତ୍ତନ ମଧ୍ୟ କରାଯାଉଛି। ହେଲେ ଔଷଧ ନିର୍ମାତା କମ୍ପାନୀଗୁଡ଼ିକ ଏହାର ଫାଇଦା ନେଇ ଗୁଣବତ୍ତା ମାପଦଣ୍ଡ ନ ଥିବା ଔଷଧ(ଏନ୍‌ଏସ୍‌କ୍ୟୁ) ଲୋକଙ୍କୁ ଦେଇ ସେମାନଙ୍କୁ ମୃତ୍ୟୁମୁଖକୁ ଠେଲି ଦେଉଛନ୍ତି। ଏଭଳି ସାଂଘାତିକ ତଥ୍ୟ ସ୍ୱାସ୍ଥ୍ୟ ବିଭାଗ ତଥ୍ୟରୁ ଜଣାଯାଇଛି। ତେବେ ଗୋଟିଏ କିମ୍ବା ଦୁଇଟି ନୁହେଁ, ଗତ ୪ବର୍ଷରେ ରାଜ୍ୟରେ ୩୮୮ ପ୍ରକାର ନିମ୍ନମାନର ଔଷଧ ତଥା ଏନ୍‌ଏସ୍‌କ୍ୟୁ ଔଷଧ ବଜାରରେ ଚିହ୍ନଟ ହେବା ସହିତ କୋଟି କୋଟି ଟଙ୍କାର ଔଷଧ ଜବତ ହୋଇଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି।

ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ମଙ୍ଗଳବାର ଗୃହକୁ ଜଣାଇଛନ୍ତି, ଗତ ୪ବର୍ଷରେ ୧୬୮ ପ୍ରକାର ସ୍ପୁରିୟସ ଡ୍ରଗ୍ସ(ବିଷାକ୍ତ ଔଷଧ) ଚିହ୍ନଟ ହେବା ସହିତ ଏହାକୁ ଜବତ କରାଯାଇଛି। ସେହିପରି ଏହି ଅବଧି ମଧ୍ୟରେ ସମୁଦାୟ ୩୮୮ଟି ନିମ୍ନ ମାନର ମେଡିସିନ ଚିହ୍ନଟ ହୋଇଛି। ଏ ବାବଦକୁ ରାଜ୍ୟ ସରକାର ଅଢେଇ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ନକଲି ମେଡିସିନ ଜବତ କଲେଣି। ସ୍ୱାସ୍ଥ୍ୟମନ୍ତ୍ରୀ ଦର୍ଶାଇଛନ୍ତି, ☞ପୃଷ୍ଠା-୪

# ବିବାଦ ଘେରରେ 'ସଞ୍ଚାର ସାଥୀ'

## କଂଗ୍ରେସ କହିଲା ଗୁପ୍ତଚରଗିରି ଆପ୍

**ଦେଶରେ ଦିନକୁ ଦିନ ସାଇବର ଅପରାଧ ବଢ଼ିବାରେ ଲାଗିଛି। ଏହାକୁ ରୋକିବା ପାଇଁ କେନ୍ଦ୍ର ସରକାର ନିକଟରେ 'ସଞ୍ଚାର ସାଥୀ' ଆପ୍ ସମସ୍ତ ମୋବାଇଲରେ ସଂଯୋଗ କରିବାକୁ ମୋବାଇଲ୍ ନିର୍ମାଣକାରୀ କମ୍ପାନୀକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଏହି ନିର୍ଦ୍ଦେଶର କାର୍ଯ୍ୟକାରିତାକୁ ନେଇ ଏବେ ବିବାଦ ଦେଖାଦେଇଛି। ଲୋକମାନଙ୍କ ବ୍ୟକ୍ତିଗତ ତଥ୍ୟକୁ ଚୋରି କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଏକ ନୂଆ ଚାଲ୍ କରିଥିବା ବିରୋଧୀ କଂଗ୍ରେସ କହୁଥିବାବେଳେ ମୋବାଇଲ ସ୍ମାର୍ଟଫୋନ୍ ପ୍ରସ୍ତୁତ କରୁଥିବା ପ୍ରମୁଖ କମ୍ପାନୀ ଆପଲ୍ ସରକାରଙ୍କ ଏହି ନିର୍ଦ୍ଦେଶନାମାକୁ ଅସ୍ୱୀକାର କରିଛି। ଆପଲ୍ ଭାରତ ସରକାରଙ୍କୁ ନିଜର ଉଦ୍‌ବେଗ ଜଣାଇବ ବୋଲି କହିଛି। ଅପରପକ୍ଷରେ ସଞ୍ଚାର ସାଥୀ ଆପ୍ ଲୋକଙ୍କ ସୁରକ୍ଷା ପାଇଁ ଅଭିପ୍ରେତ। ଏହା ବାଧ୍ୟତାମୂଳକ ନୁହେଁ ବୋଲି କେନ୍ଦ୍ର ସଞ୍ଚାର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ମଙ୍ଗଳବାର ସ୍ପଷ୍ଟ କରିଛନ୍ତି।**

ନୂଆଦିଲ୍ଲୀ,୨।୧୨(ପି.ଟି.)

ଭାରତରେ ବିକ୍ରି ପୂର୍ବରୁ ସମସ୍ତ ନୂଆ ସ୍ମାର୍ଟ ମୋବାଇଲ୍ ଫୋନ୍‌ରେ 'ସଞ୍ଚାର ସାଥୀ' ଆପ୍ ୯୦ ଦିନ ମଧ୍ୟରେ ସଂଯୋଗ କରିବା ପାଇଁ କେନ୍ଦ୍ର ସରକାର ସ୍ମାର୍ଟଫୋନ୍ ନିର୍ମାତା କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଏହାକୁ ନେଇ ବିବାଦ ଜୋର୍ ଧରିଛି। ବିପକ୍ଷ ଦଳଗୁଡ଼ିକର ତୀବ୍ର ବିରୋଧ ପରେ ସରକାର ନରମିଛନ୍ତି। ଏହି ଆପ୍ ବାଧ୍ୟତାମୂଳକ ନୁହେଁ। ମୋବାଇଲ ଫୋନ୍ ୟୁଜର ଏହାକୁ ଚାହୁଁ ନ ଥିଲେ ହଟାଇପାରିବେ ବୋଲି କେନ୍ଦ୍ର ସଞ୍ଚାର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ମଙ୍ଗଳବାର ସ୍ପଷ୍ଟୀକରଣ ଦେଇଛନ୍ତି।

ସ୍ମାର୍ଟଫୋନ୍‌ଗୁଡ଼ିକ ବିକ୍ରି ପୂର୍ବରୁ ସଞ୍ଚାର ସାଥୀ ଆପ୍ ଇନ୍‌ଷ୍ଟଲ କରିବାକୁ କେନ୍ଦ୍ର ସରକାର ନଭେମ୍ବର ୨୮ ନିର୍ଦ୍ଦେଶନାମାରେ କମ୍ପାନୀଗୁଡ଼ିକୁ କହିଥିଲେ। ସଞ୍ଚାର ସାଥୀ ଆପ୍ ସଂଯୋଗ ଲାଗି ସରକାରଙ୍କ ନିର୍ଦ୍ଦେଶ ନାଗରିକମାନଙ୍କ ପ୍ରିଭେସି ଅଧିକାର ଉପରେ ଏକଚ୍ଛତ୍ରବାଦ ଏବଂ ଉଲ୍ଲଂଘନ ବୋଲି କଂଗ୍ରେସ କହିବା ସହ ☞ପୃଷ୍ଠା-୪

## ନିର୍ଦ୍ଦେଶ ମାନିବନି ଆପଲ୍

ନୂଆଦିଲ୍ଲୀ,୨।୧୨(ପି.ଟି.)

କେନ୍ଦ୍ର ସରକାରଙ୍କ ନିଜସ୍ୱ ସାଇବର ସୁରକ୍ଷା ଆପ୍ (ସଞ୍ଚାର ସାଥୀ) ସବୁ ସ୍ମାର୍ଟଫୋନ୍‌ରେ ସଂଯୋଗ ନିର୍ଦ୍ଦେଶକୁ ଆପଲ୍ ଅନୁପାଳନ କରିବ ନାହିଁ ବୋଲି କହିଛି। ଏହି ସ୍ମାର୍ଟଫୋନ୍ କମ୍ପାନୀ ଭାରତ ସରକାରଙ୍କୁ ନିଜର ଉଦ୍‌ବେଗ ଜଣାଇବ ବୋଲି ୩ଟି ସୂତ୍ରରୁ ଜଣାପଡ଼ିଛି। ବିଶ୍ୱର କୌଣସି ଜାଗାରେ ଏଭଳି ନିର୍ଦ୍ଦେଶନାମା ନାହିଁ। ସେମାନେ କମ୍ପାନୀର ଆଇଓଏସ୍ ବ୍ୟବସ୍ଥା ପାଇଁ ଅନେକ ପ୍ରିଭେସି ଓ ସୁରକ୍ଷା ପ୍ରସଙ୍ଗ ଉଠାଇଛନ୍ତି। ବିଗ୍ ବ୍ରଦର ଆମ ଉପରେ ନଜର ରଖିପାରିବ ନାହିଁ। ଦେଶର ବିଶ୍ୱାସଭଙ୍ଗ ଦଣ୍ଡ ଆଇନ ଉପରେ ଭାରତୀୟ ☞ପୃଷ୍ଠା-୪

# ଜେଲରେ ଇମ୍ରାନଙ୍କୁ ଭେଟିଲେ ଭଉଣୀ

ଇସ୍‌ଲାମାବାଦ,୨।୧୨

### ବଞ୍ଚିଛନ୍ତି, ହେଲେ ମାନସିକ ନିର୍ଯାତନା ଦିଆଯାଉଛି

ରାୱଲପିଣ୍ଡିର ଆଡିଆଲା ଜେଲରେ ଥିବା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ତାଙ୍କ ଭଉଣୀ ଉଜ୍‌ମା ଖାନୁମ ଭେଟିଛନ୍ତି। ଇମ୍ରାନ ବଞ୍ଚିଛନ୍ତି କିନ୍ତୁ ତାଙ୍କୁ ମାନସିକ ନିର୍ଯାତନା ଦିଆଯାଉଛି ବୋଲି ୨୦ ମିନିଟ୍‌ର ସାକ୍ଷାତ୍ ପରେ ଉଜ୍‌ମା ଗଣମାଧ୍ୟମକୁ କହିଛନ୍ତି। ତାଙ୍କୁ ସାରା ଦିନ ସେଲ୍ ମଧ୍ୟରେ ବନ୍ଦକରି ରଖାଯାଉଛି। ସ୍ୱଳ୍ପ ସମୟ ପାଇଁ ବାହାରକୁ ଆସୁଥିବାବେଳେ କାହା ସହ କଥା ହେବାକୁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

## ଆଗରୁ ଯେମିତି, ଏବେ ସେମିତି

# ଉପାନ୍ତ ଅଞ୍ଚଳରେ ଶାଶୁ, ବୋହୂଙ୍କ ଅଙ୍ଗନୱାଡି



ଖାଇବାକୁ ଦେଇ ସସ୍ମିତା ପିଲାମାନଙ୍କ ହାତ ଧୋଇ ଦେଉଛନ୍ତି।

ଉଦଳା,୨।୧୨(ସନ୍ତୋଷ କୁମାର ବାଛିନୀ)

ଅଙ୍ଗନୱାଡିରେ ନା କରିଛନ୍ତି ଚାକିରି ନା ମିଳିଛି କର୍ମୀ ଦାୟିତ୍ୱ। ତଥାପି ନିଜ ଘରେ ଖୋଲିଛନ୍ତି ଏକ ସ୍ୱତନ୍ତ୍ର ପାଠଶାଳା। ଘରଠାରୁ ୩ କି.ମି. ଦୂରରେ ଥିବା ଅଙ୍ଗନୱାଡି କେନ୍ଦ୍ରକୁ ଯାଇପାରୁ ନ ଥିବା ପିଲାମାନଙ୍କୁ ଦେଉଛନ୍ତି ଶିକ୍ଷା ସହ ସଂସ୍କାର। ଏଥିରେ ସହଯୋଗ କରୁଛନ୍ତି ତାଙ୍କ ଶାଶୁ। ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଜଡ଼ିଦା ପଞ୍ଚାୟତ ଅନ୍ତର୍ଗତ ଉପାନ୍ତ ଡମ୍ବରୁଝରଣ ଗ୍ରାମରେ ଏଭଳି ସ୍ୱାର୍ଥବିହୀନ ସେବା ଚଳାଇଥିବା ମହିଳା ହେଲେ ସସ୍ମିତା ମାରାଣ୍ଡି ଓ ତାଙ୍କ ଶାଶୁ ବିଜୟା ମାରାଣ୍ଡି। ସେମାନେ ଏବେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। ସସ୍ମିତା ଯୁକ୍ତ ୨ ପର୍ଯ୍ୟନ୍ତ ପାଠ ପଢ଼ିଛନ୍ତି। ପାରିବାରିକ ସମସ୍ୟା କାରଣରୁ ପାଠରେ ଡୋରି ବନ୍ଧାହେବା ପରେ ସେ ବିବାହ ବନ୍ଧନରେ ବାନ୍ଧି ହେଲେ। ପାଠ ପଢ଼ିବାର ସ୍ୱପ୍ନ ଉଜୁଡ଼ିବା ପୂର୍ବରୁ ସେ ନିଜ ଶାଶୁଘର ଅଞ୍ଚଳର ଛୋଟ ଛୋଟ ପିଲାଙ୍କୁ ପାଠ ପଢ଼ାଇ ଭଲ ମଣିଷ ଭାବେ ☞ପୃଷ୍ଠା-୪

**ନିଜ ଘରେ ଦେଉଛନ୍ତି ଶିକ୍ଷା**




## ସଂକ୍ଷେପରେ

### ପିଏମ୍‌ଓ ନୂଆ କମ୍ପ୍ଲେକ୍ସ ନାଁ 'ସେବା ତୀର୍ଥ' ହେବ

ନୂଆଦିଲ୍ଲୀ,୨।୧୨(ପି.ଟି.)

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ର ନୂଆ କମ୍ପ୍ଲେକ୍ସ ନାମ 'ସେବା ତୀର୍ଥ' ରହିବ ବୋଲି ମଙ୍ଗଳବାର ଅଧିକାରୀମାନେ ସୂଚନା ଦେଇଛନ୍ତି। ଏହି କମ୍ପ୍ଲେକ୍ସ ନିର୍ମାଣ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ସେଣ୍ଟ୍ରାଲ ଭିଷ୍ଟା ରିଡେଭେଲପ୍‌ମେଣ୍ଟ ପ୍ରୋଜେକ୍ଟ ଅଧୀନରେ ନିର୍ମିତ ଏହି କମ୍ପ୍ଲେକ୍ସ ପୂର୍ବରୁ 'ଏକ୍‌ଜିକ୍ୟୁଟିଭ୍ ଏନ୍‌କ୍ଲେଭ' ଭାବେ ଜଣାଶୁଣା ଥିଲା। ଏଥିରେ କ୍ୟାବିନେଟ ସଚିବାଳୟ, ଜାତୀୟ ସୁରକ୍ଷା ପରିଷଦ ସଚିବାଳୟ, ଇଣ୍ଡିଆ ହାଉସ୍ ରହିଛି।

### ମେଣ୍ଟଧର୍ମ ପାଳନ କରିବାକୁ ଭାଜପାକୁ କହିଲେ ଶିନ୍ଦେ

ମୁମ୍ବାଇ,୨।୧୨

ଶିବସେନାର କେତେଜଣ ପୂର୍ବତନ କର୍ପୋରେଟର ଏବଂ କାର୍ଯ୍ୟକର୍ତ୍ତା ଭାଜପାରେ ଯୋଗଦେବାକୁ ନେଇ ମହାରାଷ୍ଟ୍ରର ଶାସକ ମହାମେଣ୍ଟର ୨ ସହଯୋଗୀ ଦଳ ମଧ୍ୟରେ ଫାଟ ସ୍ପଷ୍ଟ ହୋଇଛି। ଶିବସେନା ଭଳି ଭାଜପା ମେଣ୍ଟ ଧର୍ମ ପାଳନ କରିବାକୁ ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ କହିଛନ୍ତି। ଘୋଡ଼ାବେପାରକୁ ନେଇ ସେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍‌ଙ୍କ ସହ କଥା ହୋଇଛନ୍ତି। ତଦନୁଯାୟୀ ଶିବସେନାର ପୂର୍ବତନ କର୍ପୋରେଟରଙ୍କୁ ଭାଜପା ନେବ ନାହିଁ ଏବଂ ଭାଜପାର ପୂର୍ବତନ କର୍ପୋରେଟର ଶିବସେନାକୁ ଯିବେ ନାହିଁ। ଆଗାମୀ ପୌର ନିର୍ବାଚନକୁ ଆମେ ଏକାଠି ଲଢ଼ିବାକୁ ହେବ ବୋଲି ଶିନ୍ଦେ କହିଛନ୍ତି। ଏହା ପରେ ଲୋକ ସଭା ନିର୍ବାଚନ ହେବ। ତେଣୁ ମେଣ୍ଟର କ୍ଷତି ହେବା କିମ୍ବା ଭୁଲ୍ ବୁଝାମଣା ସୃଷ୍ଟି ହେଲା ଭଳି କୌଣସି କାର୍ଯ୍ୟ ନ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ଦଳରୁ ଅଲଗା ହେବା ପରେ ଶିନ୍ଦେ ଶିବସେନାର ନେତୃତ୍ୱ ନେଇଥିଲେ। ସେ କହିଛନ୍ତି, ତାଙ୍କ ଦଳ ମେଣ୍ଟଧର୍ମକୁ କଡ଼ାକଡ଼ି ପାଳନ କରିଆସୁଥିବାବେଳେ ଭାଜପା ମଧ୍ୟ ଅନୁରୂପ ଆଚରଣ ପ୍ରଦର୍ଶନ କରିବା ସେ ଆଶା କରନ୍ତି। ଯଦି ମେଣ୍ଟ ଶୃଙ୍ଖଳାକୁ ଅଣଦେଖା କରାଯାଏ, ତେବେ ମୁହାଁମୁହିଁ ହେବା ଅବଶ୍ୟମ୍ଭାବୀ ବୋଲି ଶିନ୍ଦେ ସତର୍କ କରାଇ ଦେଇଛନ୍ତି।




ଶୀତ ଅଧିବେଶନ ଚାଲିଥିବାବେଳେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍‌ଆଇଆର୍) ବିରୋଧରେ ମଙ୍ଗଳବାର ପାର୍ଲାମେଣ୍ଟ ପରିସରରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ, ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଦଳର ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏବଂ ଅନ୍ୟମାନେ ବିକ୍ଷୋଭ କରୁଛନ୍ତି।

# ଟେଲିକମ୍‌ଭିତ୍ତିକ ସୁରକ୍ଷା ସତର୍କ ବ୍ୟବସ୍ଥା ଲାଗୁ କରିବ ଏନ୍‌ଏଚ୍‌ଏଆଇ

ନୂଆଦିଲ୍ଲୀ,୨।୧୨

ଜାତୀୟ ରାଜପଥଗୁଡ଼ିକରେ ସୁରକ୍ଷା ବଢ଼ାଇବା ସହ ବାଧାହୀନ ଯାତାୟାତ ଅଭିଜ୍ଞତା ପ୍ରଦାନ ଲାଗି ଭାରତର ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ଟେଲିକମ୍ ଭିତ୍ତିକ ସୁରକ୍ଷା ସତର୍କତା ସିଷ୍ଟମ୍ ଲାଗୁ କରିବାକୁ ଯାଉଛନ୍ତି। ଦେଶର ସମସ୍ତ ଜାତୀୟ ରାଜପଥ ନେଟ୍‌ୱର୍କରେ ଏହି ବ୍ୟବସ୍ଥା ଲାଗୁ ହେବ। ଏସ୍‌ଏମ୍‌ଏସ୍, ହ୍ୱାଟ୍ସଆପ୍ ଏବଂ ଉଚ୍ଚ ପ୍ରାଥମିକତା କଲ୍ ଜରିଆରେ ଜାତୀୟ ରାଜପଥ ବ୍ୟବହାରକାରୀମାନଙ୍କୁ ସତର୍କ ସୂଚନା ପଠାଯିବ। ରାଜମାର୍ଗ ଯାତ୍ରା ମୋବାଇଲ୍ ଆପ୍ ଏବଂ ଜରୁରୀ ହେଲ୍ପଲାଇନ ନମ୍ବର ୧୦୩୩ ସମେତ ଏନ୍‌ଏଚ୍‌ଏଆଇର ଡିଜିଟାଲ ପ୍ଲାଟ୍‌ଫର୍ମରେ ପର୍ଯ୍ୟାୟକ୍ରମେ ଏହି ସିଷ୍ଟମକୁ ସଂଯୋଗ କରାଯିବ। ଜାତୀୟ ରାଜପଥ ବ୍ୟବହାରକାରୀଙ୍କୁ ଠିକ୍ ସମୟରେ ସୂଚନା ପ୍ରଦାନ କରି ସଡ଼କ ସୁରକ୍ଷାକୁ ସୁଦୃଢ଼ କରିବା ଏହି ପଦକ୍ଷେପର ଲକ୍ଷ୍ୟ। ଯାହା ଫଳରେ ୟୁଜରମାନେ ଆଗୁଆ ସେମାନଙ୍କ ଗାଡ଼ିର ବେଗ ଏବଂ ଗାଡ଼ିଚାଳନା ଆଚରଣକୁ ସୁଧାରିବେ। ପ୍ରଥମେ ଜିଓ ଗ୍ରାହକମାନଙ୍କୁ ଏହି ସେବା ଉପଲବ୍ଧ ହେବାକୁ ଥିବାବେଳେ ପରେ ସମସ୍ତ ଟେଲିକମ୍ ପ୍ରଦାନକାରୀ ସେମାନଙ୍କ ଗ୍ରାହକଙ୍କୁ ଏହା ଯୋଗାଇଦେବେ। ଏଥିପାଇଁ ଏନ୍‌ଏଚ୍‌ଏଆଇ ରିଲାଏନ୍ସ ଜିଓ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି ଏବଂ ୨ ମାସ ମଧ୍ୟରେ ଏହି ସତର୍କତା ସେବା ଆରମ୍ଭ ହେବାକୁ ଯାଉଛି। ଗାଡ଼ିଚାଳକମାନେ ଜିଓର ୪ଜି ଏବଂ ୫ଜି ନେଟ୍‌ୱର୍କ ବ୍ୟବହାର କରି ସେମାନଙ୍କ ମୋବାଇଲ ଫୋନ୍‌ରୁ ଦୁର୍ଘଟଣାପ୍ରବଣ ସ୍ଥାନ, ବୁଲାଗୋରୁ ସମାଗମ ଅଞ୍ଚଳ, କୁହୁଡ଼ି ପ୍ରଭାବିତ ଅଞ୍ଚଳ, ଜରୁରୀ ଡାଇଭର୍ସନ ଆଦି ସମ୍ପର୍କରେ ଜାଣି ପାରିବେ ବୋଲି ସଡ଼କ ପରିବହନ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ଲୋକ ସଭାରେ ଏସ୍‌ଆଇଆର୍ ଆଲୋଚନା ୯ରେ

ନୂଆଦିଲ୍ଲୀ,୨।୧୨(ପି.ଟି.)

ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଉପରେ ୯ ତାରିଖରେ ଲୋକ ସଭାରେ ଆଲୋଚନା ହେବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ମଙ୍ଗଳବାର ସ୍ପଷ୍ଟ କରିଛନ୍ତି। ଏସ୍‌ଆଇଆର୍ ଉପରେ ଆଲୋଚନା ଦାବିରେ ବିରୋଧୀ ୨ ଦିନ ଧରି ଗୃହକୁ ଅଚଳ କରି ରଖିବା ପରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଏବଂ ବିଜନେସ୍ ଆଡଭାଇଜରି କମିଟି ବୈଠକରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ନିଷ୍ପତ୍ତି ଅନୁଯାୟୀ ଜାତୀୟ ଗାନ 'ବନ୍ଦେ ମାତରମ୍'ର ୧୫୦ତମ ବାର୍ଷିକୀ ଅବସରରେ ୮ ତାରିଖ ସୋମବାର ମଧ୍ୟାହ୍ନ ୧୨ଟାରୁ ଲୋକ ସଭାରେ ଆଲୋଚନା ହେବ। ୯ ତାରିଖ ମଙ୍ଗଳବାର ମଧ୍ୟାହ୍ନ ୧୨ଟାରୁ ନିର୍ବାଚନ ସଂସ୍କାର ଉପରେ ଆଲୋଚନା କରାଯିବ ବୋଲି ରିଜିଜୁ Xରେ ପୋଷ୍ଟ କରିଛନ୍ତି। ଫଳରେ ଗୃହରେ ଲାଗିରହିଥିବା ଅଚଳାବସ୍ଥା ଦୂର ହେବାକୁ ଯାଉଛି।

ଏସ୍‌ଆଇଆର୍ ଉପରେ ଆଲୋଚନା ଦାବିରେ ସୋମବାର ବିରୋଧୀ ଦଳଗୁଡ଼ିକ ଅଡ଼ିବସିବାରୁ ପ୍ରଥମ ଦିନରେ ଲୋକ ସଭାକୁ ମୁଲତବୀ ରହିବା ସହ ରାଜ୍ୟ ସଭାରେ ବିରୋଧୀ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ। ଏସ୍‌ଆଇଆର୍ କାର୍ଯ୍ୟରେ ନିୟୋଜିତ ଅନେକ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ) ଅତ୍ୟଧିକ କାର୍ଯ୍ୟଚାପରୁ ଆତ୍ମହତ୍ୟା କରିଥିବା ସେମାନେ ଦର୍ଶାଇଥିଲେ। ମଙ୍ଗଳବାର ମଧ୍ୟ ଉଭୟ ଗୃହରେ ଅନୁରୂପ ସ୍ଥିତି ଦେଖାଦେଇଥିଲା। ଫଳରେ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ।

ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଲୋକ ସଭାରେ ଆଲୋଚନା ଆରମ୍ଭ କରିବେ। ଉଭୟ ପ୍ରସଙ୍ଗରେ ଆଲୋଚନା ପାଇଁ ୧୦ ଘଣ୍ଟା ଲେଖାଏ ସମୟ ଦିଆଯାଇଛି। ଗୃହ ଯଦି ଅନୁଭବ କରନ୍ତି, ତେବେ ସମୟ ବଢ଼ାଯାଇପାରେ। ଏହା ପୂର୍ବରୁ ରିଜିଜୁ ଗୃହର ନେତାମାନଙ୍କୁ ଭେଟିଥିଲେ। ନିର୍ବାଚନ ସଂସ୍କାର ଉପରେ ଆଲୋଚନା ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ କୌଣସି ସମୟସୀମା ଦେଇ ନ ଥିଲେ। ସରକାର ଆଲୋଚନାର ସମୟ ଧାର୍ଯ୍ୟ କରନ୍ତୁ ବୋଲି ବିରୋଧୀ ଦାବି କରିଥିଲେ। ସୂଚନାଯୋଗ୍ୟ, ବର୍ତ୍ତମାନ ଦେଶର ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା ଚାଲିଥିବାବେଳେ ଅତ୍ୟଧିକ କାର୍ଯ୍ୟଚାପ ଯୋଗୁ ୪୦ରୁ ଊର୍ଦ୍ଧ୍ୱ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି।



ଲୋକ ସଭାରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଅଲୋଚନା କରୁଛନ୍ତି।

### ମଣିପୁର ଜିଏସ୍‌ଟି ବିଲ୍‌କୁ ଫେରାଇଦେଲା ରାଜ୍ୟ ସଭା

ମଣିପୁରରେ ଅଧ୍ୟାଦେଶ ବଳରେ ଲାଗୁ ହୋଇଥିବା ଜିଏସ୍‌ଟି ୨.୦ ବଦଳରେ ଆଇନ କାର୍ଯ୍ୟକାରୀ କରିବାକୁ ସରକାର ଆଣିଥିବା ମଣିପୁର ଜିଏସ୍‌ଟି ବିଲ୍‌କୁ ରାଜ୍ୟ ସଭା ମଙ୍ଗଳବାର ଲୋକ ସଭାକୁ ଫେରାଇ ଦେଇଛି। ସୋମବାର ଉକ୍ତ ବିଲ୍ ଲୋକ ସଭାରେ ଗୃହୀତ ହୋଇଥିଲା। ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧରୀ ମଣିପୁର ଦ୍ରବ୍ୟ ଓ ସେବା ଟିକସ (ଦ୍ୱିତୀୟ ସଂଶୋଧନ) ବିଲ୍, ୨୦୨୫କୁ ରାଜ୍ୟ ସଭାରେ ଆଗତ କରିଥିଲେ। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଅଧ୍ୟକ୍ଷତାରେ ସମସ୍ତ ରାଜ୍ୟର ପ୍ରତିନିଧିଙ୍କୁ ନେଇ ୫୬ତମ ଜିଏସ୍‌ଟି କାଉନ୍‌ସିଲ୍‌ରେ ୩୭୫ଟି ସାମଗ୍ରୀ ଉପରୁ ଜିଏସ୍‌ଟି ହାର ହ୍ରାସ କରିବାକୁ ନିଷ୍ପତ୍ତି ନେଇଥିଲେ। ନୂଆ ଟିକସ ହାର ଗତ ସେପ୍ଟେମ୍ବର ୨୨ରୁ ଲାଗୁ ହୋଇଥିଲା। ତେବେ ମଣିପୁରରେ ରାଷ୍ଟ୍ରପତି ଶାସନ ଚାଲିଥିବାରୁ ସେଠାରେ ଅଧ୍ୟାଦେଶ ବଳରେ ସଂଶୋଧିତ ଜିଏସ୍‌ଟି ଲାଗୁ କରାଯାଇଥିଲା।

### ଡାକ୍ତର-ଲୋକସଂଖ୍ୟା ଅନୁପାତ ୧:୮୧୧

ନୂଆଦିଲ୍ଲୀ,୨।୧୨(ପି.ଟି.)

ଦେଶରେ ଡାକ୍ତର ଓ ଜନସଂଖ୍ୟା ଅନୁପାତ ୧:୮୧୧ ବୋଲି ସରକାର ମଙ୍ଗଳବାର ପାର୍ଲାମେଣ୍ଟକୁ ସୂଚନା ଦେଇଛନ୍ତି। ଅର୍ଥାତ୍ ପ୍ରତି ୮୧୧ ଲୋକରେ ଜଣେ ଡାକ୍ତର ରୋଗୀସେବା ପାଇଁ ନିଯୁକ୍ତ ହୋଇଛନ୍ତି। ରାଜ୍ୟ ସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା କହିଥିଲେ, ଦେଶରେ ୧୩,୮୮,୧୮୫ ଜଣ ପଞ୍ଜୀକୃତ ଏଲୋପାଥିକ୍ ଡାକ୍ତର ରହିଥିବାବେଳେ ଆୟୁଷ ବ୍ୟବସ୍ଥାରେ ୭,୫୧,୭୬୮ ପଞ୍ଜୀକୃତ ଡାକ୍ତର କାର୍ଯ୍ୟ କରୁଛନ୍ତି। ଉଭୟ ଏଲୋପାଥିକ ଏବଂ ଆୟୁଷ ବ୍ୟବସ୍ଥାର ପଞ୍ଜୀକୃତ ଡାକ୍ତରଙ୍କ ମଧ୍ୟରୁ ୮୦ ପ୍ରତିଶତ ଉପଲବ୍ଧ ଅଛନ୍ତି। ଦେଶରେ ମେଡିକାଲ କଲେଜ, ଅଣ୍ଡରଗ୍ରାଜୁଏଟ୍ ଏବଂ ପୋଷ୍ଟଗ୍ରାଜୁଏଟ୍ ସିଟ୍ ସଂଖ୍ୟା ଯଥେଷ୍ଟ ବଢ଼ିଥିବା ନଡ୍ଡା କହିଛନ୍ତି। ୨୦୧୪ରେ ଦେଶରେ ୩୮୭ ମେଡିକାଲ କଲେଜ ଥିବାବେଳେ ଏବେ ତାହା ୮୧୮ରେ ପହଞ୍ଚିଛି। ସେହିପରି ୟୁଜି ଆସନ ସଂଖ୍ୟା ୫୧,୩୪୮ରୁ ୧,୨୮,୮୭୫କୁ ବଢ଼ିଥିବାବେଳେ ପିଜି ସିଟ୍ ସଂଖ୍ୟା ୩୧,୧୮୫ରୁ ୮୨,୦୫୯କୁ ବୃଦ୍ଧି ପାଇଛି।

### ଶ୍ରୀଲଙ୍କାକୁ ଏକ୍ସପାୟାର୍ଡ ରିଲିଫ୍ ପଠାଇ ଅଡୁଆରେ ପାକିସ୍ତାନ




କରାଚୀ,୨।୧୨

ବାତ୍ୟା ଡିଟ୍‌ୱା ପ୍ରଭାବରେ ବନ୍ୟା ଓ ଭୂସ୍ଖଳନ ଯୋଗୁ ଶ୍ରୀଲଙ୍କାରେ ବ୍ୟାପକ କ୍ଷୟକ୍ଷତି ହୋଇଥିବାବେଳେ ସହାୟତା ସ୍ୱରୂପ ପାକିସ୍ତାନ ସମୟ ଅତିକ୍ରାନ୍ତ ହୋଇଥିବା ରିଲିଫ୍ ସାମଗ୍ରୀ ପଠାଇ ନିନ୍ଦିତ ହୋଇଛି। ସୋସିଆଲ ମିଡିଆରେ ଇସ୍‌ଲାମାବାଦକୁ ଏଥିପାଇଁ ସମାଲୋଚନା କରାଯାଇଛି। ରିଲିଫ୍ ପ୍ୟାକେଟରେ ଏକ୍ସପାୟାରି ତାରିଖ ରହିଥିବାର ଫଟୋ ଭାଇରାଲ ହୋଇଛି। ଇସ୍‌ଲାମାବାଦ କଲମ୍ବୋକୁ ସହାୟତା କରୁଥିବା ଜଣାଇବା ପାଇଁ ରିଲିଫ୍ ପ୍ୟାକେଟର ଫଟୋ ପ୍ରଥମେ ପାକିସ୍ତାନ ହାଇକମିଶନ Xରେ ପୋଷ୍ଟ କରିଥିଲା। ଏହା ସୋସିଆଲ ମିଡିଆ ୟୁଜରମାନଙ୍କ ଦୃଷ୍ଟିକୁ ଆସିବା ପରେ ଇସ୍‌ଲାମାବାଦ ଲଜ୍ଜିତ ହୋଇଛି। ବିଭିନ୍ନ ପ୍ୟାକେଟ୍‌ରେ ଏକ୍ସପାୟାରି ତାରିଖ ୧୦/୨୦୨୪ ଲେଖା ରହିଛି। ବନ୍ୟା ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ଶ୍ରୀଲଙ୍କା ଲୋକମାନଙ୍କ ପାଖକୁ ପାକିସ୍ତାନ ଏକ୍ସପାୟାର୍ଡ ସାମଗ୍ରୀ ପଠାଇଥିବା ନେଇ ନିନ୍ଦା କରାଯାଇଛି।



ରଣବୀର କପୁର

ଦୀପିକା ପାଦୁକୋନ

### ୧୦ ବର୍ଷ ପରେ ରୋମାନ୍ସ କରିବେ ଦୀପିକା-ରଣବୀର

ମୁମ୍ବାଇ

ରଣବୀର କପୁର ଏବଂ ଦୀପିକା ପାଦୁକୋନ ବଲିଉଡ୍‌ର ସବୁଠାରୁ ଲୋକପ୍ରିୟ ଅନସ୍କ୍ରିନ୍ ଯୋଡ଼ି ମଧ୍ୟରୁ ଅନ୍ୟତମ। ଯଦିଓ ସେମାନେ ୧୦ ବର୍ଷରୁ ଅଧିକ ସମୟ ଏକାଠି କାମ କରିନାହାନ୍ତି, କିନ୍ତୁ ଏବେ ସେମାନେ ଏକାଠି ହେବାକୁ ପ୍ରସ୍ତୁତ। ଆୟାନ ମୁଖାର୍ଜୀ ଦୀପିକା-ରଣବୀରଙ୍କୁ ନେଇ ଏକ ସିନେମା ନିର୍ମାଣ କରିବାର ଯୋଜନା କରିଛନ୍ତି। ଏହି ଦୁଇଜଣ ରାଜ କପୁର ଏବଂ ନର୍ଗିସଙ୍କ ଲୋକପ୍ରିୟ ଚଳଚ୍ଚିତ୍ର 'ଚୋରି ଚୋରି' ଦ୍ୱାରା ଅନୁପ୍ରାଣିତ ଏକ ରୋମାଣ୍ଟିକ ଚଳଚ୍ଚିତ୍ରରେ ଅଭିନୟ କରିବେ। ୧୯୫୬ରେ ଆସିଥିବା ଚଳଚ୍ଚିତ୍ର 'ଚୋରି ଚୋରି' ଦ୍ୱାରା ଅନୁପ୍ରାଣିତ ଦୀପିକା ଏବଂ ରଣବୀରଙ୍କୁ ନେଇ ନିର୍ଦ୍ଦେଶକ ଆୟାନ ମୁଖାର୍ଜୀ ବର୍ତ୍ତମାନ ତାଙ୍କର ପରବର୍ତ୍ତୀ ରୋମାଣ୍ଟିକ ସିନ୍ କରିବାକୁ ପ୍ରସ୍ତୁତ ହେଉଛନ୍ତି। କାହାଣୀରେ ଆଧୁନିକତା ଅଛି କିନ୍ତୁ ଏହି ଚଳଚ୍ଚିତ୍ରର ଆଇଡିଆ ରାଜ କପୁର ଏବଂ ନର୍ଗିସଙ୍କ କାହାଣୀ ଉପରେ ଆଧାରିତ। ଯେଉଁଥିପାଇଁ ୧୦ ବର୍ଷ ପରେ ଏହି ଚଳଚ୍ଚିତ୍ରରେ ଏକାଠି ହେବେ ରଣବୀର-ଦୀପିକା।

DSPL-397

ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଅବସରରେ ଓଡ଼ିଶାର ସମସ୍ତ ଭିନ୍ନକ୍ଷମ ଭାଇଭଉଣୀଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ । ଚଳିତ ବର୍ଷ ପାଇଁ ମିଳିତ ଜାତିସଂଘ ସାଧାରଣ ପରିଷଦ ଦ୍ୱାରା ନିର୍ଦ୍ଧାରିତ ବିଷୟବସ୍ତୁ ହେଉଛି 'ସାମାଜିକ ପ୍ରଗତିକୁ ଆଗକୁ ନେବା ପାଇଁ ଏକ ଭିନ୍ନକ୍ଷମ-ଅନ୍ତର୍ଭୁକ୍ତ ସମାଜକୁ ପ୍ରୋତ୍ସାହିତ କରିବା' ।

ଭିନ୍ନକ୍ଷମମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ହେଲେ ସେମାନଙ୍କର ସାମାଜିକ, ଅର୍ଥନୈତିକ ଓ ବୌଦ୍ଧିକ ବିକାଶର ଆବଶ୍ୟକତା ରହିଛି । ଭିନ୍ନକ୍ଷମ ବ୍ୟକ୍ତିମାନେ ଏବେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରୁଛନ୍ତି । ସେମାନେ ଅଧ୍ୟାପନା କଲେଣି, ଡାକ୍ତର ହେଲେଣି, ଲେଖକ, ଶିଳ୍ପୀ ମଧ୍ୟ ହେଲେଣି । ସେମାନଙ୍କ ସମସ୍ୟା ବାବଦରେ ସଚେତନତା ବୃଦ୍ଧି, ମର୍ଯ୍ୟାଦା ପ୍ରଦାନ, ବିଭିନ୍ନ ଅଧିକାରର ସୁରକ୍ଷା ତଥା କଲ୍ୟାଣ ନିମନ୍ତେ ସମସ୍ତଙ୍କ ସହଯୋଗ ଆବଶ୍ୟକ । ଏହାଦ୍ୱାରା ଆମେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିପାରିବା । ସେମାନଙ୍କ ସାମର୍ଥ୍ୟର ଉପଯୁକ୍ତ ବିନିଯୋଗ ଆମ ସମାଜକୁ ପ୍ରଗତି ପଥରେ ନେବାରେ ସହାୟକ ହେବ ।

ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଅବସରରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପ୍ରତି ସହଯୋଗ, ବନ୍ଧୁତା, ସଂପର୍କ ଓ ସଂପ୍ରୀତିର ହାତ ବଢ଼ାଇବା ପାଇଁ ମୁଁ ରାଜ୍ୟବାସୀ ଭାଇଭଉଣୀଙ୍କୁ ନିବେଦନ କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-46001/13/0072/2526

**ଆଜି ୫ ଘଣ୍ଟା ବନ୍ଦ ରହିବ ମହାପ୍ରଭୁଙ୍କ ଦର୍ଶନ**

ପୁରୀ,୨।୧୨(ଅଜିତ କୁମାର ମହାନ୍ତି): ମାର୍ଗଶିର ମାସ ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥି ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକ ଲାଗି ନୀତି ଅନୁଷ୍ଠିତ ହେବ। ଏହା ଏକ ଗୁପ୍ତ ନୀତି। ବୁଧବାର ସନ୍ଧ୍ୟା ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବନକଲାଗି ନୀତି ହେବାକୁ ଥିବାରୁ ଏହି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ମଙ୍ଗଳବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବନକଲାଗି ନୀତି ସମ୍ପନ୍ନ ପରେ ପୁନର୍ବାର ଦର୍ଶନ ଓ ନୀତିକାନ୍ତି ଚାଲିବ।




# ଭିଜିଲାନ୍ସ ତଦନ୍ତ ହୋଇପାରେ: ମନ୍ତ୍ରୀ

## ୧୭ ଠିକାଦାରଙ୍କୁ ୩୫ ହଜାର କୋଟିର ପାନୀୟଜଳ ପ୍ରକଳ୍ପ ପ୍ରଦାନ ପ୍ରସଙ୍ଗ

**ଭୁବନେଶ୍ୱର,୨।୧୨ (ରବିନାରାୟଣ ଜେନା)**

ରାଜ୍ୟର ପ୍ରତ୍ୟେକ ପରିବାର ନିକଟରେ ଯେପରି ବିଶୁଦ୍ଧ ପାନୀୟଜଳ ପହଞ୍ଚିବ ସେଥିପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ତେବେ ପୂର୍ବ ସରକାର ସମୟରେ ୧୭ଜଣ ଠିକାଦାରଙ୍କୁ ୩୫ହଜାର କୋଟି ଟଙ୍କାର ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ଦେଇଥିବା ଅଭିଯୋଗର ସରକାର ତର୍ଜମା କରୁଛନ୍ତି। ଯଦି ଅଭିଯୋଗର ସତ୍ୟତା ମିଳିବ ତେବେ ଭିଜିଲାନ୍ସକୁ ତଦନ୍ତ ଦାୟିତ୍ୱ ଦିଆଯିବ ବୋଲି ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାୟକ କହିଛନ୍ତି।

ବିଧାନସଭାର ପ୍ରଶ୍ନକାଳରେ ମଙ୍ଗଳବାର ଉଭୟ ସରକାରୀ ଓ ବିରୋଧୀ ଦଳର ସଦସ୍ୟମାନେ ନିଜ ନିଜ ଅଞ୍ଚଳର ପାନୀୟଜଳ ସମସ୍ୟା ଏବଂ ପ୍ରକଳ୍ପ କାର୍ଯ୍ୟ ଧାର୍ଯ୍ୟ ସମୟରେ ଶେଷ ନ ହେବା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ମନ୍ତ୍ରୀ ସଦସ୍ୟମାନଙ୍କ ଉଦ୍‌ବେଗକୁ ଦୃଷ୍ଟିରେ ରଖି ଉତ୍ତରରେ କହିଥିଲେ, ପାନୀୟଜଳ ପ୍ରକଳ୍ପ ବିଳମ୍ବ ପଛରେ ଅନେକ କାରଣ ରହିଛି। ପୂର୍ବ ସରକାର ଠିକାଦାରଙ୍କୁ ୮୦ପ୍ରତିଶତ ଟଙ୍କା ଆଗୁଆ ଦେଇଦେଲେ। ସେମାନେ କେବଳ ପାଇପ୍ ପକାଇ ବସିପଡ଼ିଛନ୍ତି। ଆମ ସରକାର ଆସିବା ପରେ ମାତ୍ର ୨୦ପ୍ରତିଶତରେ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ପଡୁଛି। ତେବେ ୨୦୨୭ ସୁଦ୍ଧା ସମସ୍ତ ପରିବାର ନିକଟରେ ବିଶୁଦ୍ଧ ପାନୀୟଜଳ ପହଞ୍ଚିବ।

ମୂଳ ପ୍ରଶ୍ନକର୍ତ୍ତା ସଦସ୍ୟ ଅରବିନ୍ଦ ମହାପାତ୍ର ନିଜ ନିର୍ବାଚନମଣ୍ଡଳୀରେ ପ୍ରକଳ୍ପ କାର୍ଯ୍ୟ ପାଇଁ ଅଧିକାରୀ ଅଭାବ କଥା ଉଠାଇବା ସହିତ ପ୍ରକଳ୍ପ କାର୍ଯ୍ୟ ଧାର୍ଯ୍ୟ ସମୟରେ ଶେଷ ହେବା ନେଇ ଆଶଙ୍କାବ୍ୟକ୍ତ କରିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ, ବିଭାଗ ସେଥିପ୍ରତି ସଚେତନ ଅଛି। ଆଗାମୀ ଦିନରେ ମେଗା ଜଳ ବୋର୍ଡ କମିଟି ଗଠନ ହେବ ଓ ପ୍ରକଳ୍ପ କାମ ତ୍ୱରାନ୍ୱିତ ହେବ। ସେହିଭଳି ସଦସ୍ୟ ସିଦ୍ଧାନ୍ତ ମହାପାତ୍ର ପ୍ରକଳ୍ପ ପାଇଁ ରାସ୍ତାଖୋଳା ଏବଂ ସୁନୀଲ ମହାନ୍ତି ପୁରୀରେ ପ୍ରକଳ୍ପ କାମ ଅସମ୍ପୂର୍ଣ୍ଣ ରହିଥିବା ନେଇ ମନ୍ତ୍ରୀଙ୍କୁ ଘେରିଥିଲେ। ଏହି ଅବସରରେ କବିସୂର୍ଯ୍ୟନଗର ଭାଜପା ବିଧାୟକ ପ୍ରତାପ ନାୟକ ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତ୍ୟଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ ପାଇଁ ଦାବି କରିଥିଲେ। ମେଗା ପାନୀୟଜଳ ପ୍ରକଳ୍ପ ଦୁର୍ନୀତିରେ ତାଙ୍କର ସମ୍ପୃକ୍ତି ଥିବା ସେ ଅଭିଯୋଗ କରିଥିଲେ।

ଉତ୍ତରରେ ମନ୍ତ୍ରୀ କହିଥିଲେ, ପୂର୍ବ ସରକାରରେ ନଳ ଥିଲା ହେଲେ ଜଳ ନ ଥିଲା। ଏବେ ନଳ ଆଉ ଜଳ ଅଛି। ୨୦୨୪ ଜୁନ୍ ସୁଦ୍ଧା ବିଜେଡି ସରକାର ୩ଟି ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ କରିଥିଲେ, ଆମେ ୧୭ ମାସରେ ୨୨ଟି ପ୍ରକଳ୍ପ ସମ୍ପୂର୍ଣ୍ଣ କରିଛୁ। ସେମାନେ ୧୬ଟି ସିଭିଲ ପ୍ରକଳ୍ପ ସମ୍ପୂର୍ଣ୍ଣ କରିଥିଲେ ଆମେ ୧୭ ମାସରେ ୬୬ଟି ସମ୍ପୂର୍ଣ୍ଣ କରିଛୁ। ବିଜେଡି ସରକାର ୩୭,୩୩ଟି ସୋଲାର ପ୍ରକଳ୍ପ ସମ୍ପୂର୍ଣ୍ଣ କରିଥିବା ବେଳେ ଆମ ସରକାର ୧୭ ମାସରେ ୨୭୦୨ ପ୍ରକଳ୍ପ ଶେଷ କରିଛି। ସେହିଭଳି ହର୍ ଘର୍ ଜଳ ଯୋଜନାରେ ପୂର୍ବ ସରକାର ୬୦୩୨ ପ୍ରକଳ୍ପ ସାରିଥିଲେ, କିନ୍ତୁ ଆମ ସରକାର ୪,୭୯୧ଟି କରିଛି। ସେମାନେ ୨୮,୩୫୦ ନଳକୂପ କରିଥିଲେ ଆମେ ୨୨,୯୬୪ ନଳକୂପ ଖନନ କରିଛୁ। ପିଏମ୍ ଗତି ଶକ୍ତିରେ ୭୧ ହଜାର କିମି ପାଇପ୍‌ଲାଇନ ବିଛାଯାଇଛି ବୋଲି ମନ୍ତ୍ରୀ କହିଥିଲେ।

ସଦସ୍ୟା ସୋଫିଆ ଫିର୍‌ଦୋସ ଗୃହରେ 'ଧରିତ୍ରୀ'ର ରିପୋର୍ଟକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇ ପାନୀୟଜଳ ପ୍ରକଳ୍ପ ଘଟଣାରେ ଭିଜିଲାନ୍ସ ତଦନ୍ତ ଦାବି କରିଥିଲେ। ସେ କହିଥିଲେ, ପାନୀୟଜଳ ପ୍ରକଳ୍ପ କାମ ଦିଆଯାଇଥିବା ୧୭ ସଂସ୍ଥାକୁ ଅଗ୍ରିମ ଅର୍ଥ ଦିଆଯାଇଛି। ଏଥିରେ ୩୫ ହଜାର କୋଟିର ଦୁର୍ନୀତି ହୋଇଛି । ଏହାର ଭିଜିଲାନ୍ସ ତଦନ୍ତ ସହ ସଂପୃକ୍ତ ଥିବା ସମସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଥିଲେ। ସଦସ୍ୟ ସାରଦା ଜେନା, ସୁଜାତା ସାହୁ, ଅମର ନାୟକ ପ୍ରମୁଖ ଅତିରିକ୍ତ ପ୍ରଶ୍ନ କରିଥିଲେ।

# ଦୁର୍ଘଟଣାରେ କଲେଜ ଛାତ୍ରଙ୍କ ମୃତ୍ୟୁ ପରେ ଉତ୍ତେଜନା

- ଜାଳିଦେଲେ ୪ ହାଇୱା, କ୍ରଶରରେ ଭଙ୍ଗାରୁଜା
- କ୍ଷତିପୂରଣ ପ୍ରଦାନ ପ୍ରତିଶ୍ରୁତି ପରେ ଥମିଲା ଉତ୍ତେଜନା

**ଧର୍ମଶାଳା/ ଚଢ଼େଇଧରା, ୨।୧୨ (ବଟକୃଷ୍ଣ ପରିଡ଼ା/ ଦିଲୀପ ପରିଡ଼ା)**

ଯାଜପୁର ଜିଲା ଜେନାପୁର ଥାନା ଅଧୀନ କୁରିକଣା-ଡଙ୍କାରୀ ନିକଟରେ ମଙ୍ଗଳବାର ସକାଳ ପ୍ରାୟ ୯ଟାରେ ହାଇୱା ଓଡି୦୪ଏସ୍୦୦୩୧ ଚଢ଼ିଯିବାରୁ ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତ ଛାତ୍ର ହେଲେ ଉକ୍ତ ଥାନା ଅନ୍ତର୍ଗତ ରମ୍ପେଇ ଗ୍ରାମର ଶତ୍ରୁଘ୍ନ ନାୟକଙ୍କ ପୁଅ ସଞ୍ଜୀବ ନାୟକ(୧୭)। ଏହି ଘଟଣାପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଛି। ସ୍ଥାନୀୟ ଲୋକେ ମୃତଦେହ ରଖି ରାସ୍ତା ଅବରୋଧ କରିବା ସହ ଦୁର୍ଘଟଣା ଘଟାଇଥିବା ହାଇୱାକୁ ନିଆଁ ଲଗାଇ ଦେଇଛନ୍ତି। ଏଥିସହିତ ଯେଉଁ କମ୍ପାନୀର ଗାଡ଼ି ଦୁର୍ଘଟଣା ଘଟାଇଥିଲା ସେହି କମ୍ପାନୀର ପଛକୁ ପଛ ଆସୁଥିବା ଅନ୍ୟ ୩ଟି ଗାଡ଼ିକୁ ପୂର୍ବ ଆକ୍ରୋଶ ରଖି କେତେଜଣ ମାଫିଆ ଶ୍ରେଣୀର ଲୋକ ନିଆଁ ଲଗାଇ ଜାଳିଦେଇଛନ୍ତି। ଏହାପରେ ଉକ୍ତ କମ୍ପାନୀର ରାହାଡ଼ପୁରଠାରେ ଥିବା କ୍ରଶର ପରିସରରେ ପଶି ମେଶିନ ଓ ଗାଡ଼ି ଭଙ୍ଗାରୁଜା କରିଛନ୍ତି। ଖବର ପାଇ କେତେଜଣ ଗଣମାଧ୍ୟମ ପ୍ରତିନିଧି ପହଞ୍ଚି



ଉତ୍ତ୍ୟକ୍ତ ଲୋକେ ଜାଳି ଦେଇଥିବା ହାଇୱା।

ଫଟୋ ଓ ଭିଜୁଆଲ ଉତ୍ତୋଳନ ଉଦ୍ୟମ କରିବାରୁ ଦୁର୍ବୃତ୍ତମାନେ ସେମାନଙ୍କ ମୋବାଇଲ ଛଡ଼ାଇନେବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଛନ୍ତି। ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ପାଇଁ ପୋଲିସ ପ୍ରତିଶ୍ରୁତି ଦେବାପରେ ଉତ୍ତେଜନା ଥମିଛି। ଏହାପରେ ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଚଳାଇଛି।

ସକାଳୁ ଛାତ୍ର ଜଣକ ବାଇକ୍ ଯୋଗେ କଲେଜ ଯାଉଥିବାବେଳେ କୁରିକଣା-ଡଙ୍କାରୀ ଛକ ମଝିରେ ଥିବା ହମ୍ପସ ପାଖରେ ଭାରସାମ୍ୟ ହରାଇ ରାସ୍ତାରେ ଛିଟିକି ପଡ଼ିଥିଲେ। ଏହି ସମୟରେ ପଛରୁ ଆସୁଥିବା କଳାପଥର ବୋଝେଇ ହାଇୱା ଛାତ୍ରଙ୍କ ମୁଣ୍ଡ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ଛାତ୍ରଙ୍କ ମୃତ୍ୟୁ ହୋଇଥିଲା। ପୂର୍ବରୁ ସଡ଼କ ଦୁର୍ଘଟଣାରେ ଛାତ୍ର ସଞ୍ଜୀବଙ୍କ ମା'ଙ୍କ ମୃତ୍ୟୁ ହୋଇଥିବାରୁ ଏହି ଘଟଣା ସମସ୍ତଙ୍କୁ ବ୍ୟଥିତ କରିଥିଲା। ଘଟଣା ପ୍ରଘଟ ହେବାପରେ ସ୍ଥାନୀୟ କେତେଜଣ ଲୋକ ପହଞ୍ଚି ଉତ୍ତେଜନା ସୃଷ୍ଟି କରିଥିଲେ। ପୂର୍ବରୁ ଚାନ୍ଦା କାରବାରକୁ ନେଇ ସମ୍ପୃକ୍ତ କମ୍ପାନୀ ଉପରେ ରହିଥିବା ଆକ୍ରୋଶ ଉଗ୍ରରୂପ ଧାରଣ କରିଥିଲା। ଦୁର୍ବୃତ୍ତ ଦୀର୍ଘ ସମୟ ରାସ୍ତାକୁ ନିଜ ଆୟତକୁ ନେଇ ଉତ୍ପାତ କରିଥିଲେ। ୪ରୁ ଅଧିକ ମୋବାଇଲ ଭାଙ୍ଗିବା ସହ ଏକାଧିକ ଲୋକଙ୍କୁ ଧକ୍କାମାରି ତଡ଼ି ଦେଇଥିଲେ। କେତେଜଣ ମହିଳାଙ୍କ ଉପଦ୍ରବ ଅତ୍ୟନ୍ତ ଦୁଃଖଦ ପରିସ୍ଥିତି ସୃଷ୍ଟି କରିଥିଲା। ଯାଜପୁର ଏସ୍‌ଡିପିଓ ଲକ୍ଷ୍ମୀଧର ସ୍ୱାଇଁ, ଥାନା ଅଧିକାରୀ ନିରୁପମା ଜେନା, ଏସ୍‌ଆଇ ରଞ୍ଜନ ବେହେରା ଓ ୨ ପ୍ଲାଟୁନ ପୋଲିସ ଫୋର୍ସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ। ସଞ୍ଜୀବ ଚଢ଼େଇଧରାସ୍ଥିତ ଜଗନ୍ନାଥ ଜୀଉ କଲେଜର ଯୁକ୍ତ ୨ ପ୍ରଥମ ବର୍ଷ କଳା ଛାତ୍ର ଥିଲେ। ତାଙ୍କ ବିୟୋଗରେ କଲେଜରେ ହେବାକୁ ଥିବା ବାର୍ଷିକ କ୍ରୀଡ଼ା ଉତ୍ସବକୁ ବାତିଲ କରାଯାଇଛି। ଏହାପରେ ଏକ ଶୋକସଭା କରାଯାଇଥିବା ଅଧ୍ୟକ୍ଷ ସୁକାନ୍ତ କୁମାର ରାଉତ କହିଛନ୍ତି। ଏନେଇ ପୋଲିସ ନଂ.୪୨୫/୨୫ରେ ଏକ ମାମଲା ରୁଜୁ କରିଛି।

# ଭଡ଼ାଘରେ ଚାଲିଛି ୨୦,୧୫୦ ଅଙ୍ଗନୱାଡ଼ି କେନ୍ଦ୍ର

## ୭,୩୮୯ କେନ୍ଦ୍ର ନିର୍ମାଣାଧୀନ

**ଭୁବନେଶ୍ୱର,୨।୧୨(ସୁଚିସ୍ମିତା ସାହୁ)**

ରାଜ୍ୟରେ ମୋଟ ୭୪,୨୨୪ ଅଙ୍ଗନୱାଡି କେନ୍ଦ୍ର ରହିଛି। ସେଥିରୁ ୨୦,୧୫୦ କେନ୍ଦ୍ରର ନିଜସ୍ୱ ଘର ନ ଥିବାରୁ ଭଡ଼ାଘରେ ଚାଲିଛି। ୭,୩୮୯ ଅଙ୍ଗନୱାଡ଼ି କେନ୍ଦ୍ରର ଘର ନିର୍ମାଣାଧୀନ ରହିଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବିଧାନସଭାରେ ସୂଚନା ଦେଇଛନ୍ତି। ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ପ୍ରଭାତୀ ଜଣାଇଛନ୍ତି, ସମସ୍ତ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନିର୍ମାଣ କରିବା ନିମନ୍ତେ ସ୍ଥାନ ନିରୂପଣଠାରୁ ଆରମ୍ଭ କରି କାମ ସରିବାଯାଏ ସବୁକିଛି ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସହିତ ସମନ୍ୱୟ ରଖି କାର୍ଯ୍ୟ କରାଯାଉଛି। ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ୩୯ କୋଟି ୮୬ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଏହି କାର୍ଯ୍ୟକୁ ନିୟମିତ ସମୀକ୍ଷା ତଥା ତଦାରଖ କରିବା ଲାଗି ଜିଲାପାଳ, ଜିଲା ପରିଷଦ, ବିଡିଓ ଓ ସିଡିପିଓମାନଙ୍କୁ କୁହାଯାଇଛି। ବିଭାଗୀୟ ତଥ୍ୟ ଅନୁସାରେ, ରାଜ୍ୟର ୩୦ ଜିଲାରେ ମୋଟ ୭୪ହଜାର ୨୨୪ ଅଙ୍ଗନୱାଡି କେନ୍ଦ୍ର ରହିଥିବା ବେଳେ ୫୪ ହଜାର ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଘର ରହିଛି ଓ ୨୦,୧୫୦ ଅଙ୍ଗନୱାଡି କେନ୍ଦ୍ର ଭଡ଼ାଘରେ ଚାଲୁଛି। ସେଥିରୁ ୭,୩୮୯ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣାଧୀନ ଅବସ୍ଥାରେ ରହିଛି। ବାଲେଶ୍ୱର ଜିଲାରେ ସର୍ବାଧିକ ୧,୭୫୫ କେନ୍ଦ୍ର ଭଡ଼ାଘରେ ଚାଲୁଥିବାବେଳେ ଦ୍ୱିତୀୟ ସ୍ଥାନରେ କଟକ ଜିଲାର ୧,୫୨୪ ଅଙ୍ଗନୱାଡି କେନ୍ଦ୍ର ରହିଛି। ସେହିପରି ସୁନ୍ଦରଗଡ଼ରେ ୧,୨୧୭, ପୁରୀରେ ୧,୦୭୯, ମୟୂରଭଞ୍ଜରେ ୧,୦୫୦, ଯାଜପୁରରେ ୧,୦୭୮ ଏବଂ ଗଞ୍ଜାମରେ ୧,୩୫୬ ଓ ଦେବଗଡ଼ରେ ସର୍ବନିମ୍ନ ୨୮ ଅଙ୍ଗନୱାଡ଼ି କେନ୍ଦ୍ର ଭଡ଼ାଘରେ ଚାଲିଛି। ସେହିପରି ଗଞ୍ଜାମରେ ସର୍ବାଧିକ ୭୫୪ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣାଧୀନ ରହିଥିବା ବେଳେ କଟକରେ ସର୍ବନିମ୍ନ ୭ କେନ୍ଦ୍ର ନିର୍ମାଣାଧୀନ ଥିବା ଉପମୁଖ୍ୟନ୍ତ୍ରୀ କହିଛନ୍ତି।



## ବଦଳିଲେ ୫୪ ଓଆର୍ଏସ୍ ଅଧିକାରୀ

ଭୁବନେଶ୍ୱର,୨।୧୨(ରବିନାରାୟଣ ଜେନା): ରାଜସ୍ୱ ବିଭାଗ ପକ୍ଷରୁ ମଙ୍ଗଳବାର ଓଡ଼ିଶା ରାଜସ୍ୱ ସେବା(ଓଆରଏସ୍) ଅଧିକାରୀସ୍ତରର ୫୪ଜଣଙ୍କୁ ବଦଳି କରାଯାଇଛି। ବିଭାଗର ବିଜ୍ଞପ୍ତି ଅନୁଯାୟୀ, ଅମର ପରସେଠଙ୍କୁ କୋଟଗଡ଼ ଅତିରିକ୍ତ ତହସିଲଦାର ଭାବେ ବଦଳି କରାଯାଇଥିବାବେଳେ ଅନ୍ୟ ୫୩ଜଣଙ୍କୁ ବିଭିନ୍ନ ବିଭାଗକୁ ବଦଳି କରାଯାଇଛି।

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ବକ୍ସି ଜଗବନ୍ଧୁ ଇଂଲିଶ୍ ମିଡିୟମ୍ ସ୍କୁଲର ୫୧ତମ ଆନୁଆଲ୍ ଆଥ୍ଲେଟିକ୍ ମିଟ୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ସ୍କୁଲ୍ କ୍ୟାମ୍ପସ, ଏମ୍/୧୫ ବକ୍ସି ଜଗବନ୍ଧୁ ନଗର, ସମୟ: ସକାଳ ୮ଟା ୩୦।
- ୩୬ତମ କୋଣାର୍କ ଉତ୍ସବ, ଆନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ, ସ୍ଥାନ: ଚନ୍ଦ୍ରଭାଗା ବିଚ୍, ସମୟ: ସକାଳ ୯ଟା।
- ଶ୍ରୀ ହନୁମାନ ଦେବଙ୍କ ବିଶ୍ୱ ଶାନ୍ତି ମହାଯଜ୍ଞ, ସ୍ଥାନ: ବାଲିଅନ୍ତା ବ୍ଲକର ବେଣ୍ଟପୁରସ୍ଥିତ ଶ୍ରୀ ମହାବୀରଙ୍କ ପୀଠ, ସମୟ: ସକାଳ ୯ଟା।
- ସାହିତ୍ୟ ଏକାଡେମୀ ଓ ଶିଶୁଅନନ୍ତ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଶିଶୁଅନନ୍ତ ଜୟନ୍ତୀ, ସ୍ଥାନ: ଶିଶୁଅନନ୍ତ ପୀଠ, ବାଲିପାଟଣା, ସମୟ: ପୂର୍ବାହ୍ନ ୧୧ଟା।
- ୧୧ତମ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ, ସ୍ଥାନ: ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- କେନ୍ଦ୍ରୀୟ ଟ୍ରେଡ ୟୁନିୟନ୍ ମିଳିତ ମଞ୍ଚ ପକ୍ଷରୁ ଗଣଧାରଣା, ସ୍ଥାନ: ଗାନ୍ଧୀମାର୍ଗ, ସମୟ: ପୂର୍ବାହ୍ନ ୧୧ଟା।
- ରତ୍ନଗିରୀ ପବ୍ଲିକେଶନ୍ସ ପକ୍ଷରୁ ପୁସ୍ତକ ଲୋକାର୍ପଣ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ସନ୍ଧ୍ୟା ୫ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଆ ସାହିତ୍ୟ ଏକାଡେମୀ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ରମାଦେବୀଙ୍କ ଜୟନ୍ତୀ ସମାରୋହ, ସ୍ଥାନ: କଳିଙ୍ଗ ଷ୍ଟାଡିୟମ୍, ସମୟ: ସନ୍ଧ୍ୟା ୫ଟା ୩୦।
- କେଦାରନାଥ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଗୀତା ଜୟନ୍ତୀ ଉତ୍ସବ, ସ୍ଥାନ: କେଦାରଗୌରୀ ମାର୍ଗ, ସମୟ: ସନ୍ଧ୍ୟା ୬ଟା।
- ଭାଗବତ ପ୍ରଚାର ସମିତି ପକ୍ଷରୁ ଭାଗବତ ମହାପୁରାଣ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଗଡ ନହରକଣ୍ଟାସ୍ଥିତ ମହାଦେବ ସଭା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ମେରା ଭାରତ ମହାନ ଦେଶାତ୍ମବୋଧକ ଗୀତର ସନ୍ଧ୍ୟା, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

**ବାଲେଶ୍ୱର**
- ଜିଲାସ୍ତରୀୟ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ସମୟ: ସକାଳ ୮ଟା।

**ରାୟଗଡ଼ା**
- ଜିଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ, ସ୍ଥାନ: ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ରାୟଗଡା, ସମୟ: ପୂର୍ବାହ୍ନ ୧୦ ଟା।
- ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ, ସ୍ଥାନ: ସରକାରୀ ଅପର ପ୍ରାଇମେରୀ ବିଦ୍ୟାଳୟ, ଗୁଡାର, ସମୟ:ପୂର୍ବାହ୍ନ ୧୦ଟା।
- ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ନୋଡାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମୁନିଗୁଡା, ସମୟ: ପୂର୍ବାହ୍ନ ୧୦ଟା ୩୦।

**ନବରଙ୍ଗପୁର**
- ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳନ, ସ୍ଥାନ: ସାଇ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜୀବିକାକ୍ଷୟ ଗ୍ରାମୀଣସ୍ତରରେ ପରିବେଶ ପୁନରୁଦ୍ଧାର ମାଧ୍ୟମରେ ସୁରକ୍ଷା ଓ ସ୍ଥାନୀୟ ସଂସ୍ଥାମାନ ଉପରେ ତାଲିମ, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

**କୋରାପୁଟ**
- ବ୍ଲକସ୍ତରୀୟ ପରବ ଉଦ୍‌ଘାଟନ ଓ ମଶାଲ ଶୋଭାଯାତ୍ରା, ସ୍ଥାନ: କୋଟପାଡ଼ ବ୍ଲକ୍, ସମୟ: ସକାଳ ୮ଟା, ସାଂସ୍କୃତିକ କାର୍ଯ୍ୟକ୍ରମ, ଉଦ୍‌ଯାପନ, ସ୍ଥାନ: କୋଟପାଡ଼ ବ୍ଲକ୍ କାର୍ଯ୍ୟାଳୟ ପରିସର, ସମୟ: ରାତି ୭ଟା।
- କଳିଙ୍ଗ ବୈଶ୍ୟ ସଂଘର ବାର୍ଷିକ ସାଧାରଣ ବୈଠକ ଓ ରକ୍ତଦାନ ଶିବିର, ସ୍ଥାନ: ଗାୟତ୍ରୀ ଯଜ୍ଞ ପଡ଼ିଆ, ସେମିଳିଗୁଡ଼ା, ସମୟ: ସକାଳ ୯ଟା।
- ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ନେଇ ସଚେତନତା ରାଲି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, କୋରାପୁଟ, ସମୟ: ସକାଳ ୯ଟା।
- ପଞ୍ଚାୟତସ୍ତରୀୟ ଭୂ-ସମ୍ପଦ ତଥ୍ୟାବଳୀ ଯାତ୍ରା, ସ୍ଥାନ: ଡି. ପାଲିଗୁଡ଼ା,ବୈପାରୀଗୁଡ଼ା ପଞ୍ଚାୟତ, ସମୟ: ସକାଳ ୯ଟା ୩୦।
- ବ୍ଲକସ୍ତରୀୟ ପ୍ରଦର୍ଶନୀ ମେଳା, ସ୍ଥାନ: କୋଟପାଡ଼ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ସ୍ଥାୟୀ ଜୀବନଶୈଳୀ ନେଇ ପ୍ରଦର୍ଶନୀ, ସ୍ଥାନ: ନୋଡାଲ ହାଇସ୍କୁଲ, ବୈପାରୀଗୁଡ଼ା, ସମୟ:ପୂର୍ବାହ୍ନ ୧୦ଟା।
- ମଣ୍ଡଳସ୍ତରୀୟ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ, ସ୍ଥାନ: ଏକ୍ସବୋର୍ଡ ବିଦ୍ୟାଳୟ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବ୍ଲକସ୍ତରୀୟ ପରବ ଉତ୍ସବ ପାଳନ, ସ୍ଥାନ: ଟାଉନ ହଲ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଅବସରରେ ଉପକରଣ ବଣ୍ଟନ, ସ୍ଥାନ: ପରବ ମଣ୍ଡପ, ନନ୍ଦପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ପରବ ଉଦ୍‌ଯାପନୀ, ସ୍ଥାନ: ପରବ ପଡିଆ, ନନ୍ଦପୁର, ସମୟ: ସନ୍ଧ୍ୟା ୬ଟା। ସ୍ଥାନ: ମିନି ଷ୍ଟାଡିୟମ, ସେମିଳିଗୁଡ଼ା, ସମୟ: ରାତି ୭ଟା।

**ମାଲକାନଗିରି**
- ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ, ସ୍ଥାନ: କୋରୁକୋଣ୍ଡା, ସମୟ: ସକାଳ ୮ ଟା। ସ୍ଥାନ: ମାଲକାନଗିରି ବ୍ଲକ ଏବଂ ମାଥିଲି ବ୍ଲକ ଖେଳ ପଡିଆ ପରିସର, ସମୟ: ସକାଳ ୯ ଟା।
- ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ, ସ୍ଥାନ: ସଂସ୍କୃତି ଭବନ, ମାଲକାନଗିରି,ସମୟ: ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**
- ୩୦ତମ ଜାତୀୟ ରୋଡ ସଇକ୍ଲିଂ ଚାମ୍ପିୟନଶିପର ଦ୍ୱିତୀୟ ଦିବସ, ସ୍ଥାନ : ବାଟମଙ୍ଗଳା ମନ୍ଦିର, ସମୟ : ପୂର୍ବାହ୍ନ ୯ଟା।
- ରମାଦେବୀ ଚୌଧୁରୀଙ୍କ ଜୟନ୍ତୀ, ସ୍ଥାନ : କୁଚିଣ୍ଡା ସ୍ଥିତ ଆଦିବାସୀ ଭବନ, ସମୟ : ସକାଳ ୯ଟା।
- ଜିଲାସ୍ତରୀୟ ମାଣ୍ଡିଆ ସଂଗ୍ରହ ବୈଠକ, ସ୍ଥାନ: ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ସାରେ ଯାହାଁ ସେ ଆଚ୍ଛା ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ଲଳିତ କଳା ଏକାଡେମୀ ସ୍ଥିତ ଆଞ୍ଚଳିକ ଆର୍ଟ ଗ୍ୟାଲେରୀ, ସମୟ : ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା।
- ସମ୍ବଲପୁରୀ ଧନୁଯାତ୍ରାର କଳାକାର ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସନ୍ଧ୍ୟା ୭ଟା।

**ବଲାଙ୍ଗୀର**
- ୱାନ ଷ୍ଟେପ୍ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ନୂଆଁଖାଇ ଭେଟଘାଟ, ସ୍ଥାନ: ଲୋଇସିଂହା ଦୁର୍ଗାମଣ୍ଡପ, ଲୋଇସିଂହା ବ୍ଲକ, ସମୟ: ସନ୍ଧ୍ୟା ୬ଟା।
- ବୈଶାଖୀ ନାଟ୍ୟ ମହୋତ୍ସବ- ୨୦୨୫, ସ୍ଥାନ: ବୁର୍ଢ଼ା ରାଧାକୃଷ୍ଣ କଲ୍ୟାଣ ମଣ୍ଡପ, ଲୋଇସିଂହା ବ୍ଲକ, ସମୟ: ସନ୍ଧ୍ୟା ସାଢ଼େ ୬ଟା।

**ରାଉରକେଲା**
- ଶ୍ରଦ୍ଧା ଅନୁଷ୍ଠାନ ପକ୍ଷରୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ, ସ୍ଥାନ: ସେକ୍ଟର-୧୬, ସମୟ: ପୂର୍ବାହ୍ନ ୧୦ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଜ୍ଞାନ ମେଳା, ସ୍ଥାନ: ଲାଲ୍ ବିଲ୍ଡିଂ ରୋଡ୍, ସମୟ: ପୂର୍ବାହ୍ନ ୧୧ଟା।
- ଇସ୍ପାତ ସାହିତ୍ୟ ସଂସଦର ୫୫ତମ ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: ସେକ୍ଟର-୭ ସଂସଦ ସଭାଗୃହ, ସମୟ: ଅପରାହ୍ନ ୪ଟା।
- ଇସ୍ପାତ ସାହିତ୍ୟ ସଂସଦର ପ୍ରତିଷ୍ଠା ଦିବସ, ସ୍ଥାନ: ସେକ୍ଟର-୭ ସଂସଦ ଭବନ, ସମୟ: ଅପରାହ୍ନ ୪ଟା ୩୦।
- ଇସ୍ପାତ ନାଟ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୧୫।

**ସୁନ୍ଦରଗଡ଼**
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦ୍ୱିଦିବସୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପନୀ ସମାରୋହ, ସ୍ଥାନ: ଯତ୍ରା ପଡ଼ିଆ, ସୁନ୍ଦରଗଡ଼, ସମୟ: ଅପରାହ୍ନ: ୪ଟା।

**ବରଗଡ଼**
- ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ, ସ୍ଥାନ: ଖଜୁରଟିକ୍ରା ପ୍ରାଥମିକ ବିଦ୍ୟାଳୟ, ବରଗଡ଼, ସମୟ: ସକାଳ ୮ଟା।
- ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ, ସ୍ଥାନ: ଯଦୁମଣି ପ୍ରଧାନ ଅଡିଟୋରିୟମ, ବରଗଡ଼, ସମୟ: ସକାଳ ୮ଟା ୩୦।
- ମହାଲକ୍ଷ୍ମୀ ପୂଜା,ସ୍ଥାନ:ସାହୁପଡ଼ା ଛକ, ଗାଇସିଲେଟ, ସମୟ:ସକାଳ ୯ଟା।
- ମହାଲକ୍ଷ୍ମୀ ପୂଜା ଅବସରରେ କଳସଯାତ୍ରା, ସ୍ଥାନ:କନ୍ଦୁମୁଣ୍ଡା, ଗାଇସିଲେଟ, ସମୟ: ସକାଳ ୯ଟା।

**କଳାହାଣ୍ଡି**
- ଗୀତା ଜୟନ୍ତୀ ଓ ଶ୍ରୀମଦ୍ ଭାଗବତ ଗୀତା ପାରାୟଣ, ସ୍ଥାନ: କେସିଙ୍ଗା ଶ୍ରୀଜଗନ୍ନାଥ ମନ୍ଦିର ପରିସର ରଷି ସାହା ସଂସ୍କୃତି କେନ୍ଦ୍ର, ସମୟ: ସକାଳ ୮ଟା।

**ଦେବଗଡ଼**
- ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳନ, ସ୍ଥାନ: ଦେବଗଡ଼ ଟାଉନ୍ ହଲ୍, ସମୟ : ସକାଳ ୯ଟା।
- ଯୁବ ଉତ୍ସବ ପାଳନ, ସ୍ଥାନ: ଦେବଗଡ଼ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ୫ ଦିନିଆ ବ୍ୟବସାୟିକ ଫୁଲଚାଷ ସମ୍ପର୍କିତ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ଦେବଗଡ଼ କୃଷି ବିଜ୍ଞାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ତରଭା ସ୍ଥିତ ଫକୀର ବାବାଙ୍କ ମସଜିଦ୍‌ରେ ପ୍ରସିଦ୍ଧ ଉର୍ସ ଉତ୍ସବ, ସ୍ଥାନ: ମସଜିଦ୍ ପରିସର, ସମୟ: ସକାଳ ୮ଟା।

**ନୂଆପଡ଼ା**
- ୩ୟ ଫୁଟ୍‌ବଲ ମହାକୁମ୍ଭ ଷୋଡଶ ଦିବସ, ସ୍ଥାନ: ରାଜା ଏଟି ଉଚ୍ଚ ବିଦ୍ୟାଳୟ ଖେଳପଡିଆ ଖଡିଆଳ, ସମୟ: ଅପରାହ୍ନ ୩ଟା।
- ୨୨ତମ ମାଣବସା ମହାଲକ୍ଷ୍ମୀ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଖଡିଆଳ ବ୍ଲକ ଡୁମେରଯୋର ଗାଁ, ସମୟ: ରାତି ୯ଟା।
- ଜିଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ, ସ୍ଥାନ: ବିଜ୍ଞାପିତ ଅଞ୍ଚଳ ପରିଷଦ କଲ୍ୟାଣ ମଣ୍ଡପ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଭିନ୍ନକ୍ଷମ ଦିବସ ଅବସରରେ ପଦଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ଠାରୁ କଲ୍ୟାଣ ମଣ୍ଡପ, ସମୟ: ସକାଳ ୯ଟା।
- ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ ନୂଆପଡ଼ା, ସମୟ: ଅପରାହ୍ନ ୫ଟା।
- -ଏସ୍‌ଟି ଜାଭିୟର୍ସ ପବ୍ଲିକ ସ୍କୁଲ ୫ମ ବିଜ୍ଞାନ ପ୍ରଦର୍ଶନୀ, ସ୍ଥାନ: ଲାଲ ସାହେବ ପଡ଼ା ଖଡିଆଳ, ସମୟ: ପୂର୍ବାହ୍ନ ୧୦ଟା।

**ପ୍ରଥମ ପୃଷ୍ଠାରୁ...**

## ୧୬ ସ୍ଥାନରେ ନଦୀଜଳ...

ଗଙ୍ଗୁଆ ନାଳ(ଭୁବନେଶ୍ୱର), କୁଶଭଦ୍ରା ନଦୀ(ଭିଙ୍ଗାରପୁର ଓ ଗୋପ) ଏବଂ ବ୍ରାହ୍ମଣୀ ନଦୀ(ରାଉରକେଲା), ଗୁରାଡ଼ି ନାଳ (ରାଉରକେଲା) ଅବବାହିକାରେ ଅବସ୍ଥିତ। ପ୍ରଦୂଷିତ ସ୍ଥାନଗୁଡ଼ିକରେ ନଦୀଜଳ ପ୍ରଦୂଷଣ ମୁଖ୍ୟତଃ ସହରାଞ୍ଚଳ ବର୍ଜ୍ୟଜଳ ନିଷ୍କାସନ ତଥା ନଦୀଜଳର ଇନ୍‌ଷ୍ଟ୍ରିମ୍ ବ୍ୟବହାର ଯୋଗୁ ଘଟୁଥିବା ଆକଳନ କରାଯାଇଛି। ଏହି ଅବବାହିକାରେ ଜଳ ପ୍ରଦୂଷଣ ରୋକିବା ପାଇଁ ବୋର୍ଡ ଏବଂ ସରକାରଙ୍କ ପକ୍ଷରୁ କ୍ରମାଗତ ଭାବେ ସମ୍ପୃକ୍ତ ପୌରାଞ୍ଚଳ ଅଧିକାରୀମାନଙ୍କୁ ଅବଗତ କରାଇ ନଦୀଜଳର ପ୍ରଦୂଷଣ ନିରାକରଣ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଉଛି। ଏହାସହିତ ସମ୍ପୃକ୍ତ ଜିଲା ପ୍ରଶାସନ, ରାଜ୍ୟ ଗୃହ ଓ ଉନ୍ନୟନ ବିଭାଗ, ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗ, ରାଜ୍ୟ ଜଳଯୋଗାଣ ଓ ପରିମଳ ପରିଷଦକୁ ମଧ୍ୟ ପଦକ୍ଷେପ ନେବାକୁ ଅନୁରୋଧ କରାଯାଉଛି। ଜୁନ୍ ୨୦୨୩ରୁ ଅନୁଗୋଳ, ବାଲେଶ୍ୱର, ବରଗଡ଼, ଛତ୍ରପୁର, ଢେଙ୍କାନାଳ, ହିଞ୍ଜିଳିକାଟୁ, ଜଟଣୀ, ଯାଜପୁର, କେନ୍ଦୁଝର, କୋରାପୁଟ ଓ ନୟାଗଡ଼ରେ ଗ୍ରେ ୱାଟର ମ୍ୟାନେଜ୍‌ମେଣ୍ଟ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏହା ପର୍ଯ୍ୟାୟକ୍ରମେ ଅନ୍ୟ ସହର ଗୁଡ଼ିକରେ କାର୍ଯ୍ୟକାରୀ କରାଯିବା ଯୋଜନା ରହିଛି ବୋଲି ଜଙ୍ଗଲ ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ୧୧୫ଟି ସହରାଞ୍ଚଳରେ ୧୨୦ ଗୋଟି ସେପ୍‌ଟେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ରହିଛି, ଯାହାର କ୍ଷମତା ୨୦୮୭ କେଏଲ୍‌ଡି ବୋଲି ମନ୍ତ୍ରୀ ଖୁଣ୍ଟିଆ କହିଛନ୍ତି।

## ନକଲି ଔଷଧ...

୨୦୨୧ରେ ୭୯ଟି ସ୍ପୁରିୟସ ଡ୍ରଗ୍ସ ଚିହ୍ନଟ ହୋଇଥିବାବେଳେ ୨୦୨୨ରେ ୬୪, ୨୦୨୩ରେ ୧୪ ଏବଂ ୨୦୨୪ ରେ ୧୧ଟି ଚିହ୍ନଟ ହୋଇଛି। ସେହିପରି ଚିହ୍ନଟ ହୋଇଥିବା ୩୮ ନିମ୍ନ ମାନର ମେଡିସିନ ମଧ୍ୟରୁ ୨୦୨୧-୨୨ରେ ୮୩ ପ୍ରକାର, ୨୦୨୨-୨୩ରେ ୧୫୬, ୨୦୨୩-୨୪ରେ ୬୯ ଏବଂ ୨୦୨୪-୨୫ରେ ୮୩ଟି ଆବଶ୍ୟକୀୟ ଗୁଣବତ୍ତା ମାନଦଣ୍ଡ ପୂରଣ କରୁ ନ ଥିବା ଔଷଧ ଜବତ ହୋଇଛି।

ଏନେଇ ସ୍ୱାସ୍ଥ୍ୟମନ୍ତ୍ରୀ ଗୃହ ବାହାରେ କହିଛନ୍ତି, ବିଭାଗ ପକ୍ଷରୁ ନିୟମିତ ଚଢ଼ାଉ କରାଯିବା ଦ୍ୱାରା ଏଭଳି ସ୍ପୁରିୟସ ମେଡିସିନ ଜବତ ହୋଇପାରିଛି। ଆଗାମୀ ଦିନରେ ଏହି ଚଢ଼ାଉ କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବ। ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ସ୍ପୁରିୟସ ମେଡିସିନ ବଜାରକୁ ଛାଡ଼ିବା ଏକ ପ୍ରକାର ଷଡ଼ଯନ୍ତ୍ର। ଔଷଧ କମ୍ପାନୀ ନିର୍ମାତାମାନେ ଏହା ଉଦ୍ଦେଶ୍ୟମୂଳକ ଭାବେ କରିଥାନ୍ତି। ଏନେଇ ସରକାର ସଜାଗ ରହିଛନ୍ତି। ସ୍ୱାସ୍ଥ୍ୟବିଭାଗ, ଡ୍ରଗ୍ସ ନିୟନ୍ତ୍ରକ ଏବଂ ପୋଲିସ ସମନ୍ୱୟରେ ଚଢ଼ାଉ କରାଯାଉଛି। ଆଗାମୀ ଦିନରେ ତୃଣମୂଳସ୍ତରରେ ମଧ୍ୟ ଚଢ଼ାଉକୁ ବ୍ୟାପକ କରାଯିବ। ତେବେ ଚିହ୍ନଟ ହୋଇଥିବା ସ୍ପୁରିୟସ ମେଡିସିନ ମଧ୍ୟରେ ଆମୋକ୍ସିଲିନ୍, ରାବିଜେମ୍-ଡିଏସ୍‌ଆର ଟାବ୍‌ଲେଟ, ସେଫାଡ୍ରକ୍ସିଲ ଟାବ୍ସ ଆଇପି-୫୦୦ଏମ୍‌ଜି, ଆମ୍ଲୋ କାଇଣ୍ଡ-୫ ଟାବ୍, ଲେଭ୍‌ସେଟ୍-ଏମ୍-ସିରପ୍, ପାରାସିଟାମଲ ଟାବ୍‌ଲେଟ ଆଇପି ୫୦୦ଏମ୍‌ଜି ପ୍ରଭୃତି ରହିଛି।

ଏନେଇ ଏସ୍‌ସିବି ମେଡିକାଲ କଲେଜ ମେଡିସିନ୍ ବିଭାଗ ଏଚ୍‌ଓଡି ତଥା ଇଣ୍ଡିଆନ୍ ମେଡିକାଲ ଆସୋସିଏଶନ ସଭାପତି ପ୍ରଫେସର ଜୟନ୍ତ କୁମାର ପଣ୍ଡା କହିଛନ୍ତି, ନକଲି ଔଷଧ ବ୍ୟବସାୟ ନିହାତିପକ୍ଷେ ଅମାନୁଷିକ କାର୍ଯ୍ୟ। ନକଲି ଔଷଧ ଖାଇବା ଦ୍ୱାରା ସେଥିରେ ଥିବା ଖରାପ ଉପାଦାନ ବା କେମିକାଲ ରୋଗୀ ଶରୀରକୁ ଯାଇ ଲିଭର, କିଡ୍‌ନୀ, ବ୍ରେନ୍, ହାର୍ଟକୁ ସଂକ୍ରମିତ କରିବାର ଅଧିକ ଆଶଙ୍କା ରହିଛି। ତେବେ ଅନ୍‌ଲାଇନ୍‌ରେ ମିଳୁଥିବା ଔଷଧ ଠିକ୍ କି ନକଲି ତାହା ଜାଣିବାର କୌଣସି ଉପାୟ ନାହିଁ। ତେଣୁ ସରକାରୀ ଅନୁମୋଦିତ କେନ୍ଦ୍ର ଜନଔଷଧି କେନ୍ଦ୍ର, ନିରାମୟ କିମ୍ବା ଦୀର୍ଘବର୍ଷ ଧରି ରହିଥିବା ଔଷଧ ଦୋକାନୀଙ୍କଠାରୁ ଔଷଧ କିଣିବାକୁ ଲୋକଙ୍କୁ ସଚେତନ କରାଯାଉଛି। ରାଜ୍ୟରେ ନକଲି ଔଷଧ ଚିହ୍ନଟ ପାଇଁ ଆହୁରି ବ୍ୟାପକ ପଦକ୍ଷେପ ନିଆଯିବା ସହିତ ଦଣ୍ଡବିଧାନକୁ କଡ଼ାକଡ଼ି କରିବା ଆବଶ୍ୟକ ବୋଲି ପ୍ରଫେସର ପଟ୍ଟନାୟକ ମତ ରଖିଛନ୍ତି।

ସେହିପରି ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନ୍‌ର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ମହାପାତ୍ର କହିଛନ୍ତି, ଆଗରୁ ରାଜ୍ୟ ବାହାରୁ ଅନେକ ଔଷଧ ଆସୁଥିବାରୁ ସେଥିରେ ନକଲି ଔଷଧ କାରବାରର ଅଧିକ ସମ୍ଭାବନା ରହିଥିଲା। ମାତ୍ର ଏବେ କାଁ ଭାଁ ସ୍ଥାନକୁ ବାଦ୍‌ଦେଲେ ଅନ୍ୟ ରାଜ୍ୟରୁ ଓଡ଼ିଶାକୁ ମେଡିସିନ ଆସୁନାହିଁ। କିଛି ନିମ୍ନମାନର ଔଷଧ ବଜାରକୁ ଆସୁଛି, ଯାହାକି ସାଧାରଣତଃ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ନୁହେଁ କି ରୋଗୀଙ୍କୁ ସୁସ୍ଥ କରିବାରେ ସେତେଟା ଫଳପ୍ରଦ ହୁଏନାହିଁ। କିଛି ଛୋଟ ଛୋଟ କମ୍ପାନୀ ରହିଛି, ଯେଉଁମାନେ କିଛି ବଡ଼ କମ୍ପାନୀ ବା ବ୍ରାଣ୍ଡ ନାମରେ ସେମାନଙ୍କ ପ୍ରଡକ୍ଟ ବିକ୍ରି କରୁଥିବା ଦେଖାଯାଇଛି। ଏବେ ସରକାର ମେଡିସିନ ଷ୍ଟ୍ରିପ୍‌ରେ କ୍ୟୁ ଆର୍ କୋଡ୍ ଲଗାଇବା ବାଧ୍ୟତାମୂଳକ କରିଛନ୍ତି। ଏହାଛଡ଼ା ନକଲି ଔଷଧକୁ ଖାଲି ଆଖିରେ ଜାଣିବାର କୌଣସି ଉପାୟ ନାହିଁ ବୋଲି ସେ ମତ ରଖିଛନ୍ତି।

## ବିବାଦ ଘେରରେ...

ଏହାକୁ ଏକ ସ୍ନୁପିଙ୍ଗ (ଗୁପ୍ତଚରଗିରି) ଆପ୍ ବୋଲି କହିଥିଲା। ଏହାକୁ ତୁରନ୍ତ ଫେରାଇ ନେବା ଲାଗି ବିରୋଧୀ ଦଳ ଦାବି କରିଥିଲା। ସଞ୍ଚାର ସାଥୀ ଏକ ସ୍ନୁପିଙ୍ଗ ଆପ୍ ଏବଂ ଏହା କୌତୂହଳପ୍ରଦ। ନାଗରିକମାନଙ୍କ ପ୍ରିଭେସୀ ଅଧିକାର ରହିଛି। ପରିବାର ଓ ବନ୍ଧୁମାନଙ୍କୁ ବାର୍ତ୍ତା ପଠାଇବାର ପ୍ରିଭେସି ଅଧିକାର ପ୍ରତ୍ୟେକଙ୍କ ରହିଛି ବୋଲି କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଖବରଦାତାମାନଙ୍କୁ କହିଛନ୍ତି। ସରକାର ଦେଶକୁ ଏକଛତ୍ରବାଦ ଆଡ଼କୁ ନେଇଯାଉଛନ୍ତି। ସେମାନେ ଏହା ଉପରେ ଆଲୋଚନା ପାଇଁ ଚାହୁଁନାହାନ୍ତି, ଯେଉଁଥିପାଇଁ ପାର୍ଲାମେଣ୍ଟ କାର୍ଯ୍ୟ କରୁନାହିଁ ବୋଲି ପ୍ରିୟଙ୍କା କହିଛନ୍ତି। ଭାରତ ଏକ ସର୍ଭିଲାନ୍ସ ଷ୍ଟେଟ୍‌ରେ ପରିଣତ ହୋଇଥିବା କଂଗ୍ରେସ ସାଧାରଣ ସମ୍ପାଦକ ରଣଦୀପ୍ ସୁର୍ଜେୱାଲା କହିଛନ୍ତି। ସଞ୍ଚାର ସାଥୀ ଆପ୍ ସଂଯୋଗ ଉପରେ ଆଲୋଚନା ପାଇଁ ପୂର୍ବରୁ କଂଗ୍ରେସ ଏମ୍‌ପି ରେଣୁକା ଚୌଧୁରୀ ରାଜ୍ୟ ସଭାରେ ମୁଲତବୀ ପ୍ରସ୍ତାବ ଆଣିଥିଲେ। ଗୃହର ଅନ୍ୟ ସମସ୍ତ କାର୍ଯ୍ୟକୁ ବନ୍ଦ ରଖି ରୁଲ୍ ୨୬୭ ଅନୁଯାୟୀ ସଞ୍ଚାର ସାଥୀ ସଂଯୋଗ ନିର୍ଦ୍ଦେଶ ଉପରେ ଆଲୋଚନା କରିବାକୁ ସେ ଦାବି କରିଥିଲେ।

ସଞ୍ଚାର ସାଥୀ ପ୍ରସଙ୍ଗକୁ ନେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମଙ୍ଗଳବାର ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଲୋକଙ୍କ ସ୍ୱରକୁ ଚାପିଦେବା ପାଇଁ ଭାଜପାର ଏହା ଆଉ ଏକ ଉଦ୍ୟମ, ଯାହା ଏକଛତ୍ରବାଦ ସଦୃଶ ବୋଲି ଖାର୍ଗେ କହିଛନ୍ତି। ଦେଶର ନାଗରିକ ଏବଂ ବିଭିନ୍ନ ଷ୍ଟେକ୍‌ହୋଲ୍ଡରମାନଙ୍କୁ ବିଶ୍ୱାସକୁ ନ ନେଇ ଉକ୍ତ ଆପ୍‌କୁ ମୋବାଇଲ୍ ଫୋନ୍ ବିକ୍ରି ପୂର୍ବରୁ ଲୋଡ୍ କରିବା ପାଇଁ କେନ୍ଦ୍ର ସରକାର ଏକତରଫା ନିର୍ଦ୍ଦେଶ ଦେଇଛନ୍ତି। ବନ୍ଧୁ ଓ ପରିବାର ସଦସ୍ୟଙ୍କ ସହ ନାଗରିକମାନଙ୍କ କଥାବାର୍ତ୍ତାକୁ ସରକାର କ'ଣ ପାଇଁ ଜାଣିବାକୁ ଚାହୁଁଛନ୍ତି ବୋଲି ଖାର୍ଗେ ପ୍ରଶ୍ନ କରିଛନ୍ତି। ଏହା ପ୍ରଥମ ଥର ଘଟୁନାହିଁ। ଆମ ଡିଜିଟାଲ ଜୀବନକୁ ୨୪ ଘଣ୍ଟିଆ ମନିଟରିଂ ଜୋନ୍‌ରେ ପରିଣତ କରିବା ପାଇଁ ଆୟକର ଆଇନକୁ ଭାଙ୍ଗି ଦିଆଯାଇଛି। ପ୍ରତ୍ୟେକ କ୍ଲିକ୍, ଚାଟ୍ ଏବଂ ପେମେଣ୍ଟ ବିନା ସହମତିରେ ଧରାପଡୁଛି। ଡିପିଡିପି ଆଇନ ୨୦୨୩ର ଧାରା ୮(୧)(ଜେ) ଦ୍ୱାରା ସୂଚନା ଜାଣିବା ଅଧିକାର (ଆର୍‌ଟିଆଇ)କୁ ଚାପିଦିଆଯାଇଛି, ଯେଉଁଥିରେ କମ୍ ପ୍ରଶ୍ନ, କମ୍ ଉତ୍ତରଦାୟିତ୍ୱ ଏବଂ ଅଧିକ ଅନ୍ଧକାର ରହିଛି। ପେଗାସସ୍ ଦୁର୍ନୀତିରେ ଶତାଧିକ ଭାରତୀୟ ବିରୋଧୀ ଦଳ ନେତା, ବିଚାରପତି, ଖବରଦାତା, ଏପରିକି କେନ୍ଦ୍ରମନ୍ତ୍ରୀଙ୍କ ଉପରେ ଗୁପ୍ତଚରଗିରି କରାଯାଇଥିବାର ପ୍ରମାଣ ରହିଛି ବୋଲି ଖାର୍ଗେ କହିଛନ୍ତି। ତେବେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ପ୍ରିଭେସି ଚିନ୍ତା ବଢ଼ିବା ପରେ ପାର୍ଲାମେଣ୍ଟ ବାହାରେ ସିନ୍ଧିଆ ଗଣମାଧ୍ୟମକୁ କହିଛନ୍ତି, ଆପଣମାନେ ଚାହୁଁ ନ ଥିଲେ ଡିଲିଟ୍ କରିପାରନ୍ତି। ତେବେ ଏହି ଆପ୍ ଜାଲିଆତି ଓ ଚୋରିରୁ ସୁରକ୍ଷା ଦେବା ପାଇଁ ରହଥିବା ସମସ୍ତେ ଜାଣନ୍ତି ନାହିଁ ବୋଲି ସେ କହିଛନ୍ତି।

## ନିର୍ଦ୍ଦେଶ ମାନିବନି...

ସଂସ୍ଥା ସହ ଆପଲ୍‌ର କୋର୍ଟରେ ଲଢ଼େଇ ଚାଲିଥିବାରୁ ଏହି ଆପ୍ ନିର୍ଦ୍ଦେଶନାମା ଅଟକି ରହିବ ବୋଲି ଗୋଟିଏ ସୂତ୍ରରୁ କୁହାଯାଇଛି। ଉକ୍ତ ମାମଲାରେ ଆପଲ୍ ୩୮ ବିଲିୟନ ଡଲାର ଜରିମାନାର ସମ୍ମୁଖୀନ ହେବା ଆଶଙ୍କା ରହିଛି। ଅନ୍ୟ ଏକ ସୂତ୍ର ଅନୁଯାୟୀ ଆପଲ୍ ଉକ୍ତ ନିର୍ଦ୍ଦେଶନାମାକୁ ନେଇ କୋର୍ଟକୁ ଯିବା ଯୋଜନାରେ ନାହିଁ କିମ୍ବା ଜନସାଧାରଣଙ୍କ ମତାମତ ନେବାର ନାହିଁ। ତେବେ ସୁରକ୍ଷାଗତ ସମସ୍ୟା କାରଣରୁ ଆପଲ୍ ଉକ୍ତ ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିପାରିବ ନାହିଁ ବୋଲି ସରକାରଙ୍କୁ ଜଣାଇଦେବ।

ଆପଲ୍, ସାମ୍‌ସଙ୍ଗ, ସାଓମି ଆଦି ସମସ୍ତ ସ୍ମାର୍ଟଫୋନ୍ ନିର୍ମାତା କମ୍ପାନୀଙ୍କୁ ଫୋନ୍ ବିକ୍ରି ପୂର୍ବରୁ ୯୦ ଦିନ ମଧ୍ୟରେ ସେଥିରେ ସଞ୍ଚାର ସାଥୀ ଆପ୍ ସଂଯୋଗ କରିବାକୁ ଟେଲିକମ୍ ବିଭାଗ ନିର୍ଦ୍ଦେଶ ଦେଇଥିଲା। ଯେଉଁ ଫୋନ୍‌ଗୁଡ଼ିକ ଯୋଗାଣ ଶୃଙ୍ଖଳରେ ରହିଛି, ସେଥିରେ ସଫ୍ଟୱେର ଅପ୍‌ଡେଟ୍ ଜରିଆରେ ଏହି ଆପ୍ ଇନ୍‌ଷ୍ଟଲ କରିବାକୁ କୁହାଯାଇଥିଲା। ରଏଟର ପ୍ରଥମେ ଏହି ଖବର ପ୍ରକାଶ କରିଥିବାବେଳେ ଟେଲିକମ୍ ମନ୍ତ୍ରଣାଳୟ ପରେ ସ୍ପଷ୍ଟ କରିଥିଲା। ତେବେ ଚୋରି ହୋଇଥିବା ଫୋନକୁ ଠାବକରିବା, ସେଗୁଡ଼ିକୁ ବ୍ଲକ କରିବା ଓ ଦୁରୁପଯୋଗକୁ ରୋକିବା ଏହି ଆପ୍‌ର ଉଦ୍ଦେଶ୍ୟ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ତେବେ ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧୀ ଦଳ ଏବଂ ପ୍ରିଭେସି ସପକ୍ଷବାଦୀମାନେ ବିରୋଧ କରିଛନ୍ତି। ସରକାର ଦେଶର ୭୩୦ ନିୟୁତ ସ୍ମାର୍ଟଫୋନ୍‌ର ତଥ୍ୟ ଜାଣିବାକୁ ଏହା ଏକ ମାଧ୍ୟମ ବୋଲି ବିରୋଧୀ କହିଛନ୍ତି।

## ଜେଲରେ ଇମ୍ରାନଙ୍କୁ...

ଦିଆଯାଉ ନାହିଁ। ତାଙ୍କୁ ଜେଲରେ ରଖିବା ଏବଂ ଏଭଳି ସ୍ଥିତି ପାଇଁ ଇମ୍ରାନ୍ ସେନାମୁଖ୍ୟ ଅସିମ୍ ମୁନିରଙ୍କୁ ଦାୟୀ କରିଥିବା ଭଉଣୀ କହିଛନ୍ତି। ସୂଚନାଯୋଗ୍ୟ, ଇମ୍ରାନ୍‌ଙ୍କୁ ଜେଲ ଭିତରେ ହତ୍ୟା କରାଯାଇଥିବା ନେଇ ସପ୍ତାହେ ପୂର୍ବରୁ ସୋସିଆଲ ମିଡିଆରେ ଖବର ପ୍ରକାଶ ପାଇଥିଲା। ତାଙ୍କ ୩ ଭଉଣୀ ଇମ୍ରାନଙ୍କୁ ଭେଟିବା ପାଇଁ ଯାଇଥିବାବେଳେ ସୁରକ୍ଷା କର୍ମୀ ସେମାନଙ୍କୁ ତଡ଼ିଦେଇଥିଲେ। ଏହାକୁ ନେଇ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ଦଳର କର୍ମୀମାନେ ଜେଲ ବାହାରେ ଧାରଣା ଦେଇଥିଲେ। ଇମ୍ରାନ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ସରକାର ସ୍ପଷ୍ଟ କରିବାକୁ ସେମାନେ ଦାବି କରିଥିଲେ। ଭେଟିବାକୁ ଅନୁମତି ନ ମିଳିଲେ ବୁଧବାର ଇସ୍‌ଲାମାବାଦ ହାଇକୋର୍ଟ ଏବଂ ଆଡିଆଲ ଜେଲ ବାହାରେ ପିଟିଆଇ କର୍ମୀ ବିକ୍ଷୋଭ କରିବାକୁ ଯୋଜନା କରିଥିଲେ। ସପ୍ତାହେ ଧରି ଅଚଳାବସ୍ଥା ଲାଗିରହିବା ପରେ ଇମ୍ରାନ୍‌ଙ୍କୁ ଭେଟିବା ଲାଗି ଭଉଣୀ ଉଜ୍‌ମାଙ୍କୁ ମଙ୍ଗଳବାର ଜେଲ କର୍ତ୍ତୃପକ୍ଷ ଅନୁମତି ଦେଇଥିଲେ।

## ଉପାନ୍ତ ଅଞ୍ଚଳରେ ଶାଶୁ...

ଗଢ଼ିତୋଳିବା ପାଇଁ ପ୍ରୟାସ ଆରମ୍ଭ କଲେ। ୩ ବର୍ଷ ତଳେ ଡମ୍ବରୁଝରଣ ଗ୍ରାମରେ ସସ୍ମିତା ଆରମ୍ଭ କରିଥିଲେ ଅଙ୍ଗନୱାଡ଼ି। ଏବେ ସେଠାରେ ୧୭ରୁ ଅଧିକ କୁନି କୁନି ପିଲା ପାଠ ପଢୁଛନ୍ତି। ଅଙ୍ଗନୱାଡ଼ି ରୁଟିନ ଅନୁସାରେ ସସ୍ମିତା ସବୁ ପିଲାଙ୍କୁ ଖାଇବାକୁ ଦିଅନ୍ତି। କେବଳ ପାଠ ପଢ଼ାଇବା ଆଉ ଖାଇବାକୁ ଦେବା ନୁହେଁ ନିଜେ ଜଣେ ମା' ଭଳି ପିଲାଙ୍କ ଯତ୍ନନେଇ ସେମାନଙ୍କୁ ଖୁଆଇ ମଧ୍ୟ ଦିଅନ୍ତି ଓ ସଂସ୍କାର ଶିଖାନ୍ତି। ସେଥିପାଇଁ ପ୍ରତିଦିନ ସସ୍ମିତା ଜଙ୍ଗଲ ରାସ୍ତାରେ ଚାଲି ଚାଲି ଯାଇ ଆଣନ୍ତି ପିଲାଙ୍କ ଖାଦ୍ୟ ସାମଗ୍ରୀ ; ଯାହା ନିଶ୍ଚିତ ଭାବେ କଷ୍ଟଦାୟକ। ହେଲେ ଛୋଟ ପିଲାଙ୍କ ଶିକ୍ଷା ପାଇଁ ସେ କଷ୍ଟକୁ ପାସୋରି ଦେଇଥିବା କହିଛନ୍ତି। ସସ୍ମିତାଙ୍କୁ ଏହି କାମରେ ତାଙ୍କ ଶାଶୁ ବିଜୟା ସାହାଯ୍ୟ କରୁଛନ୍ତି। ସସ୍ମିତା ଗାଁ ପିଲାଙ୍କ ପେଟ ପୂରାଇବା ପାଇଁ ନିଜର ଛୋଟ ଝିଅକୁ ଅଣ୍ଟାରେ ଜାବୁଡ଼ି ଧରି ବିପଦପୂର୍ଣ୍ଣ ଭାବେ ଜଙ୍ଗଲ ପାହାଡ଼ ଡେଇଁଯାଇଥାନ୍ତି।

ଗାଁଠାରୁ ୩ କି.ମି. ଦୂରରେ ରହିଛି ବାରବାଙ୍କ ଅଙ୍ଗନୱାଡ଼ି କେନ୍ଦ୍ର, ଯାହାକି ଜଙ୍ଗଲ ଓ ପାହାଡ଼ ଆର ପାଖରେ। ଡମ୍ବରୁଝରଣ, ବାଘମୁଣ୍ଡା ଗ୍ରାମ ସମେତ ଅନ୍ୟ ଗ୍ରାମର ପିଲାମାନେ ପାହାଡ଼ ଚଢ଼ି ସେହି ଅଙ୍ଗନୱାଡ଼ି କେନ୍ଦ୍ର ଯିବା କଷ୍ଟକର। ସେଥିପାଇଁ ଅଭିଭାବକକମାନେ ପିଲାଙ୍କୁ ସେଠାକୁ ଛାଡ଼ିବାକୁ ନାରାଜ। ଛୋଟ ଛୋଟ ପିଲା ଯେପରି ଶିକ୍ଷାରୁ ବଞ୍ଚିତ ନ ରୁହନ୍ତୁ ସେହି ଉଦ୍ଦେଶ୍ୟରେ ସସ୍ମିତା ନିଜ ଘରେ ୧୭ ଜଣ କୁନି ପିଲାଙ୍କୁ ପଢ଼ାଉଛନ୍ତି। ସସ୍ମିତାଙ୍କ ଏପରି ସେବାମୂଳକ କାର୍ଯ୍ୟ ବାବଦରେ ବାରବାଙ୍କ ଅଙ୍ଗନୱାଡ଼ି କେନ୍ଦ୍ର କର୍ମୀ ଶାନ୍ତିଲତା ଗିଲୁଆଙ୍କୁ ପଚାରିବାରୁ ଶିଶୁମାନଙ୍କ ସେବା ପାଇଁ ସସ୍ମିତା ଏଭଳି ଚେଷ୍ଟା କରୁଛନ୍ତି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ସସ୍ମିତାଙ୍କ ଏଭଳି ପ୍ରଶଂସନୀୟ କାର୍ଯ୍ୟ ଦେଖି ବ୍ଲକ୍ ପ୍ରଶାସନ ପକ୍ଷରୁ ତାଙ୍କୁ ପ୍ରତି ମାସରେ ହଜାରେ ଟଙ୍କା ଲେଖାଏ ପ୍ରଦାନ କରାଯିବା ପାଇଁ ବ୍ୟବସ୍ଥା ହୋଇଥିଲା। ଅଦ୍ୟାବଧି ସେ ମାତ୍ର ୧୦ ହଜାର ଟଙ୍କା ପାଇଛନ୍ତି। ଏବେ ତାଙ୍କୁ ଆଉ ଟଙ୍କା ମିଳୁନାହିଁ। ଟଙ୍କାକୁ ଲୋଭ ନ କରି ନିଜ ପିଲା ଭାବି ସେବାକରି ଚାଲିଛି ବୋଲି ସସ୍ମିତା କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଗସ୍ତି ଦେଲେ ଦାନ,**
**କଞ୍ଚା ଗୁଆ ପୋଚା ପାନ ।**

କୃପଣ ବ୍ୟକ୍ତି କାହାରିକୁ ମୁକ୍ତ ହସ୍ତରେ ଦାନ ଦେଇ ନ ଥାନ୍ତି। ଯେତେ ଥିଲେ ମଧ୍ୟ ସେ ସବୁ ସରିଯିବା ଭୟରେ ଦେବା ଲାଗି କୁଣ୍ଠା ପ୍ରକାଶ କରିଥାନ୍ତି। ଯଦି ବି ପରିସ୍ଥିତିରେ ପଡ଼ି ବା ବାଧ୍ୟବାଧକତାରେ କିଛି ଦେବାକୁ ପଡେ ତେବେ ବାଛି ବାଛି ସବୁଠାରୁ ଖରାପ କିମ୍ବା ଅଦରକାରୀ ଜିନିଷକୁ ଦେଇ ନିଜର ଦାତାପଣିଆ ଦେଖେଇ ହୋଇଥାନ୍ତି। କୃପଣ ବ୍ୟକ୍ତିର ହୀନ ସ୍ୱଭାବ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଅଜାଗା ଘା' ଦେଖି ହୁଏନାହିଁ**
**କି ଦେଖାଇ ହୁଏନାହିଁ ।**

ଲଜ୍ଜାଜନକ କଥାକୁ ସହଜରେ ଅନ୍ୟ ଆଗରେ କହି ହୋଇ ନ ଥାଏ। କୌଣସି ଅପ୍ରକାଶ୍ୟ ଘଟଣା ଅନ୍ୟ ଆଗରେ କହିବା ନେଇ ମନରେ ଲଜ୍ଜା ବା ସଙ୍କୋଚ ଭାବ ସୃଷ୍ଟି ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର କର୍ମକ୍ଷେତ୍ରରେ ଆଶା ପୂରଣ ହୋଇପାରିବ ଏବଂ ଆର୍ଥିକ ଅଭିବୃଦ୍ଧି ସହ ସମ୍ମାନିତ ହେବେ। ଆତ୍ମୀୟଙ୍କ ଉପରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ଆନୁଷ୍ଠାନିକ କାମ, ସଭାସମିତି, ବାଣିଜ୍ୟ ଓ ପରିବହନ ଯଥାରୀତି ଚାଲୁ ରହିବ। ସମ୍ପର୍କୀୟଙ୍କ ସାହାଯ୍ୟ, ଆର୍ଥିକ ଉନ୍ନତି, ବନ୍ଧୁମିଳନ ପାଇଁ ସୁଯୋଗର ସମ୍ଭାବନା ରହିଛି।

**ବୃଷ** କର୍ମଜଞ୍ଜାଳ ବୃଦ୍ଧି କାରଣରୁ ଅନିଦ୍ରାଜନିତ ପୀଡ଼ା ଅନୁଭବ କରିପାରନ୍ତି। ବ୍ୟସ୍ତତାର ସହ କରିଥିବା ଯାତ୍ରାରେ କୌଣସି ଜିନିଷ ସାଙ୍ଗରେ ନେବାକୁ ଭୁଲି ମନସ୍ତାପ କରିବେ। ଇଚ୍ଛା ନ ଥାଇ ମଧ୍ୟ ଖର୍ଚ୍ଚାନ୍ତ ସାଙ୍ଗକୁ ମନାନ୍ତର ଦୁଶ୍ଚିନ୍ତାର କାରଣ ହେବ । ସଭାସମିତି କିମ୍ବା ଆନୁଷ୍ଠାନିକ କାମରେ ଯୋଗଦେବା ସକାଶେ ଆହୂତ ହୋଇପାରନ୍ତି।

**ମିଥୁନ** ସ୍ଥଗିତ କାମକୁ ପଡ଼ୋଶୀଙ୍କ ସହାୟତାରେ ସମ୍ପନ୍ନ କରିବାର ମଉକା ଜୁଟିବ। ପାରିବାରିକ କ୍ଷେତ୍ରରେ ବୁଝାମଣା ଭିତ୍ତିରେ କିମ୍ବା ସହମତିରେ କାମ କଲେ ଉପକୃତ ହେବେ। ଶିଳ୍ପ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସୁବିଧାରେ କାମ ହାସଲ କରିବା କଷ୍ଟକର ହେବ। ପୁରାଣ ପଠନ ସାଙ୍ଗକୁ ଧର୍ମକାର୍ଯ୍ୟ ପ୍ରତି ରୁଚି ବଳିପାରେ।

**କର୍କଟ** ଆଜିର ଅନୁକୂଳ ଗ୍ରହସ୍ଥିତି ପ୍ରଭାବରୁ ଦିନଟି ଭଲରେ ଅତିବାହିତ ହେବ। ବନ୍ଧୁମିଳନ, ନୂତନ ସମ୍ପର୍କ, ଉଚ୍ଚ ସମ୍ମାନ ପ୍ରାପ୍ତି ମାଧ୍ୟମରେ ଦିନଟି ସ୍ମରଣୀୟ ରହିବ। ଅତୀତର ସମସ୍ୟା ସମୀକ୍ଷା କରି କାର୍ଯ୍ୟପନ୍ଥା ସ୍ଥିର କରିବାକୁ ମନସ୍ଥ କରିପାରନ୍ତି। ନିର୍ମାଣାଧୀନ ଗୃହ କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହେବାର ଆଶଙ୍କା ରହିଛି।

**ସିଂହ** ମାନସିକ ଅସ୍ଥିରତା କାରଣରୁ ସବୁ ଥାଇ କିଛି ନ ଥିବା ପରି ନୈରାଶ୍ୟତା ମଧ୍ୟରେ ସମୟ କଟାଇବେ। ଆଜି ଯେମିତି ଚାହୁଁଛନ୍ତି ଠିକ୍ ସେହିଭଳି କାମ ସମ୍ପନ୍ନ ହେବାରେ ସୁବିଧା ଜୁଟି ନ ପାରେ। ସାମାନ୍ୟ ବଚସାରୁ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହେବ। ପଦସ୍ଥବ୍ୟକ୍ତିଙ୍କ ଅନୁକମ୍ପାରୁ ସମସ୍ୟା ସମାଧାନର ମାର୍ଗ ଉନ୍ମୁକ୍ତ ହୋଇପାରିବ।

**କନ୍ୟା** ପରିବାରରେ ଲାଗି ରହିଥିବା ସମସ୍ୟା ମାନସିକ ଅଶାନ୍ତିର କାରଣ ହେବ। ଚେଷ୍ଟା କରୁଥିବା କାମ ସକାଶେ ଆନୁଷଙ୍ଗିକ ସୁବିଧା ସୁଯୋଗ ସହକର୍ମୀଙ୍କଠାରୁ ପାଇପାରିବେ। ସାହିତ୍ୟ ଓ ରଚନାତ୍ମକ କାମରେ ସମସ୍ୟା ସମାଧାନ ସଙ୍ଗକୁ ପ୍ରଶଂସା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦ୍ୱିଗୁଣିତ ହେବା କ୍ଷେତ୍ରରେ ଅବହେଳାହିଁ ମୁଖ୍ୟ କାରଣ ହେବ।

**ତୁଳା** ଦୈହିକ ସୁସ୍ଥତା, ଆର୍ଥିକ ଉନ୍ନତିଜନିତ ପାରିବାରିକ ଜୀବନ ଉପଭୋଗ୍ୟ ରହିବ। ଆତ୍ମୀୟଙ୍କ ସ୍ୱାସ୍ଥ୍ୟ ସମସ୍ୟା ନେଇ ବିଚଳିତ ହେବେ। ସଭାସମିତି କିମ୍ବା ଆଲୋଚନା କ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେଇପାରନ୍ତି। ବ୍ୟବସାୟରେ ମନାନ୍ତର ଦେଖାଦେଇପାରେ କିନ୍ତୁ ବିଶେଷ କ୍ଷତି ହେବ ନାହିଁ।

**ବିଛା** ପ୍ରତ୍ୟେକ କାମ ନିର୍ବିଘ୍ନରେ ସମାପନ ହେବା ସହ ଅଭିଳାଷ ପୂରଣ ହୋଇଯିବ। ପୂର୍ବ ସ୍ଥିରୀକୃତ ନୂଆ ଯୋଜନାକୁ ବାସ୍ତବ ରୂପ ଦେବାର ଯୋଜନା କଲେ ସଫଳତା ପାଇବେ। ଆନୁଷ୍ଠାନିକ କ୍ଷେତରେ ସମସ୍ୟା ସମାଧାନ କରି ପ୍ରଶଂସିତ ହେବେ। ହଠାତ୍ କୌଣସି ତରବରିଆ ନିଷ୍ପତ୍ତି ନେଇ ପରକ୍ଷଣରେ ଅନୁତାପ କରିବାକୁ ପଡ଼ିପାରେ।

**ଧନୁ** ଭୁଲ୍ ବୁଝାମଣାରୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ସାଂସ୍କୃତିକ ଉତ୍ସବ ନିମନ୍ତେ ଅନୁରୋଧପତ୍ର ପାଇ ଆନନ୍ଦ ହେବେ। ବ୍ୟବସାୟ ବହୁମୁଖୀ ଆକାର ଧାରଣ କରିବା ସହ ଲାଭବାନ ହେବାର ସୂଚନା ରହିଛି। ଆଜି ଆପଣ ଆରୋଗ୍ୟଲାଭ, ଅର୍ଥ ସଙ୍କଟର ସମାଧାନ, ଶୁଭଖବର ପ୍ରାପ୍ତି ପ୍ରଭୃତି କେତେକ ଶୁଭଫଳ ମଧ୍ୟ ପାଇବେ।

**ମକର** ପରିସ୍ଥିତିର ବିଷମତା କାରଣରୁ ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିପାରେ। ଯାତ୍ରା ସମୟରେ ସତର୍କତା ଅଭାବରୁ ଆଘାତ ଲାଗିବାର ସୂଚନା ରହିଛି। କର୍ମକ୍ଷେତ୍ର କିମ୍ବା ବନ୍ଧୁମିଳନ ପରିସରରେ ଅଜଣା ଲୋକଟି ଦ୍ୱାରା ହଇରାଣ ହେବାକୁ ପଡ଼ିପାରେ। ବ୍ୟବସାୟିକ ଦୃଷ୍ଟିକୋଣରୁ କିମ୍ବା କର୍ମାରମ୍ଭ ସକାଶେ ଦିନଟି ବହୁତ ଭଲ।

**କୁମ୍ଭ** ସାହାଯ୍ୟ ସହଯୋଗ ଲାଭକରି ଦୀର୍ଘଦିନରୁ ଅଟକି ରହିଥିବା କାମ ଆରମ୍ଭକରିବାକୁ ମନ ବଳାଇବେ। ନୀଚ ମନୋଭାବାପନ୍ନ ବ୍ୟକ୍ତିବିଶେଷଙ୍କ ସହ ଯୁକ୍ତିତର୍କ କରି ଅସମ୍ମାନିତ ହୋଇପାରନ୍ତି। ସ୍ତ୍ରୀଙ୍କ ସାହାଯ୍ୟ ଓ ଦୂରଦର୍ଶିତାରୁ ମନୋବଳ ବୃଦ୍ଧି ପାଇବ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବା ସହ ଅଭିଳାଷ ଅପୂରଣ ରହିଯାଇପାରେ।

**ମୀନ** ଜଣେ ହିତୈଷୀ ବନ୍ଧୁଙ୍କ ପରାମର୍ଶରେ ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ ନେଇ ପ୍ରଶଂସିତ ହେବେ। ବିବାଦୀୟ ଘଟଣାରେ ଟେନ୍ସନ ଲାଗି ରହିଥିଲେ ମଧ୍ୟ ପାରିବାରିକ ଜୀବନ ପ୍ରଭାବିତ ହେବନାହିଁ। ଛୋଟ କଥାକୁ ମୋଟ କରି କଳହକୁ ଆମନ୍ତ୍ରଣ କରିପାରନ୍ତି ।

ଆଜି ଡିସେମ୍ବର ୩ ତାରିଖ, ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ, ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କ ଜୟନ୍ତୀ, ମାର୍ଗଶିର ଶୁକ୍ଳପକ୍ଷର ପାଷାଣ ଚତୁର୍ଦ୍ଦଶୀ ବୁଧବାର। ଗୀତା ଜୟନ୍ତୀ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା। ରାଶିନକ୍ଷତ୍ର-ଦ୍ୱିଜା/ମେଷ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୧୦ମି. ଗତେ ଘ.୦୮.୨୦ମି. ମଧ୍ୟେ, ଘ.୧୦.୩୧ମି. ଗତେ ଘ.୧୧.୩୬ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଦିବା ଘ.୧୧.୩୬ମି. ଗତେ ଘ.୧୨.୫୮ମି. ମଧ୍ୟେ ରାହୁ କାଳ।

# ୬୦ ହଜାର ଟଙ୍କା ଫେରାଇଲେ ଅଟୋ ଚାଳକ


ଅଟୋ ଚାଳକ ଟୁକୁନା ଥାନାରେ ଟଙ୍କା ଫେରାଉଛନ୍ତି।

**ଦିଗପହଣ୍ଡି, ୨।୧୨ (ଅଶେଷ ନାଥ ମିଶ୍ର)**

ଜଣେ ଯାତ୍ରୀଙ୍କ ଟଙ୍କା ଭର୍ତ୍ତି ବ୍ୟାଗ ଫେରାଇ ଅଟୋଚାଳକ ମହାନତାର ପରିଚୟ ଦେଇଛନ୍ତି। ସେ ହେଲେ ସାନଖେମୁଣ୍ଡି ବ୍ଲକ୍ ପାଟପୁର ଥାନା ଅନ୍ତର୍ଗତ ପଳାସପୁର ଇନ୍ଦିରା ଆବାସ ଗ୍ରାମରେ ରହୁଥିବା ଟୁକୁନା ସେଠୀ। ପାଟପୁର ଥାନା ଚିନ୍ତାଖାଳି ଗ୍ରାମର ଏମ୍.ସୂର୍ଯ୍ୟ ନାରାୟଣ ଦୋରା ସୋମବାର ସନ୍ଧ୍ୟାରେ ବ୍ରହ୍ମପୁରରୁ ଦିଗପହଣ୍ଡି ଫେରିବା ପରେ ଚିନ୍ତାଖାଳି ଗ୍ରାମକୁ ଏକ ଯାତ୍ରୀବାହୀ ଅଟୋ ଯୋଗେ ଯାଇ ଚୁଡୁଙ୍ଗପୁରରେ ଓହ୍ଲାଇଥିଲେ। ସେ ସାଙ୍ଗରେ ଆଣିଥିବା ବ୍ୟାଗକୁ ଅଟୋରେ ଛାଡ଼ି ଚାଲିଯାଇଥିଲେ। ବ୍ୟାଗରେ ସୂର୍ଯ୍ୟ ନାରାୟଣ ୬୦ ହଜାର ଟଙ୍କା ରଖିଥିଲେ। ଘରେ ପହଞ୍ଚି ଟଙ୍କା ବ୍ୟାଗ ଆଣି ନ ଥିବା ଜାଣି ସେ ବ୍ୟସ୍ତ ହୋଇ ପଡ଼ିଥିଲେ। ଅଟୋ ଚାଳକଙ୍କ ଠିକଣା କିମ୍ବା ଅଟୋ ନମ୍ବର ଜାଣି ନ ଥିବାରୁ ଟଙ୍କା ଫେରିପାଇବା ଆଶା ଛାଡି ଦେଇଥିଲେ। ତଥାପି ସୂର୍ଯ୍ୟ ନାରାୟଣ ଅଟୋର ସନ୍ଧାନ ପାଇବା ପାଇଁ ଦିଗପହଣ୍ଡି ଥାନାରେ ପହଞ୍ଚିଥିଲେ। ଅଟୋ ଚାଳକ ଟୁକୁନା ଘରେ ପହଞ୍ଚି ଅଟୋ ରଖିବା ବେଳେ କେହି ଯାତ୍ରୀ ତାଙ୍କ ଅଟୋରେ ଟଙ୍କା ଭର୍ତ୍ତି ବ୍ୟାଗଟି ଛାଡି ଯାଇଥିବା ଦେଖିଥିଲେ। ସଙ୍ଗେସଙ୍ଗେ ସେ ଟଙ୍କା ଫେରାଇବାକୁ ଥାନାରେ ପହଞ୍ଚିଥିଲେ। ସେତେବେଳେ ସୂର୍ଯ୍ୟ ନାରାୟଣ ଥାନାକୁ ଜଣାଇବାକୁ ଯାଇ ସେଠାରେ ଉପସ୍ଥିତ ଥିଲେ। ଏସ୍‌ଆଇ ସୋଫିଆ ମିଶ୍ରଙ୍କ ଉପସ୍ଥିତିରେ ଟୁକୁନା ଟଙ୍କା ଭର୍ତ୍ତି ବ୍ୟାଗକୁ ଯାତ୍ରୀ ସୂର୍ଯ୍ୟ ନାରାୟଣଙ୍କୁ ହସ୍ତାନ୍ତର କରିଥିଲେ।

# ହାତୀ ଆକ୍ରମଣରେ ଯୁବକ ମୃତ


ଉପଦ୍ରବ କରୁଥିବା ହାତୀପଲ

**କେନ୍ଦୁଝର, ୨।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ)**

**ଅନ୍ୟ ଜଣେ ଗୁରୁତର**

କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍ ଅଞ୍ଚଳରେ ହାତୀ ଉପଦ୍ରବ ଥମିବାର ନାଁ ଧରୁନାହିଁ। ହାତୀ ଭୟରେ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ସୋମବାର ରାତିରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି।

ମୃତ ଯୁବକ ଜଣଙ୍କ ହେଲେ ତେଲକୋଇ ଥାନା ସଲେଇକେନା ପଞ୍ଚାୟତ ଅନ୍ତର୍ଗତ ରୁଗୁଡିହି ଗ୍ରାମର ଚକ୍ରଧର ମହାରଣା(୨୧)। ସେହି ଗ୍ରାମର ବିଜୁ ମୁଣ୍ଡା (୨୧) ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ରାତିରେ ଚକ୍ରଧର ଧାନ ଫସଲର ସୁରକ୍ଷା ପାଇଁ ନିଜ ବିଲକୁ ଯାଇଥିଲାବେଳେ ହାତୀ ହାବୁଡ଼ରେ ପଡ଼ିଥିଲେ। ସେହିପରି ମଙ୍ଗଳବାର ସକାଳେ ଦନ୍ତା ହାତୀଟି ଗ୍ରାମରେ ପଶି ଘର ଅଗଣାରେ ଥିବା ବିଜୁ ମୁଣ୍ଡାଙ୍କୁ ଶୁଣ୍ଢରେ ଧରି କଚାଡ଼ି ଦେଇଥିଲା। ଏବେ ସ୍ଥାନୀୟ ଅଞ୍ଚଳରେ ୩୯ରୁ ଊର୍ଦ୍ଧ୍ୱ ହାତୀ ରହିଥିବା ବେଳେ ତେଲକୋଇ ରେଞ୍ଜରେ ୫୦ରୁ ଊର୍ଦ୍ଧ୍ୱ ହାତୀ ରହିଛନ୍ତି। ବନ ବିଭାଗ କର୍ମଚାରୀ ହାତୀପଲ ଗତିବିଧି ଉପରେ ନଜର ରଖିଛନ୍ତି। ହାତୀ ଧାନ ଫସଲ ନଷ୍ଟକରିବା ସହିତ ଘର ଭାଙ୍ଗି ଧନଜୀବନ ହାନି ଘଟାଉଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ବନ ବିଭାଗ ପକ୍ଷରୁ ହାତୀ ଗତିବିଧି ସମ୍ପର୍କରେ ଲୋକଙ୍କୁ ସୂଚନା ଦେବାକୁ ସଲେଇକେନା ସରପଞ୍ଚ ପାଙ୍ଗେଲା ମୁଣ୍ଡା ଦାବି କରିଛନ୍ତି। ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବ ବୋଲି ତେଲକୋଇ ରେଞ୍ଜ ଅଧିକାରୀ ଅଶୋକ କୁମାର ମାଝୀ କହିଛନ୍ତି।

# ପକ୍ଷଭୁକ୍ତ ହେଲା କିଟ୍ ବିଶ୍ୱବିଦ୍ୟାଳୟ

**କଟକ, ୨।୧୨ (କାର୍ତ୍ତିକ ସାହୁ)**

**ହାଇକୋର୍ଟରେ ନେପାଳୀ ଛାତ୍ରୀ ମୃତ୍ୟୁ ମାମଲା**

ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀ ଆତ୍ମହତ୍ୟା ମାମଲାକୁ ନେଇ ହାଇକୋର୍ଟରେ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି ମଙ୍ଗଳବାର ହୋଇଛି। ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଏବଂ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି କିଟ୍ ବିଶ୍ୱବିଦ୍ୟାଳୟକୁ ମାମଲାରେ ୯ମ ପ୍ରତିପକ୍ଷ ଭାବେ ପକ୍ଷଭୁକ୍ତ କରିବା ପାଇଁ ରୁଜୁ ଆବେଦନକୁ ଗ୍ରହଣ କରିଛନ୍ତି। ଖଣ୍ଡପୀଠ କିଟ୍‌କୁ ପକ୍ଷଭୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦେବା ସହ ଏ ସଂକ୍ରାନ୍ତରେ କିଟ୍‌କୁ ନୋଟିସ ଜାରି କରାଯାଇଛି। ଅପରପକ୍ଷରେ ପୂର୍ବ ଶୁଣାଣି ସେପ୍ଟେମ୍ବର ୨୫ରେ ସମ୍ପୃକ୍ତ ଘଟଣାର ଅଭିଯୁକ୍ତ ଗିରଫ ହେବା ପରେ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଛି ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୨୩ ତାରିଖକୁ ଧାର୍ଯ୍ୟ କରାଯାଇଛି। ମାମଲାର ବିବରଣୀ ଅନୁଯାୟୀ, ଆବେଦନକାରୀ ପ୍ରତାପ ଚନ୍ଦ୍ର ମହାନ୍ତି ଦର୍ଶାଇଛନ୍ତି ଯେ, କିଟ୍ ଛାତ୍ରୀ ମୃତ୍ୟୁ ଘଟଣାକୁ ବହୁଦିନ ବିତିଯାଇଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏହି ଘଟଣାର ନିରପେକ୍ଷ ଓ ନ୍ୟାୟିକ ତଦନ୍ତ କରିବା ନିମନ୍ତେ ସେ ହାଇକୋର୍ଟଙ୍କ ନିକଟରେ ଆବେଦନ କରିଛନ୍ତି। ଏଥିସହ ହାଇକୋର୍ଟର ଜଣେ ସିଟିଂ ଜଜ୍‌ଙ୍କ ଅଧ୍ୟକ୍ଷତାରେ ନ୍ୟାୟିକ ଯାଞ୍ଚ ପାଇଁ କମିଟି ଗଠନ କରାଯିବା ଓ ଏହି କମିଟି ଘଟଣାର ବିସ୍ତୃତ ଓ ନିରପେକ୍ଷ ତଦନ୍ତ କରିବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅନୁପ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

# ପୋଷ୍ୟ ସନ୍ତାନ ଗ୍ରହଣକଲେ ୨ ଦମ୍ପତି


ଶିଶୁପୁତ୍ରକୁ ଜିଲାପାଳ ଚକୋଲେଟ୍ ଦେଉଛନ୍ତି।

**ଝାରସୁଗୁଡ଼ା, ୨।୧୨ (ଆଶିଷ ରଞ୍ଜନ ଦାଶ)**

ପୋଷ୍ୟ ସନ୍ତାନ ଗ୍ରହଣ ପ୍ରକ୍ରିୟାରେ ଭୁବନେଶ୍ୱର ଓ ପଶ୍ଚିମବଙ୍ଗର ୨ ଦମ୍ପତି ପୋଷ୍ୟସନ୍ତାନ ଗ୍ରହଣ କରିଛନ୍ତି। ମଙ୍ଗଳବାର ଅପରାହ୍ନରେ ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଉପସ୍ଥିତିରେ ଦୁଇ ଶିଶୁପୁତ୍ରଙ୍କୁ ପୃଥକ୍ ଦମ୍ପତି ଗ୍ରହଣ କରିଛନ୍ତି। ଏଥିସହ ସେମାନେ ଖୁସିବ୍ୟକ୍ତ କରି ଜିଲାପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ଆଶିଷ କୁମାର ପଣ୍ଡା, ସୁରକ୍ଷା ଅଧିକାରୀ ଶିଲ୍ପାଞ୍ଜଳି ତିର୍କୀ, ପରାମର୍ଶଦାତା ସମୀର କୁମାର ମିଶ୍ର, ମୋନାଲିସା ପଟ୍ଟନାୟକ, ପୋଷ୍ୟ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା ପ୍ରବୀଣ ବାଗ୍, ଡ. ଅଙ୍କିତ ପଟ୍ଟନାୟକ ଉପସ୍ଥିତ ଥିଲେ।

# ଆଜିଠୁ ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପଞ୍ଜୀକରଣ

**କଟକ, ୨।୧୨ (କାର୍ତ୍ତିକ ସାହୁ)**

**୨୦୨୬-୨୭ ଶିକ୍ଷାବର୍ଷ ମାଟ୍ରିକ୍ ପରୀକ୍ଷା**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ୨୦୨୬-୨୭ ଶିକ୍ଷାବର୍ଷରେ ହାଇସ୍କୁଲ ସାର୍ଟିଫିକେଟ (ମାଟ୍ରିକ୍) ପରୀକ୍ଷା ଦେବା ପାଇଁ ଚଳିତବର୍ଷ ନବମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ପଞ୍ଜୀକରଣ ଡିସେମ୍ବର ୩ରୁ ଆରମ୍ଭ ହେବ। ରାଜ୍ୟର ସମସ୍ତ ହାଇସ୍କୁଲର ମୁଖ୍ୟମାନେ ସମ୍ପୃକ୍ତ ଜିଲା ଶିକ୍ଷା ଅଧିକାରୀଙ୍କ ସହାୟତାରେ ଅନ୍‌ଲାଇନ ଜରିଆରେ ଏହି କାର୍ଯ୍ୟ ସମାପନ କରିବେ। ଦେୟ ଓ ବୃତ୍ତାନ୍ତ ଫର୍ମ ଦାଖଲ ପ୍ରକ୍ରିୟା ଡିସେମ୍ବର ୩ରୁ ଆରମ୍ଭ ହୋଇ ୧୭ ତାରିଖ ରାତ୍ର ୧୧.୪୫ ମିନିଟ ପର୍ଯ୍ୟନ୍ତ ଚାଲିବ। ଏହି ଅବଧି ମଧ୍ୟରେ ଦିବାରାତ୍ର ୨୪ ଘଣ୍ଟିଆ ଅନ୍‌ଲାଇନରେ ପଞ୍ଜୀକରଣ କାର୍ଯ୍ୟ ଚାଲୁରହିବ। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ପାଇଁ ୬୦ ଟଙ୍କା ହିସାବରେ ପଞ୍ଜୀକରଣ ଦେୟ ଅନ୍‌ଲାଇନ୍‌ରେ ଦାଖଲ କରାଯିବ। ରେଗୁଲାର ଓ କ୍ୱାସି ରେଗୁଲାର ଛାତ୍ରୀଛାତ୍ରଙ୍କ ପଞ୍ଜୀକରଣ ମଧ୍ୟ ଏହି ସମୟ ମଧ୍ୟରେ ଅନୁଷ୍ଠିତ ହେବ। ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ହାଇସ୍କୁଲରେ ପଢୁଥିବା ଏସ୍‌ସି ଓ ଏସ୍‌ଟି ବର୍ଗର ରେଗୁଲାର ଛାତ୍ରୀଛାତ୍ରଙ୍କ ପଞ୍ଜୀକରଣ ନିମନ୍ତେ କୌଣସି ଦେୟ ଲାଗିବ ନାହିଁ। ପଞ୍ଜୀକରଣ ନିମନ୍ତେ ଆବେଦନ ପତ୍ରର ଫର୍ମାଟ, ନିର୍ଦ୍ଦେଶାବଳୀ ଓ ଲିଙ୍କ୍ ଆଦି ବୋର୍ଡ ୱେବ୍‌ସାଇଟ୍ www.bseodisha.ac.inରେ ଉପଲବ୍ଧ ହେବ। ନିର୍ଦ୍ଦେଶାବଳୀ ଭଲ ଭାବେ ପଢ଼ି ସାରିବା ପରେ ପଞ୍ଜୀକରଣ କାର୍ଯ୍ୟ ଆରମ୍ଭ କରିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ପଞ୍ଜୀକରଣ କାର୍ଯ୍ୟ ଶେଷ ପରେ ଡେସ୍କ୍ରିପଟିଭ ରୋଲ ସିଟ୍‌କୁ ଡାଉନ୍‌ଲୋଡ୍ କରି ବୋର୍ଡର ଶାଖା କାର୍ଯ୍ୟାଳୟରେ ଦାଖଲ କରାଯିବ। ଏହି ସମୟ ମଧ୍ୟରେ ନାମ ପଞ୍ଜୀକରଣ କରିପାରି ନ ଥିବା ଛାତ୍ରୀଛାତ୍ରମାନେ ୨୦୨୭ ମାଟ୍ରିକ ପରୀକ୍ଷା ଦେଇପାରିବେ ନାହିଁ। ଏଭଳି କ୍ଷେତ୍ରରେ ସେମାନେ ବୋର୍ଡ ଦ୍ୱାରା ପରିଚାଳିତ ପତ୍ରମାଧ୍ୟମ ପାଠ୍ୟକ୍ରମରେ ନାମ ପଞ୍ଜୀକରଣ କରି ପରୀକ୍ଷା ଦେବା ପାଇଁ ଯୋଗ୍ୟ ବିବେଚିତ ହେବେ। କ୍ୱାସି ରେଗୁଲାର ହିସାବରେ ପରୀକ୍ଷା ଦେବା ପାଇଁ ଯୋଗ୍ୟ ବିଦ୍ୟାଳୟଗୁଡ଼ିକୁ ନିକଟବର୍ତ୍ତୀ ରେକଗ୍‌ନାଇଜ୍‌ଡ ସ୍କୁଲ ଦ୍ୱାରା ପଞ୍ଜୀକୃତ ହେବା ପାଇଁ ବୋର୍ଡ ଶାଖା କାର୍ଯ୍ୟାଳୟ ଉପସମ୍ପାଦକ ଲିଖିତ ନିର୍ଦ୍ଦେଶ ଦେବେ ବୋଲି ବୋର୍ଡ ପକ୍ଷରୁ ମଙ୍ଗଳବାର ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି।

## ୨ମୃତ ବିଦେଶୀ ପକ୍ଷୀ ସହ ବନ୍ଧୁକ ଜବତ, ଶିକାରୀ ଗିରଫ

**ବାଲୁଗାଁ, ୨।୧୨ (ସଂଗ୍ରାମ ପାଇକରାୟ)**

ଶୀତର ପ୍ରକୋପ ବଢ଼ିବା ସହିତ ଚିଲିକାରେ ବିଦେଶାଗତ ପକ୍ଷୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ପକ୍ଷୀଙ୍କ କଳରବରେ ଚିଲିକା ମୁଖରିତ ହୋଇଉଠିଛି। ପକ୍ଷୀଙ୍କ ସୁରକ୍ଷା ପାଇଁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ ପକ୍ଷୀଙ୍କ ଉପରେ ଶିକାରୀଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ସୋମବାର ବନ୍ୟପ୍ରାଣୀ ବିଭାଗ କର୍ମଚାରୀ କୃଷ୍ଣପ୍ରସାଦ ଥାନା ଅଞ୍ଚଳରୁ ଜଣେ ପକ୍ଷୀ ଶିକାରୀଙ୍କୁ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ଅଧୀନ ମାଲୁଦ ଗ୍ରାମର ସେକ୍ ମୁସ୍ତାକ (୨୭)। ତାଙ୍କ ନିକଟରୁ ୨ ମୃତ ବିଦେଶୀ ପକ୍ଷୀ, ବନ୍ଧୁକ, ବାଇକ୍ ସହିତ ୩ଟି ଛେରା ଗୁଳି ଜବତ ହୋଇଛି।

# ଭିନ୍ନକ୍ଷମଙ୍କ ଅଧିକାର, କଲ୍ୟାଣକୁ ଗୁରୁତ୍ୱ

**ଆଜି ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ**



ଭିନ୍ନକ୍ଷମଙ୍କ ଅଧିକାର, କଲ୍ୟାଣକୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କ ଅବଦାନ ପ୍ରତି ସଚେତନତା ବୃଦ୍ଧି ଲକ୍ଷ୍ୟରେ ପ୍ରତିବର୍ଷ ଡିସେମ୍ବର ୩ରେ ପାଳିତ ହେଉଛି ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ। ଏହି ଦିବସ ପାଳନ ଲାଗି ୧୯୯୨ ମସିହାରେ ଜାତିସଂଘ ସାଧାରଣ ପରିଷଦ ପକ୍ଷରୁ ଘୋଷଣା କରାଯାଇଥିଲା। ଏହାର ଉଦ୍ଦେଶ୍ୟ ମଧ୍ୟରେ ଭିନ୍ନକ୍ଷମତା ଅନ୍ତର୍ଭୁକ୍ତି ସହ ଜଡ଼ିତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ପାଇଁ ସମର୍ଥନ ସଂଗ୍ରହ କରିବା ଏବଂ ଜୀବନର ସମସ୍ତ ଦିଗରେ ଭିନ୍ନକ୍ଷମତା ସମସ୍ୟା ବିଷୟରେ ବୁଝାମଣାକୁ ପ୍ରୋତ୍ସାହିତ କରିବା ଅନ୍ତର୍ଭୁକ୍ତ। ଚଳିତବର୍ଷ ଏହି ଦିବସ ଲାଗି ବିଷୟବସ୍ତୁ ରହିଛି 'ସାମାଜିକ ପ୍ରଗତିକୁ ଆଗକୁ ବଢ଼ାଇବା ପାଇଁ ଭିନ୍ନକ୍ଷମ-ସମାବେଶୀ ସମାଜକୁ ପ୍ରୋତ୍ସାହିତ କରିବା।' ଏହି ବିଷୟବସ୍ତୁକୁ ନେଇ ଜାତିସଂଘ ଏବର୍ଷ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ କରିବ।


CAREER APPOINTMENT
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com
ON EVERY WEDNESDAY & SATURDAY

★ ନିଯୁକ୍ତି ★
Food Packaging କାମ ପାଇଁ ଯୁବକ ଆବଶ୍ୟକ। ଦରମା ଟ.୬,୦୦୦+ ମାଗଣା ରହଣି/ଖାଇବା +୨ ପାସ୍। ବୟସ ୨୨ ବର୍ଷ।
ସ୍ଥାନ:ଭୁବନେଶ୍ୱର,
ଫୋନ: 9886365677

SB SAHOO & CO PVT LTD
BHUBANESWAR
We are hiring **Accounting Professional**.
Qualification : Inter CA/Inter CMA
Salary is not a barrier for the right talent
Email : sbsahoo2005@yahoo.co.in
Mobile : 9124560515

REQUIRED
**Bodyshop Advisor** Needed for 4 wheeler Dealership with Diploma Automobile / Mechanical having 0-2 years experience. Send cv to:
servicemanager@capitaltoyota.in
Cc to:
siddharth9909@gmail.com
Call - +917978558195

WALK IN INTERVIEW FOR
1) Manager - M/F
2) Supervisor - Male
3) Front Office Executive - Female
should be Exp. in Hotel industry.
- Address -
HOTEL CHANCELLOR GRAND
Cuttack-Puri by pass, BBSR
Ph. : 9861072001

PARADIP PORT AUTHORITY
PARADIP - 754142, ODISHA (INDIA)
(An autonomous body under Ministry of Ports, Shipping & Waterways, Govt. of India)
No. AD/RSC-I-21/2016(Pt.-II) / 2766 Dated, the 01st Dec., 2025
Advertisement
Applications are invited from Indian Nationals for engagement of **04 (Four)** Nos. of **Trainee Pilot** on contractual basis in **Paradip Port Authority**.
**For further details**, visit our website : **https://paradipport.gov.in/Career.aspx**.
Sr. Asst. Secretary,
Paradip Port Authority
PPA/PR/54/2025-2026, Dt.02/12/2025

REQUIRED
4 wheeler Dealership requires **Sales Consultant, Sweeper, Driver** for **Bhawanipatna** Location only.
Call :
+91 9438395880 / 93489 40535

REQUIRED
**Admin Manager** Needed for 4 wheeler Dealership in Bhubaneswar with 2-5 years experience in administration.
Send resume to :
csgargsongroup@gmail.com
Cc to:
siddharth9909@gmail.com
Call - +91 7855040457

WALK-IN-INTERVIEW
MOTORCYCLE DEALERSHIP
BONTH CHHAK, BHADRAK

| DESIGNATION | SALARY | EXPERIENCE |
|---|---|---|
| General Manager | 30,000 | Minimum 5 Years |
| Accountant | 25,000 | Minimum 5 Years |
| Spare Incharge | 12,000 | Experience preferred |
| CRE (Female only) | 10,000 | Experience preferred |
| Sales Executive | 10,000 | Experience preferred |

Call- 7008217628
Mail - abhibdk@gmail.com

SWETA AGENCIES
**We are hiring**: Sales & Marketing Executive
**Qualification**: Graduate from any background
**Skills** : Fluent in English Speaking
Location : Mancheswar I.E.S., Bhuabneswar
Contact for more details :
Mail : agenciessweta2005@gmail.com
Mob No. : 7008576691

We are Hiring
Apply Now
TSG Gurukul School Since 2005
(Pre-Nursery to Std. XII)
(A Premier Residential, CBSE Affiliated School)
Requirements
**TSG Gurukul School-The Ultimate Home for Your Child**-invites qualified and experienced candidates with good communication Abilities. Vacancies include:-
- *Academic Positions*
NTT (Non-Odia Preferred) [TSG-MS-101]
PRT [TSG-PR-001] / TGT [TSG-HS-201] / PGT [TSG-PGT-301] – All Subjects (Science, Commerce & Humanities)
AI & Robotics Trainer [TSG-AIR-022]
- *Physical Education & Sports*
Physical Educators [TSG-PE-EDU-012]
Part-time Coaches for: [TSG-COA-014]
Cricket, Kabaddi, Volleyball, Basketball, Football, Volleyball, Kho-Kho, Swimming, Skating, Karate, Judo, Shooting, Horse Riding, Gymnasium, Gym & Zumba Trainer, etc.
- *Creative & Activity Departments*
Part-time Teachers for Various Instrumental Music & Vocal Training & Dance (Western & Classical) [TSG-MM-011] Art (Fine, Clay & Sand) [TSG-FM-011]
Student Referral Counselor (Work from home) [TSG-CNS-005]
- *Administrative & Support Staff*
Front Office Assistant [TSG-FOA-011]
Accountant [TSG-ACC-208]
DTP Operator & Designer [TSG-DTP-013]
Girls Hostel Superintendent [TSG-OTH-999]
Hostel Caretaker (Male/Female) [TSG-OTH-999]
Peon / Supporting Staff (Electrician / Plumber / House Keeping / Driver / Gardener / Cook & Helper) [TSG-SEC-009]
*Media & Creative Production*
News Editor [TSG-NED-021]
Anchor [TSG-MAD-022]
Reporter [TSG-MRD-023]
Cameraman [TSG-CM-025]
Short Film Director [TSG-SFD-024]
Eligibility & Benefits
Salary will be based on qualification, efficiency, loyalty, and experience. Accommodation with food will be provided (where available). ESI and EPF benefits are applicable.
Shortlisted candidates will be called for an interview between 08-12-2025 and 18-12-2025.
Send your resume: career@netgurukul.in
Visit us at: www.tsggurukul.com
Contact Us
Gothapatana, Bhubaneswar, Odisha 751003
Telephonic communication for queries is unavailable.
.....Principal.








ଏ ପର୍ଯ୍ୟନ୍ତ ତୁମେ ଯାହା ହୋଇଛ– ସେ ସମ୍ବନ୍ଧେ ଚିନ୍ତା କରନାହିଁ। କିନ୍ତୁ ତୁମେ ଯାହା ହେବାକୁ ଚାହଁ (ମାନେ, ଯାହା ତୁମର ହେବା ଉଚିତ) କେବଳ ସେହି ବିଷୟରେ ଚିନ୍ତା କର। ନିଶ୍ଚିତରୂପେ ତୁମର ଉନ୍ନତି ହେବ। –ଶ୍ରୀମା

-ଅନଙ୍ଗ ତ୍ରୟୋଦଶୀ, ଗୀତା ଜୟନ୍ତୀ, ପାଷାଣ ଚତୁର୍ଦ୍ଦଶୀ, ଶିବ ଓ ବେଢ଼ା ପରିକ୍ରମା



# ଆଗରୁ ଯେମିତି, ଏବେ ସେମିତି

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ସାମଗ୍ରୀ ଉପରେ ଅତ୍ୟଧିକ ଟାରିଫ୍ ଲଗାଇବା, ଏଚ୍୧ ଭିଜା ବ୍ୟବସ୍ଥା କଡ଼ାକଡ଼ି କରିବା ସହ ଅନ୍ୟାନ୍ୟ କେତେକ ପ୍ରସଙ୍ଗରେ କଠୋର ଆଭିମୁଖ୍ୟ ପୋଷଣ କରିଥିବାରୁ ଦୁଇ ଦେଶ ମଧ୍ୟରେ ତିକ୍ତତା ଲାଗିରହିଛି। ସେଥିପାଇଁ ଚାଇନା ଭଳି ଦେଶ ସହିତ ଉତ୍ତମ ସମ୍ପର୍କ ଗଢ଼ିବା ସକାଶେ ଭାରତ ସରକାର ବ୍ୟାକୁଳତା ପ୍ରଦର୍ଶନ କରୁଛନ୍ତି। ନିକଟରେ ଭାରତର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ସାଂଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ) ବୈଠକରେ ଯୋଗଦେଇଥିଲା। ସେହି ଦଳର ନେତୃତ୍ୱ ନେଇଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏତେ ସବୁ ଉଦ୍ୟମ ସତ୍ତ୍ୱେ ଚାଇନାର ଭାରତ ପ୍ରତି ଥିବା ପୁରୁଣା ଆଭିମୁଖ୍ୟରେ ସେଭଳି ପରିବର୍ତ୍ତନ ଘଟି ନ ଥିବା ସଦ୍ୟ ଏକ ଘଟଣାରୁ ବୁଝାପଡ଼ିଯାଉଛି।

ଅରୁଣାଚଳ ପ୍ରଦେଶ ବାସିନ୍ଦା ପେମା ୱାଙ୍ଗ୍‌ଜୋମ ବ୍ରିଟେନରେ ରୁହନ୍ତି। ଏହି ମହିଳା ଲଣ୍ଡନଠାରେ ଆର୍ଥିକ କ୍ଷେତ୍ର ସହ ଜଡ଼ିତ ଅଛନ୍ତି ଓ ଜଣେ ପ୍ରିନ୍ସିପାଲ ରେଗୁଲେଟାରି କନ୍‌ସଲଟାଣ୍ଟ ଭାବେ ଜଣାଶୁଣା। ନିକଟରେ ସେ ଚାଇନାର ସାଂଘାଇ ଦେଇ ଜାପାନ ଯାଉଥିଲେ। ସାଂଘାଇ ବିମାନବନ୍ଦରରେ ତାଙ୍କୁ ଯାଞ୍ଚ କରାଯିବା ବେଳେ ସେ ଧାରଣ କରିଥିବା ଭାରତୀୟ ପାସ୍‌ପୋର୍ଟକୁ ବିମାନବନ୍ଦର କର୍ତ୍ତୃପକ୍ଷ ଅସ୍ୱୀକାର କରିଥିଲେ। ପେମା ଅରୁଣାଚଳ ପ୍ରଦେଶର ହୋଇଥିବାରୁ ଏଭଳି ଅସ୍ୱାଭାବିକ ସ୍ଥିତି ଉପୁଜିଥିଲା। ଅରୁଣାଚଳ ପ୍ରଦେଶ ଚାଇନାର ଏକ ଅଂଶବିଶେଷ ଭାବେ ଅଭିହିତ କରି ବିମାନବନ୍ଦର କର୍ତ୍ତୃପକ୍ଷ ତାଙ୍କୁ ୧୮ ଘଣ୍ଟା ଅଟକ ରଖିଥିଲେ। ଏହି ସମୟ ମଧ୍ୟରେ ତାଙ୍କୁ ବହୁ ମାନସିକ ଯନ୍ତ୍ରଣା ସହ୍ୟ କରିବାକୁ ପଡ଼ିଥିଲା ବୋଲି ପେମା କହିଛନ୍ତି। ଉକ୍ତ ଘଟଣାକୁ ନେଇ ଭାରତ ଓ ଚାଇନା ମଧ୍ୟରେ କୂଟନୈତିକ ବିବାଦ ଦେଖାଦେଇଛି। ଅବଶ୍ୟ ଏହା ନୂଆ କଥା ନୁହେଁ ଯେ, ବିଗତ ବହୁ ବର୍ଷ ଧରି ଚାଇନା ତା' ସରକାରୀ ମାନଚିତ୍ରରେ ଭାରତର ଅରୁଣାଚଳ ପ୍ରଦେଶକୁ ନିଜର ଅଞ୍ଚଳ ଭାବେ ଦର୍ଶାଇଆସୁଛି। ଭାରତ ବିଭିନ୍ନ ସମୟରେ ଅରୁଣାଚଳ ପ୍ରଦେଶ ବ୍ୟାପାରରେ ଚାଇନାର ଅନଧିକାର ହସ୍ତକ୍ଷେପକୁ ବିରୋଧ କରିଥିଲେ ମଧ୍ୟ ତା'ର ସୁଫଳ ମିଳିପାରୁ ନାହିଁ। ଆମେରିକାର ଅତ୍ୟଧିକ ଟାରିଫ୍ ବୋଝ ପରେ ଭାରତ ଅନନ୍ୟୋପାୟ ହୋଇ ଚାଇନା ଆଡ଼କୁ ମୁହାଁଇଥିବାରୁ ଏହାର ଫାଇଦା ନେବାକୁ ବେଜିଂ କାରସାଦି କରୁଥିବା ବିଷୟ ପେମାଙ୍କ ଘଟଣାରୁ ସ୍ପଷ୍ଟ ହୋଇଯାଉଛି। ଚାଇନା ପୃଥିବୀର ଏମିତି ଏକ ଦେଶ, ଯାହାର ମୂଳ ଲକ୍ଷ୍ୟ କେବଳ ଲାଭ ଉଠାଇବାରେ ବ୍ୟସ୍ତ। ତାହାର ଆବେଗ କୌଣସି ରାଷ୍ଟ୍ର ପ୍ରତି ଥିବା ଭଳି ମନେହୁଏ ନାହିଁ।

> **ଚାଇନାର ଭାରତ ପ୍ରତି ନୀତିରେ କୌଣସି ପରିବର୍ତ୍ତନ ଘଟୁ ନାହିଁ। ଯାହା ପୂର୍ବରୁ ଥିଲା, ତାହା ଏବେ ମଧ୍ୟ ରହିଛି। ଆମର ବୈଦେଶିକ ସମ୍ପର୍କକୁ ଅଣଦେଖା କରି ଅନ୍ତର୍ଜାତୀୟ ନୀତି ସୃଷ୍ଟି କରାଗଲେ ଭବିଷ୍ୟତରେ ତାହା ବିଫଳତା ଆଣିବ।**

ଆମେରିକା ଆଡ଼ୁ ମୁହଁ ଫେରାଇ ଭାରତ ଯେତେବେଳେ ଚାଇନା ପ୍ରତି ଢଳିଲା ଓ କେତେକ ଫୋରମ୍‌ରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ପାଖାପାଖି ବସି ଆଲୋଚନା କରାଯିବା ଦେଖାଗଲା, ଅନେକ ଭାରତୀୟ ଭାବିଦେଲେ ଯେ ଆଗକୁ କିଛି ନୂଆ ସମୀକରଣ ସୃଷ୍ଟି ହୋଇପାରେ। ଆମେରିକାକୁ ଅଡୁଆରେ ପକାଇବା ପାଇଁ ଭାରତ ଓ ଚାଇନା ସୁଦୃଢ଼ ସମ୍ପର୍କ ଯଥେଷ୍ଟ ହେବ ବୋଲି କଥା ଉଠିଲା। କିନ୍ତୁ ବାସ୍ତବତା ଭିନ୍ନ ଚିତ୍ର ଦର୍ଶାଇଛି। ପେମା କହିଛନ୍ତି, ଜାପାନ ଯିବା ପୂର୍ବରୁ ସେ ଚାଇନା ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିଥିଲେ। ସେ ସାଂଘାଇ ବିମାନବନ୍ଦରରେ ମାତ୍ର ୩ ଘଣ୍ଟା ପାଇଁ ରହଣି କରିବାର ଥିଲା। ୨୪ ଘଣ୍ଟା ତଳକୁ ରହଣି କରିବାର ଥିଲେ ଟ୍ରାଞ୍ଜିଟ୍ ଭିସାର ଆବଶ୍ୟକତା ନ ଥାଏ। ସେହିପରି ସେ ଆହୁରି କହିଛନ୍ତି ଯେ, ୨୦୨୪ ଅକ୍ଟୋବରରେ ଚାଇନା ବାଟ ଦେଇ ଜାପାନ ଯାଇଥିଲେ। ସେତେବେଳେ କୌଣସି ଅସୁବିଧାର ସମ୍ମୁଖୀନ ହୋଇ ନ ଥିବା ପେମା ପ୍ରକାଶ କରିଛନ୍ତି। ଏଠାରେ ସ୍ପଷ୍ଟ ଜଣାପଡୁଛି ଯେ, ସାଂଘାଇ ବିମାନବନ୍ଦରରେ ନିଯୁକ୍ତ ଇମିଗ୍ରେଶନ କର୍ମଚାରୀ ନିଜସ୍ୱ ଇଚ୍ଛାରେ ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ କାର୍ଯ୍ୟ କରିବାରେ ନିଶ୍ଚିତ ଭାବେ ଅସମର୍ଥ। ତେଣୁ ବୁଝିବାକୁ ହେବ ଯେ, ବେଜିଂର ସର୍ବୋଚ୍ଚ ସ୍ତରରୁ ସାଧାରଣ ନିୟମାବଳୀ ଭାବେ ଅରୁଣାଚଳ ପ୍ରଦେଶବାସୀଙ୍କୁ କେଉଁଭଳି ବ୍ୟବହାର ପ୍ରଦର୍ଶନ କରିବା ଦରକାର ସ୍ପଷ୍ଟ କରାଯାଇଥିବ। ପୂର୍ବରୁ ଭାରତର ଖେଳାଳିଙ୍କୁ ୨୦୧୬ରେ ଏବଂ ୨୦୨୩ ସେପ୍ଟେମ୍ବରରେ ହାଙ୍ଗ୍‌ଝୁଠାରେ ଅନୁଷ୍ଠିତ ୧୯ତମ ଏସିଆନ୍ ଗେମ୍ସରେ ୩ ଜଣ ଅରୁଣାଚଳବାସୀ, ଯେଉଁମାନେ ଭାରତୀୟ ଟିମ୍ ସହ ଯିବାର ଥିଲା ସେମାନଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ବାରଣ କରାଯାଇଥିଲା। ଚାଇନାର ଏହି ନିଷ୍ପତ୍ତିକୁ ବିରୋଧ କରି ତତ୍କାଳୀନ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ତାଙ୍କ ଚାଇନା ଗସ୍ତକୁ ବାତିଲ କରିଥିଲେ। ଏଥିରୁ ବୁଝିବାକୁ ହେବ ଯେ, ଚାଇନାର ଭାରତ ପ୍ରତି ନୀତିରେ କୌଣସି ପରିବର୍ତ୍ତନ ଘଟୁ ନାହିଁ। ଯାହା ପୂର୍ବରୁ ଥିଲା, ତାହା ଏବେ ମଧ୍ୟ ରହିଛି। ଆମର ବୈଦେଶିକ ସମ୍ପର୍କକୁ ଅଣଦେଖା କରି ଅନ୍ତର୍ଜାତୀୟ ନୀତି ସୃଷ୍ଟି କରାଗଲେ ଭବିଷ୍ୟତରେ ତାହା ବିଫଳତା ଆଣିବ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | |
| | 5 | | | | 1 | | 4 | 9 |
| 7 | | | | 8 | 3 | | | 2 |
| 9 | 7 | | | | | | | |
| | | | | | | | 1 | |
| | | | 6 | | 8 | 5 | | 7 |
| | | 2 | | | | 4 | | |
| 1 | 9 | | | | 4 | | | |
| 4 | | 6 | 5 | 7 | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 7 | 8 | 2 | 6 | 1 | 5 | 9 |
| 5 | 1 | 8 | 9 | 4 | 7 | 2 | 6 | 3 |
| 9 | 6 | 2 | 5 | 3 | 1 | 4 | 8 | 7 |
| 2 | 4 | 3 | 6 | 1 | 9 | 8 | 7 | 5 |
| 6 | 5 | 1 | 7 | 8 | 3 | 9 | 2 | 4 |
| 8 | 7 | 9 | 4 | 5 | 2 | 3 | 1 | 6 |
| 1 | 2 | 6 | 3 | 9 | 5 | 7 | 4 | 8 |
| 3 | 8 | 5 | 1 | 7 | 4 | 6 | 9 | 2 |
| 7 | 9 | 4 | 2 | 6 | 8 | 5 | 3 | 1 |

ଗତକାଲିର ଉତ୍ତର

# ସନାତନୀ ହିନ୍ଦୁ ଓ ଗାନ୍ଧିଜୀ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ଖ୍ରୀ. ପୂ. ଷଷ୍ଠ ଶତକରେ ଡେରିଅସ ଶିଳାଲେଖରେ (୫୫୦–୪୮୬) 'ହିନ୍ଦୁ' ଶବ୍ଦର ଉଲ୍ଲେଖ ଥିଲେ ହେଁ ସେଥିରେ ଏହା ଭୌଗୋଳିକ ଶବ୍ଦ ଭାବରେ ବ୍ୟବହୃତ ହୋଇଛି। ରାଜା ରାମମୋହନ ରାୟ ପ୍ରଥମେ ହିନ୍ଦୁଧର୍ମ (HINDU-ISM) ଶବ୍ଦ ୧୮୧୬ ମସିହାରେ ବ୍ୟବହାର କଲେ। ତା'ପରେ ଯେଉଁମାନେ ବ୍ରିଟିଶ ଉପନିବେଶବାଦକୁ ବିରୋଧ କରୁଥିଲେ ଏବଂ ନିଜକୁ ମୁସଲମାନ୍ ଓ ଖ୍ରୀଷ୍ଟିଆନ୍‌ଙ୍କଠାରୁ ଭିନ୍ନ ବୋଲି ପ୍ରତିପାଦନ କରିବାକୁ ଚାହିଁଥିଲେ ସେମାନେ ଏହି ଶବ୍ଦକୁ ବ୍ୟବହାର କଲେ। ବେଦ ଓ ଉପନିଷଦ ଆଧାରିତ ବିଚାରଧାରା ବା ଜୀବନ ପଦ୍ଧତିକୁ ହିନ୍ଦୁଧର୍ମ ବୋଲି କୁହାଗଲା। ସନାତନ ଶବ୍ଦର ଅର୍ଥ ଚିରନ୍ତନ। ଏହା କେଉଁ ନିର୍ଦ୍ଦିଷ୍ଟ ସମୟରେ ବା କେଉଁ ନିର୍ଦ୍ଦିଷ୍ଟ ବ୍ୟକ୍ତିଦ୍ୱାରା ସୃଷ୍ଟି ହୋଇଥିଲା ତାହା କେହି କହିପାରିବେ ନାହିଁ। ଏହା ସମଗ୍ର ମାନବ ଜାତି ପାଇଁ ଉଦ୍ଦିଷ୍ଟ। ଏଣୁ ଯୋଗୀ ଶ୍ରୀଅରବିନ୍ଦ କହିଥିଲେ, ''ଯାହାକୁ ଆମେ ହିନ୍ଦୁ ଧର୍ମ କହୁ, ତାହା ବାସ୍ତବରେ ସନାତନ ଧର୍ମ, କାରଣ ଏହି ଧର୍ମ ବିଶ୍ୱବ୍ୟାପୀ। ଯଦି କୌଣସି ଧର୍ମ ବିଶ୍ୱବ୍ୟାପୀ ନ ହୁଏ ତାହା ସନାତନ ହୋଇ ପାରିବ ନାହିଁ।'' ମହାତ୍ମା ଗାନ୍ଧୀ କହୁଥିଲେ, ''ମୁଁ ଜଣେ ହିନ୍ଦୁ, କେବଳ ହିନ୍ଦୁ ପରିବାରରେ ଜନ୍ମ ହୋଇଥିବାରୁ ନୁହେଁ, ଉଭୟ ବିଶ୍ୱାସ ଓ ପସନ୍ଦରେ ମୁଁ ହିନ୍ଦୁ''। ପୁନଶ୍ଚ ସେ ଅନେକ ଥର ନିଜକୁ ଜଣେ 'ସନାତନୀ ହିନ୍ଦୁ' ଭାବରେ ଘୋଷଣା କରିଛନ୍ତି। ହିନ୍ଦୁ ଧର୍ମପ୍ରତି ତାଙ୍କ ଦୃଷ୍ଟିଭଙ୍ଗୀ କିପରି ଥିଲା ଓ ସନାତନୀ ହିନ୍ଦୁ କହିଲେ ସେ କ'ଣ ବୁଝୁଥିଲେ ଏବଂ ସେ କେଉଁ ପ୍ରସଙ୍ଗରେ ଏହା କହିଥିଲେ ତାହା ଆଲୋଚନା କରିବା ହେଉଛି ଏହି ପ୍ରବନ୍ଧର ଲକ୍ଷ୍ୟ।

୧୯୦୫ରେ ଜୋହାନ୍ସବର୍ଗ ଥିଓସୋଫିକାଲ୍ ସୋସାଇଟିରେ ବକ୍ତବ୍ୟ ଉପସ୍ଥାପନ କଲାବେଳେ ସେ କହିଥିଲେ ହିନ୍ଦୁଧର୍ମ ଅପେକ୍ଷା ଆର୍ଯ୍ୟଧର୍ମ ଶବ୍ଦ ବେଶି ଗ୍ରହଣୀୟ। ବେଦରେ ମଧ୍ୟ ହିନ୍ଦୁ ଶବ୍ଦ ନାହିଁ, କିନ୍ତୁ ଆର୍ଯ୍ୟ ଶବ୍ଦ ଅଛି ଯଥା 'କୃଣ୍ୱନ୍ତୁ ବିଶ୍ୱମାର୍ଯ୍ୟମ୍' (ଋଗ୍‌ବେଦ ୯/୬୩/୫)। ପୁନଶ୍ଚ ତାଙ୍କ ମତ ଥିଲା ଏହି ଧର୍ମ କେଉଁ ପୁରାତନ କାଳରୁ ବଞ୍ଚିରହିଛି। ଦକ୍ଷିଣ ଆଫ୍ରିକାରେ ଥିଲାବେଳେ ସେ ଉଭୟ ହିନ୍ଦୁ ଓ ଅଣହିନ୍ଦୁଙ୍କୁ ତୁଳସୀ ଦାସଙ୍କ 'ରାମଚରିତ ମାନସ' ପଢ଼ିବା ପାଇଁ ପରାମର୍ଶ ଦେଉଥିଲେ। ସେ କହୁଥିଲେ ''ବାସ୍ତବରେ ହିନ୍ଦୁଧର୍ମ ଏକ ନୈତିକତା ଆଧାରିତ ଧର୍ମ। ସେହି ଦୃଷ୍ଟିରୁ କୁହାଯାଇପାରେ ସବୁଧର୍ମ ସମାନ ଭାବରେ ସତ୍ୟ, ଯେହେତୁ ନୈତିକତାଠାରୁ କୌଣସି ଧର୍ମ ବିଚ୍ଛିନ୍ନ ହୋଇପାରିବ ନାହିଁ।'' ବେଦ ଉପନିଷଦ ଆଧାରିତ ସନାତନ ଧର୍ମ ପରବର୍ତ୍ତୀ କାଳରେ ହିନ୍ଦୁଧର୍ମ ଭାବରେ କଥିତ ହେବା ବେଳକୁ ସେଥିରେ ଅନେକ କୁସଂସ୍କାର ପ୍ରବେଶ କରିସାରିଥିଲା। ଗାନ୍ଧିଜୀ ସନାତନ ଧର୍ମକୁ ସେହି କୁସଂସ୍କାରଗୁଡ଼ିକରୁ ମୁକ୍ତ କରିବା ପାଇଁ ଆହ୍ୱାନ ଦେଲେ। ସେତେବେଳେ ସନାତନ ଧର୍ମରେ ଅସ୍ପୃଶ୍ୟତା



ପ୍ରବେଶ କରିସାରିଥିଲା , ଯାହା ଗାନ୍ଧିଜୀ ଗ୍ରହଣ କରିପାରୁ ନ ଥିଲେ। ୧୯୧୭ରେ ସେ ଅସ୍ପୃଶ୍ୟ ମାହାରମାନଙ୍କ ସହ ଭୋଜନ କଲେ ଓ ଅସ୍ପୃଶ୍ୟତା ବିରୋଧରେ ଆନ୍ଦୋଳନ ଆରମ୍ଭ କଲେ। ଫଳରେ ତତ୍କାଳୀନ ପରମ୍ପରା ବିଶ୍ୱାସୀ ହିନ୍ଦୁମାନେ ତାଙ୍କୁ ସମାଲୋଚନା କଲେ। ପୁନଶ୍ଚ ୧୯୨୦ ଡିସେମ୍ବର ୨୫ ରେ ସେ 'ଅନ୍ତ୍ୟାଜ (ଅସ୍ପୃଶ୍ୟ) ସମ୍ମିଳନୀ' ରେ ଯୋଗଦେଇ କହିଲେ, ''ମୁଁ ନିଜେ ଜଣେ ହିନ୍ଦୁ, ଜଣେ ସନାତନୀ ହିନ୍ଦୁ। ବୈଷ୍ଣବମାନେ ମୋର ଏହି ଦାବିକୁ ଗ୍ରହଣ କରୁନାହାନ୍ତି। ମୁଁ ପୁଣିଥରେ ଜୋର ଦେଇ କହୁଛି ଯେ ମୁଁ ଜଣେ ସନାତନୀ ହିନ୍ଦୁ ଓ ହିନ୍ଦୁମାନେ ଅସ୍ପୃଶ୍ୟତା ରୂପକ ପାପରୁ ମୁକ୍ତ ନ ହେବା ପର୍ଯ୍ୟନ୍ତ ସ୍ୱରାଜ ସମ୍ଭବ ନୁହେଁ। ଏହି ଅସ୍ପୃଶ୍ୟତା ହିନ୍ଦୁ ସମାଜରେ ପ୍ରଚଳିତ ଥିବା ପର୍ଯ୍ୟନ୍ତ ମୁଁ ନିଜକୁ ହିନ୍ଦୁ କହିବାକୁ ଲଜ୍ଜିତବୋଧ କରୁଛି।'' ସେ ଲେଖିଥିବା ପ୍ରବନ୍ଧ ''ସନାତନୀ ହିନ୍ଦୁ କିଏ'' ଗୁଜରାଟୀ ସାପ୍ତାହିକ ପତ୍ରିକା 'ନବଜୀବନ'ରେ ପ୍ରକାଶ ପାଇଥିଲା। ସେଥିରେ ସେ ଅସ୍ପୃଶ୍ୟତାକୁ ଅଧର୍ମ ବୋଲି ବିଚାର କରି ଲେଖିଥିଲେ ''କୌଣସି ବ୍ୟକ୍ତିକୁ ସମାଜରୁ ଘଉଡ଼ାଇ ଦେଇ ଗାଁର ଉପାନ୍ତ ଅଞ୍ଚଳରେ ସ୍ଥାନ ଦେବା, ସେମାନେ ବଞ୍ଚିଲେ କି ମଲେ ସେ ସମ୍ପର୍କରେ ଚିନ୍ତିତ ନ ହେବା, ନିଜର ଉଚ୍ଛିଷ୍ଟ ଖାଦ୍ୟ ସେମାନଙ୍କୁ ଖାଇବାକୁ ଦେବା କେବେ ଧର୍ମ ପଦବାଚ୍ୟ ନୁହେଁ– ଏହା ହିନ୍ଦୁ ଧର୍ମ ନୁହେଁ।''

ଗାନ୍ଧୀ ନିଜକୁ ଅନେକଥର ଜଣେ ପୁରାତନ ପନ୍ଥୀ (Orthodox) ହିନ୍ଦୁ ବୋଲି କହିଛନ୍ତି, ମାତ୍ର ତାଙ୍କ ପାଇଁ ଏହି ଶବ୍ଦ ପ୍ରଚଳିତ ଅର୍ଥଠାରୁ ଭିନ୍ନ ଥିଲା। ଜାଫନାରେ (୧୯୨୭) ଏକ ହିନ୍ଦୁ ସଭାରେ ସେ କହିଥିଲେ ''ଯଦି ପୁରାତନ ପନ୍ଥୀ ହିନ୍ଦୁଧର୍ମ (Orthodox Hinduism ) କହିଲେ କାହା ସଙ୍ଗେ ଏକତ୍ର ଭୋଜନ କରିବା ବା କରିବା ନାହିଁ, କାହାକୁ ଛୁଇଁବା ବା ଛୁଇଁବା ନାହିଁ, କିମ୍ବା ମୁସଲମାନ୍ ଓ ଖ୍ରୀଷ୍ଟିଆନ୍‌ଙ୍କ ସହ କଳହରେ ବ୍ୟାପୃତ ହେବା, ତା'ହେଲେ ମୁଁ ନିଶ୍ଚିତ ଭାବରେ ଜଣେ ପୁରାତନପନ୍ଥୀ ହିନ୍ଦୁ ନୁହେଁ। ମାତ୍ର ଯଦି ପୁରାତନ ପନ୍ଥୀ ହିନ୍ଦୁଧର୍ମ କହିଲେ ଧର୍ମକୁ ଯଥା ସାଧ୍ୟ ଜୀବନରେ ଉତ୍ତମ ଭାବରେ ପ୍ରକାଶ କରିବା ପାଇଁ ଅବିରତ ଉଦ୍ୟମକୁ ବୁଝାଏ, ତା'ହେଲେ ମୁଁ ଜଣେ ପୁରାତନବାଦୀ ହିନ୍ଦୁ।'' ପୁରାତନବାଦୀ ହିନ୍ଦୁଧର୍ମ କଠୋରବାଦୀ ଓ ସଂସ୍କାର ବିରୋଧୀ ଥିବାବେଳେ ଗାନ୍ଧୀଙ୍କ ପୁରାତନବାଦୀ ହିନ୍ଦୁଧର୍ମ ସଂସ୍କାରବାଦୀ ଥିଲା। ତାଙ୍କର ଏହି ବକ୍ତବ୍ୟରୁ ସ୍ପଷ୍ଟ ହୁଏ ଯେ ସେ ହିନ୍ଦୁଧର୍ମକୁ ପ୍ରଚଳିତ ଥିବା ଅସ୍ପୃଶ୍ୟତା ଭଳି କୁସଂସ୍କାରରୁ ମୁକ୍ତ କରିପାରିଲେ ହିଁ ଜଣେ ନିଜକୁ ପୁରାତନପନ୍ଥୀ ହିନ୍ଦୁ ବୋଲି ଦାବି କରିପାରିବ। ପୁରାତନ ପନ୍ଥୀ ହିନ୍ଦୁ ଓ ସନାତନୀ ହିନ୍ଦୁ ମଧ୍ୟରେ ସେ କୌଣସି ଭିନ୍ନତା ଦେଖୁ ନ ଥିଲେ, କାରଣ ସନାତନ ଧର୍ମରେ ପ୍ରଚଳିତ ଜାତିପ୍ରଥା ନ ଥିଲା, କି ଅସ୍ପୃଶ୍ୟତା ନ ଥିଲା ମାତ୍ର ଗାନ୍ଧିଜୀଙ୍କ ସମୟରେ ଜନ୍ମରୁ ଜାତି ପ୍ରଥା ପ୍ରଚଳିତ ଥିଲା ଓ ପୁଣି ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ଜାତି ମଧ୍ୟରେ ଉଚ୍ଚ ନୀଚ ଭେଦଭାବ ଥିଲା। ମାତ୍ର ସନାତନ ଧର୍ମରେ ଏହି ପ୍ରଥା ନ ଥିଲା।

ବେଦରେ ଥିଲା ବର୍ଣ୍ଣାଶ୍ରମ ଧର୍ମ। ମଣିଷର ସ୍ୱଭାବଗତ ଗୁଣ ଓ କର୍ମ ଅନୁସାରେ ଜଣେ ବ୍ରାହ୍ମଣ, କ୍ଷତ୍ରିୟ ବୈଶ୍ୟ ବା ଶୂଦ୍ର ଭାବରେ ବିଦିତ ହେଉଥିଲା। ଗାନ୍ଧିଜୀ ସ୍ପଷ୍ଟ ଭାବରେ କହୁଥିଲେ ଯେ ଜ୍ଞାନାର୍ଜନ ଓ ଜ୍ଞାନବିତରଣ ଦ୍ୱାରା ବ୍ରାହ୍ମଣ, ଦେଶରକ୍ଷା କର୍ମଦ୍ୱାରା କ୍ଷତ୍ରିୟ, ବାଣିଜ୍ୟ ବ୍ୟବସାୟ କର୍ମଦ୍ୱାରା ବୈଶ୍ୟ ଓ ଅନ୍ୟମାନଙ୍କ ସେବା କରିବା ଦ୍ୱାରା ଶୂଦ୍ର ଭାବରେ ବିଦିତ ହେଲେ ମଧ୍ୟ ଜଣକର କାମ ଅନ୍ୟଜଣେ କରିବା ପାଇଁ କୌଣସି ପ୍ରତିବନ୍ଧକ ନ ଥିଲା। କର୍ମ ବିଭାଜନ ମାଧ୍ୟମରେ ସମାଜକୁ ଶୃଙ୍ଖଳିତ ଭାବରେ ପରିଚାଳନା କରିବା ଥିଲା ବର୍ଣ୍ଣାଶ୍ରମ ଧର୍ମର ଉଦ୍ଦେଶ୍ୟ। ମାତ୍ର କାଳକ୍ରମେ ବର୍ଣ୍ଣ କର୍ମ ଆଧାରିତ ନ ହୋଇ ଜନ୍ମ ଆଧାରିତ 'ଜାତି' ରେ ପରିଣତ ହେଲା ଓ ଉଚ୍ଚନୀଚ ଭେଦଭାବ ସୃଷ୍ଟି ହୋଇ ଅସ୍ପୃଶ୍ୟତା ଭଳି ଅମାନବୀୟ ପ୍ରଥା ପ୍ରଚଳିତ ହେଲା। ମହାତ୍ମା ଗାନ୍ଧୀ ସନାତନ ଧର୍ମର ମୂଳତତ୍ତ୍ୱ ଆଧାରରେ ତଥାକଥିତ ହିନ୍ଦୁଧର୍ମରେ ପ୍ରବେଶ କରିଥିବା ଅସ୍ପୃଶ୍ୟତା ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ସେ ଏହି ଅସ୍ପୃଶ୍ୟତା ଓ ଉଚ୍ଚନୀଚ ଭେଦଭାବକୁ ଦୂର କରିବା ପାଇଁ ଘୋଷଣା କରିଥିଲେ, ''ଯଦି ମୋର ପୁନର୍ଜନ୍ମ ଥାଏ, ତା'ହେଲେ ମୁଁ ଅସ୍ପୃଶ୍ୟ ଜାତିରେ ଜନ୍ମଗ୍ରହଣ କରିବାକୁ ଚାହେଁ।'' ପୁନଶ୍ଚ ସେ ଜଣେ ଅସ୍ପୃଶ୍ୟ କନ୍ୟାକୁ ପୋଷ୍ୟକନ୍ୟା ଭାବରେ ଗ୍ରହଣ କରି ଆଶ୍ରମରେ ସ୍ଥାନ ଦେଇଥିଲେ। ୧୯୨୬ ଡିସେମ୍ବରରେ ସେ କଂଗ୍ରେସର ଗୁଆହାଟୀ ଅଧିବେସନରେ କହିଲେ, ''ମୁଁ ଜନ୍ମରେ ହିନ୍ଦୁ ଓ ହିନ୍ଦୁ ଧର୍ମରେ ମୁଁ ଶାନ୍ତି ପାଏ। ଯେତେବେଳେ ମୁଁ ଶାନ୍ତି ହରାଏ, ତାହା ମୁଁ ହିନ୍ଦୁ ଧର୍ମରେ ପାଏ। ମୁଁ ହିନ୍ଦୁଧର୍ମକୁ ଅଧ୍ୟୟନ କରିଛି ଓ ନିଷ୍ପତ୍ତି ନେଇଛି ଯେ ସେଥିରେ ଯାହାବି ଦୋଷତ୍ରୁଟି ଥାଉ, ଏହି ହିନ୍ଦୁଧର୍ମ ହିଁ ମୋ ପାଇଁ ଧର୍ମ। ଏହା ମୋର ଅନୁଭବ ଓ ସେଥିପାଇଁ ମୁଁ ନିଜକୁ ଜଣେ ସନାତନୀ ହିନ୍ଦୁ କହେ।'' ତାଙ୍କ ଦୃଷ୍ଟିରେ ଯେଉଁ ହିନ୍ଦୁ କୁସଂସ୍କାର ମୁକ୍ତ ଓ ଯାହାର ପ୍ରତ୍ୟେକ କର୍ମ ବିବେକ ଓ ନୀତିବୋଧ ଦ୍ୱାରା ନିୟନ୍ତ୍ରିତ ସେ ହିଁ ସନାତନୀ ହିନ୍ଦୁ।

ମୋ:୯୪୩୭୩୨୯୨୬୩

# ତରକାରି ଆଇନକୁ ଅଣଦେଖା



ଯୁଧିଷ୍ଠିର ମହାରଣା

ବର୍ତ୍ତମାନ ବିବାହ ଓ ଭୋଜିଭାତ ଋତୁ ଚାଲିଛି। ଏହି ସମୟରେ ନଅ ତିଅଣ ଛଅ ଭଜାଠାରୁ ଆହୁରି ଲମ୍ବି ଗଲାଣି ଖାଇବା ମେନୁର ତାଲିକା। ଏମିତିରେ ବି ଲୋକମାନଙ୍କ ଖାଦ୍ୟ ରୁଚି ସବୁ ପରିବର୍ତ୍ତନ ହୋଇଗଲାଣି। କହିବାକୁଗଲେ ଦାମୀ, ସୁସ୍ୱାଦୁ ଓ ଆକର୍ଷଣୀୟ ଖାଦ୍ୟ ପଦାର୍ଥ ନ କଲେ ଭୋଜିର ମୂଲ୍ୟ ରହିବ ନାହିଁ ବୋଲି ଅନେକଙ୍କର ଏକ ପ୍ରକାର ଧାରଣା ଥାଏ। କାଁ ଭାଁ କେଉଁଠି ଭୋଜିରେ ଗାଉଁଲି ଖାଦ୍ୟ ଦେଖିବାକୁ ମିଳୁଛି। କିନ୍ତୁ ଖାଇବା ଭୋଜି ବ୍ୟବସ୍ଥା ଦିନକୁ ଦିନ ଏତେ ବ୍ୟୟ ବହୁଳ ହେଲାଣି ଯେ, 'ଦେଉଳକୁ ମୁଖଶାଳା ବଳି' ପରି ସବୁ ଖର୍ଚ୍ଚଠାରୁ ଖାଇବା ପିଇବା ଖର୍ଚ୍ଚ ଉଚ୍ଚାରେ ରହୁଛି। ଗଣମାଧ୍ୟମରେ ଆମେ ଅନେକ ସମୟରେ ଦେଖୁଛୁ ଯେ ସୁସ୍ୱାଦୁ ଓ ଆମିଷ ଖାଦ୍ୟ ପାଇଁ ବିବାହ ବା ଅନ୍ୟ ଭୋଜିରେ ନାନାଦି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଗୋଟିଏ ଗୋଟିଏ ପରିବାର ବିବାହ ଭୋଜି ପାଇଁ ଏପରି ଋଣଗ୍ରସ୍ତ ହୋଇଯାଉଛନ୍ତି ଯେ ସେଥିରୁ ଉଠିବା ପାଇଁ ସେମାନଙ୍କୁ ବର୍ଷ ବର୍ଷ ଲାଗି ଯାଉଛି। କିନ୍ତୁ ଆଶ୍ଚର୍ଯ୍ୟର କଥା ବର୍ଷ ବର୍ଷ ଧରି ଓଡ଼ିଶାରେ ଏକ ବିଧିବଦ୍ଧ ଆଇନ ଥାଇ ମଧ୍ୟ ତାହା କୌଣସି କାର୍ଯ୍ୟରେ ଲାଗୁନି। ଭୋଜିରେ କେତେ ପ୍ରକାର କ'ଣ କ'ଣ ମେନୁ ତାଲିକା ରହିଲା ତାହା ହେଉଛି ବର୍ତ୍ତମାନ ସମୟର ସବୁଠାରୁ ବଡ଼ ତଥା କଥିତ ଷ୍ଟାଟସ୍ ସିମ୍ବଲ କହିଲେ ଅତ୍ୟୁକ୍ତି ହେବନାହିଁ।

କୌଣସି ଭୋଜିରେ ଅଥବା ହୋଟେଲ, ରେଷ୍ଟୁରାଣ୍ଟ, କ୍ୟାଣ୍ଟିନ୍, କ୍ଲବ ଆଦିରେ ଜଣେ ବ୍ୟକ୍ତିଙ୍କୁ ଦୁଇ ପ୍ରକାରରୁ ଅଧିକ ତରକାରି ପରଷା ଯାଇପାରିବ ନାହିଁ। ଏ ସଂକ୍ରାନ୍ତରେ ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ଆଇନଗତ ବ୍ୟବସ୍ଥା ଥିଲେ ମଧ୍ୟ ଏହାକୁ ସରକାରୀ କଳ ମାନୁନାହିଁ। ସରକାର ଚଳାଉଥିବା ବ୍ୟକ୍ତିବିଶେଷ ଓ ଉଚ୍ଚ ପଦାଧିକାରୀମାନେ ନିଜ ନିଜର ପତିଆରା ପାଇଁ ସ୍ଥଳ ବିଶେଷରେ ୨୦ ପ୍ରକାରରୁ ଅଧିକ ବ୍ୟଞ୍ଜନ ପରିବେଷଣ କରାଉଥିଲେ ମଧ୍ୟ ତାହାକୁ ରୋକାଯାଇ ନ ଥିବାରୁ ସାଧାରଣ ଲୋକଙ୍କ ଉପରେ ଏହି ଆଇନଗତ ବ୍ୟବସ୍ଥାର ସାମାନ୍ୟ ପ୍ରଭାବ ପଡୁନାହିଁ। ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ଆଧାରରେ ଭାରତ ସରକାରଙ୍କ କୃଷି ମନ୍ତ୍ରାଳୟ ୧୯୭୨ ମସିହାରେ ଏପରି ଏକ ବ୍ୟବସ୍ଥା ପ୍ରଣୟନ କରିଥିଲେ। ଓଡ଼ିଶା ସରକାର ୧୯୭୩ ମସିହାରେ



'ଓଡ଼ିଶା ଫୁଡ୍ ରେଷ୍ଟ୍ରିକ୍ସନ ଅନ୍ ସର୍ଭିସ ଅଫ୍ ମିଲ୍ସ ବାଇ କ୍ୟାଟରିଂ ଏଷ୍ଟାବ୍ଲିଶମେଣ୍ଟ ଅର୍ଡର' ଗେଜେଟ୍ ବିଜ୍ଞପ୍ତିରେ ପ୍ରକାଶ କରିଥିଲେ। ଏହି ଆଇନଗତ ବ୍ୟବସ୍ଥା ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା କ୍ଷମତାପ୍ରାପ୍ତ କୌଣସି ଅଧିକାରୀ କିମ୍ବା ଇନ୍ସପେକ୍ଟର ଓ ତଦୂର୍ଦ୍ଧ୍ୱ ପାହ୍ୟାର କୌଣସି ପୋଲିସ ଅଧିକାରୀ ଦୁଇରୁ ଅଧିକ ବ୍ୟଞ୍ଜନ ପରଷା ଯାଉଥିବା ଭୋଜି କ୍ଲବ, ହୋଟେଲ, କ୍ୟାଟରିଂ ସଂସ୍ଥା ଆଦି ଉପରେ ଚଢ଼ାଉକରି ରନ୍ଧା ହୋଇଥିବା ସାମଗ୍ରୀ ଓ ରନ୍ଧନପାତ୍ର ଆଦିକୁ ଜବତ କରିବା ସହିତ ବ୍ୟବସ୍ଥାର ଉଲ୍ଲଂଘନ କରିଥିବା ବ୍ୟକ୍ତିଙ୍କୁ ଜେରା କରିପାରିବେ। କ୍ରିମିନାଲ ପ୍ରୋସିଡିଓର କୋଡ୍‌ରେ ଥିବା ବିଭିନ୍ନ ଧାରା ଅନୁଯାୟୀ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇପାରେ ବୋଲି ଆଇନଗତ ବ୍ୟବସ୍ଥା ଅଛି। କେବଳ ଖାଦ୍ୟ ଯୋଗାଣକାରୀ ସଂସ୍ଥା ନୁହନ୍ତି କୌଣସି ବ୍ୟକ୍ତି ଦୁଇରୁ ଅଧିକ ତରକାରି ଖାଇବାକୁ ନେଇପାରିବେ ନାହିଁ। ପ୍ରମୁଖ ଖାଦ୍ୟ ହିସାବରେ ଭାତ, ଡାଲି, ଚପାତି, ପରଟା, ପୁରି, ଲୁଚି ଆଦି ସହିତ ମାଛ, ମାଂସ କିମ୍ବା ପରିବାରେ ପ୍ରସ୍ତୁତ ଗୋଟିଏ ତରକାରି ଏବଂ ତାହାର ସହଯୋଗୀ ଭାବେ ପରିବା, ଅଣ୍ଡା, ମିଠା ଆଦିରେ ତିଆରି ଆଉ ଗୋଟିକୁ ବ୍ୟବହାର କରିପାରିବେ। ତେବେ ଏହି ତରକାରି ବ୍ୟତୀତ ସୁପ୍, ବିସ୍କୁଟ, ଜାମ୍, ଜୁସ୍, ଭଜା, ପାମ୍ପଡ଼, ଚଟଣି, ଖଟା, ରାଇତା, ପିଆଜ, ଘିଅ, ଲହୁଣି, ଦହି, ଛେନା, ଦୁଗ୍ଧ, କଷ୍ଟାଡ୍ ଆଦି ସେବନ କରାଯାଇ ପାରିବ।

ଖାଦ୍ୟ କଟକଣା ପାଇଁ ଆଇନରେ ଏହି ବ୍ୟବସ୍ଥା ଥିବାବେଳେ ଏବେ ସମ୍ଭ୍ରାନ୍ତ ଲୋକମାନଙ୍କର ବାହାଘର ଭୋଜିରେ ଆଠ ଦଶ ପ୍ରକାରର ଆମିଷ ଓ ଅନେକ କିସମର ନିରାମିଷ ବ୍ୟଞ୍ଜନ ପରଷା ଯାଉଛି। ଯେଉଁମାନେ ଏହାକୁ ଜଗିବା କଥା ସେମାନେ ଭୋଜିଭାତ ଖାଇବା ସଙ୍ଗେ ସଙ୍ଗେ ସେଠାରେ ଆପ୍ୟାୟିତ ହେଉଥିବା ବିଶିଷ୍ଟ ଅତିଥିମାନଙ୍କ ନିରାପତ୍ତା କଥା ଦେଖୁଛନ୍ତି। ବିଦେଶରୁ ଆସୁଥିବା କୂଟନୈତିକ ଅତିଥିମାନଙ୍କୁ ଆପ୍ୟାୟିତ କରିବା ଲାଗି ଆୟୋଜିତ ନୈଶ୍ୟଭୋଜି ପାଇଁ ଏହି ଆଇନଗତ କଟକଣା ଲାଗୁନାହିଁ। ଓଡ଼ିଶା ପରି ଅଭାବୀ ଓ ଗରିବ ରାଜ୍ୟରେ ଦିନରେ ଥରେ ଖାଇବାକୁ ସକ୍ଷମ ନ ଥିବା ଅନେକ ଲୋକ ରହିଥିବାବେଳେ ସରକାରଙ୍କ ପ୍ରଣୀତ ବ୍ୟବସ୍ଥିତ ତରକାରି ଆଇନ ଅଳିଆଗଦାରେ ପଡ଼ିଛି। ଇଆଡ଼େ ଭୋଜି ପରଦିନ କୁଢ଼ କୁଢ଼ ବଳିଯାଇଥିବା ବା ଅତିଥିମାନେ ଛାଡ଼ିଥିବା ଅଇଁଠା ଖାଦ୍ୟ ଆବର୍ଜନା ପରିବେଶ ପ୍ରଦୂଷଣ ବୃଦ୍ଧି କରୁଛି।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ**
**ମୋ: ୯୪୩୭୧୬୩୫୨୮**

## ଏଇ ଭାରତରେ

ଲଗାତର ଅଭ୍ୟାସ, ସାହସ, ପ୍ରତିବଦ୍ଧତା ଓ ଦୃଢ଼ ବିଶ୍ୱାସ ବଳରେ ଅସାଧ ଲକ୍ଷ୍ୟ ସହଜରେ ହାସଲ ହୋଇପାରେ, ଯାହା ପ୍ରତିପାଦିତ କରିଛନ୍ତି ଆନଭି ସୁବର୍ଣ୍ଣା। ତାଙ୍କୁ ଏବେ ବୟସ ୧୦। ସେ ତାଙ୍କ ଜନ୍ମଦିନରେ ୧୭ କି.ମି. ପହଁରି ସାହସ ଓ ପ୍ରତିଭାର ପରିଚୟ ଦେଇଛନ୍ତି। ଆମେ ଜନ୍ମଦିନରେ ବାର୍ଥ ଡେ କେକ୍ କାଟି ପାର୍ଟିର ଆୟୋଜନ କରୁଥିବାବେଳେ ଆନଭି ତାଙ୍କ ଜନ୍ମଦିନରେ ଅଟଳ ସେତୁଠାରୁ ଗେଟ୍‌ୱେ ଅଫ୍ ଇଣ୍ଡିଆ ପର୍ଯ୍ୟନ୍ତ ପହଁରିଛନ୍ତି ୨ ଘଣ୍ଟା ୪୪ ମିନିଟରେ। ଆନଭି ମୁମ୍ବାଇର ଡୋମ୍ବିବଲିରେ ରହୁଛନ୍ତି । ସେ ବିଳାସ ମନେ ଓ ରବି ନାଭେଲଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି। ଅନେକମାସର କଠୋର ପରିଶ୍ରମ ପରେ ସେ ସମୁଦ୍ରର ଥଣ୍ଡା ଓ ଜୁଆରିଆ ସ୍ରୋତର ପ୍ରତିକୂଳ ସ୍ଥିତିକୁ ମୁକାବିଲା କରିବାରେ ସକ୍ଷମ ହୋଇପାରିଛନ୍ତି। ଅନ୍ଧାର ଅପସରିଯିବା ପୂର୍ବରୁ ଆନଭି ଅଟଳସେତୁ ନିକଟରେ ସମୁଦ୍ରକୁ ଲମ୍ଫ ଦେଇଥିଲେ ଓ ସକାଳ ୫.୧୧ଟା ସମୟରେ ଗେଟ୍‌ୱେ ଅଫ୍ ଇଣ୍ଡିଆରେ ପହଞ୍ଚି ଯାଇଥିଲେ। କୋଚ୍ ଓ ପରିବାରବର୍ଗ ତାଙ୍କ ସହିତ ଥିଲେ। ଆନଭିଙ୍କ ଏହି ସଫଳତା ଆଗାମୀ ପିଢ଼ି ପାଇଁ ଏକ ପ୍ରେରଣାର ଉତ୍ସ।

## ୫୦ ବର୍ଷ ତଳର ଧରିତ୍ରୀ

### ୩ ଡିସେମ୍ବର ୧୯୭୬

- ଜାପାନ ଭାରତକୁ ୪୦ କୋଟି ଟଙ୍କା ଋଣ ପରିଶୋଧ ଲାଗି ଉଭୟ ଦେଶ ମଧ୍ୟରେ ଏକ ଋଣ ପରିଶୋଧ ଚୁକ୍ତିପତ୍ର ସ୍ୱାକ୍ଷରିତ।
- ବିଜ୍ଞାନ, ବୈଷୟିକ ତଥା ବାଣିଜ୍ୟ କ୍ଷେତ୍ରରେ ପାରସ୍ପରିକ ସହଯୋଗ ସ୍ଥାପନ ନିମନ୍ତେ ଭାରତ ଓ ଜୋର୍ଡାନ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ।

## ପାଠକ ଶ୍ରେଷ୍ଠ ବିଚାରକ

### ଭୋଟ ରାଜନୀତି ଓ ଦୁର୍ନୀତି

ମହାଶୟ,

ଭାରତରେ ରାଜନୀତିକୁ ସର୍ବାଧିକ ଲାଭଜନକ ପାରିବାରିକ ବ୍ୟବସାୟ ଭାବେ ଗ୍ରହଣ କରାଯାଉଥିବା ଲକ୍ଷ୍ୟ କରାଯାଉଛି। ଭୋଟ ସରିଗଲା ପରେ ନେତାମାନେ ଜନତାଙ୍କ ପାଇଁ କରାଯାଉଥିବା ଯୋଜନାର ଅର୍ଥକୁ ଲୁଟିବାରେ ବ୍ୟସ୍ତ ରହୁଛନ୍ତି। ନିର୍ବାଚିତ ଜନ ପ୍ରତିନିଧିମାନେ ଜନତାଙ୍କ କଥା ନ ଶୁଣି କୁଜିନେତାଙ୍କ କଥା ବେଶି ଶୁଣୁଛନ୍ତି। ଏମାନଙ୍କ ପାଇଁ ଆମ ଦେଶ ଓ ରାଜ୍ୟସମୂହରେ ପ୍ରତିବର୍ଷ ଅନେକ ଲକ୍ଷ କୋଟି ଟଙ୍କା ବାଟମାରଣା ହେଉଛି। ଏମାନେ ଖଣିଜ ସମ୍ପଦକୁ ନିରନ୍ତର ଲୁଣ୍ଠନ କରିଚାଲିଛନ୍ତି। କହିବାକୁ ଗଲେ ଗଣତନ୍ତ୍ର ବର୍ତ୍ତମାନ କଳାଧନ ତନ୍ତ୍ରରେ ପରିଣତ ହୋଇଯାଇଛି। ଗୋଟିଏ ଘରୁ ବାପ ଓ ପୁଅ, ମା' ଝିଅ ଅଥବା ଶ୍ୱଶୁର ଓ ଜ୍ୱାଇଁ ବିଭିନ୍ନ ଦଳରୁ ଟିକେଟ ନେଇ କ୍ଷମତା ରାଜନୀତି କରୁଛନ୍ତି। ସିବିଆଇ, ଭିଜିଲାନ୍ସ ଓ ଇଡି ପ୍ରମୁଖ ତଦନ୍ତକାରୀ ସଂସ୍ଥା ଶାସକ ଦଳ ଇସାରାରେ ନାଚୁଛନ୍ତି। ଏଥିପାଇଁ ସ୍ୱାଧୀନତାର ଦୀର୍ଘ ବର୍ଷ ଅତିକ୍ରାନ୍ତ ହେବା ପରେ ଭାରତର ଆକାଂକ୍ଷିତ ବିକାଶ ହୋଇପାରି ନାହିଁ । କୋଟି କୋଟି ଟଙ୍କାର କଳାଧନ ରଖିଥିବା ଶାସକ ଦଳର ନେତାଙ୍କ ଘରେ ସିବିଆଇ, ଭିଜିଲାନ୍ସ ଓ ଇଡି ତରଫରୁ ଚଢ଼ାଉ ହେଉଛି କି ? ଯଦି ଦଳଗତ ନିର୍ବିଶେଷରେ ସଚେତନ ଜନସାଧାରଣ ଏମାନଙ୍କୁ ନିର୍ବାଚନରେ ଜବାବ ନ ଦେବେ ତେବେ ଦୁର୍ନୀତି ଓ ଭ୍ରଷ୍ଟାଚାର ଶେଷ ହେବ ନାହିଁ।

**–ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ପିରହାଟ, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବହିଯାଏ ଧୀରେ ନୟନର ନୀରେ ବାରତା କିବା
ତାହାରି ଧିଆନେ ଉଜଳି ଉଠେ ମୋ ରଜନୀ ଦିବା ।
ନ ଚାହିଁ କେଣିକି ସେ ଏଣୀ–ନୟନା ନଚାଇ ବେଣୀ
ଲୁଚାଇ ଚାଲଇ ଓଠ ତଳେ କେତେ ବାସନା ଶ୍ରେଣୀ ।
କେଉଁ ଯୁଗର ସେ ଅତି ପରିଚିତା ଜୀବନେ କି ଯେ
ନିତି ହୁଏ ଭେଟ, ଆଉ କେହି ନୁହେଁ, ସେହି ମୁଁ ନିଜେ ।
–(ସେହି ମୁଁ ନିଜେ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଖସୁଛି ପାରଦ, ବଢୁଛି ଶୀତ

ଭବାନୀପାଟଣା,୨।୧୨(ଉତ୍ତମ କୁମାର ଦାଶ)

## ଭବାନୀପାଟଣା ସହରରେ ସକାଳୁ ଘନ କୁହୁଡ଼ି



କଳାହାଣ୍ଡିରେ ପାରଦ ଖସୁଥିବାବେଳେ ଶୀତର ପ୍ରକୋପ ବଢୁଛି। ଥୁଲୁଥୁଲିଆ ପବନ ସାଙ୍ଗକୁ ଘନ କୁହୁଡ଼ିର ଆସ୍ତରଣ ଘୋଡ଼େଇ ହୋଇଛି। ବଦଳି ଯାଇଛି କଳାହାଣ୍ଡିର ରୂପ। ତାରିଆରେ ଘନ କୁହୁଡ଼ି। ମଙ୍ଗଳବାର ସକାଳୁ ସହରରେ ଘନ କୁହୁଡ଼ିର ଚିତ୍ର ଦେଖିବାକୁ ମିଳିଥିଲା। ଏଥିଯୋଗୁ ଯାତ୍ରୀ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଅନ୍ୟପକ୍ଷେ ଶୀତୁଆ ସକାଳେ କିଏ ବ୍ୟାୟାମ କରି ତ ଆଉ କିଏ ପ୍ରକୃତି କୋଳରେ ବୁଲି ଘନ କୁହୁଡ଼ିର ମଜା ଉଠାଉଛନ୍ତି। ହେଲେ ଖଟିଖିଆ ଲୋକଙ୍କୁ କଷ୍ଟ ଦେଉଛି ଜାଡ଼। ଗତ କିଛିଦିନ ହେବ ଜିଲାରେ ପାରଦ ୧୫ ଡିଗ୍ରୀ ତଳେ ରହୁଛି। ଫଳରେ ଜିଲାରେ ହାଡଭଙ୍ଗା ଶୀତ ଅନୁଭୂତ ହେଉଛି। ସକାଳ ୯ଟା ଓ ସନ୍ଧ୍ୟା ପରେ ଜାଡ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି। ଥୁଆମୂଳ ରାମପୁରରେ ତାପମାତ୍ରା ୧୦ଡିଗ୍ରୀ ରହିଥିବାବେଳେ କାଲୁଆ ପବନ ସାଙ୍ଗକୁ କାକର ତୁଷାରପାତର ଭ୍ରମ ସୃଷ୍ଟି କରୁଛି। ତେଣୁ ସକାଳ ହେଲେ ଲୋକେ ମର୍ନିଂ ୱାକ୍‌ରେ ବାହାରି ପଡୁଥିବା ବେଳେ ଖୋଲାସ୍ଥାନରେ ବ୍ୟାୟାମ କରି ଶୀତୁଆ ସକାଳର ମଜା ନେଉଛନ୍ତି। କିନ୍ତୁ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଶୀତ ବସ୍ତ୍ର ପରିଧାନ କରୁଛନ୍ତି ତ ଆଉ କିଏ ଗାଁ ଦାଣ୍ଡରେ ନିଆଁ ଲଗାଇ ପୋଇଁ ହେଉଛନ୍ତି। ଭବାନୀପାଟଣା ସହରରେ ସକାଳ ହେବା ମାତ୍ରେ ଶୀତର ମଜା ନେଉଛନ୍ତି ଲୋକେ। ଘନ କୁହୁଡ଼ିରେ ବିଭିନ୍ନ ସ୍ଥାନ ଢାଙ୍କି ହୋଇ ରହୁଛି। ଜରୁରୀ କାମ ଥିଲେ ହିଁ ଲୋକେ ଘରୁ ପଦାକୁ ଆସୁଛନ୍ତି। ଏ ନେଇ ଭବାନୀପାଟଣା ବାସିନ୍ଦା ସୁବାସ ପ୍ରଧାନ କହିଛନ୍ତି, ସକାଳୁ ଘନ କୁହୁଡ଼ି ସମସ୍ତଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ହେଲେ ପାଗରେ ପରିବର୍ତ୍ତନ ହୋଇଥିବାରୁ ବହୁତ ଖୁସି ଲାଗୁଛି। ଏ ପରିବେଶ ସବୁବେଳେ ଦେଖିବାକୁ ମିଳେ ନାହିଁ। ପ୍ରବଳ ଶୀତ ସାଙ୍ଗକୁ କାକର ବିନ୍ଦୁ ପଡୁଥିବାରୁ ଭଲ ଲାଗୁଛି ବୋଲି ସେ କହିଛନ୍ତି। ଅନ୍ୟଜଣେ ବାସିନ୍ଦା ଛବିଲାଲ ନିଆଳ କହିଛନ୍ତି ଯେ, ସକାଳେ ଘନ କୁହୁଡ଼ି ଆସ୍ତରଣ ଭିତରେ ଭବାନୀପାଟଣା ସହର ରହୁଛି। ଏତେ ସମୟ ଧରି କୁହୁଡ଼ି ସହରରେ କେବେ ଦେଖିବାକୁ ମିଳି ନ ଥିଲା। ଆଜି ଯେଉଁ କୁହୁଡ଼ି ହୋଇଛି ଅତ୍ୟନ୍ତ ମନୋରମ। ଏହା ଦାରିଙ୍ଗବାଡିର ଭ୍ରମ ସୃଷ୍ଟି କରୁଛି ବୋଲି ସେ ପ୍ରକାଶ କରିଛନ୍ତି।

# ଗୁହାଳେ ପଶି ୧୫ ଛେଳିମେଣ୍ଢାଙ୍କୁ ମାରିଲା କଳାପତରିଆ

ନୂଆପଡ଼ା/ବୋଡେନ,୨।୧୨ (ମକାରୁ ବେମାଲ/ଚିନ୍ତେଶ୍ୱର ନାଗ)



ବାଘ ମାରିଥିବା ଛେଳିମେଣ୍ଢା।

ନୂଆପଡ଼ା ଜିଲା ବୋଡେନ ବ୍ଲକ କଲାକୋଟ ପଞ୍ଚାୟତ ଝିରେଖୋଲା ଗାଁ ସର୍ଗିଗୁଡାରେ ସୋମବାର ରାତିରେ ଏକ କଳାପତରିଆ ବାଘ ଜଣେ ବ୍ୟକ୍ତିଙ୍କ ଗୁହାଳରେ ପଶି ୧୫ରୁ ଊର୍ଦ୍ଧ୍ୱ ଛେଳିମେଣ୍ଢାଙ୍କୁ ମାରିଦେଇଛି। ଏହାକୁ ନେଇ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି। ସୂଚନା ଅନୁଯାୟୀ, ସର୍ଗିଗୁଡାର ଛେଳି ଚାଷୀ ଦେବେନ୍ଦର ମାଝି ନିଜର ୪୦ରୁ ଅଧିକ ଛେଳିମେଣ୍ଢାଙ୍କୁ ଜଙ୍ଗଲରୁ ଚରାଇ ଆଣି ସନ୍ଧ୍ୟାରେ ଗୁହାଳରେ ବାନ୍ଧି ରଖିଥିଲେ। ଏପରିସ୍ଥଳେ ସୋମବାର ମଧ୍ୟରାତ୍ରରେ ନିକଟ ଜଙ୍ଗଲରୁ ଏକ କଳାପତରିଆ ବାଘ ଆସି ଗୁହାଳ ଭିତରେ ପଶି ୧୫ ଛେଳିମେଣ୍ଢାଙ୍କୁ ମାରିଥିଲା। ବାଘଟି ୨ଟି ମେଣ୍ଢାର ପେଟକୁ ଫାଡି ଖାଇଥିବାବେଳେ ୧୩ଟିକୁ ମାରି ଦେଇଛି। ଗୁହାଳ ପାଖରେ କେତେକ ମୃତ ମେଣ୍ଢା ପଡିରହିଥିବା ବେଳେ ଆଉ କେତେକଙ୍କୁ ଗୁହାଳରୁ ଜଙ୍ଗଲ ଭିତରକୁ ଟାଣି ନେଇଛି। ମଙ୍ଗଳବାର ଖରିଆର ପ୍ରାଣୀ ସମ୍ପଦ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତ ଛେଳିମେଣ୍ଢାଙ୍କ ବ୍ୟବଚ୍ଛେଦ କରିଛନ୍ତି। ଖଡିଆଳ ବନ ବିଭାଗ କର୍ମଚାରୀ ପହଞ୍ଚି ଗତି ଅନୁଧାନ କରିଛନ୍ତି। ଗାଁ ଓ ଜଙ୍ଗଲ ଭିତରେ ଟ୍ରାପ କ୍ୟାମେରା ଲଗାଇ ବାଘର ଗତିବିଧି ଉପରେ ନଜର ରଖୁଛନ୍ତି। ଘଟଣା ପରେ ଲୋକେ ଭୟରେ ବାହାରକୁ ଯାଉ ନାହାନ୍ତି। ବନ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନ କରାଯାଉଛି। ଗାଁ ପାଖରେ ଥିବା ଗୁରୁ ଡଙ୍ଗର ଜଙ୍ଗଲରୁ ବାଘ ଆସିଥିବା ଗ୍ରାମବାସୀ ଅନୁମାନ କରୁଛନ୍ତି। ଖଡିଆଳ ବନ ବିଭାଗ ରେଞ୍ଜର ଜୟଦେବ ମାଝି ମୃତ ଛେଳିମେଣ୍ଢାଙ୍କ ମୂଲ୍ୟ ଆକଳନ କରି କ୍ଷତିପୂରଣ ବାବଦକୁ ସହାୟତା ଯୋଗାଇ ଦିଆଯିବ। କଳାପତରିଆ ବାଘ ଏଭଳି ଘଟଣା ଘଟାଇଥିବା ଅନୁମାନ କରାଯାଉଛି ବୋଲି ରେଞ୍ଜର କହିଛନ୍ତି। ଗୁହାଳ ଓ ମୃତ ଛେଳିମେଣ୍ଢା ପଡିଥିବା ସ୍ଥାନରେ ବାଘର ପାଦଚିହ୍ନ ରହିଥିବା ଗ୍ରାମବାସୀ ଓ ବନ ବିଭାଗ କର୍ମଚାରୀ ଚିହ୍ନଟ କରିଛନ୍ତି।

## ସଂକ୍ଷେପରେ

### ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ କ୍ରୀଡ଼ା ପ୍ରତିଯୋଗିତା

**ଖଡ଼ିଆଳ,୨।୧୨ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ଉତ୍କଳ ଉପ୍ରା ବିଦ୍ୟାଳୟଠାରେ ମଙ୍ଗଳବାର ବ୍ଲକସ୍ତରୀୟ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ କାହ୍ନୁଚରଣ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଖଡ଼ିଆଳ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗୌତମ ତାଣ୍ଡି ମୁଖ୍ୟ ଅତିଥି ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅମୂଲ୍ୟ କୁମାର ଦାସ, ଉତ୍କଳ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଙ୍ଗୀତା ପାଲ, ସିଆରସିସି ଲାଲ୍ଲି ଖଗେଶ୍ୱର ବାଗ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ ମନୋଜ କୁମାର ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶାରୀରିକ ଶିକ୍ଷା ଶିକ୍ଷକ ହରମନ ମେହେର, ମହେଶ କୁମାର ମେହେର ଓ କୃପାସିନ୍ଧୁ ମେହେର ଛାତ୍ରୀଛାତ୍ରଙ୍କ ଖେଳ ପରିଚାଳନା କରିଥିଲେ। ଶେଷରେ ଅତିଥିମାନଙ୍କ ଦ୍ୱାରା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

### ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ

**ଲାଞ୍ଜିଗଡ଼,୨।୧୨(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ୪ର୍ଥ ବାର୍ଷିକ କ୍ରୀଡ଼ା ଉତ୍ସବ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଜ୍ଞାନ ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଶ୍ୱନାଥପୁର ସରପଞ୍ଚ ସୁରଥ ମାଝୀ ମୁଖ୍ୟ ଅତିଥି ଓ ସମିତି ସଭ୍ୟ ଅଜିତ କୁମାର ପ୍ରଧାନୀ, ଶିଶୁ ମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ପ୍ରଦିପ ଘଡ଼େଇ, ଉପସଭାପତି ହେମନ୍ତ ଦଣ୍ଡ ସେନା, ସମ୍ପାଦକ ତରୁଣ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଉତ୍ସବରେ ବିଦ୍ୟାଳୟର କୁନି ଛାତ୍ରୀଛାତ୍ରଙ୍କୁ ନେଇ ୧୦୦ମିଟର, ୨୦୦ମିଟର ଓ ୪୦୦ମିଟର ଦୌଡ, ଗଣିତ ଏବଂ ବେଙ୍ଗ ଦୌଡ, ଶଟ୍‌ପୁଟ ଥ୍ରୋ, ଲମ୍ଫ ଡିଆଁ, ଉଚ୍ଚ ଡିଆଁ ପ୍ରତିଯୋଗିତା ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମସ୍ତ ଗୁରୁଜୀ ଗୁରୁମା, କର୍ମଚାରୀ ସହଯୋଗ କରିଥିଲେ।

# ବିଦ୍ୟାଳୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

ନୂଆପଡ଼ା,୨।୧୨ (ମକାରୁ ବେମାଲ)



ଛାତ୍ରୀମାନେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

ନୂଆପଡ଼ା ସଦର ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ ମାଗୁରପାଣିଠାରେ ମଙ୍ଗଳବାର ବିଦ୍ୟାଳୟ ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟଙ୍କ ସହିତ ପ୍ରଧାନ ଶିକ୍ଷୟିତ୍ରୀ ଦୁଗଲି ବାଗ ଏହାକୁ ଉଦ୍‌ଘାଟନ କରିଥିଲେ। ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ହଲଦୀର ବିଜ୍ଞାନ ଶିକ୍ଷକ ଶିଶିର କୁମାର ଭୋଇ ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପରକୋଡର ବିଜ୍ଞାନ ଶିକ୍ଷକ ନରେନ୍ଦ୍ର କୁମାର ବାରିକ ବିଚାରକ ଭାବରେ ଯୋଗଦେଇଥିଲେ। ପ୍ରଦର୍ଶନୀରେ ସମୁଦାୟ ୩୫ ପ୍ରକଳ୍ପ ସ୍ଥାନିତ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ନୂଆପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ଗାତାରାଣୀ ଯୋଶୀ, କୋଦୋମେରି ସିଆର୍‌ସିସି ଶେଷଦେବ ମେହେର, ଅଁଳାଯିବା ସିଆର୍‌ସିସି ତଥା ଉକ୍ତ ବିଦ୍ୟାଳୟର ଶିକ୍ଷକ ଯୋଗେନ୍ଦ୍ର ବେହେରା, ଶିକ୍ଷାବିତ୍ ମିତ୍ରଭାନୁ ରାଉତ, ପ୍ରଧାନ ଶିକ୍ଷୟିତ୍ରୀ ଦୁଗଲି ବାଗ ବିଜ୍ଞାନମେଳାର ଗୁରୁତ୍ୱ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଶିକ୍ଷକ ପ୍ରଦିପ୍ତ କୁମାର ରଥ ଓ ସଞ୍ଜୀବ ପଧାନଙ୍କ ତତ୍ତ୍ୱାବଧାନରେ ଛାୟା ବିଧାନସଭା ଆୟୋଜନ କରାଯାଇଥିଲା। ପରେ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ କରାଯାଇଥିଲା। ନୀଳକଣ୍ଠ ସୁନା ଧନ୍ୟବାଦ ଦେଇଥିଲେ।

# ବ୍ଲକସ୍ତରୀୟ ଯୁବ ଉତ୍ସବ

ଥୁଆମୂଳ ରାମପୁର, ୨।୧୨ (ଦୁର୍ଗା କୀର୍ତ୍ତି)

## ପ୍ରଚାର ଅଭାବରୁ ଅନେକ ବାଦ୍ ପଡିଲେ

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ପ୍ରଶାସନ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ମା' ମାଣିକେଶ୍ୱରୀ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ବ୍ଲକ ସ୍ତରୀୟ ଯୁବ ଉତ୍ସବ ଅନୁଷ୍ଠିତ ହୋଇଥିଲା। ହେଲେ ପ୍ରଚାର ପ୍ରସାର ଅଭାବରୁ ବହୁ ଯୁବପ୍ରତିଭା ଯୋଗଦେଇ ନ ପାରି ଅସନ୍ତୋଷ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସାଂସଦଙ୍କ ବ୍ଲକ ପ୍ରତିନିଧି ପବିତ୍ର ନାଏକ ମୁଖ୍ୟ ଅତିଥି ଓ ମଣ୍ଡଳ ସଭାପତି ପୁଷ୍ପ ନାଏକ, ସାଧାରଣ ସମ୍ପାଦକ ଆଲୋକ କୁମାର ନାଏକ, ବିଡ଼ିଓ ଧ୍ରୁବ ଚରଣ ମୁଦୁଲି, ଏମ୍ଏମ୍ପିଏସ୍ ଅଧ୍ୟକ୍ଷ ସତ୍ୟ ନାରାୟଣ ମୁଣ୍ଡଚ୍ଛିନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉତ୍ସବରେ ହାତଗଣତି ସ୍କୁଲ, କଲେଜ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏ ନେଇ କାର୍ଯ୍ୟକ୍ରମ ଆୟୋଜନ ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀଙ୍କୁ ପଚାରିବାରୁ ଆମକୁ ସୋମବାର ଚିଠି ଆସିଥିଲା, ତଥାପି ସମସ୍ତ ବିଦ୍ୟାଳୟ, ଯୁବ ଅନୁଷ୍ଠାନକୁ ସୂଚନା ଦେଇଥିଲୁ ବୋଲି କହିଥିଲେ। ଏଥିରେ ଛାତ୍ରୀଛାତ୍ରମାନେ ଲୋକନୃତ୍ୟ, ଲୋକଗୀତ, କାହାଣୀ ଲେଖା, ଚିତ୍ରକଳା, କବିତା ଲିଖନ, ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀଙ୍କୁ ବିଜେତା ଘୋଷଣା ସହ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିବ ବୋଲି ସୂଚନା ଦିଆଯାଇଥିଲା। ଉଦ୍‌ଘାଟନୀ ଉତ୍ସବକୁ ଅଧ୍ୟାପକ ବବ୍ରୁବାହାନ ବୁଦ୍ଧିଆ ସଞ୍ଚାଳନ କରିଥିଲେ।

# ରାସ୍ତା ମରାମତି ଦାବି



ଶୋଚନୀୟ ହୋଇପଡ଼ିଥିବା ରାସ୍ତା।

ନୂଆପଡ଼ା,୨।୧୨ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ୍ ସିଆଲଲଟି ପଞ୍ଚାୟତ କରଙ୍ଗାଭଟାଠାରୁ ଦିଆମୁଣ୍ଡା ଛକ ବିଜୁ ଏକ୍ସପ୍ରେସ୍ ୱେକୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ ହୋଇପଡ଼ିଛି। ସୂଚନା ଅନୁଯାୟୀ ଏହି ରାସ୍ତା କରଙ୍ଗାଭଟା ନାଏକ ପଡ଼ାଠାରୁ କାଜୁ ବଗିଚା ଦେଇ ଦିଆମୁଣ୍ଡା ଛକଠାରେ ବିଜୁ ଏକ୍ସପ୍ରେସ୍ ୱେକୁ ସଂଯୋଗ କରିଛି। ଏହା ଉପରେ କରଙ୍ଗାଭଟା, ନାଏକପଡ଼ା, କାଶିପଲା, ଦିଆମୁଣ୍ଡା, ମୁଣ୍ଡାପଲା ଆଦି ଗାଁର ଲୋକେ ନିର୍ଭର କରନ୍ତି। ଏହାଛଡା ଅନେକ ଚାଷୀଙ୍କ ଜମି ରହିଥିବାରୁ ଧାନ ଅମଳକରି ସେହି ରାସ୍ତା ଦେଇ ଶଗଡ଼ ଓ ଟ୍ରାକ୍ଟର ଯୋଗେ ଆଣିଥାନ୍ତି। ମାଟି ମୋରମ ରାସ୍ତା ହୋଇଥିବାରୁ ବର୍ଷାରେ ଧୋଇହୋଇ ଅନେକ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି। ଖାଲରେ ପାଣି ଜମି କାଦୁଅ ହୋଇଯାଇଥିବାରୁ ଶଗଡ କିମ୍ବା ଟ୍ରାକ୍ଟର ଯିବା ଆସିବାରେ ବହୁ ଅସୁବିଧା ହେଉଛି। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏଥପ୍ରତି ଦୃଷ୍ଟିଦେଇ ରାସ୍ତା ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ନୂଆପଡ଼ା,୨।୧୨(ମକାରୁ ବେମାଲ)

ସ୍ଥାନୀୟ ସଦ୍‌ଭାବନା ସଭାଗୃହଠାରେ ସୋମବାର ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାଶ ଓ ଜିଲା ଆରକ୍ଷୀ ଅଧୀକ୍ଷକ ଅମୃତପାଲ ସିଂ ଉପସ୍ଥିତ ରହି ସମସ୍ତ ଅଭିଯୋଗପତ୍ର ଗ୍ରହଣକରି ତା'ର ସମାଧାନ କରିଥିଲେ। ଯେଉଁ ଅଭିଯୋଗ ରହିଯାଇଛି ଶୀଘ୍ର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶିବିରରେ ୪୮ ବ୍ୟକ୍ତିଗତ ଓ ୧୭ ସାମୂହିକ ମୋଟ ୬୫ ଅଭିଯୋଗ ଆସିଥିଲା। ୨ଜଣ ଅସହାୟଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ତତ୍କାଳ ସହାୟତା ଯୋଗାଇ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତ, ପ୍ରଫୁଲ୍ଲ କୁଜୁର, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲାପାଳ ସୁର୍ମି ସୋରେନ, ତହସିଲଦାର ପ୍ରଣବ ରଞ୍ଜନ ସାହୁ, ଡେପୁଟି କଲେକ୍ଟର ଚିନ୍ମୟ ସାଗର, ଶେଖ ନସିମ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବରିଷ୍ଠ ନାଗରିକଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା।


**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ/ଇଏନ୍‌ଜିଜି, ଦ. ପୂ. ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **କ୍ର.ସଂ. ଓ ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଇଏମ୍‌ଡି:** (୧) ସିକେପି-ସାଉଥ୍-୨୫-୨୬-୧୬; ରାଜଖରସୁଆଁ-ପଦାପାହାଡ଼, ପଦାପାହାଡ଼-ନୟାଗଡ଼, ପଦାପାହାଡ଼-ବଲାଣିଖାଦାନ ଓ ବଡ଼ଜାମଦା-ଗୁଆର ବିଭିନ୍ନ ୟାର୍ଡରେ ମୋଟ ୨୬୯ ସେଟ୍ ପାଇଁ ଥ୍ରୁ ଟର୍ନଆଉଟ୍ ନବୀକରଣ (ଟିଡବ୍ଲ୍ୟୁଏସ୍)। ₹୨,୧୪,୭୮,୯୧୨.୪୬; ₹୨,୫୭,୪୦୦/-। (୨) ସିକେପି-ସାଉଥ୍-୨୫-୨୬-୨୦; ମଣ୍ଡଳ ଯନ୍ତ୍ରୀ (ଦକ୍ଷିଣ)/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ରାଜଖରସୁଆଁ-ପଦାପାହାଡ଼, ପଦାପାହାଡ଼-ନୟାଗଡ଼, ପଦାପାହାଡ଼-ବଲାଣିଖାଦାନ ଓ ବଡ଼ଜାମଦା-ଗୁଆ ସେକ୍ସନରେ ୨୦,୩୭୮ ମିଟରରୁ ଅଧିକ ସେସ୍ ମରାମତି କାର୍ଯ୍ୟର ନିର୍ବାହ। ₹୧,୩୦,୩୬,୭୩୩.୧୦; ₹୨,୧୫,୨୦୦/-। (୩) ସିକେପି-ସାଉଥ୍-୨୫-୨୬-୨୧; ମଣ୍ଡଳ ଯନ୍ତ୍ରୀ/ଦକ୍ଷିଣ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପର୍ଯ୍ୟନ୍ତ (ଅର୍ଥାତ୍ ଦୁଇବର୍ଷ ପାଇଁ) ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ବଡ଼ଜାମଦାଙ୍କ ଅଧୀନରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟର ନିର୍ବାହ (୨ୟ ଆହ୍ୱାନ)। ₹୨,୭୭,୮୪,୮୦୦/-; ₹୨,୮୮,୯୦୦/-। **ଟେଣ୍ଡର ଫର୍ମ ମୂଲ୍ୟ: ପ୍ରତ୍ୟେକ ପାଇଁ ୦.୦୦। ଖୋଲାଯିବା ତାରିଖ:** କ୍ର.ସଂ ୧ ଓ ୩ ପାଇଁ ତା୨୨।୧୨।୨୦୨୫ରିଖ ଏବଂ କ୍ର.ସଂ. ୨ ପାଇଁ ତା୨୪।୧୨।୨୦୨୫ରିଖ। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କ ପାଇଁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ (କର୍ତ୍ତୃପକ୍ଷ – ରେଳବାଇ ବୋର୍ଡର ଚିଠି ସଂ.: ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି ତାରିଖ: ୧୬।୦୭।୨୦୨୦)। (PR-902)



**वरीय पुलिस अधीक्षक का कार्यालय,राँची**

सर्वसाधारण के लिए सूचना



**नाम–गंदरू उराँव, उम्र–41 वर्ष, रंग–साँवला, ऊँचाई–05 फीट 3 ईंच, पहनावा–नीला रंग का फुल स्वेटर एवं काला रंग का पैंट पहने हुए है।**

उपरोक्त लापता व्यक्ति गंदरू उराँव, उम्र–41 वर्ष, पिता–स्व0 लछु उराँव, सा0–बनधेया, थाना–नगड़ी, जिला–राँची जो दिनांक–09.11.2025 को बक्सर जाने के क्रम में बगैर बताए कहीं चले गए है जो घर वापस नहीं आए है। जिसके संबंध में नगडी थाना सन्हा संख्या–27/2025, दिनांक–18.11.2025 दर्ज कर इनकी खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता व्यक्ति कहीं मिलता/दिखता है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

**Email ID(rnc-dcb@jhpolice.gov.in)**

पुलिस उपाधीक्षक, मु0, द्वितीय, राँची। – 9431706142

थाना प्रभारी नगड़ी, राँची। – 9431706176

वरीय पुलिस अधीक्षक, राँची

PR 367511 Police(25-26).D


# राज्यस्तरीय बालिका फुटबल प्रतियोगिता उद्घाटित




ଉଦ୍‌ଘାଟନୀ ସମାରୋହରେ ଯୋଗଦେଇଥିବା ଅତିଥିମାନେ।

ଭବାନୀପାଟଣା,୨।୧୨ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମଠାରେ ମଙ୍ଗଳବାର ୬୯ତମ ରାଜ୍ୟସ୍ତରୀୟ ୧୭ବର୍ଷରୁ କମ ବାଳିକା ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ବିଦ୍ୟାଳୟ କ୍ରୀଡା ସମୂହ ଦ୍ୱାରା ଆୟୋଜିତ ପ୍ରତିଯୋଗିତାକୁ କଳାହାଣ୍ଡି ଜିଲା ଶିକ୍ଷା ବିଭାଗ ଆୟୋଜନ କରୁଛି। ଜିଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ ମୁଖ୍ୟ ଅତିଥି, ଡ. ଶିବପ୍ରସାଦ ବେହେରା ମୁଖ୍ୟବକ୍ତା ଓ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି, ବ୍ରହ୍ମପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ପବିତ୍ର ମୋହନ ସାହୁ, ଜିଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, ଶାରୀରିକ ଶିକ୍ଷା ସହ ନିର୍ଦ୍ଦେଶକ ଜ୍ୟୋତିପ୍ରସାଦ ପରିଡ଼ା, ଗଣଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଯୁଗଳ ପୋଢ଼, ସାଂସଦ ପ୍ରତିନିଧି ଜୟଶଙ୍କର ନାଏକ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ହେମସାଗର ମହାନନ୍ଦ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂହ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ଛତ୍ରି ସ୍ୱାଗତ ଭାଷଣ ଦେଇଥିବା ବେଳେ ଶାରୀରିକ ଶିକ୍ଷା ସହ ନିର୍ଦ୍ଦେଶକ ଜ୍ୟୋତିପ୍ରସାଦ ପରିଡ଼ା ବାର୍ଷିକ ବିବରଣୀ ପଠନ କରିଥିଲେ। ଏହି ଅବସରରେ ଫ୍ଲାଗମାର୍ଚ୍ଚ ଓ ଶପଥ ପାଠ ହୋଇଥିଲା। ଅପରାହ୍ନରେ ମା' ମାଣିକେଶ୍ୱରୀ ମନ୍ଦିରରୁ ଏକ ମଶାଲ ଯାତ୍ରା ଆୟୋଜିତ ହୋଇଥିଲା। ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ୩୦ ଜିଲାର ପ୍ରତିଯୋଗୀ ଭାଗ ନେଉଛନ୍ତି। ସମସ୍ତ ବାଳିକା ପ୍ରତିଯୋଗୀଙ୍କ ମଧ୍ୟରେ ଫୁଟ୍‌ବଲ ପ୍ରତିଯୋଗିତା ସ୍ଥାନୀୟ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସ୍ପୋର୍ଟସ୍ ହଷ୍ଟେଲ ପଡିଆ ଓ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆଠାରେ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ରାଜ୍ୟ ଅଧିକାରୀ ନିରଞ୍ଜନ ଶତପଥୀ ଓ ସିଆର୍‌ସିସି ଡିଲେଶ୍ୱର ରଣା ପରିଚାଳନା କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମହାନନ୍ଦ ଧନ୍ୟବାଦ ଦେଇଥିଲେ। ସନ୍ଧ୍ୟାରେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ର ତଥା ବିଶିଷ୍ଟ ଲୋକ କଳାକାର ସର୍ବେଶ୍ୱର ଭୋଇ ଓ ନୀଳାଞ୍ଜନ ପାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।


**PANCHAYAT SAMITI OFFICE, BIRMAHARAJPUR**

Tender Call Notice No. Dt.

**INVITATION OF BID**

Last date of receipt of Bid : 18.12.2025
Date of Opening of Bid : 19.12.2025

The Block Development Officer, Birmaharajpur invite percentage rate bid from the contractor/bidder for execution of following works.

| Sl. No. | Name of the Work | Scheme | Value of Work (Rs.) | Class of Contractor |
|---|---|---|---|---|
| 1 | Construction of Multipurpose Community-cum-Cultural Centre at Sardhapali | ST & SC Dev. | 20,21,163/- | C & B |

For details visit our District website **www.subarnapur.nic.in.**

**Sd./- Block Development Officer**
**Birmaharajpur**



**PARADIP COLLEGE**
Paradip, Jagatsinghpur, Odisha-754142
Ph:(06722) 222379 (O), (06722) 222251 (R)
Website:www.paradipcollege.org, E-mail: paradip_college@yahoo.com

Ref. 1067/25/PC Date: 02.12.25

**TENDER CALL NOTICE**
**Paradip College, Paradip**

Sealed tenders are invited from authorized, registered firms/ distributors/dealers/companies for procurement of Fire Extinguishers, P.A. Podium with Speaker, Sound Box, Green Board & other equipments under RUSA scheme. The tender should reach the office of the undersigned within ten days of publication of this notice.

For details please visit our college website: www.paradeepcollege.org

**Sd./- Principal**
**Paradip College, Paradip**



**OFFICE OF THE EXECUTIVE ENGINEER. MINOR IRRIGATION DIVISION, Ranchi**

**e-Procurement Tender Notice**
**Two Envelope System**

Tender Reference No:- WRD/MID/04/BD/(SLI)2025-26
Letter no-.............Date-.............

| | | |
|---|---|---|
| 1 | Name of Work: | Construction of Mukhyamantri Solar Lift Irrigation Scheme at Patratu Block:- Kanke, Dist- Ranchi. |
| 2 | Estimated Cost (Rs.) | **Rs. 1,09,18,500.00** |
| 3 | Cost of tender document (Rs) | Rs 10,000 only (non-refundable). |
| 4 | Earnest Money Deposit (Rs.) | Rs 1,10,000.00 only. |
| 5 | Time of Completion | 335 Days |
| 6 | Mode of Submission of tender | Online through www.jharkhandtenders.gov.in |
| 7 | Date of Publicationof Tender on website | Date: 17.12.2025 Time: 2:00 PM |
| 8 | Last Date/Time for downloading of bidding documents and Submission of Tender on Website | Date: 23.12.2025 Time: 2:00PM |
| 9 | Submission of Tender Fee and EMD | Start Date:-17.12.2025 Time:- 2:00 PM Last Date:- 23.12.2025 Time:- 2:00 PM |
| 10 | Technical Bid Opening Date | Date: 24.12.2025 Time: 2:00 PM |
| 11 | Officer Inviting Bids | Executive Engineer Minor Irrigation Division Ranchi |
| 12 | Contact No. of Procurement Officer e-mail of Procurement Officer | 9431190681 |
| 13 | Help line No. of Procurement Cell | 0651-3512781/Email ID- eemidran-cemr-jhr@nic.in |

Note:-
- Work will be awarded to those bidders {specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/ Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes}. Empanelled Indigenous Manufacturers of 10 HP pumps (AC/DC Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
- Only e-Tender will be accepted. Further details can be seen on website http://jharkhandtenders.gov.in

Executive Engineer, Minor Irrigation Division, Ranchi

PR 367551 Minor Irrigation(25-26)#D

# ମିଳିଲା ଲିଖିତ ପ୍ରତିଶ୍ରୁତି, ଟଳିନି ସମସ୍ୟା

## ବରଗଡ଼ ଜିଲାରେ ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟା

ବରଗଡ଼,୨।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ୫ ଦିନ ବିତି ଯାଇଛି। ଏହାସତ୍ତ୍ୱେ ଧାନ ଉଠାଣ ନେଇ ଚାଷୀମାନେ ଆଶଙ୍କାରେ ରହିଛନ୍ତି। ମଙ୍ଗଳବାର ବରଗଡ଼ ନିୟନ୍ତ୍ରିତ ବଜାର କମିଟି(ଆର୍‌ଏମ୍‌ସି) ଅଧୀନ କଲାପାଣି ମଣ୍ଡିରେ ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ ଏବଂ ସମବାୟ ସମିତି ସମୂହ, ବରଗଡ଼ର ଉପନିବନ୍ଧକ(ଡିଆରସିଏସ୍) ଯୁଗଳ କିଶୋର ଦାଶ ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାନ ଉଠାଣ ନେଇ ଆଶା ଦେଖାଯାଇଛି। କଲାପାଣି ମଣ୍ଡିରେ ନଡ଼ିଆ ଭାଙ୍ଗି ଅଧିକାରୀମାନେ ଧାନ ଉଠାଣର ଶୁଭାରମ୍ଭ କରିଥିଲେ। ମାତ୍ର ଏବେ ମଧ୍ୟ ଧାନ ଉଠାଣ ସହିତ ଟୋକନ, ପଞ୍ଜୀକରଣ ସମସ୍ୟା ଟଳି ନାହିଁ ଏବଂ ଜିଲାର ଚାଷୀ ମହଲରେ ଚାପା ଅସନ୍ତୋଷ ଲାଗି ରହିଛି।

ଜିଲାରେ ଗତମାସ ୨୮ତାରିଖରୁ ମଣ୍ଡି ଗୁଡ଼ିକ ଖୋଲାଯାଇଛି। ଧାନ ସଂଗ୍ରହ ପାଇଁ ଜିଲାରେ ସମୁଦାୟ ୨୩୦ଟି ମଣ୍ଡି ଖୋଲିଛି। ଇତିମଧ୍ୟରେ ଜିଲାର ଅତାବିରା, ଗୋଡ଼ଭଗା ଏବଂ କଲାପାଣି ମଣ୍ଡିରୁ ଧାନ ଉଠାଣ ହୋଇଛି। ମାତ୍ର ସେଠାରେ ହୋଇଥିବା ଧାନକ୍ରୟ ଏବଂ ଉଠାଣ ଧର୍ମକୁ ଆଖିଠାର ଭଳି ହୋଇଛି। ହଜାର ହଜାର ବସ୍ତା ଧାନରେ ମଣ୍ଡି ଗୁଡ଼ିକ ଭର୍ତ୍ତି ହୋଇସାରିଛି। ମାତ୍ର ଏପର୍ଯ୍ୟନ୍ତ ଦୁଇ, ତିନିଜଣ ଚାଷୀଙ୍କ ୭୫କୁଇଣ୍ଟାଲ ଲେଖାଏଁ ଧାନ କିଣାଯାଇ ତାକୁ ଉଠାଯାଇଛି। ଫଳରେ ଏବେ ମଧ୍ୟ ଧାନକ୍ରିୟ, ଉଠାଣ ନେଇ ଅନିଶ୍ଚିତତା ଲାଗି ରହିଛି। ଫଳରେ ଚାଷୀମାନେ କୌଣସି ମୁହୂର୍ତ୍ତରେ ଆନ୍ଦୋଳନକୁ ଓହ୍ଲାଇବାର ଆଶଙ୍କା ମଧ୍ୟ ଉପୁଜିଛି। ସୋମବାର ଭଳି ମଙ୍ଗଳବାର ସକାଳୁ ମଧ୍ୟ ସଂଯୁକ୍ତ କୃଷକ ସଂଗଠନ ନେତୃତ୍ୱରେ ଜିଲାର ବିଭିନ୍ନ ଅଞ୍ଚଳର ଚାଷୀ, ଚାଷୀ ପ୍ରତିନିଧିମାନେ କଲାପାଣି ମଣ୍ଡରେ ସମବେତ ହୋଇଥିଲେ। ସେଠାରେ ପ୍ରଶାସନ ସହିତ ଚାଷୀମାନଙ୍କ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା। ଧାନବିକ୍ରିରେ ଅଚଳାବସ୍ଥାକୁ ନେଇ ଚାଷୀ ପ୍ରତିନିଧିମାନେ ଆଲୋଚନାରେ ଉଦବେଗ ପ୍ରକାଶ କରିଥିଲେ। ଏହା ସହିତ ଉପସ୍ଥିତ ଉପଜିଲାପାଳ ଏବଂ ଡିଆରସିଏସ୍‌ଙ୍କ ସମ୍ମୁଖରେ ଚାଷୀମାନେ ୫ଦଫା ଦାବି ରଖିଥିଲେ। ଦାବି ଗୁଡ଼ିକ ଶୁଣିବା ପରେ ଅଧିକାରୀଦ୍ୱୟ ସେ ନେଇ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତିରେ ଉଲ୍ଲେଖ ରହିଛି, ଧାନକ୍ରୟ ପାଇଁ ପି-ପାସ୍ ବ୍ୟବସ୍ଥା କରାଯାଇଛି ଏବଂ ପଞ୍ଜୀକୃତ ବାଦ୍ ପଡ଼ିଥିବା ଚାଷୀଙ୍କ ତାଲିକା ଉଚ୍ଚ ଅଧିକାରୀଙ୍କ ଅନୁମୋଦନ ପାଇଁ ପଠାଯାଇଛି। ଏହାସତ୍ତ୍ୱେ ଅଭିଯୋଗ ଦାଖଲ ପାଇଁ ଟୋଲ ଫ୍ରି ନଂ- ୧୯୬୭ ଜାରି କରାଯାଇଛି। ସେହିପରି ଚଳିତବର୍ଷ ଜିଲାର ୨୩୦ ଧାନକ୍ରୟ କେନ୍ଦ୍ର(ମଣ୍ଡି)ରେ ୫୮ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ଚାଷୀଙ୍କଠାରୁ ସିଧାସଳଖ ଧାନ କିଣିବାର ବ୍ୟବସ୍ଥା କରାଯାଇଥିବା ଅଧିକାରୀମାନେ ସୂଚନା ଦେଇଥିଲେ। ବର୍ଷିତ ୬୯ଟଙ୍କାର ସହାୟକ ମୂଲ୍ୟ ବାବଦରେ ସଂଯୁକ୍ତ କୃଷକ ସଂଗଠନ ଦେଇଥିବା ସ୍ମାରକପତ୍ରକୁ ଜିଲାପାଳଙ୍କ ମାଧ୍ୟମରେ ସରକାରଙ୍କ ପାଖକୁ ପଠାଯିବ ଏବଂ ମଣ୍ଡିରେ ପଡ଼ିଥିବା ଧାନକୁ ୪୮ଘଣ୍ଟା ମଧ୍ୟରେ କିଣିବାକୁ ଚେଷ୍ଟା କରିବାକୁ ମଧ୍ୟ ସେମାନେ ପ୍ରତିଶ୍ରୁତି ଦେଇଛନ୍ତି। ଏହା ସହିତ ଧାନର ମାନ ନିରୀକ୍ଷଣ ପାଇଁ ମିଲର୍ସଙ୍କ କୌଣସି ସହଯୋଗ ନିଆଯିବ ନାହିଁ ଏବଂ ଜାନୁଆରୀ ମାସ ଶେଷ ସୁଦ୍ଧା ସମସ୍ତ ଚାଷୀଙ୍କର ଧାନକୁ ଟୋକନ ଅନୁଯାୟୀ କିଣାଯିବ ବୋଲି ଲିଖିତ ପ୍ରତିଶ୍ରୁତିରେ ଉଲ୍ଲେଖ ରହିଛି। ତେବେ ଏହି ପ୍ରତିଶ୍ରୁତି କେତେଶୀଘ୍ର କାର୍ଯ୍ୟକାରୀ ହେଉଛି, ତାକୁ ଚାଷୀମାନେ ଚାହିଁ ବସିଛନ୍ତି। ତ୍ରିପାକ୍ଷିକ ଆଲୋଚନାରେ ଚାଷୀ ପ୍ରତିନିଧିମାନେ ରମେଶ ମହାପାତ୍ର, ଉପେନ୍ଦ୍ର କୁମାର ରଥ, ଅଜିତ ଶତପଥି, ଏକାଦଶିଆ ସାହୁ, ସୁରେଶ ନେକାଣ୍ଡି, ଅରବିନ୍ଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ଉପଜିଲାପାଳଙ୍କଠାରୁ ଚାଷୀମାନେ ଲିଖିତ ପ୍ରତିଶ୍ରୁତି ଗ୍ରହଣ କରୁଛନ୍ତି।

# ଅତାବିରା ଆର୍‌ଏମ୍‌ସିରେ ଅଚଳାବସ୍ଥା ଜାରି

ଅତାବିରା, ୨।୧୨(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭରୁ ଅଚଳାବସ୍ଥା ଲାଗି ରହିଛି। ନଭେମ୍ବର ୨୮ତାରିଖରୁ ମଣ୍ଡି ଖୋଲିଛି ସତ, ହେଲେ ଏପର୍ଯ୍ୟନ୍ତ ଅତାବିରା ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ଅଧୀନ ଗୋଡ଼ଭଗା ଓ ଅତାବିରା ମଣ୍ଡିରୁ କେବଳ ୧୫୦ କୁଇଣ୍ଟାଲ ଅର୍ଥାତ ୩୫୩ ପ୍ୟାକେଟ ଧାନ ଉଠାଯାଇଛି। ବର୍ତ୍ତମାନ ସୁଦ୍ଧା ଅତାବିରା ଆର୍‌ଏମ୍‌ସି ଅଧୀନରେ ଅତାବିରା ବ୍ଲକର ବିଭିନ୍ନ ମଣ୍ଡିରେ ସରକାରୀ ଟୋକନ ଥିବା ଚାଷୀଙ୍କ ୪୬୭୨୩ ହଜାର ପ୍ୟାକେଟ ପଡ଼ିଥିବା ବେଳେ ବେସରକାରୀ ଭାବେ ଲକ୍ଷାଧିକ ପ୍ୟାକେଟ ଧାନ ଖୋଲା ଆକାଶ ତଳେ ପଡ଼ି ରହିଛି। ନାନା ଆଳ ଦେଖାଇ ଧାନକିଣାକୁ ବିଳମ୍ବିତ କରାଯାଉଥିବାରୁ ଭିନ୍ନ ଭିନ୍ନ ସ୍ଥାନରେ ଚାଷୀ ଆନ୍ଦୋଳନ ଦେଖିବାକୁ ମିଳିଛି। ଅନ୍ୟପଟେ ଚଳିତ ବର୍ଷ କେନ୍ଦ୍ରସରକାର ଏମ୍‌ଏସ୍‌ପି ଉପରେ ୬୯ ଟଙ୍କା ବୃଦ୍ଧି କରିଛନ୍ତି। ଯାହାକି ଧାନର ସହାୟକ ମୂଲ୍ୟ ୨୩୬୯ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଦିଆ ଯାଉଥିବା ୮୦୦ଟଙ୍କା ବୋନସକୁ ମିଶାଇଲେ ଚାଷୀ ତାର ପ୍ରାପ୍ୟ କୁଇଣ୍ଟାଲ ପିଛା ୩୧୬୯ ଟଙ୍କା ପାଇବା କଥା। କିନ୍ତୁ ବର୍ତ୍ତମାନ ସରକାର କହିଛନ୍ତି ଚାଷୀ କେବଳ ୩୧୦୦ ଟଙ୍କା ହିଁ ପାଇବ। ତେବେ ବର୍ଷିତ ଏମ୍‌ଏସ୍‌ପି ଗଲା କୁଆଡେ ବୋଲି ଚାଷୀ ପ୍ରଶ୍ନ କରିଛନ୍ତି।



ପଞ୍ଚମ ଦିନରେ ଉଠାଣ ଶୂନ

# ଧନୁଯାତ୍ରା କଳାକାରଙ୍କ ପୂର୍ବାଭ୍ୟାସ ଆରମ୍ଭ

ବରଗଡ଼,୨।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ୨୪ରୁ ଆରମ୍ଭ ହେବ। ୨୦୨୬ ଜାନୁଆରୀ ୩ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ। ମହୋତ୍ସବର ଏହି ୧୧ଦିନ ଅବଧିରେ ବରଗଡ଼ ସହର ମଥୁରାନଗରୀ ଏବଂ ଅମ୍ବାପାଲି ଗୋପପୁର ପାଲଟିବ। ମଝିରେ ବହି ଯାଉଥିବା ଜୀରାନଦୀ ଯମୁନା ହେବ। ଇତିମଧ୍ୟରେ ଧନୁଯାତ୍ରା ପାଇଁ ଉଭୟ ମଥୁରାନଗରୀ ଏବଂ ଗୋପପୁରର କଳାକାର ଚୟନ ପ୍ରକ୍ରିୟା ସରିଯାଇଛି। ଉଭୟ ମଥୁରାନଗରୀ ଏବଂ ଗୋପପୁରରେ ମହୋତ୍ସବର ଶୁଭମୁହୂର୍ତ୍ତ ମଧ୍ୟ ସ୍ଥାପିତ ହୋଇଛି। ମଙ୍ଗଳବାରଠାରୁ ଧନୁଯାତ୍ରା କଳାକାରଙ୍କ ପୂର୍ବାଭ୍ୟାସ ଆରମ୍ଭ ହୋଇଛି। ବରଗଡ଼ ଗାନ୍ଧିଛକ ନିକଟ କଲ୍ୟାଣ ମଣ୍ଡପରେ ଚାଲିଥିବା କଳାକାରଙ୍କ ପୂର୍ବାଭ୍ୟାସ କାର୍ଯ୍ୟକ୍ରମକୁ ଧନୁଯାତ୍ରା ମହୋତ୍ସବ କଳାକାର ସମନ୍ୱୟ ସମିତିର ଆବାହକ ତଥା ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର ଶୁଭାରମ୍ଭ କରିଥିଲେ। ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ, କଳାକାର ସମନ୍ୱୟ ସମିତିର ସହ ଆବାହକ ଅଶୋକ ବେହେରା, ନକୁଳ ବାଦୀ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବାଭ୍ୟାସ କାର୍ଯ୍ୟକ୍ରମରେ ଉଗ୍ରସେନ, କଂସ, ଦେବକୀ, ବସୁଦେବ, ନାରଦ ଏବଂ ଅନ୍ୟ ପାର୍ଶ୍ୱ କଳାକାରମାନେ ଉପସ୍ଥିତ ରହି ପୂର୍ବାଭ୍ୟାସ କରିଥିଲେ। ପୂର୍ବାଭ୍ୟାସର ପ୍ରଥମ ଦିନରେ ଦେବକୀ, ବସୁଦେବଙ୍କ ବିବାହ, ଉଗ୍ରସେନଙ୍କୁ ଗାଦିଚ୍ୟୁତ, କଂସ ମହାରାଜଙ୍କ ରାଜ ସିଂହାସନ ଆରୋହଣ ଆଦି ଦୃଶ୍ୟାଭିନୟ ଉପରେ କଳାକାରମାନେ ପୂର୍ବାଭ୍ୟାସ କରିଥିଲେ। କଳାକାରଙ୍କ ପୂର୍ବାଭ୍ୟାସରୁ ଆସନ୍ତା ଧନୁଯାତ୍ରା ମହୋତ୍ସବର ଦୃଶ୍ୟାଭିନୟ ଗୁଡ଼ିକ କିଭଳି ହେବ, ତାହା ବାରି ହୋଇପଡୁଥିବାବେଳେ ସେଥିପ୍ରତି ଦର୍ଶକମାନେ ଏବେଠାରୁ ଚାହିଁ ବସିଛନ୍ତି।



ବରଗଡ଼ ଗାନ୍ଧିଛକ କଲ୍ୟାଣ ମଣ୍ଡପରେ ଧନୁଯାତ୍ରା କଳାକାରଙ୍କ ପୂର୍ବାଭ୍ୟାସ।

# ପଦ୍ମପୁର ଆର୍‌ଏମ୍‌ସିରେ କପାମଣ୍ଡି ଉଦ୍‌ଘାଟିତ

ପଦ୍ମପୁର,୨।୧୨(ପ୍ରଦୀପ୍ତ ଦାଶ)

ଚାଷୀମାନଙ୍କ ସୁବିଧା ଦୃଷ୍ଟିରୁ ମଙ୍ଗଳବାର ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ କପାମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ପଦ୍ମପୁର ଆର୍‌ଏମ୍‌ସି ସମ୍ପାଦକ ରବିନାରାୟଣ ପଣ୍ଡା, ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରବାସ ଚନ୍ଦ୍ର ପଣ୍ଡା, ସହକାରୀ କୃଷି ଅଧିକାରୀ ରାଜୀବ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପଦ୍ମପୁର,୨।୧୨ (ପ୍ରଦୀପ୍ତ ଦାଶ): ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ କନସିଂହା ସରସ୍ୱତୀ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଗୋବର୍ଦ୍ଧନ ମିଶ୍ରଙ୍କୁ ବିଦ୍ୟାଳୟର ପୁରାତନ ଓ ନୂତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମରେ ରତ୍ନାକର ଶତପଥୀ, ଯାଦବ ସିଂ ବରିହା, ଉପେନ ବାରିକ, ସଞ୍ଜୀବ ବାରିକ, ବିଭୂତି ବରିହା, ବୃନ୍ଦାବନ ଦାଶ, ସୁଶାନ୍ତ ବଡ଼େଇ, କେଦାର ଧରୁଆ, ଦୀପକ ସିଂ ବରିହା, ଶିଶିର ମିଶ୍ର, ପ୍ରସାଦ ସାହୁ, ନିରଞ୍ଜନ ଦାସ, ଅଶୋକ ସେଠ, ଅଶ୍ୱିନୀ ଧରୁଆ ସାମିଲ ଥିଲେ।



କ୍ରିଷ୍ଣା ବିକାଶ ଗ୍ରୁପ ବାର୍ଷିକ ଉତ୍ସବର ଉଦ୍‌ଯାପନୀ ସମାରୋହରେ ଛାତ୍ରୀଛାତ୍ରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ।

# କ୍ରିଷ୍ଣା ବିକାଶ ଗ୍ରୁପ୍‌ର ବାର୍ଷିକ ଉତ୍ସବ ଉଦ୍‌ଯାପିତ

ବରଗଡ଼,୨।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାସ୍ଥିତ କ୍ରିଷ୍ଣା ବିକାଶ ଗ୍ରୁପର ବାର୍ଷିକ ଉତ୍ସବ ୨୦୨୫-୨୬ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସମାରୋହରେ ବରଗଡ଼ ଏସ୍‌ପି ପିଏସ୍ ମାନା ମୁଖ୍ୟ ଅତିଥିଭାବେ ଯୋଗଦେଇ କଠୋର ପରିଶ୍ରମ ସହିତ ଆତ୍ମବିଶ୍ୱାସ ଓ ଜିଜ୍ଞାସାରେ ନିଜର ଦୈନନ୍ଦିନ ଜୀବନ ଆରମ୍ଭ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ସତ୍ୟନାରାୟଣ ନନ୍ଦ ସମ୍ମାନିତ ଅତିଥିଭାବେ ଯୋଗଦେଇ କ୍ରିଷ୍ଣା ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲୀ କ୍ରିଷ୍ଣାଙ୍କ ଦୂରଦୃଷ୍ଟିକୁ ପ୍ରଶଂସା କରିଥିଲେ। ଏହା ସହିତ ପରିବେଶ ପ୍ରତି ଯତ୍ନବାନ ହେବା ପାଇଁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ମ୍ୟାନେଜିଂ ଡାଇରେକ୍ଟର ବିବେକ ଦଶାରୀ ଜେଇଇ, ନିଟ୍, ସିୟୁଇଟି କ୍ଷେତ୍ରରେ କ୍ରିଷ୍ଣା ବିକାଶ ଗ୍ରୁପର ସଫଳତାକୁ ପ୍ରଶଂସା କରିଥିଲେ। କ୍ରିଷ୍ଣା ବିକାଶ ସମୂହର ଡାଇରେକ୍ଟର ତୁୟୋସେମ୍ୟାନ ଲୋକେଶ ଦଶାରୀ ସର୍ବଭାରତୀୟ ସ୍ତରରେ ଉଚ୍ଚ ଅନୁଷ୍ଠାନ ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଗୁରୁତ୍ୱ ବହନ କରିଛି ବୋଲି ମତବ୍ୟକ୍ତ କରିଥିଲେ। କ୍ରିଷ୍ଣା ବିକାଶ ସମୂହର ଡାଇରେକ୍ଟର ଓ ସମନ୍ୱୟକାରୀ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ବିକାଶ ଫାଷ୍ଟଷ୍ଟେପ୍‌ର ଅଧ୍ୟକ୍ଷା ପୁଷ୍ପଲତା ମହାପାତ୍ର ବିବରଣୀ ପାଠ କରିଥିଲେ। ସଭାକାର୍ଯ୍ୟ ପରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ପୁରସ୍କାର ବିତରଣ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବିକାଶ ଆବାସିକ ବିଦ୍ୟାଳୟର ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷ ତିରଞ୍ଜନ ପତି, ବିକାଶ ଇନଷ୍ଟିଚ୍ୟୁଟ୍ ଫର୍ ସୋସିଆଲ ୱେଲଫେୟାର ସ୍କୁଲର ଅଧ୍ୟକ୍ଷ ମାନଗୋବିନ୍ଦ ବ୍ରହ୍ମଚାରୀ, କ୍ରିଷ୍ଣା ବିକାଶ ଶିଶୁସ୍ଥାନର ଅଧ୍ୟକ୍ଷ, ଉପାଧ୍ୟକ୍ଷ, କର୍ମଚାରୀ ଉପସ୍ଥିତ ଥିଲେ। ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।


**ଦ.ପୂ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଂ), ଦ.ପୂ. ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ... ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ବାୟନା ...

ଟେଣ୍ଡର ଫର୍ମ ମୂଲ୍ୟ: ପ୍ରତ୍ୟେକ ପାଇଁ ୦.୦୦ ... http://www.ireps.gov.in ...

(PR-902)



**वरीय पुलिस अधीक्षक का कार्यालय, राँची**

सर्वसाधारण के लिए सूचना



नाम–गंदरु उराँव, उम्र–41 वर्ष, रंग–साँवला, ऊँचाई–05 फीट 3 ईंच, पहनावा–नीला रंग का फुल स्वेटर एवं काला रंग का पैंट पहने हुए है।

उपरोक्त लापता व्यक्ति गंदरु उराँव, उम्र–41 वर्ष, पिता–स्व0 लछु उराँव, सा0–बनहेया, थाना–नगड़ी, जिला–राँची जो दिनांक–09.11.2025 को बाजार जाने के क्रम में बगैर बताए कहीं चले गए है जो घर वापस नहीं आए है। जिसके संबंध में नगड़ी थाना सन्हा संख्या–27/2025, दिनांक–18.11.2025 दर्ज कर इनकी खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता व्यक्ति कहीं मिलता/दिखता है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

Email ID(mc-dcb@jhpolice.gov.in)

पुलिस उपाधीक्षक, मु0, द्वितीय, राँची – 9431706142
थाना प्रभारी नगड़ी, राँची। – 9431706176

वरीय पुलिस अधीक्षक, राँची

PR 367511 Police(25-26).D


# ଏଡ୍‌ସ ଲକ୍ଷଣ, ନିରାକରଣ ଉପରେ ଆଲୋଚନା

ବରପାଲି,୨।୧୨(ଚିରଞ୍ଜନ ସାହୁ)

ବରପାଲି ବ୍ଲକ ବିଜୟପଲ୍ଲୀସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତ ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ୍ ଓ ରେଡ୍ ରିବନ କ୍ଲବ ପକ୍ଷରୁ ସୋମବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ. ବଦ୍ରିନାରାୟଣ ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରେଶମ ପ୍ରାଥମିକ ଚିକିତ୍ସାଳୟର ଡା. ଗଜେନ୍ଦ୍ର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏଡ୍‌ସର ଲକ୍ଷଣ ଓ ନିରାକରଣ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଅଧ୍ୟାପକ ରମାକାନ୍ତ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। କାଉନ୍‌ସିଲର ଅଧ୍ୟାପକ କାମପାଳ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶୋଭାଯାତ୍ରା ଗ୍ରାମ ପରିକ୍ରମାକରି ଲୋକମାନଙ୍କୁ ଏଡ୍‌ସ ଉପରେ ସଚେତନ କରିଥିଲେ।



କାର୍ଯ୍ୟକ୍ରମରେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟ ଦିବସ, ମଜୁରି ବୃଦ୍ଧି



ଟେମରୀ ଗ୍ରାମବାସୀ।

## ଖୁସି ମନାଇଲେ ଟେମରୀ ଶ୍ରମିକ

ପାଇକମାଲ, ୨।୧୨(ବହ୍ନି ଶତପଥୀ)

ରାଜ୍ୟ ସରକାର ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟ ଦିବସ, ମଜୁରି ବୃଦ୍ଧି କରିଛନ୍ତି। ଏଥିପାଇଁ ପାଇକମାଲ ବ୍ଲକର ଟେମରୀ ଗ୍ରାମପଞ୍ଚାୟତର ଶ୍ରମିକମାନେ ମଙ୍ଗଳବାର ଏକ ଭିନ୍ନ ପ୍ରକାରର ଖୁସି ମନାଇଛନ୍ତି। ପୂର୍ବରୁ ଏହି ଯୋଜନାରେ ଶ୍ରମିକମାନଙ୍କୁ ବର୍ଷକୁ ୧୦୦ ଦିନ କାର୍ଯ୍ୟ ଦିବସ ପାଇଁ ୨୭୩ଟଙ୍କା ଦୈନିକ ମଜୁରି ଦିଆଯାଉଥିବା ବେଳେ ବର୍ତ୍ତମାନ ରାଜ୍ୟ ସରକାର ଏହି ଯୋଜନାରେ କାର୍ଯ୍ୟ ଦିବସକୁ ବୃଦ୍ଧି କରି ବର୍ଷକୁ ୩୦୦ ଦିନ କାର୍ଯ୍ୟ ଦିବସ ଓ ଦୈନିକ ମଜୁରି ୩୨୧ ଟଙ୍କାକୁ ବୃଦ୍ଧି କରିଛନ୍ତି। ଏହି ଯୋଜନାରେ କେବଳ ବାଦନ ପ୍ରବଣ ଅଞ୍ଚଳରେ କାର୍ଯ୍ୟକାରୀ କରାଯିବ ପାଇଁ ସରକାର ପରଷ୍ପରେ ନେଉଥିବା ବେଳେ ଏହା ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମିକମାନଙ୍କ ପାଇଁ କାର୍ଯ୍ୟକାରୀ କରାଯିବ ବୋଲି ସରକାର ଘୋଷଣା କରିଛନ୍ତି। ଏହା ବରଗଡ଼ ଜିଲାର ପଦ୍ମପୁର ସବ୍‌ଡିଭିଜନର ଗାଇସିଲେଟ, ଝାରବନ୍ଧ ଓ ପାଇକମାଲ ବ୍ଲକରେ କାର୍ଯ୍ୟକାରୀ ହେଉଥିବାରୁ ଶ୍ରମିକମାନେ ଖୁସି ମନାଇଛନ୍ତି। ଏହି ଯୋଜନାରେ ଶ୍ରମିକ ଦିବସ ବୃଦ୍ଧି ଓ ଦୈନିକ ମଜୁରି ବୃଦ୍ଧି କରିବାକୁ ପାଇକମାଲ ବ୍ଲକ ଅନ୍ତର୍ଗତ ଟେମରୀ ସରପଞ୍ଚ ଦିଲୀପ ବେହେରା ବିଗତ ଦିନରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଦାବିପତ୍ର ବରଗଡ଼ ଏମ୍‌ପି ପୁରୋହିତ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପଠାଇଥିଲେ, ଯାହାକି ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା। ରାଜ୍ୟ ସରକାର ଏହି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ କାର୍ଯ୍ୟ ଦିବସ ଓ ମଜୁରି ବୃଦ୍ଧି କରି ଡିସେମ୍ବର ୧ ତାରିଖରୁ କାର୍ଯ୍ୟକାରୀ କରିବା ପାଇଁ ଘୋଷଣା କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଏମ୍‌ପି ପ୍ରଦୀପ ପୁରୋହିତଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମିକ ଓ ଅଞ୍ଚଳବାସୀ ଧନ୍ୟବାଦ ପ୍ରଦାନ କରିଛନ୍ତି। ସରପଞ୍ଚ ଦିଲୀପ ବେହେରାଙ୍କୁ ମଧ୍ୟ ଶ୍ରମିକମାନେ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ଗୁଣମଣି ହଂସ, ଲିଙ୍ଗରାଜ ବାରିକ, ଉପେନ୍ଦ୍ର ବରିହା, ଦୟାନିଧି ବରିହାଙ୍କ ସମେତ ଟେମ୍ରୀ ସରପଞ୍ଚ ବେହେରା ଭାଜପା ସରକାରଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ପାଇକମାଲ ବିଡିଓ ପ୍ରଫୁଲ୍ଲ କୁମାର ଅଦୁ ମଧ୍ୟ ସରକାରଙ୍କ ଦୈନିକ ମଜୁରି ଓ ଶ୍ରମ ଦିବସ ବୃଦ୍ଧି କରିଥିବାରୁ ସରକାରଙ୍କ ଯୋଜନାର ସଫଳତା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।


**PANCHAYAT SAMITI OFFICE, BIRMAHARAJPUR**

Tender Call Notice No. Dt.

**INVITATION OF BID**

Last date of receipt of Bid : 18.12.2025
Date of Opening of Bid : 19.12.2025

The Block Development Officer, Birmaharajpur invite percentage rate bid from the contractor/bidder for execution of following works.

| Sl. No. | Name of the Work | Scheme | Value of Work (Rs.) | Class of Contractor |
|---|---|---|---|---|
| 1 | Construction of Multipurpose Community-cum-Cultural Centre at Sardhapali | ST & SC Dev. | 20,21,163/- | C & B |

For details visit our District website www.subarnapur.nic.in.

Sd./- Block Development Officer
Birmaharajpur



**PARADIP COLLEGE**

Paradip, Jagatsinghpur, Odisha-754142
Ph:(06722) 222379 (O), (06722) 222251 (R)
Website:www.paradipcollege.org, E-mail: paradip_college@yahoo.com

Ref. 1067/25/PC Date: 02.12.25

**TENDER CALL NOTICE**
**Paradip College, Paradip**

Sealed tenders are invited from authorized, registered firms/ distributors/dealers/companies for procurement of Fire Extinguishers, P.A. Podium with Speaker, Sound Box, Green Board & other equipments under RUSA scheme. The tender should reach the office of the undersigned within ten days of publication of this notice.

For details please visit our college website: www.paradeepcollege.org

Sd./- Principal
Paradip College, Paradip



**OFFICE OF THE EXECUTIVE ENGINEER, MINOR IRRIGATION DIVISION, Ranchi**

e-Procurement Tender Notice
Two Envelope System

Tender Reference No:- WRD/MID/04/BD/(SLI)2025-26
Letter no-........ Date-.........

| | | |
|---|---|---|
| 1 | Name of Work: | Construction of Mukhyamantri Solar Lift Irrigation Scheme at Patratu Block:- Kanke, Dist- Ranchi. |
| 2 | Estimated Cost (Rs.) | Rs. 1,09,18,500.00 |
| 3 | Cost of tender document (Rs) | Rs 10,000 only (non-refundable). |
| 4 | Earnest Money Deposit (Rs.) | Rs 1,10,000.00 only. |
| 5 | Time of Completion | 335 Days |
| 6 | Mode of Submission of tender | Online through www.jharkhandtenders.gov.in |
| 7 | Date of Publication of Tender on website | Date: 17.12.2025 Time: 2:00 PM |
| 8 | Last Date/Time for downloading of bidding documents and Submission of Tender on Website | Date: 23.12.2025 Time: 2:00PM |
| 9 | Submission of Tender Fee and EMD | Start Date:-17.12.2025 Time:- 2:00 PM Last Date:- 23.12.2025 Time:- 2:00 PM |
| 10 | Technical Bid Opening Date | Date:- 24.12.2025 Time:- 2:00 PM |
| 11 | Officer Inviting Bids | Executive Engineer Minor Irrigation Division Ranchi |
| 12 | Contact No. of Procurement Officer e-mail of Procurement Officer | 9431190681 |
| 13 | Help line No. of Procurement Cell | 0651-3512781/Email ID- eemidran-cemr-jhr@nic.in |

Note:-
➤ Work will be awarded to those bidders (specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/ Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes). Empanelled Indigenous Manufacturers of 10 HP pumps (AC/DC Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
➤ Only e-Tender will be accepted.
Further details can be seen on website http://jharkhandtenders.gov.in

Executive Engineer, Minor Irrigation Division, Ranchi

PR 367551 Minor Irrigation(25-26)#D

# ୫ ବନ୍ଧୁକ, ୩୫ ଖଣ୍ଡା ଜବତ: ଅଭିଯୁକ୍ତ ଗିରଫ

## ମାରଣାସ୍ତ୍ର ବେପାର ବେଳେ ମାଡ଼ିବସିଲା ପୋଲିସ

ରାଉରକେଲା,୨।୧୨
(ଦିନେଶ ମିଶ୍ର/ବିପ୍ଳବ ରଞ୍ଜନ ଦାଶ)


ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ପ୍ରଦାନ କରୁଛି।

ରାଉରକେଲା ସହରରେ ଆପରାଧିକ କାର୍ଯ୍ୟରେ ଲିପ୍ତ ଅସାମାଜିକ ତତ୍ତ୍ୱମାନଙ୍କୁ ମାରଣାସ୍ତ୍ର ଯୋଗାଇବା ବେଳେ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ସୋମବାର ରାତିରେ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଟୁରିଟୋଲା ବସ୍ତିର ସୁନୀଲ ମାଝୀ ଓରଫ ରେବେ(୪୧)। ତାଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ପୋଲିସ ତାଙ୍କଠାରୁ ୫ଟି ବନ୍ଧୁକ ସମେତ ୩୫ଟି ଖଣ୍ଡା ଓ ୩ଟି ଜୀବନ୍ତ ଗୁଳି ଜବତ କରିଛି। ଏ ନେଇ ବ୍ରାହ୍ମଣୀତରଙ୍ଗ ଥାନାରେ ଏକ ମାମଲା (ନଂ.୪୯୭/୨୫) ରୁଜୁ ହୋଇଛି। ମଙ୍ଗଳବାର ଉଦିତନଗରସ୍ଥିତ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ନୀତେଶ ୱାଧୱାନି କହିଛନ୍ତି।

ଏସ୍‌ପି ୱାଧୱାନି ସୂଚନା ଦେଇ ଆହୁରି କହିଥିଲେ, ବ୍ରାହ୍ମଣୀତରଙ୍ଗ ଥାନା ଅଧୀନ ବଡମାରେନ୍‌ସ୍ଥିତ ଟୁରିଟୋଲା ବସ୍ତିରେ ଅଭିଯୁକ୍ତ ସୁନୀଲ ସପରିବାର ରୁହନ୍ତି। ସେ ସୋମବାର ରାତି ପ୍ରାୟ ସାଢ଼େ ୯ଟା ସମୟରେ ବ୍ରାହ୍ମଣୀତରଙ୍ଗ ଥାନା ଅଞ୍ଚଳରେ ଥିବା ଶଙ୍ଖ ସେତୁ ନିକଟରେ କେତେଜଣ ଅପରାଧୀଙ୍କୁ ମାରଣାସ୍ତ୍ର ଯୋଗାଇ ଦେବାକୁ ଯାଇଥିଲେ। ଏହା ପୂର୍ବରୁ କୌଣସି ବିଶେଷ ସୂତ୍ରରୁ ସୂଚନା ପାଇ ପୋଲିସ ଶଙ୍ଖ ସେତୁ ନିକଟରେ ଛକି ରହିଥିଲେ। ପୋଲିସକୁ ଦେଖି ସୁନୀଲ ଘଟଣାସ୍ଥଳରୁ ଫେରାର ହେବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ତାଙ୍କୁ କାବୁ କରିଥିଲା। ଯାଞ୍ଚ ବେଳେ ତାଙ୍କଠାରୁ ୩ଟି ଗୁଳି ବୋଝେଇ ଗୋଟିଏ ଦେଶୀ ପିସ୍ତଲ ଜବତ କରାଯାଇଥିଲା। ସୁନୀଲଙ୍କୁ ପଚରାଉଚୁରା ବେଳେ ସେ ଝାଡ଼ଖଣ୍ଡରୁ ଅସ୍ତ୍ରଶସ୍ତ୍ର ଏବଂ ଗୁଳି ସଂଗ୍ରହ କରି ରାଉରକେଲା ଓ ସୁନ୍ଦରଗଡ଼ର ବିଭିନ୍ନ ଗ୍ରାହକଙ୍କୁ ବିକ୍ରି କରୁଥିଲେ। ସେ ତାଙ୍କ ଭଡା ଘରେ କିଛି ଅସ୍ତ୍ରଶସ୍ତ୍ର ଲୁଚାଇ ରଖିଥିବା ପୋଲିସକୁ କହିଥିଲେ। ଏହାପରେ ପୋଲିସ କୁଆଁରମୁଣ୍ଡା ଟୁଟିଆଟୋଲାସ୍ଥିତ ତାଙ୍କ ଭଡା ଘରେ ଯାଞ୍ଚ କରି ଗୋଟିଏ ଦେଶୀ ପିସ୍ତଲ, ୨ଟି ଦେଶୀ ସିଙ୍ଗଲ ସଟ୍, ଗୋଟିଏ କାଠ ଗ୍ରୀପ୍ ଥିବା ରିଭଲଭର, ପ୍ଲାଷ୍ଟିକ ବସ୍ତାରେ ବୋଝେଇ ହୋଇଥିବା ୩୫ଟି ଖଣ୍ଡା ଜବତ କରିଥିଲା। ସୂଚନାଯୋଗ୍ୟ, ସୁନୀଲ ପୂର୍ବରୁ ବହୁ ଆପରାଧିକ କାର୍ଯ୍ୟରେ ଲିପ୍ତ ଅଛନ୍ତି। ତାଙ୍କ ନାଁରେ ବିଭିନ୍ନ ଥାନାରେ ୨୧ଟି ମାମଲା ରହିଥିବା ପୋଲିସ ସୂତ୍ରରୁ ଜଣାପଡିଛି। ୨୦୨୧ରେ ବନ୍ଧମୁଣ୍ଡାରେ ପୋଲିସ ସୁନୀଲଙ୍କୁ ଗୁଳି କରିଥିବାବେଳେ କିଛିବର୍ଷ ବ୍ୟବଧାନ ପରେ ପୁଣି ସେ ଆପରାଧିକ କାର୍ଯ୍ୟ କରିଥିଲେ ବୋଲି ଏସ୍‌ପି ୱାଧୱାନି ସୂଚନା ଦେଇଥିଲେ।

# ନୀଳଶୈଳ ମହାବିଦ୍ୟାଳୟରେ ଏଡ୍‌ସ ଦିବସ ପାଳିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରାଉରକେଲା,୨।୧୨(ଦିନେଶ ମିଶ୍ର)

ରାଉରକେଲା ନୀଳଶୈଳ ମହାବିଦ୍ୟାଳୟରେ ସୋମବାର ବିଶ୍ୱ ଏଡ୍‌ସ ଦିବସ ଅଧ୍ୟକ୍ଷା ଡକ୍ଟର ଲୁନା ଜେନାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ୟୁଥ୍ ରେଡକ୍ରସ୍ ଶାଖା ସଂଯୋଜକ ଅଧ୍ୟାପିକା ପ୍ରୀୟଙ୍କା ପୁର୍ତ୍ତି ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ଅଧ୍ୟାପିକା ମନୀଷା ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏଡ୍‌ସ ରୋଗର ଭୟାବହତା ଓ ପ୍ରତିକାର ଉପରେ ଆଲୋଚନା କରିଥିଲେ। ଏଡ୍‌ସ ରୋଗ ଛୁଆଁ ରୋଗ ନୁହେଁ ବରଂ ଏଥିପାଇ ପ୍ରତ୍ୟେକ ନାଗରିକଙ୍କ ସଚେତନତା ଜରୁରୀ ବୋଲି ଅଧ୍ୟକ୍ଷା ଜେନା ତାଙ୍କ ବକ୍ତବ୍ୟରେ କହିଥିଲେ। କାର୍ଯ୍ୟକ୍ରମରେ କଲେଜର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ପ୍ରଭାତ କୁମାର ରାଉତ, ସଞ୍ଜିତ କୁମାର ଭୂୟାଁ, ବିଜୟ କୁମାର ଦାସ, ନିରଞ୍ଜନ ଟେଟେ, ସୁଶାନ୍ତ କିଷାନ, କ୍ରୀଡ଼ା ଶିକ୍ଷକ ଶୁଶାନ୍ତ ଶତପଥୀ, ଲାଇବ୍ରେରିଆନ ସୀଲା ସାହୁ, ସୁନିତା ଏକ୍କା, ଲୋଚନ ବାରିକ, ଅନିତା ଡୁଙ୍ଗଡୁଙ୍ଗ, ଅର୍ଚ୍ଚନା ଭୋଇ, ନେହା ଶର୍ମା, ନିରଞ୍ଜନ ଟେଟେ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପିକା ପ୍ରଭାସୁଚିତା ଏକ୍କା ଧନ୍ୟବାଦ ଅର୍ପଣ କରିଥିଲେ।

# ବାୟା ବାବାଙ୍କ ୧୨୮ତମ ଜନ୍ମ ମହୋତ୍ସବ

**ରାଉରକେଲା,୨।୧୨(ଦିନେଶ ମିଶ୍ର):** ବାସନ୍ତୀ କଲୋନିସ୍ଥିତ ଦୁର୍ଗାପୁର ପାହାଡ ଉପରେ ଥିବା କଳ୍ପତରୁ ଆଶ୍ରମ ପରିସରରେ ବାୟା ବାବାଙ୍କ ୧୨୮ତମ ଜନ୍ମ ମହୋତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଗୁରୁକୁଳ କଳ୍ପତରୁ ସେବାଶ୍ରମ ପରିଚାଳନା କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରଥମ ଦିନରେ ପ୍ରଭୁଶ୍ରୀ ଜଗନ୍ନାଥଙ୍କ ବାଲ୍ୟଧୂପ, ସକାଳ ଆଳତୀ ସହ ପାର୍ଶ୍ୱଦେବା ଦେବୀ ପୂଜା କରାଯାଇଥିଲା। ପରେ ଶ୍ରୀମଦ୍ ଭଗବତ୍ ପାଠ ଆରମ୍ଭ କରାଯାଇଥିଲା। ଏଥିରେ ସ୍ଥାନୀୟ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ଶ୍ରୀମଦ୍ ଭଗବତ ପାଠ କରିବା ସହ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଦେଇଥିବା ନୀତିବାଣୀ ଉପରେ ଆଲୋଚନା କରିଥିଲେ। ଆଶ୍ରମ ପରିସରରେ ହରିନାମ ସଙ୍କୀର୍ତ୍ତନ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। କଳ୍ପତରୁ ସେବାଶ୍ରମ ପରିଚାଳନା କମିଟିର କର୍ମକର୍ତ୍ତା ସହଯୋଗ କରିଥିଲେ।


ସିନର୍ଜି ଲୋକ ସଂସ୍କୃତି ମହୋତ୍ସବରେ ଅତିଥିମାନଙ୍କ ସହ ଚାମ୍ପିୟନ ନୃତ୍ୟଦଳ।

# ଶାଳିନୀ ନୃତ୍ୟ ଦଳ ଚାମ୍ପିୟନ

## ସିନର୍ଜି ଲୋକ ସଂସ୍କୃତି ମହୋତ୍ସବ

ରାଉରକେଲା,୨।୧୨(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ସିଏସ୍‌ଆର ବିଭାଗ ପକ୍ଷରୁ ଲିମଡା ଗ୍ରାମପଞ୍ଚାୟତର ମାଧୋପୁରଠାରେ ନଭେମ୍ବର ୨୮ତାରିଖରେ ଜୋନାଲସ୍ତରୀୟ ପ୍ରତିଯୋଗିତା ସିନର୍ଜି ଲୋକ ସଂସ୍କୃତି ମହୋତ୍ସବ ଆୟୋଜିତ ହୋଇଯାଇଛି। ଏଥିରେ ନୂଆଗାଁ ବ୍ଲକର ବିଭିନ୍ନ ଗ୍ରାମର ୩୦ଟି ନୃତ୍ୟ ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଆର୍‌ଏସ୍‌ପି ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର ମୁଖ୍ୟ ଅତିଥି, ଟିଏସ୍ ଏଣ୍ଡ ସିଏସ୍‌ଆର ବିଭାଗର ସିଜିଏମ୍ ଟି. ଜି କାନେକର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସିଏସ୍‌ଆର ବିଭାଗର ଜିଏମ୍ ଇନ୍‌ଚାର୍ଜ ସୁଶ୍ରୀ ମୁନମୁନ ମିତ୍ର, ଡିଜିଏମ୍ ଏସ୍.ଏମ୍. ବାରା, ଡିଜିଏମ୍ ଟି. ବି ଟପ୍ପୋଙ୍କ ସମେତ ସିଏସ୍‌ଆର ବିଭାଗର ଅନ୍ୟ ବହୁ ଅଧିକାରୀ, ଏସ୍‌ଏଚ୍‌ଜି ସଦସ୍ୟା ତଥା ଗ୍ରାମବାସୀ ଉପସ୍ଥିତ ଥିଲେ। ନୃତ୍ୟ ମହୋତ୍ସବ ପ୍ରତିଯୋଗିତାରେ ଖାରୁଆଟୋଲା ଗ୍ରାମର ଶାଳିନୀ ନୃତ୍ୟ ଦଳ ଚାମ୍ପିୟନ ହୋଇ ୧୦ହଜାର ଟଙ୍କା ସହ ଟ୍ରଫି ପାଇଥିଲା। ହାଡୁଙ୍ଗଦା ଗ୍ରାମର ବିର୍ସା ମୁଣ୍ଡା ନୃତ୍ୟଦଳ ଦ୍ୱିତୀୟ ସ୍ଥାନରେ ରହି ୮ହଜାର ଓ ଟ୍ରଫି ଏବଂ ତୃତୀୟ ନୃତ୍ୟ ଦଳ ଭାବେ ମାଧୋପୁର ଗ୍ରାମର କମଳା ନୃତ୍ୟ ଦଳକୁ ୬ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିସହ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଅନ୍ୟ ପ୍ରତ୍ୟେକ ଦଳକୁ ସାନ୍ତ୍ୱନାମୂଳକ ପୁରସ୍କାର ଭାବେ ୨୫୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ଆର୍‌ଏସ୍‌ପିର ସିଏସ୍‌ଆର ବିଭାଗ, ପ୍ରଗତି ସ୍ୱୟଂ ସହାୟକ ଗୋଷ୍ଠୀ, ଯମୁନା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ମାଧୋପୁର ସ୍ୱୟଂ ସହାୟକ ଗୋଷ୍ଠୀ ସହାୟତାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ସୁଶ୍ରୀ ମୁନମୁନ ମିତ୍ର ସମାବେଶକୁ ସ୍ୱାଗତ କରିଥିବା ବେଳେ ଟି. ବି ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିଲେ।

# ଦିଶାନ ବୁଡ଼ାଙ୍କୁ କାଂସ୍ୟ ପଦକ

ରାଉରକେଲା,୨।୧୨(ବିପ୍ଳବ ରଞ୍ଜନ ଦାଶ)

## ରାଜ୍ୟସ୍ତରୀୟ ଖୋ ଖୋ ଚାମ୍ପିୟନଶିପ୍



ସୁନ୍ଦରଗଡ଼ ଷ୍ଟାଡିୟମରେ ନଭେମ୍ବର ୨୩ରେ ଅନୁଷ୍ଠିତ ସୁନ୍ଦରଗଡ଼ ଜିଲାସ୍ତରୀୟ ଖୋ ଖୋ ପ୍ରତିଯୋଗିତାରେ ଟିପିଡବ୍ଲ୍ୟୁଓଡିଏଲ୍ ସମର୍ଥିତ ୭ ଜଣ ଯୁବ ଖେଳାଳି ଅଂଶଗ୍ରହଣ କରିଥିଲେ। ସେମାନେ ହେଲେ ଶୁଭମ ଖଡିଆ (୧୧), ପ୍ରିତି ମୁଣ୍ଡା (୧୫), ସନ୍ତୋଷିନୀ ମୁଣ୍ଡା (୧୪), ରୁଦ୍ର ଖଡିଆ (୧୩), ଦୀପକ ଡିଲା (୧୩), ସୋହନ କାଲୋ (୧୪) ଏବଂ ଦିଶାନ ବୁଡ଼ା (୧୪)। ତେବେ ସେମାନଙ୍କ ମଧ୍ୟରୁ ପୁରୀରେ ଅନୁଷ୍ଠିତ ୧୩ତମ ରାଜ୍ୟସ୍ତରୀୟ ୧୭ ବର୍ଷରୁ କମ୍ ଖୋ ଖୋ ଚାମ୍ପିୟନଶିପ୍‌ରେ ସନ୍ତୋଷିନୀ ମୁଣ୍ଡା ଏବଂ ଦିଶାନ ବୁଡା ଭାଗ ନେଇଥିଲେ। ସେଠାରେ ସୁନ୍ଦରଗଡ଼ ଜିଲା ନୂଆଡିହିସ୍ଥିତ ଟଙ୍କଧର ହାଇସ୍କୁଲର ୯ମ ଶ୍ରେଣୀ ଛାତ୍ର ଦିଶାନ ବୁଡ଼ା ତୃତୀୟ ସ୍ଥାନ ଅଧିକାର କରି କାଂସ୍ୟ ପଦକ ଜିତିଛନ୍ତି। ଏହି ସଫଳତାରେ ଖୁସି ବ୍ୟକ୍ତ କରି କମ୍ପାନୀର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା କହିଛନ୍ତି, ଏହି ପଦକ କେବଳ ଛାତ୍ରଙ୍କ ପାଇଁ ନୁହେଁ ବରଂ ସମଗ୍ର ସୁନ୍ଦରଗଡ଼ ଜିଲା ପାଇଁ ଗର୍ବର ମୁହୂର୍ତ୍ତ। କମ୍ପାନୀ ତାର ସାମାଜିକ ଦାୟିତ୍ୱବୋଧ ପଦକ୍ଷେପ ମାଧ୍ୟମରେ କ୍ରୀଡ଼ା କ୍ଷେତ୍ରରେ ଗ୍ରାମୀଣ ପ୍ରତିଭାକୁ ଚିହ୍ନଟ ଏବଂ ପ୍ରୋତ୍ସାହିତ କରି ସେମାନଙ୍କୁ ଉଚ୍ଚ ମଞ୍ଚରେ ଉତ୍କର୍ଷ ହାସଲ କରିବାର ସମସ୍ତ ସୁଯୋଗ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି ବୋଲି ବର୍ମା କହିଥିଲେ।

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ/ଇଏନ୍‌ଜିଜି, ଦ. ପୂ. ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କ୍ର.ସଂ. ଓ ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଇଏମ୍‌ଡି: (୧) ସିକେପି-ସାଉଥ୍-୨୫-୨୬-୧୬;** ରାଜଖରସୁଆଁ-ପଦାପାହାଡ଼, ପଦାପାହାଡ଼-ନୟାଗଡ଼, ପଦାପାହାଡ଼-ବଲାଣିଖାଦାନ ଓ ବଡ଼ଜାମଦା-ଗୁଆର ବିଭିନ୍ନ ୟାର୍ଡରେ ମୋଟ ୨୬୧ ସେଟ୍ ପାଇଁ ଥ୍ରୁ ଟର୍ନଆଉଟ୍ ନବୀକରଣ (ଟିଡବ୍ଲ୍ୟୁଏସ୍) । ₹୨,୧୪,୭୮,୯୧୨.୪୬; ₹୨,୫୭,୪୦୦/-। **(୨) ସିକେପି-ସାଉଥ୍-୨୫-୨୬-୨୦;** ମଣ୍ଡଳ ଯନ୍ତ୍ରୀ (ଦକ୍ଷିଣ)/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ରାଜଖରସୁଆଁ-ପଦାପାହାଡ଼, ପଦାପାହାଡ଼-ନୟାଗଡ଼, ପଦାପାହାଡ଼-ବଲାଣିଖାଦାନ ଓ ବଡ଼ଜାମଦା-ଗୁଆ ସେକ୍ସନରେ ୨୦,୩୭୮ ମିଟରରୁ ଅଧିକ ସେସ୍ ମରାମତି କାର୍ଯ୍ୟର ନିର୍ବାହ । ₹୧,୩୦,୩୬,୭୯୩.୧୦; ₹୨,୧୫,୨୦୦/-। **(୩) ସିକେପି-ସାଉଥ୍-୨୫-୨୬-୨୧;** ମଣ୍ଡଳ ଯନ୍ତ୍ରୀ/ଦକ୍ଷିଣ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୧।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପର୍ଯ୍ୟନ୍ତ (ଅର୍ଥାତ୍ ଦୁଇବର୍ଷ ପାଇଁ) ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ବଡ଼ଜାମଦାଙ୍କ ଅଧୀନରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟର ନିର୍ବାହ (୨ୟ ଆହ୍ୱାନ) । ₹୨,୭୭,୮୪,୮୦୦/-; ₹୨,୮୮,୯୦୦/-। **ଟେଣ୍ଡର ଫର୍ମ ମୂଲ୍ୟ:** ପ୍ରତ୍ୟେକ ପାଇଁ ୦.୦୦ । **ଖୋଲାଯିବା ତାରିଖ:** କ୍ର.ସଂ ୧ ଓ ୩ ପାଇଁ ତା୨୨।୧୨।୨୦୨୫ରିଖ ଏବଂ କ୍ର.ସଂ. ୨ ପାଇଁ ତା୨୪।୧୨।୨୦୨୫ରିଖ । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କ ପାଇଁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ (କର୍ତ୍ତୃପକ୍ଷ - ରେଳବାଇ ବୋର୍ଡର ଚିଠି ସଂ.: ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି ତାରିଖ: ୧୬।୦୭।୨୦୨୦) । **(PR-902)**

**वरीय पुलिस अधीक्षक का कार्यालय, राँची**

सर्वसाधारण के लिए सूचना



**नाम–गंदरू उरॉव, उम्र–41 वर्ष, रंग–सॉवला, ऊँचाई–05 फीट 3 ईंच, पहनावा–नीला रंग का फुल स्वेटर एवं काला रंग का पैंट पहने हुए है।**

उपरोक्त लापता व्यक्ति गंदरू उरॉव, उम्र–41 वर्ष, पिता–स्व0 लछु उरॉव, सा0–बनधेया, थाना–नगड़ी, जिला–राँची जो दिनांक–09.11.2025 को बक्सर जाने के क्रम में बगैर बताए कहीं चले गए है जो घर वापस नहीं आए है। जिसके संबंध में नगडी थाना सन्हा संख्या–27/2025, दिनांक–18.11.2025 दर्ज कर इनकी खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता व्यक्ति कहीं मिलता/दिखता है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

**Email ID(rnc-dcb@jhpolice.gov.in)**

पुलिस उपाधीक्षक, मु0, द्वितीय, रॉची। – 9431706142
थाना प्रभारी नगड़ी, राँची। – 9431706176

वरीय पुलिस अधीक्षक,
राँची

**PR 367511 Police(25-26).D**

# ନାଟକ 'ଭକ୍ତର ଭଗବାନ୍' ମଞ୍ଚସ୍ଥ

## ତୃତୀୟ ଇସ୍ପାତ ନାଟ୍ୟ ମହୋତ୍ସବ ଉଦ୍‌ଘାଟିତ

ରାଉରକେଲା,୨।୧୨(ବିପ୍ଳବ ରଞ୍ଜନ ଦାଶ)


ପରିବେଷିତ ନାଟକର ଏକ ଦୃଶ୍ୟ।

ରାଉରକେଲା ଇସ୍ପାତ କାରଖାନା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଏକତ୍ର ପକ୍ଷରୁ ତୃତୀୟ ଇସ୍ପାତ ନାଟ୍ୟ ମହୋତ୍ସବ -୨୦୨୫ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ସଭାପତି କବି ରାଜୀବ ପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବକୁ ଆର୍‌ଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିପିୟୁଟି କୁଳପତି ପ୍ରଫେସର ଅମୀୟ କୁମାର ରଥ, ଏକତ୍ରର ଉପଦେଷ୍ଟା କୃପାସିନ୍ଧୁ ନାୟକ, ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରବୀର କୁମାର ଜେନା ସଭା ସଂଯୋଜନା କରିଥିଲେ। କଲ୍ୟାଣୀ ଦାଶ, ଶାନ୍ତିଲତା ଦାଶ, ସନ୍ଧ୍ୟା ପଟ୍ଟନାୟକ, ଅରୁନ୍ଧତୀ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ପରେ ନାଟକ 'ଭକ୍ତର ଭଗବାନ' ପରିବେଷଣ ହୋଇଥିଲା। ଭକ୍ତ ଭାବର ଡୋରିରେ ବନ୍ଧା କଳା ଠାକୁର। ଭକ୍ତର ଭାବରେ ବନ୍ଧା ଜଗନ୍ନାଥ ନିଜର ଭକ୍ତମାନଙ୍କର ଗଭୀର ପରୀକ୍ଷା ନିଅନ୍ତି। ପୁଣି ସେ ପରୀକ୍ଷାରେ ଉତ୍ତୀର୍ଣ୍ଣ ମଧ କରାଇବାରେ ସହାୟକ ହୋଇଥାନ୍ତି। ଷୋଡ଼ଶ ଶତାବ୍ଦୀର ଆରମ୍ଭରେ କଳାପାହାଡ଼ ଶ୍ରୀମନ୍ଦିରକୁ ଆକ୍ରମଣ କରିଛି। ମନରେ ତାର ରହିଛି ଗଭୀର ରୋଷ ପଣ୍ଡା ପଡିହାରୀ ଆଉ ବିଶେଷ କରି ଶ୍ରୀଜଗନ୍ନାଥଙ୍କ ଉପରେ। ତାର ପ୍ରତିଜ୍ଞା ଉତ୍କଳ କଳା ସ୍ଥାପତ୍ୟର ଘୋର କ୍ଷତି ସାଧନ କରିବା ପାଇଁ। ସେତେବେଳକୁ ଜଗନ୍ନାଥଙ୍କ କୃପାରୁ ବିଶର ମହାନ୍ତି ବ୍ରହ୍ମ ପଦାର୍ଥକୁ ଉଦ୍ଧାର କରିଛନ୍ତି। ସେ ବ୍ରହ୍ମ ପଦାର୍ଥ ତୁଳା ପରି ନରମ ନା ପଥର ପରି ଟାଣ, ଏ ପ୍ରଶ୍ନ ସମସ୍ତଙ୍କ ମନରେ...। ଏହାକୁ ନେଇ ଗତିଶୀଳ ହୋଇଥିଲା ନାଟକ। ଦି ବିଲିଭର, ରାଉରକେଲା ନାଟକ ମଞ୍ଚସ୍ଥ କରିଥିଲା । କାହାଣୀ ରଚୟିତା ବଦ୍ରି ମିଶ୍ର, ନାଟ୍ୟ ରୂପ ଚିନ୍ମୟ ତ୍ରିପାଠୀ, ନାଟ୍ୟ ନିର୍ଦ୍ଦେଶିକା ଭାବେ ସୁଲିପ୍ତା ଜେନା ରହିଛନ୍ତି। ନାଟକର ବିଭିନ୍ନ ଚରିତ୍ରରେ ଶ୍ରୀକାନ୍ତ ଚୌଧୁରୀ, ରାଜେଶ ପ୍ରସାଦ, ନନ୍ଦନ ମୁଖାର୍ଜୀ, ଚିତ୍ତରଞ୍ଜନ ସାମଲ, ପ୍ରତ୍ୟୁଷ ପାଢ଼ୀ, ଜର୍ଜ ବିଲୁଙ୍ଗ, ସୋମ୍ୟରଞ୍ଜନ ସାହୁ, ସୁଲିପ୍ତା ଜେନା, ବର୍ଷା ପ୍ରିୟଦର୍ଶିନୀ ରାଉତ ପ୍ରମୁଖ ଜୀବନ୍ତ ଅଭିନୟ କରିଥିଲେ। ନାଟ୍ୟ ସଙ୍ଗୀତ ସଂଯୋଜନା କରିଥିଲେ ପୁଲିନ ରାଉତରାୟ। ଲକ୍ଷ୍ମୀନାରାୟଣ ଦୋରା ପ୍ରଚ୍ଛଦପଟ ସ୍ୱର ସଂଯୋଜନା କରିଥିଲେ।

# ପୁସ୍ତକ 'ଉଜାଣି ଝଞ୍ଜାବତୀ' ଲୋକାର୍ପିତ

ରାଉରକେଲା,୨।୧୨(ବିପ୍ଳବ ରଞ୍ଜନ ଦାଶ)


ଅତିଥିମାନେ ପୁସ୍ତକର ଲୋକାର୍ପଣ କରୁଛନ୍ତି।

ରାଉରକେଲା ସେକ୍ଟର-୫ ସ୍ଥିତ କଲଚରାଲ ଏକାଡ଼େମୀ ପରିସରରେ ସୋମବାର ସନ୍ଧ୍ୟାରେ ପ୍ରାବନ୍ଧିକ ତଥା ଅନୁବାଦକ ନିଗମାନନ୍ଦ ଷଡ଼ଙ୍ଗୀଙ୍କ ପୁସ୍ତକ 'ଉଜାଣି ଝଞ୍ଜାବତୀ' ଲୋକାର୍ପିତ ହୋଇଯାଇଛି। ଏଥିରେ ବିଶିଷ୍ଟ ଐତିହାସିକ ତଥା ଶିକ୍ଷାବିତ୍ ଡ. ପ୍ରଭାତ ମଲ୍ଲିକ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ କହିଥିଲେ, ନଦୀକୁ ନେଇ ମାନବ ସଭ୍ୟତା ଗଢ଼ିଉଠେ। ନଦୀ, ପାହାଡ଼, ଜଙ୍ଗଲ, ଡଙ୍ଗର କୋଳରେ ଆଶ୍ରିତ ଜନଜାତି ସଭ୍ୟତାର ଆରମ୍ଭରୁ ଶୋଷଣର ଶିକାର ହୋଇଆସୁଛନ୍ତି। ସେମାନଙ୍କ ଜଳ, ଜମି ଓ ଜଙ୍ଗଲକୁ ଅଧିକାର କରି ମୁନାଫାଖୋର୍ କର୍ପୋରେଟମାନେ ବିବିଧ ମାଧ୍ୟମରେ ଜନଜାତିଙ୍କ ସଂସ୍କୃତି ନଷ୍ଟ କରିବା ସହିତ ତାଙ୍କୁ ବିସ୍ଥାପିତ କରି ନିଜର ମୁନାଫା ହାସଲ କରୁଛନ୍ତି। ସେହି ସ୍ୱାର୍ଥବାଦୀ ମଣିଷର ବଦନାମକୁ ଆଧାର କରି ସଚ୍ଚି ରାଉତରାୟ, କୃଷ୍ଣ ସିଂ, ଗୋପୀନାଥ ମହାନ୍ତି, ଭଗବତୀ ପାଣିଗ୍ରାହୀ, ରବି ସିଂ, ଆଶୁତୋଷ ପରିଡ଼ା, ସର୍ବେଶ୍ୱର, ଦୟାଲ ସାକ୍ସେନା ପ୍ରମୁଖ କବି ଓ କଥାକାରମାନେ ଯେଉଁ ସାହିତ୍ୟ ସୃଷ୍ଟି କରିଛନ୍ତି, ତାକୁ ସଂଯୋଜିତ କରି ଏ ପୁସ୍ତକରେ ପ୍ରସଙ୍ଗ ଓ ଅବଧାରଣକୁ ଲେଖକ ବଳିଷ୍ଠ କରିଛନ୍ତି। 'ଉଜାଣୀ ଝଞ୍ଜାବତୀ' ପୁସ୍ତକଟି ସାହିତ୍ୟ, ସମାଜ ବିଜ୍ଞାନ, ରାଜନୀତିରେ ଏକ ଅପୂର୍ବ ବିଶ୍ଳେଷଣ ସହିତ ବନ୍ଧୁଗାଁ ଓ ନାରାୟଣପାଟଣା ଅଞ୍ଚଳର ଅର୍ଥନୈତିକ, ସାମାଜିକ ତଥା ରାଜନୈତିକ କ୍ରିୟା ସମ୍ପର୍କର ତଥ୍ୟ ଓ ତତ୍ତ୍ୱ ଆଧାରିତ ଏକ ଐତିହାସିକ ଦସ୍ତାବେଜ ସାଜିଛି ବୋଲି ମଲ୍ଲିକ କହିଥିଲେ। ଅନ୍ୟତମ ଆଲୋଚକ ଭାବେ ଯୋଗଦେଇ କାଶୀନାଥ ପାତ୍ର କହିଲେ, ବନ୍ଧୁଗାଁ, ନାରାୟଣପାଟଣା ଆନ୍ଦୋଳନ ସେ ଅଞ୍ଚଳରେ ଦୀର୍ଘଦିନ ଧରି ଚାଲିଥିବା ଶୋଷଣ ବିରୋଧରେ ଶୋଷିତ ଜନତାଙ୍କ ଦ୍ୱାରା ସଙ୍ଗଠିତ ହୋଇଥିବା ସ୍ୱାଭାବିକ ପ୍ରତିକ୍ରିୟା। ଏହି ପ୍ରତିକ୍ରିୟା ମଦମୁକ୍ତି, ମଦମୁକ୍ତ ସମାଜ ଗଠନ, ଅପହୃତ ହୋଇଥିବା ଆଦିବାସୀଙ୍କ ଜମିମୁକ୍ତି ଏବଂ ଜଙ୍ଗଲ ଅଧିକାର ପାଇଁ ବୋଲି ପାତ୍ର କହିଥିଲେ। ପୁସ୍ତକର ଲେଖକ ପୁସ୍ତକ ରଚନା ସମ୍ପର୍କରେ ତାଙ୍କର ଅନୁଭୂତି ପ୍ରକାଶ କରିବା ସହିତ ପୁସ୍ତକ ରଚନାର ଉଦ୍ଦେଶ୍ୟ କହିଥିଲେ। ଏଥିରେ କଲଚରାଲ ଏକାଡ଼େମୀ ସଭାପତି ପଶୁପତିନାଥ ଚାଟାର୍ଜୀ ସଭାପତିତ୍ୱ କରିଥିଲେ। ସମ୍ପାଦକ ଡ. ନଗେନ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅକ୍ଷୟ କୁମାର ସାମଲ, ଡ. କୃପାସିନ୍ଧୁ ନାୟକ, ପ୍ରତାପ ପଣ୍ଡା, ବଳରାମ ରାଉଳ, ଗୋକୁଳାନନ୍ଦ ଦାଶ, ଅକ୍ଷୟ କୁମାର ପଣ୍ଡା, ଗଗନ ବିହାରୀ ଧଳ, ପ୍ରଶାନ୍ତ ପତି, ଗଗନ ବିହାରୀ ନାୟକ, ଶ୍ରୀଧର ସୁନା, ସୁଶ୍ରୀ ଚେତନା ପାତ୍ର ପ୍ରମୁଖ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

**PANCHAYAT SAMITI OFFICE, BIRMAHARAJPUR**

Tender Call Notice No. Dt.

**INVITATION OF BID**

Last date of receipt of Bid : 18.12.2025
Date of Opening of Bid : 19.12.2025

The Block Development Officer, Birmaharajpur invite percentage rate bid from the contractor/bidder for execution of following works.

| Sl. No. | Name of the Work | Scheme | Value of Work (Rs.) | Class of Contractor |
|---|---|---|---|---|
| 1 | Construction of Multipurpose Community-cum-Cultural Centre at Sardhapali | ST & SC Dev. | 20,21,163/- | C & B |

For details visit our District website **www.subarnapur.nic.in.**

**Sd./- Block Development Officer
Birmaharajpur**

**PARADIP COLLEGE**
Paradip, Jagatsinghpur, Odisha-754142
Ph:(06722) 222379 (O), (06722) 222251 (R)
Website:www.paradipcollege.org, E-mail: paradip_college@yahoo.com

Ref. 1067/25/PC Date: 02.12.25

**TENDER CALL NOTICE**
**Paradip College, Paradip**

Sealed tenders are invited from authorized, registered firms/ distributors/dealers/companies for procurement of Fire Extinguishers, P.A. Podium with Speaker, Sound Box, Green Board & other equipments under RUSA scheme. The tender should reach the office of the undersigned within ten days of publication of this notice.

For details please visit our college website: www.paradeepcollege.org

**Sd./- Principal
Paradip College, Paradip**

**OFFICE OF THE EXECUTIVE ENGINEER. MINOR IRRIGATION DIVISION, Ranchi**

**e-Procurement Tender Notice
Two Envelope System**

Tender Reference No:- WRD/MID/04/BD/(SLI)2025-26
Letter no-............Date-............

| | | |
|---|---|---|
| 1 | Name of Work: | Construction of Mukhyamantri Solar Lift Irrigation Scheme at Patratu Block:- Kanke, Dist- Ranchi. |
| 2 | Estimated Cost (Rs.) | **Rs. 1,09,18,500.00** |
| 3 | Cost of tender document (Rs) | Rs 10,000 only (non-refundable). |
| 4 | Earnest Money Deposit (Rs.) | Rs 1,10,000.00 only. |
| 5 | Time of Completion | 335 Days |
| 6 | Mode of Submission of tender | Online through www.jharkhandtenders.gov.in |
| 7 | Date of Publicationof Tender on website | Date: 17.12.2025 Time: 2:00 PM |
| 8 | Last Date/Time for downloading of bidding documents and Submission of Tender on Website | Date: 23.12.2025 Time: 2:00PM |
| 9 | Submission of Tender Fee and EMD | Start Date:-17.12.2025 Time:- 2:00 PM Last Date:- 23.12.2025 Time:- 2:00 PM |
| 10 | Technical Bid Opening Date | Date: 24.12.2025 Time: 2:00 PM |
| 11 | Officer Inviting Bids | Executive Engineer Minor Irrigation Division Ranchi |
| 12 | Contact No. of Procurement Officer e-mail of Procurement Officer | 9431190681 |
| 13 | Help line No. of Procurement Cell | 0651-3512781/Email ID- eemidran-cemr-jhr@nic.in |

Note:-
- Work will be awarded to those bidders {specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/ Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes}. Empanelled Indigenous Manufacturers of 10 HP pumps (AC/DC Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
- Only e-Tender will be accepted.
  Further details can be seen on website http://jharkhandtenders.gov.in

Executive Engineer,
Minor Irrigation Division,
Ranchi

**PR 367551 Minor Irrigation(25-26)#D**

# ଅନାହାରରେ ୫ ଗୋରୁଙ୍କ ମୃତ୍ୟୁ ଅଭିଯୋଗ, ଧାରଣା

**ଝାରସୁଗୁଡ଼ା, ୨।୧୨ (ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ସହର ସରବାହାଲ ରେଲଷ୍ଟେଶନ ନିକଟସ୍ଥ ଶ୍ରୀକୃଷ୍ଣ ସେବା ଟ୍ରଷ୍ଟ ଗୋଶାଳାରେ ମଙ୍ଗଳବାର ୫ ଗୋରୁଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ତେବେ ଅନାହାରରେ ଏହି ଗୋରୁଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ କରି ଝାରସୁଗୁଡ଼ା ସହରର କେତେଜଣ ଯୁବକ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ମଙ୍ଗଳବାର ଅପରାହ୍ନରେ ଧାରଣାରେ ବସିଥିଲେ।

ସୂଚନା ଅନୁଯାୟୀ, ଝାରସୁଗୁଡ଼ା ସହରରେ ଥିବା ୩୦୦ରୁ ଊର୍ଦ୍ଧ୍ୱ ବୁଲାଗୋରୁଙ୍କୁ କିଛିଦିନ ତଳେ ଉକ୍ତ ଗୋଶାଳାରେ ପୌର ପରିଷଦ ଦ୍ୱାରା ରଖାଯାଇଥିଲା। ଉକ୍ତ ଗୋଶାଳା ଦାୟିତ୍ୱରେ ଥିବା କର୍ମକର୍ତ୍ତା ଗୋରୁଙ୍କୁ ଖାଦ୍ୟପେୟ ଦେବା ସହ ଏଲ୍‌ଆଇ ଚିକିତ୍ସା କରୁଥିଲେ। ଏ ବାବଦରେ ଯାହା ଖର୍ଚ୍ଚ ହେଉଥିଲା ବିଲ୍ ତିଆରି କରି ଝାରସୁଗୁଡ଼ା ପୌର ପରିଷଦରୁ ଟଙ୍କା ଆଣୁଥିଲେ। ହେଲେ ଧାରଣାରେ ବସିଥିବା ରବି ଗିଦ୍ୱାନିଙ୍କ ସମେତ କେତେଜଣ ଯୁବକଙ୍କ କହିବା ଅନୁଯାୟୀ, ଏହି ଗୋଶାଳାରେ ଥିବା ଗୋରୁଙ୍କୁ ଠିକ୍‌ଭାବେ ଖାଦ୍ୟପେୟ ଦିଆଯାଉନାହିଁ। ଯଦ୍ୱାରା ମାସେ ତଳେ କେତୋଟି ଗୋରୁଙ୍କ ମୃତ୍ୟୁ ଘଟିଥିବାବେଳେ ମଙ୍ଗଳବାର ପୁଣି ୫ ମରିଛନ୍ତି। କିଛିଦିନ ତଳେ ଏହି ଗୋଶାଳାରୁ ସହରର କେତେଜଣ ଗୋପାଳକ ଗୋରୁଙ୍କୁ ପାଳନ କରିବା ପାଇଁ ନେଇଯାଇଛନ୍ତି। ଫଳରେ ଗୋଶାଳାରେ ଗୋରୁ ସଂଖ୍ୟା କମିଯାଇଛି। ତେବେ ଖାଦ୍ୟ ଅଭାବରୁ ଅନାହାରରେ ଗୋରୁଙ୍କ ମୃତ୍ୟୁ ଘଟିଥିବା ଧାରଣାରତ ଯୁବକମାନେ ଅଭିଯୋଗ କରିଛନ୍ତି। ଗୋରୁଙ୍କୁ ଭଲଭାବେ ଗୋଶାଳାରେ ରଖାଯାଉ ନ ହେଲେ ଖୋଲା ଛଡାଯାଉ, ଯଦ୍ୱାରା ସେମାନେ ତାଙ୍କର ଖାଦ୍ୟ ଅନ୍ୱେଷଣ କରିପାରିବେ। ଏନେଇ ଶ୍ରୀକୃଷ୍ଣ ସେବା ଟ୍ରଷ୍ଟ ଗୋଶାଳାର ସଭାପତି ସନ୍ଦୀପ ଅବସ୍ତି କହିଛନ୍ତି, ଗୋରୁଙ୍କ ଖାଇବା, ପିଇବା ସହ ଚିକିତ୍ସା ପାଇଁ ଆମ ଦ୍ୱାରା ଯାହା ସମ୍ଭବ କରୁଛୁ। ଆମକୁ ଜିଲା ପ୍ରାଣୀ ବିଭାଗ ଏବଂ ପୌର ପରିଷଦ ଅଧିକାରୀ ଠିକ୍‌ଭାବେ ସହାୟତା କରୁନାହାନ୍ତି। ୨ ଜଣ ଏଲ୍‌ଆଇଙ୍କ ଦ୍ୱାରା ଚିକିତ୍ସା କାର୍ଯ୍ୟ ସମ୍ଭବ ହୋଇପାରୁନାହିଁ। ତେଣୁ ଏଭଳି ଅବ୍ୟବସ୍ଥା ଦେଖାଦେଇଥିବା ସନ୍ଦୀପ କହିଛନ୍ତି। ଅପରପକ୍ଷେ ଝାରସୁଗୁଡ଼ା ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକଙ୍କୁ ପଚାରିବାରୁ ସେ ମତାମତ ଦେବାକୁ ମନା କରିଥିଲେ। ଏଥିସହ ସିଡିଭିଓ ଦୟାସାଗର ଧୂରିଆଙ୍କୁ ଫୋନ୍‌ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ।



ପୁରୁଣା ବସ୍‌ଷ୍ଟାଣ୍ଡରେ ଯୁବକମାନେ ଧାରଣାରେ ବସିଛନ୍ତି।

# ‘ଛାତ୍ରୀଛାତ୍ର ମାନବ ସେବାରେ ବ୍ରତୀ ହୁଅନ୍ତୁ’




କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

**ଲଖନପୁର, ୨।୧୨ (ଗୌତମ ସାହୁ)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅଞ୍ଚଳର ମହିମା ସ୍ନାତକ ମହାବିଦ୍ୟାଳୟରେ ଜିଲାସ୍ତରୀୟ ଯୁବ ରେଡ୍‌କ୍ରସର ସ୍ୱେଚ୍ଛାସେବୀ ତାଲିମ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ଏହାକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ର ମାନବ ସେବାରେ ବ୍ରତୀ ହେବା ସହିତ ଦେଶ ଗଠନରେ ସହଯୋଗୀ ହେବାକୁ ଆହ୍ୱାନ ଦେଇଛନ୍ତି। ମହାବିଦ୍ୟାଳୟ ଅଧ୍ୟକ୍ଷ ରମଣୀ ରଞ୍ଜନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଯୁବ ରେଡ୍‌କ୍ରସ ଜିଲା ଚେୟାରମ୍ୟାନ ତଥା ଝାରସୁଗୁଡ଼ା ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ସାହୁ, ଜିଲା ସମ୍ପାଦକ ଡ. ମନୀଷ କୁମାର ଦ୍ୱିବେଦୀ, ଜିଲା ସଂଯୋଜକ ସୁରେନ କୁମାର ପ୍ରଧାନ, ମହିମା ଯୁକ୍ତ୨ କଲେଜ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସା, ଉପଦେଷ୍ଟା ନାରାୟଣ ସା ଯୋଗଦେଇ ରେଡ୍‌କ୍ରସ ଶିବିରର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ବିରଞ୍ଚି ପ୍ରଧାନ ଅତିଥି ପରିଚୟ ଓ ଅଧ୍ୟାପକ ସୁବ୍ରତ ବଡ଼େଇ ଧନ୍ୟବାଦ ଦେଇଥିଲେ। ୩ ଦିନ ଧରି ହେବାକୁ ଥିବା ଏହି ଶିବିରରେ ଝାରସୁଗୁଡ଼ା ଜିଲାର ସମସ୍ତ ମହାବିଦ୍ୟାଳୟ ଛାତ୍ରୀଛାତ୍ର ଓ କାଉନ୍‌ସିଲର ଯୋଗ ଦେଇଛନ୍ତି। ଏହି ଅବସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ଆଜକା’ ପକ୍ଷରୁ ମିଲେଟ ମିଶନ ଉପରେ ବିଭିନ୍ନ ଷ୍ଟଲ ଲଗାଇବା ସହିତ ସଚେତନତା କାର୍ଯ୍ୟକ୍ରମ କରାଯାଉଛି।

# ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉତ୍ତରକୁ ନେଇ ସମାଲୋଚନା

**ଦେବଗଡ଼, ୨।୧୨ (ଶଶାଙ୍କ ଶେଖର ଝାଙ୍କର)**

**ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ପ୍ରସଙ୍ଗ**

ଦେବଗଡ଼ ସହର ମଧ୍ୟସ୍ଥଳରେ ଥିବା ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆଁ ବାଲିରୋଇସ୍ଥିତ ନୂତନ କୋଠାକୁ ସ୍ଥାନାନ୍ତର ପରେ ପୁରୁଣା କୋଠାରେ ସ୍ୱାସ୍ଥ୍ୟସେବା ପ୍ରାୟତଃ ନାହିଁ କହିଲେ ଚଳେ। ସମସ୍ୟା ସମାଧାନ ପାଇଁ ବାରମ୍ବାର ଧାରଣା, ଶୋଭାଯାତ୍ରା ଓ ଦେବଗଡ଼ ବନ୍ଦ ପାଳନ କରାଯାଇଛି। ଏହାସତ୍ତ୍ୱେ ଦାବି ପୂରଣରେ ସରକାରଙ୍କ ଉଦାସୀନତା ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ବିଧାନସଭାରେ ଏ ସମ୍ବନ୍ଧିତ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ମନ୍ତବ୍ୟ ନିଆଁରେ ଘିଅ ଢାଳିବା ଭଳି ପରିସ୍ଥିତି ସୃଷ୍ଟି କରିଛି। ସ୍ୱାସ୍ଥ୍ୟମନ୍ତ୍ରୀ ଦେଇଥିବା ଉତ୍ତର ତ୍ରୁଟିପୂର୍ଣ୍ଣ ଦର୍ଶାଇ ଦେବଗଡ଼ ଜିଲା ଯୁବ ଏକତା ମଞ୍ଚ ପକ୍ଷରୁ ସମାଲୋଚନା କରାଯାଇଛି। ମଙ୍ଗଳବାର ଦେବଗଡ଼ ଜିଲା ଯୁବ ଏକତା ମଞ୍ଚର ଆବାହକ ସୁରଞ୍ଜିତ ମହାପାତ୍ର ଓ ସନ୍ତୋଷ ଦେବତାଙ୍କ ଆବାହକତ୍ୱ ଏବଂ ମାନସ କୁମାର ଦ୍ୱିବେଦୀଙ୍କ ସଂଯୋଜନାରେ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ କୋଠା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମଞ୍ଚ ପକ୍ଷରୁ ଅଭିଯୋଗ କରି କୁହାଯାଇଛି, ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆଁବାଲିରୋଇସ୍ଥିତ ନୂତନ କୋଠାକୁ ସ୍ଥାନାନ୍ତର ହେବା ପରେ ପୁରୁଣା କୋଠାରେ ଜଣେ ଡାକ୍ତରଙ୍କ ଦ୍ୱାରା ନାମକୁମାତ୍ର ୪ ଘଣ୍ଟା ପାଇଁ ସ୍ୱାସ୍ଥ୍ୟସେବା ଉପଲବ୍ଧ ହେଉଛି। ଏଭଳି ପରିସ୍ଥିତିରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ମଞ୍ଚ ପକ୍ଷରୁ ବାରମ୍ବାର ଦାବି କରାଯାଉଛି। ମାତ୍ର ସରକାର ଏହି ନ୍ୟାଯ୍ୟ ଦାବି ପୂରଣ କରିବା ପରିବର୍ତ୍ତେ ବିଭାଗୀୟ ମନ୍ତ୍ରୀ ବିଧାନସଭାରେ ତ୍ରୁଟିପୂର୍ଣ୍ଣ ଉତ୍ତର ଦେବା ସହ ଜିଲାବାସୀଙ୍କ ମନୋବଳ ଭାଙ୍ଗିବାକୁ ଉଦ୍ୟମ କରୁଛନ୍ତି। ଜନପ୍ରତିନିଧି ଭାବେ ବିଧାୟକ ବିଶ୍ୱାଳ ବିଧାନସଭାରେ ଏନେଇ ପ୍ରଶ୍ନ ଉପସ୍ଥାପନ କରିଥିବାବେଳେ ସ୍ୱାସ୍ଥ୍ୟମନ୍ତ୍ରୀ ପୁରୁଣା କୋଠାରେ ୧୦ଟି ଶଯ୍ୟା ରହିଥିବା ଏବଂ ସ୍ୱାସ୍ଥ୍ୟସେବା ବନ୍ଦ ହୋଇ ନ ଥିବା ଉତ୍ତର ଦେଇଥିଲେ, ଯାହାକି ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଧାରଣା ଓ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦିଆଯାଇଛି।

# ରାମଲୀଳା ମୈଦାନରେ ସମାବେଶ ସଫଳ ପାଇଁ ବୈଠକ

**କଂଗ୍ରେସ କର୍ମୀଙ୍କ ସହ ଆଲୋଚନା କଲେ ଜିଲା ପ୍ରଭାରୀ ସନ୍ତୋଷ ସିଂ ସାଲୁଜା**

**ଝାରସୁଗୁଡ଼ା, ୨।୧୨ (ଆଶିଷ ରଞ୍ଜନ ଦାଶ)**

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ତଥା ଝାରସୁଗୁଡ଼ା ଜିଲା ପ୍ରଭାରୀ ସନ୍ତୋଷ ସିଂ ସାଲୁଜା ମଙ୍ଗଳବାର ପୂର୍ବାହ୍ନରେ ଝାରସୁଗୁଡ଼ା ଗସ୍ତରେ ଆସି ପୁରୁଣା ବସ୍‌ଷ୍ଟାଣ୍ଡସ୍ଥିତ କଂଗ୍ରେସ କାର୍ଯ୍ୟାଳୟଠାରେ ଏକ ବୈଠକ କରିଥିଲେ। ଏଠାରେ ସେ କହିଥିଲେ, ଭୋଟ ଚୋର ଗାଦି ଛାଡ଼ ପରିପ୍ରେକ୍ଷୀରେ ଦିଲ୍ଲୀ ରାମଲୀଳା ମୈଦାନରେ ଏଆଇସିସି ପକ୍ଷରୁ ଏକ ବିଶାଳ ସମାବେଶ ଅନୁଷ୍ଠିତ ହେବ। ସେଥିରେ ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ରାଉରକେଲାରୁ କିପରି ସମସ୍ତେ ଶୃଙ୍ଖଳିତ ଭାବରେ ଯୋଗଦାନ କରିବେ ସେନେଇ ଦଳୀୟ କର୍ମୀଙ୍କ ସହିତ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି ବୈଠକରେ ସାଲୁଜାଙ୍କ ଉପସ୍ଥିତିରେ କେତେଜଣ ଯୁବକ କଂଗ୍ରେସ ଦଳରେ ଯୋଗଦେଇଥିଲେ। ଏହି ଅବସରରେ ସାଲୁଜାଙ୍କୁ ଦଳୀୟ କର୍ମୀମାନେ ସମ୍ବର୍ଦ୍ଧିତ କରିଥିଲେ। ବୈଠକରେ କଂଗ୍ରେସ ନେତ୍ରୀ ଅମିତା ବିଶ୍ୱାଳ, ଝାରସୁଗୁଡ଼ା ଜିଲା କଂଗ୍ରେସ ସଭାପତି ଜୀବନ ସାର୍ଥକ ଦାସ, ସୁନ୍ଦରଗଡ଼ ଜିଲା କଂଗ୍ରେସ ସଭାପତି ନିର୍ମଳ ନାୟକ, ରାଉରକେଲା କଂଗ୍ରେସ ସଭାପତି ସବିର ହୁସେନ, ସମ୍ବଲପୁର ଜିଲା କଂଗ୍ରେସ ସଭାପତି ଅମିତ୍ ଗୁରୁ, ବରଗଡ଼ ଜିଲା କଂଗ୍ରେସ ସଭାପତି ହରଦୀପ ସିଂଙ୍କ ସମେତ ଦଳୀୟ ନେତା ଓ କର୍ମୀ ଯୋଗଦେଇ ଦିଲୀରେ ହେବାକୁ ଥିବା କାର୍ଯ୍ୟକ୍ରମ ସଫଳ କରିବା ପାଇଁ ସହମତି ପ୍ରକାଶ କରିଥିଲେ।

# ଟିଆର୍‌ଏଲ୍ କ୍ରୋସାକି ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ପାଳିତ

**ବେଲପାହାଡ଼, ୨।୧୨ (ସୁବାସ ପ୍ରଧାନ)**



ଏଡ୍‌ସ ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରସ୍ଥିତ ଟିଆର୍‌ଏଲ୍ କ୍ରୋସାକି କମ୍ପାନୀ ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କମ୍ପାନୀ ପକ୍ଷରୁ ଏକ ସଚେତନତା ରଥ ବାହାରି ସହର ପରିକ୍ରମା କରିବା ସହ ଏଡ୍‌ସ ରୋଗର କାରଣ ଓ ନିରାକରଣ ବିଷୟରେ ସଚେତନତା ବାର୍ତ୍ତା ଦେଇଥିଲା। ଟିଆର୍‌ଏଲ୍ କ୍ରୋସାକିର ବରିଷ୍ଠ ଅଧିକାରୀ ସୁଶାନ୍ତ କୁମାର ଦାସ ଏହି ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଅଧିକାରୀ ସୁରେଶ ନାୟକ, ଯଦୁମଣି ସାହୁ ଏବଂ ଶଶାଙ୍କ ଦୀକ୍ଷିତ ଉପସ୍ଥିତ ଥିଲେ। ଏହି ପାଳନର ଏକ ଅଂଶସ୍ୱରୂପ ଟ୍ରକ୍ ପାର୍କିଂ ଅଞ୍ଚଳରେ ଟ୍ରକ୍ ଚାଳକଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ଆଭା’ ସହାୟତାରେ ଶିବିର ଆୟୋଜିତ ହୋଇଥିଲା। ଆଭା ଅନୁଷ୍ଠାନର ପ୍ରତିନିଧି ଦଳରେ ମମତା ପାତ୍ର, ବିବେକ ବାଦାଇ, ପ୍ରିୟା ସିଂହ, ଚଞ୍ଚଳା ଭଇଁଶାଳଙ୍କ ସମେତ ଅନ୍ୟମାନେ ଏଥିରେ ସାମିଲ ଥିଲେ। ଟିଆର୍‌ଏଲ୍ କ୍ରୋସାକି ସିଏସ୍‌ଆର୍ ବିଭାଗ ଦଳର କର୍ମଚାରୀ ବ୍ରଜବନ୍ଧୁ ଶତପଥୀ ଏବଂ ସରୋଜ ମେହେର କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ସୋସିଆଲ ମିଡିଆରେ ବିଧାୟକଙ୍କୁ ବଦନାମ କରୁଛନ୍ତି ଦୀପାଳି: ଭାଜପା




ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ।

**ଝାରସୁଗୁଡ଼ା, ୨।୧୨ (ଆଶିଷ ରଞ୍ଜନ ଦାଶ)**

**ସୁନ୍ଦରଗଡ଼ରେ ପଡିଛି ପାଉଁଶ**

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଅଧୀନ ଲଇକେରାରେ ପକାଯାଇଥିବା ପାଉଁଶକୁ ଝାରସୁଗୁଡ଼ା ଜିଲା ଲଇକେରାରେ ପକାଯାଇଛି ବୋଲି ଝାରସୁଗୁଡ଼ାର ପୂର୍ବତନ ବିଜେଡି ବିଧାୟିକା ଦୀପାଳି ଦାସ ସୋସିଆଲ ମିଡିଆରେ ସୋମବାର ଏକ ପୋଷ୍ଟ କରିଛନ୍ତି। କିନ୍ତୁ ଏହି ପୋଷ୍ଟ କରି ଦୀପାଳି ବିଧାୟକ ଟଙ୍କଧର ତ୍ରିପାଠୀଙ୍କୁ ବଦନାମ କରିବାକୁ ଚେଷ୍ଟା କରିଛନ୍ତି ବୋଲି ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ମଙ୍ଗଳବାର ପୂର୍ବାହ୍ନରେ ଝାରସୁଗୁଡ଼ା ବିଟିଏମ୍‌ସ୍ଥିତ ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଲଇକେରା ବ୍ଲକ ଭାଜପା ମଣ୍ଡଳ ସଭାପତି ଦୁତିଆ ଓରାମ୍, କୁଳମଣି କିଷାନ, ପୂର୍ବତନ ମଣ୍ଡଳ ସଭାପତି ପଙ୍କଜ ବେହେରା, କାଉନ୍‌ସିଲର ତରଙ୍ଗ ଦୁବେ, ସହର ମଣ୍ଡଳ ମହିଳା ମୋର୍ଚ୍ଚା ସଭାନେତ୍ରୀ ଲକ୍ଷ୍ମୀ ଜେନା, କୁନି ମଲ୍ଲିକ କହିଛନ୍ତି, ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ପୋଷ୍ଟଟି ପ୍ରକୃତରେ ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଅନ୍ତର୍ଗତ ଲଇକେରା ଅଞ୍ଚଳର। ଦୀପାଳି ପ୍ରକୃତ ସତ୍ୟ ନ ଜାଣି ସୋସିଆଲ ମିଡିଆରେ ଏଭଳି ପୋଷ୍ଟ କରିବା ହାସ୍ୟାସ୍ପଦ। ଏଥିସହ ସେ ବିଧାୟକ ତ୍ରିପାଠୀଙ୍କୁ ବଦ୍‌ନାମ କରିବା ପାଇଁ ହୀନ ଚକ୍ରାନ୍ତ କରୁଛନ୍ତି। ଦୀପାଳିଙ୍କ ବାପା ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବ କିଶୋର ଦାସ ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀର ୩ଥର ବିଧାୟକ ଥିଲେ। ତାଙ୍କ ପରେ ଦୀପାଳି ନିର୍ବାଚନରେ ବିଜୟୀ ହୋଇ ବିଧାୟିକା ହୋଇଥିଲେ। ମାତ୍ର ଦୁଃଖର କଥା ବର୍ତ୍ତମାନ ପର୍ଯ୍ୟନ୍ତ ଦୀପାଳି ନିଜ ନିର୍ବାଚନମଣ୍ଡଳୀ ବିଷୟରେ ଜାଣିନାହାନ୍ତି। ବିନା ତଥ୍ୟରେ ବିଧାୟକ ତ୍ରିପାଠୀଙ୍କୁ ଏପରି ବଦ୍‌ନାମ କରିବାକୁ ଦୀପାଳି କାହିଁକି ଉଦ୍ୟମ କରୁଛନ୍ତି ବୋଲି ଲଇକେରା ବ୍ଲକର ମଣ୍ଡଳ ସଭାପତି ଓ କର୍ମୀମାନେ ପ୍ରଶ୍ନ କରିଛନ୍ତି। ଦରକାର ପଡିଲେ ବିଧାୟକଙ୍କ ହିତ ପାଇଁ ଯେକୌଣସି ପଦକ୍ଷେପ ନେବାକୁ ପ୍ରସ୍ତୁତ ବୋଲି କର୍ମୀମାନେ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

ଏନେଇ ବିଧାୟକ ତ୍ରିପାଠୀ କହିଛନ୍ତି, ଦୀପାଳି ଝାରସୁଗୁଡ଼ାରୁ କିଛିଦିନ ପାଇଁ ବିଧାୟିକା ହୋଇଥିବାବେଳେ ଝାରସୁଗୁଡ଼ାର ରାସ୍ତାଘାଟ, ଗ୍ରାମ, ପଡ଼ା ଚିହ୍ନି ନ ପାରି ସୁନ୍ଦରଗଡ଼କୁ ଝାରସୁଗୁଡ଼ା ବୋଲି କହୁଛନ୍ତି, ଯାହାକି ଅତ୍ୟନ୍ତ ଲଜ୍ଜାଜନକ। ଦୀପାଳିଙ୍କ ପରିବାର ଝାରସୁଗୁଡ଼ାରେ ଆସ୍ ବେପାର କରି କଳାସାମ୍ରାଜ୍ୟ ତିଆରି କରିଥିବାବେଳେ ସମସ୍ତଙ୍କୁ ଏଭଳି ଭାବିବା ମୂର୍ଖାମି। ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ସୁରକ୍ଷା ମୋର ପ୍ରଥମ କର୍ତ୍ତବ୍ୟ ବୋଲି ତ୍ରିପାଠୀ କହିଛନ୍ତି। ଅପରପକ୍ଷେ ଦୀପାଳି ଦାସଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ।

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ/ଇଏନ୍‌ଜିକି, ଦ. ପୂ. ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କ୍ର.ସଂ. ଓ ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଇଏମ୍‌ଡି: (୧) ସିକେପି-ସାଉଥ୍-୨୫-୨୬-୧୬;** ରାଜଖରସୁଆଁ-ପଦାପାହାଡ଼, ପଦାପାହାଡ଼-ନୟାଗଡ଼, ପଦାପାହାଡ଼-ବଲାଣିଖାଦାନ ଓ ବଡ଼ଜାମଦା-ଗୁଆର ବିଭିନ୍ନ ୟାର୍ଡରେ ମୋଟ ୨୬୯ ସେଟ୍ ପାଇଁ ଥ୍ରୁ ଟର୍ନଆଉଟ୍ ନବୀକରଣ (ଟିଡବ୍ଲ୍ୟୁଏସ୍) । ₹୨,୧୪,୭୮,୯୧୨.୪୬; ₹୨,୫୭,୪୦୦/-। **(୨) ସିକେପି-ସାଉଥ୍-୨୫-୨୬-୨୦;** ମଣ୍ଡଳ ଯନ୍ତ୍ରୀ (ଦକ୍ଷିଣ)/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ରାଜଖରସୁଆଁ-ପଦାପାହାଡ଼, ପଦାପାହାଡ଼-ନୟାଗଡ଼, ପଦାପାହାଡ଼-ବଲାଣିଖାଦାନ ଓ ବଡ଼ଜାମଦା-ଗୁଆ ସେକ୍ସନରେ ୨୦,୩୭୮ ମିଟରରୁ ଅଧିକ ସେସ୍ ମରାମତି କାର୍ଯ୍ୟର ନିର୍ବାହ । ₹୧,୩୦,୩୬,୭୯୩.୧୦; ₹୨,୧୫,୨୦୦/-। **(୩) ସିକେପି-ସାଉଥ୍-୨୫-୨୬-୨୧;** ମଣ୍ଡଳ ଯନ୍ତ୍ରୀ/ଦକ୍ଷିଣ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପର୍ଯ୍ୟନ୍ତ (ଅର୍ଥାତ୍ ଦୁଇବର୍ଷ ପାଇଁ) ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ବଡ଼ଜାମଦାଙ୍କ ଅଧୀନରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟର ନିର୍ବାହ (୨ୟ ଆହ୍ୱାନ) । ₹୨,୭୭,୮୪,୮୦୦/-; ₹୨,୮୮,୯୦୦/-। **ଟେଣ୍ଡର ଫର୍ମ ମୂଲ୍ୟ:** ପ୍ରତ୍ୟେକ ପାଇଁ ୦.୦୦ । **ଖୋଲାଯିବା ତାରିଖ:** କ୍ର.ସଂ ୧ ଓ ୩ ପାଇଁ ତା୨୨।୧୨।୨୦୨୫ରିଖ ଏବଂ କ୍ର.ସଂ. ୨ ପାଇଁ ତା୨୪।୧୨।୨୦୨୫ରିଖ । ଟେଣ୍ଡର ୱେବସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କ ପାଇଁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ (କର୍ତ୍ତୃପକ୍ଷ - ରେଳବାଇ ବୋର୍ଡର ଚିଠି ସଂ.: ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି ତାରିଖ: ୧୬।୦୭।୨୦୨୦) । (PR-902)

**वरीय पुलिस अधीक्षक का कार्यालय, राँची**

**सर्वसाधारण के लिए सूचना**



**नाम–गंदरू उराँव, उम्र–41 वर्ष, रंग–साँवला, ऊँचाई–05 फीट 3 ईंच, पहनावा–नीला रंग का फुल स्वेटर एवं काला रंग का पैंट पहने हुए है।**

उपरोक्त लापता व्यक्ति गंदरू उराँव, उम्र–41 वर्ष, पिता–स्व0 लछु उराँव, सा0–बनधेया, थाना–नगड़ी, जिला–राँची जो दिनांक–09.11.2025 को बक्सर जाने के कम में बगैर बताए कहीं चले गए है जो घर वापस नहीं आए है। जिसके संबंध में नगडी थाना सन्हा संख्या–27/2025, दिनांक–18.11.2025 दर्ज कर इनकी खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता व्यक्ति कहीं मिलता/दिखता है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

**Email ID(rnc-dcb@jhpolice.gov.in)**

पुलिस उपाधीक्षक, मु0, द्वितीय, राँची। – 9431706142
थाना प्रभारी नगड़ी, राँची। – 9431706176

वरीय पुलिस अधीक्षक,
राँची

PR 367511 Police(25-26).D

# ୨ ଦଫା ଦାବି ପୂରଣ ପାଇଁ ଦାବିପତ୍ର

**ଝାରସୁଗୁଡ଼ା, ୨।୧୨ (ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଜିଲା ଶିକ୍ଷା ଅଧିକାରୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରବୀନ୍ଦ୍ର ମାଝୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କୁ ୨ ଦଫା ଦାବି ପୂରଣ ପାଇଁ ମଙ୍ଗଳବାର ଅପରାହ୍ନରେ ଜିଲା ପ୍ରାଥମିକ ଶିକ୍ଷକ ସଂଘ ଦ୍ୱାରା ଦାବିପତ୍ର ପ୍ରଦାନ କରାଯାଇଛି। ଦାବିଗୁଡ଼ିକ ହେଲା ପ୍ରାଥମିକ ଶିକ୍ଷକଙ୍କ ମୂଳ ପଦବୀକୁ ଅପ୍‌ଗ୍ରେଡ୍ କରି ଲେବୁଲ-୯ ଅନୁଯାୟୀ ମୂଳ ବେତନ ୩୫,୪୦୦ ଟଙ୍କା ପ୍ରଦାନ କରିବା, ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ ଠିକା ପ୍ରଥା ଉଚ୍ଛେଦ କରି ୨୦୦୧ ମସିହାଠାରୁ ଅଦ୍ୟାବଧି କାର୍ଯ୍ୟରତ ସମସ୍ତ ଶିକ୍ଷକଙ୍କ ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରିବା ସହିତ ଇନ୍‌କ୍ରିମେଣ୍ଟ ପ୍ରଦାନ କରିବା। ଏହି ଦାବିପତ୍ର ପ୍ରଦାନବେଳେ ମିଳିତ ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରମୋଦ କୁମାର ନାଏକ, ନୂତନ ପେନ୍‌ସନଭୁକ୍ତ ଝାରସୁଗୁଡ଼ା ଜିଲା ଶିକ୍ଷକ ସଂଘ ସଭାପତି ଦିଲୀପ କୁମାର ନାଏକ, ଝାରସୁଗୁଡ଼ା ଜିଲା ସାଧାରଣ ସମ୍ପାଦକ ଛତ୍ରଲାଲ କିଷାନ, ଲଇକେରା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଦିଲୀପ କୁମାର ନାଏକ, ଝାରସୁଗୁଡ଼ା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଉମ୍ବରୁଧର ନାଏକ, କିର୍ମିରା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ବୈକୁଣ୍ଠ ନାଏକ, ବିକାଶ ନାଏକ, ନିମାଇଁଚରଣ ପଟେଲ, ମହେଶ୍ୱର ଛତ୍ରିଆ, ସ୍ୱାଧୀନ ଧୁରୁଆଙ୍କ ସମେତ ସଂଘ କର୍ମକର୍ତ୍ତା ଓ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ।

**PANCHAYAT SAMITI OFFICE, BIRMAHARAJPUR**

Tender Call Notice No. Dt.

**INVITATION OF BID**

Last date of receipt of Bid : 18.12.2025
Date of Opening of Bid : 19.12.2025

The Block Development Officer, Birmaharajpur invite percentage rate bid from the contractor/bidder for execution of following works.

| Sl. No. | Name of the Work | Scheme | Value of Work (Rs.) | Class of Contractor |
|---|---|---|---|---|
| 1 | Construction of Multipurpose Community-cum-Cultural Centre at Sardhapali | ST & SC Dev. | 20,21,163/- | C & B |

For details visit our District website **www.subarnapur.nic.in**.

**Sd./- Block Development Officer**
**Birmaharajpur**

**OFFICE OF THE EXECUTIVE ENGINEER. MINOR IRRIGATION DIVISION, Ranchi**

**e-Procurement Tender Notice**
**Two Envelope System**

Tender Reference No:- WRD/MID/04/BD/(SLI)2025-26
Letter no-.............Date-.............

| | | |
|---|---|---|
| 1 | Name of Work: | Construction of Mukhyamantri Solar Lift Irrigation Scheme at Patratu Block:- Kanke, Dist- Ranchi. |
| 2 | Estimated Cost (Rs.) | **Rs. 1,09,18,500.00** |
| 3 | Cost of tender document (Rs) | Rs 10,000 only (non-refundable). |
| 4 | Earnest Money Deposit (Rs.) | Rs 1,10,000.00 only. |
| 5 | Time of Completion | 335 Days |
| 6 | Mode of Submission of tender | Online through www.jharkhandtenders.gov.in |
| 7 | Date of Publicationof Tender on website | Date: 17.12.2025 Time: 2:00 PM |
| 8 | Last Date/Time for downloading of bidding documents and Submission of Tender on Website | Date: 23.12.2025 Time: 2:00PM |
| 9 | Submission of Tender Fee and EMD | Start Date:-17.12.2025 Time:- 2:00 PM Last Date:- 23.12.2025 Time:- 2:00 PM |
| 10 | Technical Bid Opening Date | Date: 24.12.2025 Time: 2:00 PM |
| 11 | Officer Inviting Bids | Executive Engineer Minor Irrigation Division Ranchi |
| 12 | Contact No. of Procurement Officer e-mail of Procurement Officer | 9431190681 |
| 13 | Help line No. of Procurement Cell | 0651-3512781/Email ID- eemidran-cemr-jhr@nic.in |

Note:-

- Work will be awarded to those bidders {specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/ Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes}. Empanelled Indigenous Manufacturers of 10 HP pumps (AC/DC Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
- Only e-Tender will be accepted.

Further details can be seen on website http://jharkhandtenders.gov.in

Executive Engineer,
Minor Irrigation Division,
Ranchi

PR 367551 Minor Irrigation(25-26)#D

**ଭାରତୀୟ ମଜଦୁର ସଂଘ ପ୍ରଭାରୀଙ୍କ ବ୍ରଜରାଜନଗର ଗସ୍ତ**

# ଶ୍ରମିକଙ୍କ ସମସ୍ୟା ଉପରେ ଆଲୋଚନା

**ବ୍ରଜରାଜନଗର, ୨।୧୨ (ବିଜୟ ବରାଡ଼)**

ଭାରତୀୟ ମଜଦୁର ସଂଘ ଉଦ୍ୟୋଗ ପ୍ରଭାରୀ ତଥା ଓଜେସିସି ସଦସ୍ୟ କେ. ଲକ୍ଷ୍ମା ରେଡ୍ଡୀ ସୋମବାର ବ୍ରଜରାଜନଗର ଗସ୍ତରେ ଆସିଥିଲେ। ଏଠାରେ ତାଙ୍କୁ ବ୍ରଜରାଜନଗର ଇବ୍ ଖାଦାନ ମଜଦୁର ସଂଘ ପକ୍ଷରୁ ସ୍ୱାଗତ କରାଯାଇଥିଲା। ପରେ ସଂଘ ଅଧ୍ୟକ୍ଷ ଗୋବିନ୍ଦ ସିଂହଙ୍କ ଅଧ୍ୟକ୍ଷତାରେ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରେଡ୍ଡୀଙ୍କ ସମେତ ଅଖିଳ ଭାରତୀୟ ଖାଦାନ ମଜଦୁର ସଂଘ ସମ୍ପାଦିକା ତଥା କମ୍ପାନୀ ଜେସିସି ସଦସ୍ୟ ସୁଶ୍ରୀ ସୁସ୍ମିତା ପଟେଲ, କମ୍ପାନୀ କଲ୍ୟାଣ ସମିତି ସଦସ୍ୟ ରିଷଭ କୁମାର ଖାରେ, ଏମ୍‌ପିଙ୍କ ପ୍ରତିନିଧି ଶ୍ଳୋକ ଶର୍ମା ଉପସ୍ଥିତ ଥିଲେ। ସଂଘ ସାଧାରଣ ସମ୍ପାଦକ ମହେଶ୍ୱର ମହନ୍ତ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ସମଲେଶ୍ୱରୀ ଖୋଲାମୁହଁ ଖାଦାନ(ଓସିପି), ଓରିଏଣ୍ଟ କୋଲିଆରୀ ମାଇନ ନଂ-୨ ଓ ଲଜକୁରା ଓସିପିରୁ ୩୧ ଜଣ ଶ୍ରମିକ ଭାରତୀୟ ମଜଦୁର ସଂଘରେ ସାମିଲ ହୋଇଥିଲେ। ଏହି ଶ୍ରମିକମାନଙ୍କୁ ରେଡ୍ଡୀ ସ୍ୱାଗତ କରିବା ସହିତ ଆଗାମୀ ଦିନରେ ଭାରତୀୟ ମଜଦୁର ସଂଘ ଶ୍ରମିକଙ୍କ ହିତ ପାଇଁ କାମ କରି ମହାନଦୀ କୋଲ୍ କମ୍ପାନୀରେ ଏକ ନମ୍ବର କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିସହ ଶ୍ରମିକଙ୍କ ସମସ୍ୟା ଉପରେ ଆଲୋଚନା ଏବଂ ନୂତନ ଶ୍ରମ କୋଡ୍‌ରେ ଶ୍ରମିକଙ୍କ ଲାଭ ବିଷୟରେ ସେ କହିଥିଲେ। ବ୍ରଜରାଜନଗର ସଂଘ ସଂଯୋଜକ ରବି ରୋହିଦାସ ଧନ୍ୟବାଦ ଦେଇଥିଲେ।

**PARADIP COLLEGE**
Paradip, Jagatsinghpur, Odisha-754142
Ph:(06722) 222379 (O), (06722) 222251 (R)
Website:www.paradipcollege.org, E-mail: paradip_college@yahoo.com

Ref. 1067/25/PC Date: 02.12.25

**TENDER CALL NOTICE**
**Paradip College, Paradip**

Sealed tenders are invited from authorized, registered firms/ distributors/dealers/companies for procurement of Fire Extinguishers, P.A. Podium with Speaker, Sound Box, Green Board & other equipments under RUSA scheme. The tender should reach the office of the undersigned within ten days of publication of this notice.

For details please visit our college website: www.paradeepcollege.org

**Sd./- Principal**
**Paradip College, Paradip**

# ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

No. RDM-LAB-GM-0028-2025-29630/R&DM, Dated: 07 AUG 2025

No.XII-18: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଗଞ୍ଜାମ ଜିଲ୍ଲାର ଛେଳିଗଡ଼ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ନିମନ୍ତେ ମୌଜା: ବାଙ୍ଗରଡ଼ା, ଥାନା: ପାଟପୁର, ତହସିଲ: ଦିଗପହଣ୍ଡି, ଜିଲ୍ଲା: ଗଞ୍ଜାମରେ ନିମ୍ନ ତଫସିଲମତେ ପ୍ରାୟ ୧୫.୧୩୮ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରୁଛନ୍ତି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୫ର ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ-ଛେଳିଗଡ଼ ଜଳସେଚନ କେନାଲ ପ୍ରକଳ୍ପର ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଅଧୀକ୍ଷଣ ଯନ୍ତ୍ରୀ, ଛେଳିଗଡ଼ କେନାଲ ବିଭାଜନ, ଦିଗପହଣ୍ଡି, ଗଞ୍ଜାମ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଗଞ୍ଜାମ ଜିଲ୍ଲାର ଛେଳିଗଡ଼ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ନିମନ୍ତେ (ଉକ୍ତ ପ୍ରକଳ୍ପ ଯୋଗୁଁ କୌଣସି ଲୋକ ବିସ୍ଥାପିତ ହେଉ ନାହାନ୍ତି)।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡ଼ିଶା ସରକାରଙ୍କର ପତ୍ର ସଂଖ୍ୟା - ୩୩୭୫୬, ତାରିଖ: ୦୧।୧୦।୨୦୨୪ରେ ଦ୍ରଷ୍ଟବ୍ୟ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପଜିଲ୍ଲାପାଳ, ବ୍ରହ୍ମପୁର, ଗଞ୍ଜାମ।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଗଞ୍ଜାମ | ଦିଗପହଣ୍ଡି | ବାଙ୍ଗରଡ଼ା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୪୬.୯୭୫ | ଏ. ୧୫.୧୩୮ | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଜିଲ୍ଲାପାଳ, ଗଞ୍ଜାମ ଓ ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ଥଇଥାନ ଓ ପୁନର୍ବସତି ଅଧିକାରୀ, (ମଧ୍ୟମ ଜଳସେଚନ ପ୍ରକଳ୍ପ), ମହେନ୍ଦ୍ରଗଡ଼ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଜିଲ୍ଲାପାଳ, ଗଞ୍ଜାମଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- (ମଧୁସ୍ମିତା ସାହୁ)
ଅତିରିକ୍ତ ଶାସନ ସଚିବ

## ବାଙ୍ଗରଡ଼ା ଗ୍ରାମର ଜମିର ବିବରଣୀ
### ମୌଜା- ବାଙ୍ଗରଡ଼ା, ତହସିଲ- ଦିଗପହଣ୍ଡି, ଜିଲ୍ଲା- ଗଞ୍ଜାମ

| କ୍ରମିକ ସଂଖ୍ୟା | ଖାତା ନମ୍ବର | ପ୍ଲଟ ନମ୍ବର | ମୋଟ ରକବା (ଏକରରେ) | ଅର୍ଜିତ ହେବାକୁଥିବା ଜମିର ପରିମାଣ (ଏକରରେ) | କିସମ | ରୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୬ | ୧୦୨୯ | ୦.୧୮୦ | ୦.୦୩୫ | ପଦର | ଅରକ୍ଷିତ ଚୌଧୁରୀ, ପି.: ଅର୍ଜୁନ ଚୌଧୁରୀ, ଜା: କୁରୁମ, ବା: ନିଜଗାଁ | |
| ୨ | ୭ | ୧୫୬୩ | ୦.୦୭୦ | ୦.୦୩୦ | ପଦର | ଅରକ୍ଷିତ ପ୍ରଧାନ, ପି.: ଗୁରା ପ୍ରଧାନ, ଜା: କୁରୁମା, ବା: ନିଜଗାଁ | |
| ୩ | ୧୨ | ୧୩୩୦ | ୦.୨୦୫ | ୦.୦୭୫ | ବିଲ ଜଳସେଚିତ ଦୋଫସଲି | ଅରକ୍ଷିତ ସେଠୀ, ପି.; ଭୋକଲି ସେଠୀ, ସୁରେନ୍ଦ୍ର ସେଠୀ, ସାଇବ ସେଠୀ, ସୁବାସ ସେଠୀ, ଟୁନା ସେଠୀ, ମାୟା ସେଠୀ, କୁମାରୀ ସେଠୀ, ଭାଗ୍ୟ ସେଠୀ, ପି.: ଲକ୍ଷ୍ମଣ ସେଠୀ, କମଳା ସେଠୀ, ପି.: ଲକ୍ଷ୍ମଣ ସେଠୀ, ଅଳିୟ ସେଠୀ, ବୁଲା ସେଠୀ, ପ୍ରକାଶ ସେଠୀ, ଦମୟନ୍ତି ସେଠୀ, ପି.: ଜାଗିଲି ସେଠୀ, ଜମ୍ବୁ ସେଠୀ, ସ୍ୱା.: ଜାଗିଲି ସେଠୀ, ଭଗବାନ ସେଠୀ, ନାଥ ସେଠୀ, ହରି ସେଠୀ, ପି.: କରୁଣା ସେଠୀ, ମହେଶ୍ୱର ସେଠୀ, ରାଜି ସେଠୀ, ସନାତନ ସେଠୀ, ଟୁନୁ ସେଠୀ, ସୁଲ ସେଠୀ, ପି.: କୌବଲ ସେଠୀ, ହେମ ସେଠୀ, ସ୍ୱା.: କୌବଲ ସେଠୀ, ସୁମା ସେଠୀ, ପୁନିଆ ସେଠୀ, ଗୋପାଳ ସେଠୀ, ପି.: ଦୁଃଖୀ ସେଠୀ, ତବତିଆ ସେଠୀ, କ୍ଷେତ୍ରୀ ସେଠୀ, ବଳରାମ ସେଠୀ, ଦୟା ସେଠୀ, ପଞ୍ଚା ସେଠୀ, କମା ସେଠୀ, ସଜନି ସେଠୀ, ତମାଳ ସେଠୀ, ଉରି ସେଠୀ, ପି.: ବିର ସେଠୀ, ଜା: ଧୋବା, ବା: ନିଜଗାଁ | |
| | | ୨୯୮୫ | ୦.୧୯୩ | ୦.୦୭୦ | | | |
| | | ୩୪୮୦ | ୦.୨୩୫ | ୦.୧୩୫ | | | |
| ୪ | ୧୫ | ୫୭୦ | ୦.୧୦୦ | ୦.୦୮୦ | ପଦର | ଅର୍ଜୁନ ନାୟକ, ଭୀମ ନାୟକ, ପି.: ନାଲୁ ନାୟକ, ଅଗାଡ଼ି ନାୟକ, ପି.: ଦଣ୍ଡିଆ ନାୟକ, କାଳି ନାୟକ, ସ୍ୱା: ଦଣ୍ଡିଆ ନାୟକ, ଜା: କୁରୁମ, ବା: ସୁନ୍ଦରପୁର | |
| ୫ | ୧୬ | ୧୦୪୨ | ୦.୧୧୦ | ୦.୦୧୫ | ପଦର | ଅର୍ଜୁନ ପ୍ରଧାନ, ପି.: ସମ୍ବାରୁ ପ୍ରଧାନ, ରାମ ପ୍ରଧାନ, ଗୋବିନ୍ଦ ପ୍ରଧାନ, ପି.: ମହନ୍ତର ପ୍ରଧାନ, ଜା: କୁରୁମ, ବା: ମଣିଦେଇପେଣ୍ଟ | |
| | | ୧୦୪୩ | ୦.୦୭୦ | ୦.୦୦୫ | | | |
| | | ୧୫୭୪ | ୦.୧୩୦ | ୦.୦୩୦ | | | |
| | | ୧୫୭୫ | ୦.୧୭୫ | ୦.୦୨୫ | | | |
| ୬ | ୨୧ | ୧୦୪୪ | ୦.୦୫୦ | ୦.୦୦୫ | ପଦର | ଅପୂର୍ବ ଚୌଧୁରୀ, ସ୍ୱା: ଧର୍ମୁ ଚୌଧୁରୀ, ଜା: କୁରୁମ, ବା: ନିଜଗାଁ | |
| | | ୧୫୬୮ | ୦.୨୦୦ | ୦.୦୪୦ | | | |
| | | ୧୫୬୯ | ୦.୧୬୫ | ୦.୦୨୦ | | | |
| | | ୧୫୬୫ | ୦.୧୨୮ | ୦.୦୨୫ | | | |
| | | ୧୫୬୬ | ୦.୧୧୮ | ୦.୦୨୦ | | | |
| | | ୧୫୬୭ | ୦.୧୩୩ | ୦.୦୨୦ | | | |
| ୭ | ୨୪ | ୧୦୦୮ | ୦.୪୦୫ | ୦.୧୧୦ | ପଦର | ଅଭିରାମ ଚୌଧୁରୀ, ପି.: ସହଦେବ ଚୌଧୁରୀ, ଜା: କୁରୁମ, ବା: ନିଜଗାଁ | |
| | | ୭୩୩ | ୦.୩୧୦ | ୦.୦୪୦ | | | |
| ୮ | ୨୫ | ୩୦୨୭ | ୦.୩୧୦ | ୦.୦୭୦ | ବିଲ ଜଳସେଚିତ ଦୋଫସଲି | ସୁଶିଳା ହୋତା, ସ୍ୱା.: ସୀମାଞ୍ଚଳ ହୋତା, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୯ | ୨୬ | ୫୬୫ | ୦.୧୧୦ | ୦.୦୭୫ | ପଦର | ଆନନ୍ଦ ପ୍ରଧାନ, ପି.: ଅର୍ଜୁନ ପ୍ରଧାନ, ବାଉରାଣୀ ପ୍ରଧାନ, ସ୍ୱା.: ଅର୍ଜୁନ ପ୍ରଧାନ, ଭାସ୍କର ପ୍ରଧାନ, ବୃନ୍ଦାବନ ପ୍ରଧାନ, ଦୟା ପ୍ରଧାନ, ନରହରି ପ୍ରଧାନ, ସୁରେନ୍ଦ୍ର ପ୍ରଧାନ, ପି.: ବୈଷ୍ଣମ ପ୍ରଧାନ, ଜା: କୁରୁମ, ବା: ତୁଣ୍ଡୁରା | |
| | | ୫୬୬ | ୦.୧୨୦ | ୦.୦୧୦ | | | |
| | | ୫୭୧ | ୦.୧୭୦ | ୦.୦୮୦ | | | |
| ୧୦ | ୩୫ | ୧୪୧୪ | ୦.୨୬୫ | ୦.୦୮୫ | ବିଲ ଜଳସେଚିତ ଦୋଫସଲି | ଉଦୟନାଥ ମିଶ୍ର, ପି.: ଅନନ୍ତ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ | |
| | | ୧୪୧୬/୩୬୧୧ | ୦.୨୫୦ | ୦.୦୨୫ | | | |
| | | ୧୪୨୨ | ୦.୩୪୦ | ୦.୦୨୦ | | | |
| ୧୧ | ୪୦ | ୧୨୮୫ | ୦.୩୨୦ | ୦.୦୭୦ | ବିଲ ଜଳସେଚିତ ଦୋଫସଲି | ଉଲା ସାହୁ, ପି.: ବଳରାମ ସାହୁ, ଜା: ଶୁଣ୍ଢୀ, ବା: ନିଜଗାଁ | |
| ୧୨ | ୪୩ | ୩୦୫୮ | ୦.୧୮୦ | ୦.୦୨୦ | ବିଲ ଜଳସେଚିତ ଦୋଫସଲି | ଉଲା ପ୍ରଧାନ, ପି.: ଦଣ୍ଡାସି ପ୍ରଧାନ, ଜା: କୁରୁମ, ବା: ବାହାଡାଗୁଡ଼ା | |
| ୧୩ | ୪୮ | ୩୦୨୩ | ୦.୩୬୦ | ୦.୧୯୦ | ବିଲ ଜଳସେଚିତ ଦୋଫସଲି | ଉଲି ପ୍ରଧାନ, ସ୍ୱା.: କୃଷ୍ଣ ପ୍ରଧାନ, ଜା ; କୁରୁମ, ବା: ବାହାଡ଼ାଗୁଡ଼ା | |
| ୧୪ | ୫୨ | ୩୦୪୨ | ୦.୧୫୮ | ୦.୦୫୫ | ବିଲ ଜଳସେଚିତ ଦୋଫସଲି | କନ୍ତାରୁ ନାୟକ, ପି.: କେନା ନାୟକ, ଜା: କୁରୁମ, ବା: ଫସିଗୁଡ଼ା | |
| | | ୩୦୪୩ | ୦.୧୭୦ | ୦.୦୧୦ | | | |
| ୧୫ | ୫୩ | ୧୫୬୨ | ୦.୨୮୮ | ୦.୦୬୦ | ପଦର | କପିଳ ରାଉତ, ପି.: ଗୋପି ରାଉତ, ବାଉରି ରାଉତ, ବଲ୍ଲଭ ରାଉତ, ପି.: ରଘୁ ରାଉତ, ଜା: କୁରୁମ, ବା: ନିଜଗାଁ | |
| ୧୬ | ୫୪ | ୧୦୧୨ | ୦.୨୮୦ | ୦.୦୫୫ | ପଦର | କପିଳାଉତ, ଅର୍ଜୁନ ରାଉତ, ପି.: ଗୋପି ରାଉତ, ବାଉରି ରାଉତ, ବଲ୍ଲଭ ରାଉତ, ପି.: ରଘୁ ରାଉତ, ଜା: କୁରୁମ, ବା: ମଣିଦେଇପେଣ୍ଟ | |
| | | ୧୦୧୩ | ୦.୨୭୦ | ୦.୦୬୦ | | | |
| | | ୧୦୧୫ | ୦.୨୬୦ | ୦.୦୪୫ | | | |
| ୧୭ | ୬୨ | ୩୧୬ | ୦.୦୬୦ | ୦.୦୬୦ | ପଦର | କାଲୁ ଚୌଧୁରୀ, ପି.: କପିଳ ଚୌଧୁରୀ, ଜା: କୁରୁମ, ବା: ନିଜଗାଁ | ଗୋଚର ପ୍ରତି ବଦଳରେ |
| | | ୩୨୭ | ୦.୦୬୦ | ୦.୦୬୦ | | | |
| | | ୩୨୮ | ୦.୦୬୦ | ୦.୦୬୦ | | | |
| ୧୮ | ୬୩ | ୭୪୯ | ୦.୧୩୦ | ୦.୦୦୫ | ପଦର | କାଲୁ ଚୌଧୁରୀ, ପି.: କପିଳ ଚୌଧୁରୀ, ତ୍ରିନାଥ ଚୌଧୁରୀ, ପି.: ମଧୁ ଚୌଧୁରୀ, ଧୋବଣୀ ଚୌଧୁରୀ, ଚନ୍ଦ୍ରମା ଚୌଧୁରୀ, କାମିନି ଚୌଧୁରୀ, ପି.: କୁରିଆ ଚୌଧୁରୀ, ଆସିଲି ଚୌଧୁରୀ, ସ୍ୱା.: କୁରିଆ ଚୌଧୁରୀ, ଦେବରାଜ ଚୌଧୁରୀ, ପି.: ଭୀମ ଚୌଧୁରୀ, ଜା: କୁରୁମ, ବା: ନିଜଗାଁ | ଗୋଚର ପ୍ରତି ବଦଳରେ |
| | | ୩୧୭ | ୦.୧୦୦ | ୦.୧୦୦ | ପଦର | | |
| | | ୩୨୬ | ୦.୦୯୦ | ୦.୦୯୦ | ବିଲ ଅଣଜଳସେଚିତ ଦୋଫସଲି | | |
| ୧୯ | ୬୬ | ୧୪୪୧ | ୦.୦୭୦ | ୦.୦୩୫ | ପଦର | କୃଷ୍ଣ ଡାକୁଆ, ପି.: ଅଗାଧୁ ଡାକୁଆ, କାଶି ଡାକୁଆ, ସୁକାନ୍ତ ଡାକୁଆ, ପି.: ଦଣ୍ଡାସି ଡାକୁଆ, ହାର ଡାକୁଆ, ସ୍ୱା.: ଦଣ୍ଡାସି ଡାକୁଆ, ଜା: ଭଣ୍ଡାରି, ବା: ନିଜଗାଁ | |
| ୨୦ | ୭୧ | ୭୨୫ | ୦.୨୧୦ | ୦.୦୨୫ | ପଦର | କୋରେଶୁ ବେହେରା, ସୁରେନ୍ଦ୍ର ବେହେରା, ପି.: ବରଜ ବେହେରା, ଚନ୍ଦ୍ରମା ବେହେରା, ସ୍ୱା.: ବରଜ ବେହେରା, ଜା: କୁରୁମ, ବା: ନିଜଗାଁ | |
| ୨୧ | ୭୨ | ୨୯୮୮ | ୦.୦୪୦ | ୦.୦୧୦ | ବିଲ ଜଳସେଚିତ ଦୋଫସଲି | କୋରେଶୁ ପଣ୍ଡା, ଅନ୍ତର୍ଯ୍ୟାମୀ ପଣ୍ଡା, ପି.: ଗୋପୀ ପଣ୍ଡା, କାଞ୍ଚନ ପଣ୍ଡା, ସ୍ୱା.: ଗୋପୀ ପଣ୍ଡା, ଜା: ବ୍ରାହ୍ମଣ, ବା: ନିଜଗାଁ | |
| | | ୨୯୮୯ | ୦.୧୫୦ | ୦.୧୨୦ | | | |
| | | ୨୯୯୦ | ୦.୧୧୦ | ୦.୦୨୦ | | | |
| | | ୨୯୯୧ | ୦.୦୪୦ | ୦.୦୧୦ | | | |
| ୨୨ | ୭୫ | ୫୬୯/୩୬୦୭ | ୦.୦୭୦ | ୦.୦୦୫ | ପଦର | ଖଲି ପ୍ରଧାନ, ପି.: ଉଜ୍ଜ୍ୱଳ ପ୍ରଧାନ, ଜା: କୁରୁମ, ବା: ତୁଣ୍ଡୁରା | |
| ୨୩ | ୭୬ | ୫୬୪ | ୦.୧୬୦ | ୦.୧୧୦ | ପଦର | ଖଲି ପ୍ରଧାନ, ପି.: ଉଜ୍ଜ୍ୱଳ ପ୍ରଧାନ, ବଡ଼ ଖଲି ପ୍ରଧାନ, ପାଣ୍ଡବ ପ୍ରଧାନ, ପି.: ବାଲାଜି ପ୍ରଧାନ, ଚମ୍ପା ପ୍ରଧାନ, ସ୍ୱା.: ବାଲାଜି ପ୍ରଧାନ, ମାଗୁଣି ପ୍ରଧାନ, ରଘୁନାଥ ପ୍ରଧାନ, ପି.: ଲାଲୁ ପ୍ରଧାନ, ସାଇବାଣି ପ୍ରଧାନ, ସ୍ୱା.: ଲାଲୁ ପ୍ରଧାନ, କେଦାରନାଥ ପ୍ରଧାନ, ଶିବରାମ ପ୍ରଧାନ, ସୁଦର୍ଶନ ପ୍ରଧାନ, ଭଲି ପ୍ରଧାନ, ପି.: ଅର୍ଜୁନ ପ୍ରଧାନ, ହେମ ପ୍ରଧାନ, ସ୍ୱା.: ଅର୍ଜୁନ ପ୍ରଧାନ, ଜା: କୁରୁମ, ବା: ତୁଣ୍ଡୁରା | କେନାଲରେ ୦.୦୮୫ ଗୋଚର ପ୍ରତି ବଦଳରେ ୦.୦୨୫ |
| | | ୩୫୦୦ | ୧.୦୭୦ | ୦.୨୧୦ | ବିଲ ଜଳସେଚିତ ଦୋଫସଲି | | |
| ୨୪ | ୮୨ | ୧୩୦୩ | ୦.୨୨୦ | ୦.୦୯୫ | ବିଲ ଜଳସେଚିତ ଦୋଫସଲି | କ୍ଷେତ୍ର ସେଠୀ, ପି.: ଭରତ ସେଠୀ, ଜା: ଧୋବା, ବା: ନିଜଗାଁ | |
| ୨୫ | ୮୬ | ୧୦୩୯ | ୦.୧୧୦ | ୦.୦୨୫ | ପଦର | ଗୁରା ରାଉତ, ମାଗୁଣି ରାଉତ, ଉଲା ରାଉତ, ଗୋବିନ୍ଦ ରାଉତ, ପି.: ବରଜ ରାଉତ, ତବତିଆ ରାଉତ, ଆନନ୍ଦ ରାଉତ, ଅଗାଡ଼ି ରାଉତ, ପି.: ଭଗତ ରାଉତ, ଜା: କୁରୁମ, ବା: ମଣିଦେଇପେଣ୍ଟ | |
| | | ୧୦୪୦ | ୦.୧୦୦ | ୦.୦୨୦ | | | |
| | | ୧୦୪୧ | ୦.୧୦୦ | ୦.୦୨୦ | | | |
| ୨୬ | ୮୮ | ୩୧୮ | ୦.୨୬୫ | ୦.୨୬୫ | ବିଲ ଅଣଜଳସେଚିତ ଦୋଫସଲି | ଗୋପାଳ କୃଷ୍ଣ ଦାସ, ମଦନ ମୋହନ ଦାସ, ଲକ୍ଷ୍ମୀ ଚରଣ ଦାସ, ପି.: ନଟବର ଦାସ, ଜା: ବ୍ରାହ୍ମଣ, ବା: ନିଜଗାଁ | ଗୋଚର ପ୍ରତି ବଦଳରେ |
| | | ୩୨୩ | ୦.୨୮୦ | ୦.୨୮୦ | | | |
| ୨୭ | ୮୯ | ୩୪୮୨ | ୧.୨୩୦ | ୦.୨୦୦ | ବିଲ ଜଳସେଚିତ ଦୋଫସଲି | ଶ୍ରୀ ରାଧା ଦାମୋଦର ଠାକୁର ବିଜେ ବାଙ୍ଗରଡ଼ା ସେବାୟତ ବା: ଗୋପାଳ କୃଷ୍ଣ ଦାସ, ମଦନ ମୋହନ ଦାସ, ଲକ୍ଷ୍ମୀ ଚରଣ ଦାସ, ପି.: ନଟବର ଦାସ, ଜ୍ୟୋତ୍ସ୍ନା ଦାସ, ଗୁନୁ ଦାସ, ପି.: ରଘୁନାଥ ଦାସ, ଚନ୍ଦ୍ରମା ଦାସ, ସ୍ୱା.: ରଘୁନାଥ ଦାସ, ସୀମାଞ୍ଚଳ ଦାସ, ହରିହର ଦାସ, ବୈଷ୍ଣବ ଦାସ, ପି. ଲକ୍ଷ୍ମଣ ଦାସ, ସୋମନାଥ ଦାସ, ପି.: ଦୀନବନ୍ଧୁ ଦାସ, କୃଷ୍ଣଚନ୍ଦ୍ର ଦାସ, ଶୋଭାବତୀ ଦାସ, ପି.: ତ୍ରିନାଥ ଦାସ, ଭାସ୍କର ଦାସ, ପି.: ବାବାଜୀ ଦାସ, ପ୍ରତାପଚନ୍ଦ୍ର ଦାସ, ପି.: କାଳୁ ଦାସ, ପ୍ରମିଳା ଦାସ, ସ୍ୱା.: କାଳୁ ଦାସ, ଜା: ବ୍ରାହ୍ମଣ, ବା: ନିଜଗାଁ | |
| | | ୩୪୮୬ | ୦.୦୮୮ | ୦.୦୦୨ | | | |
| | | ୧୪୬୬ | ୦.୧୦୦ | ୦.୦୧୫ | | | |
| | | ୧୪୭୧ | ୦.୧୩୫ | ୦.୦୫୫ | | | |
| | | ୧୪୭୨ | ୦.୨୯୦ | ୦.୧୪୦ | | | |
| | | ୧୪୭୩ | ୦.୧୪୫ | ୦.୦୬୦ | | | |
| | | ୧୪୭୪ | ୦.୧୮୫ | ୦.୦୮୦ | | | |
| | | ୧୪୭୫ | ୦.୩୩୦ | ୦.୧୨୫ | | | |
| | | ୧୪୭୬ | ୦.୪୧୦ | ୦.୧୩୦ | | | |
| | | ୧୪୭୮ | ୦.୨୫୦ | ୦.୦୯୦ | | | |
| | | ୧୪୪୦ | ୦.୨୧୦ | ୦.୦୮୫ | | | |
| | | ୧୪୪୨ | ୦.୧୪୦ | ୦.୧୦୫ | | | |
| | | ୧୪୬୫ | ୦.୧୧୦ | ୦.୦୬୦ | | | |
| ୨୮ | ୧୦୬ | ୧୯୭୪ | ୦.୮୯୦ | ୦.୩୭୦ | ବଗାୟତ ଦୁଇ | ଚିନ୍ତାମଣି ପ୍ରଧାନ, ପି.: ଚକ୍ରପାଣି ପ୍ରଧାନ, ପଞ୍ଚାନନ ପ୍ରଧାନ, ବିଶ୍ୱନାଥ ପ୍ରଧାନ, ପି.: କୃଷ୍ଣ ପ୍ରଧାନ, ବାବୁ ପ୍ରଧାନ, ପି.: ଶୁକ୍ରୁ ପ୍ରଧାନ, ଜା: କୁରୁମ, ବା: ନିଜଗାଁ | |
| | | ୧୩୬୩ | ୨.୫୮୦ | ୦.୧୨୫ | ବିଲ ଜଳସେଚିତ ଦୋଫସଲି | | |
| | | ୧୩୫୩ | ୦.୩୫୦ | ୦.୧୨୦ | | | |
| | | ୧୩୫୦ | ୦.୧୮୪ | ୦.୦୭୫ | | | |
| | | ୧୩୨୪ | ୦.୬୧୨ | ୦.୧୭୫ | | | |
| | | ୩୦୮୮ | ୦.୪୦୦ | ୦.୦୧୫ | | | |
| | | ୩୦୩୩ | ୦.୧୦୦ | ୦.୦୧୦ | | | |
| | | ୨୯୯୨ | ୦.୧୮୩ | ୦.୦୬୦ | | | |
| | | ୨୯୮୭ | ୦.୨୭୫ | ୦.୧୧୫ | | | |
| ୨୯ | ୧୦୭ | ୧୨୮୬ | ୦.୨୬୫ | ୦.୦୦୫ | ବିଲ ଜଳସେଚିତ ଦୋଫସଲି | ଚିନ୍ତାମଣି ପଧାନ, ବାବୁ ପଧାନ, ପଞ୍ଚାନନ ପଧାନ, ବିଶ୍ୱନାଥ ପଧାନ, ବା: ନିଜଗାଁ, ସରୋଜିନି ପଧାନ, ବା: ତାଳପୁର, ବାୟାଣି ପଧାନ, ବା: ଧରମପୁର, କୁମୁଦ ପଧାନ, ବା: ନିଜଗାଁ, ଭାଗ୍ୟଲତା ପଧାନ, ବା: ଫାଶିଗୁଡ଼ା, ଚନ୍ଦ୍ରମା ପଧାନ, ବା: ଜଳମେରି ପଲ୍ଲୀ, ପି.: କୃଷ୍ଣ ପଧାନ, ରାହାସ ପଧାନ, ସ୍ୱା.: କୃଷ୍ଣ ପଧାନ, ଜା: କୁରୁମ, ବା: ନିଜଗାଁ | |
| ୩୦ | ୧୧୦ | ୧୦୩୪ | ୦.୧୬୦ | ୦.୦୨୫ | ପଦର | ଜାଗିଲି ମହାକୁଡ଼, ପି.: କନ୍ଧ ମହାକୁଡ଼, ଜା: ଗୌଡ଼, ବା: ମଣିଦେଇପେଣ୍ଟ | |
| ୩୧ | ୧୧୯ | ୭୧୪ | ୦.୧୨୦ | ୦.୦୩୫ | ବିଲ ଅଣଜଳସେଚିତ ଦୁଇ | ଜୟନ୍ତୀ ଚୌଧୁରୀ, ସ୍ୱା.: ନାରାୟଣ ଚୌଧୁରୀ, ଜା: କୁରୁମ, ବା: ନିଜଗାଁ | |
| | | ୭୪୪ | ୦.୧୦୦ | ୦.୦୨୫ | ପଦର | | |
| ୩୨ | ୧୨୧ | ୧୩୭୬ | ୦.୨୫୦ | ୦.୦୮୫ | ବିଲ ଜଳସେଚିତ ଦୋଫସଲି | କୁରିଆ ପ୍ରଧାନ, ପି.: ଯୋଗୀ ପ୍ରଧାନ, ଜା: କୁରୁମ, ବା: ନିଜଗାଁ | |
| ୩୩ | ୧୨୪ | ୧୩୦୨ | ୦.୦୫୦ | ୦.୦୧୦ | ବିଲ ଜଳସେଚିତ ଦୋଫସଲି | ଯୋଗୀ ସେଠୀ, ପି.: ଗୋଲା ସେଠୀ, ଜା: ଧୋବା, ବା: ନିଜଗାଁ | |
| | | ୧୩୦୪ | ୦.୧୨୦ | ୦.୦୪୫ | | | |
| | | ୧୩୦୭ | ୦.୧୨୦ | ୦.୦୪୫ | | | |
| ୩୪ | ୧୨୮ | ୩୪୯୩ | ୦.୩୪୦ | ୦.୦୭୦ | ବିଲ ଜଳସେଚିତ ଦୋଫସଲି | ଝୁମ୍ପା ପ୍ରଧାନ, ସ୍ୱା.: କ୍ଷେତ୍ର ପ୍ରଧାନ, ଜା: କୁରୁମ, ବା: ବାହାଡ଼ାଗୁଡ଼ା | |
| ୩୫ | ୧୩୯ | ୬୩୯ | ୦.୧୦୫ | ୦.୧୦୫ | ପଦର | ତମାଳ ପ୍ରଧାନ, ପି.: ଉଦୟ ପ୍ରଧାନ, ସୁଜନ ପ୍ରଧାନ, ପି.: ଉଜଳ ପ୍ରଧାନ, ରୂପା ପ୍ରଧାନ, ମାଗତାଣି ପ୍ରଧାନ, ସ୍ୱା. ଉଜ୍ଜ୍ୱଳ ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ଗୋଚର ପ୍ରତି ବଦଳରେ |
| ୩୬ | ୧୪୯ | ୧୦୨୬ | ୦.୧୯୦ | ୦.୦୩୫ | ପଦର | ତ୍ରିନାଥ ପ୍ରଧାନ, ପି.: ଉଜ୍ଜ୍ୱଳ ପ୍ରଧାନ, ବାଇ ପ୍ରଧାନ, ସ୍ୱା.: ଉଜ୍ଜ୍ୱଳ ପ୍ରଧାନ, ଜା: କୁରୁମ, ବା: ମଣିଦେଇପେଣ୍ଟ | |
| | | ୧୦୩୦ | ୦.୨୧୦ | ୦.୦୪୫ | | | |
| ୩୭ | ୧୫୩ | ୬୧୧ | ୦.୧୮୫ | ୦.୧୮୫ | ପଦର | ଦଣ୍ଡପାଣି ପଧାନ, ବୁଦ୍ଧିଆ ପଧାନ, ପି.: ରଇବରି ପଧାନ, ଜା: କୁରୁମ, ବା: ସୁନ୍ଦରପୁର | କେନାଲରେ ୦.୦୪୦ ଗୋଚର ପ୍ରତି ବଦଳରେ ୦.୧୪୫ |
| | | ୬୧୦ | ୦.୦୬୫ | ୦.୦୬୫ | | | କେନାଲରେ ୦.୦୦୫ ଗୋଚର ପ୍ରତି ବଦଳରେ ୦.୦୫୦ |
| | | ୬୩୭ | ୦.୨୪୫ | ୦.୧୪୫ | | | କେନାଲରେ ୦.୦୨୫ ଗୋଚର ପ୍ରତି ବଦଳରେ ୦.୧୨୦ |
| | | ୬୩୪ | ୦.୨୩୦ | ୦.୧୬୦ | | | କେନାଲରେ ୦.୦୫୫ ଗୋଚର ପ୍ରତି ବଦଳରେ ୦.୧୦୫ |
| ୩୮ | ୧୬୧ | ୫୮୭/୩୬୦୬ | ୦.୨୯୨ | ୦.୦୪୦ | ପଦର | ଦଣ୍ଡିଆ ପ୍ରଧାନ, ଉଜଳ ପ୍ରଧାନ, କପିଳ ପ୍ରଧାନ, ପି.: ସାହେବ ପ୍ରଧାନ, ଜା: କୁରୁମ, ବା: ତୁଣ୍ଡୁରା | |
| ୩୯ | ୧୬୭ | ୧୫୫୧ | ୦.୨୩୦ | ୦.୦୯୫ | ପଦର | ଦୁଃଖି ବେହେରା, ସ୍ୱା.: ବୀର ବେହେରା, ଜା: କେଉଟ, ବା: ନିଜଗାଁ | |
| ୪୦ | ୧୬୮ | ୭୨୭ | ୦.୨୩୫ | ୦.୦୧୫ | ପଦର | ଦୁଃଖିଶ୍ୟାମ ଚୌଧୁରୀ, ପି.: ବାଲାଜି ଚୌଧୁରୀ, ଜା: କୁରୁମ, ବା: ନିଜଗାଁ | |
| ୪୧ | ୧୬୯ | ୩୦୨୨ | ୦.୩୬୦ | ୦.୧୮୫ | ବିଲ ଜଳସେଚିତ ଦୋଫସଲି | ଦୁଃଖିଶ୍ୟାମ ଚୌଧୁରୀ, ପି.: ବାଲାଜି ଚୌଧୁରୀ, ଅରକ୍ଷିତ ଚୌଧୁରୀ, ପି.: ବରଜ ଚୌଧୁରୀ, ସୀମାଞ୍ଚଳ ଚୌଧୁରୀ, ରାମଚନ୍ଦ୍ର ଚୌଧୁରୀ, ପି.: ଲାଲୁ ଚୌଧୁରୀ, ଭାସ୍କର ଚୌଧୁରୀ, ତବତିଆ ଚୌଧୁରୀ, ସୀମାଞ୍ଚଳ ଚୌଧୁରୀ, ବୁଟି ଚୌଧୁରୀ, ପି.: ବଳରମ ଚୌଧୁରୀ, ଧୋବଣୀ ଚୌଧୁରୀ, ସ୍ୱା.: ବଇରମ ଚୌଧୁରୀ, ଜା: କୁରୁମ, ବା: ନିଜଗାଁ | |
| ୪୨ | ୧୭୧ | ୬୨୭ | ୦.୨୭୦ | ୦.୦୪୦ | ବିଲ ଅଣଜଳସେଚିତ ଦୁଇ | ଦେବରାଜ ନାୟକ, ପି.: ଦଣ୍ଡିଆ ନାୟକ, ଜା: କୁରୁମ, ବା: ନିଜଗାଁ | |
| | | ୬୧୨ | ୦.୧୫୦ | ୦.୦୫୦ | | | |
| ୪୩ | ୧୮୩ | ୧୩୩୧ | ୦.୧୫୦ | ୦.୦୫୫ | ବିଲ ଜଳସେଚିତ ଦୋଫସଲି | ଧୋବଣୀ ପ୍ରଧାନ, ସ୍ୱା.: ବିପ୍ର ଚରଣ ପ୍ରଧାନ, ବିପ୍ର ପଧାନ, ପି.: ମହନ୍ତର ପଧାନ, ଜା: କୁରୁମ, ବା: ନିଜଗାଁ | |
| | | ୧୩୩୨ | ୦.୧୧୦ | ୦.୦୪୦ | | | |
| ୪୪ | ୧୮୫ | ୩୪୯୨ | ୦.୩୪୩ | ୦.୧୯୦ | ବିଲ ଜଳସେଚିତ ଦୋଫସଲି | ନକୁଳ ଚୌଧୁରୀ, କୁରିଆ ଚୌଧୁରୀ, ପି. କଣ୍ଠ ଚୌଧୁରୀ, ଧର୍ମୁ ଚୌଧୁରୀ, ଅଭିରାମ ଚୌଧୁରୀ, ପି.: ସହଦେବ ଚୌଧୁରୀ, ରାହାସ ଚୌଧୁରୀ, ସ୍ୱା. ସହଦେବ ଚୌଧୁରୀ, ଜା: କୁରୁମ, ବା: ନିଜଗାଁ | |
| | | ୩୪୯୭ | ୦.୧୭୦ | ୦.୦୭୦ | | | |
| ୪୫ | ୨୦୬ | ୧୩୫୫ | ୦.୩୭୫ | ୦.୧୩୦ | ବିଲ ଜଳସେଚିତ ଦୋଫସଲି | ନିରଞ୍ଜନ ପ୍ରଧାନ, ପ୍ରଫୁଲ୍ଲ ପ୍ରଧାନ, ତମାଳ ପ୍ରଧାନ, ପି.: କୁରିଆ ପ୍ରଧାନ, ସୀମାଞ୍ଚଳ ପ୍ରଧାନ, ରୂପା ପ୍ରଧାନ, ଗେଲି ପ୍ରଧାନ, ପି.: କୈବଲ୍ୟ ପ୍ରଧାନ, ବିଶ୍ୱନାଥ ପ୍ରଧାନ, ଟୁରି ପ୍ରଧାନ, ତିଳୋତ୍ତମା ପ୍ରଧାନ, ପି.: ଦଣ୍ଡପାଣି ପ୍ରଧାନ, ସାଇବାଣି ପ୍ରଧାନ, ସ୍ୱା.: ଦଣ୍ଡପାଣି ପ୍ରଧାନ, ଜା ; କୁରୁମ, ବା: ନିଜଗାଁ | |
| | | ୨୫୭୨ | ୦.୧୬୦ | ୦.୦୯୦ | | | |
| | | ୨୫୭୩ | ୦.୬୪୦ | ୦.୦୩୦ | | | |
| ୪୬ | ୨୦୭ | ୩୦୮୬ | ୦.୩୨୦ | ୦.୧୫୦ | ବିଲ ଜଳସେଚିତ ଦୋଫସଲି | ନିରଞ୍ଜନ ପ୍ରଧାନ, ପି.: ନଟବର ପ୍ରଧାନ, ଜା: କୁରୁମ, ବା: ନିଜଗାଁ | |
| ୪୭ | ୨୧୦ | ୧୩୬୧ | ୦.୩୪୦ | ୦.୦୯୫ | ବିଲ ଜଳସେଚିତ ଦୋଫସଲି | ପଙ୍କଜିନି ପାତ୍ର, ସ୍ୱା.: ବନମାଳି ପାତ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ | |
| | | ୧୩୬୨ | ୦.୨୪୦ | ୦.୦୦୫ | | | |
| ୪୮ | ୨୧୧ | ୩୫୦ | ୦.୦୫୦ | ୦.୦୩୦ | ବିଲ ଅଣଜଳସେଚିତ ଦୁଇ | ପଞ୍ଚାନନ ପଣ୍ଡା, ପି.: ନାରଣ ପଣ୍ଡା, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୪୯ | ୨୧୪ | ୧୩୫୨ | ୦.୧୮୦ | ୦.୧୧୫ | ବିଲ ଜଳସେଚିତ ଦୋଫସଲି | ପଞ୍ଚାନନ ପ୍ରଧାନ, ପି.: କୃଷ୍ଣ ପ୍ରଧାନ, ଜା: କୁରୁମ, ବା: ନିଜଗାଁ | |
| ୫୦ | ୨୨୧ | ୩୪୬୨ | ୦.୧୯୦ | ୦.୦୧୨ | ବିଲ ଜଳସେଚିତ ଦୋଫସଲି | ଶ୍ରୀ କପିଳେଶ୍ୱର ମହାଦେବ ବିଜେ ଛଣମେରୀ ମାର୍ଫତ ପରିଚାଳନା, ଟ୍ରଷ୍ଟି ଛଣମେରୀ | |
| ୫୧ | ୨୨୯ | ୧୪୧୭ | ୦.୫୬୦ | ୦.୦୧୦ | ବିଲ ଜଳସେଚିତ ଦୋଫସଲି | ପ୍ରଫୁଲ ମିଶ୍ର, ଶରତ ମିଶ୍ର, ପୁଷ୍ପାଞ୍ଜଳି ମିଶ୍ର, ପି.: ବିଶ୍ୱେଶ୍ୱର ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ | |
| | | ୧୪୨୩ | ୦.୨୧୦ | ୦.୦୬୦ | | | |
| ୫୨ | ୨୩୦ | ୨୭୫୮ | ୦.୧୭୦ | ୦.୧୦୫ | ବିଲ ଜଳସେଚିତ ଦୋଫସଲି | ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ, ପି.: ମାଗୁଣି ତ୍ରିପାଠୀ, ଜା: ବ୍ରାହ୍ମଣ, ବା: ଛଣମେରି | |
| ୫୩ | ୨୩୨ | ୬୨୧ | ୦.୨୮୦ | ୦.୦୨୦ | ପଦର | ପାର୍ବତୀ ରାଉତ, ସ୍ୱା.: ହରି ରାଉତ, ଜା: କୁରୁମ, ବା: ଦୋଳବ | |
| ୫୪ | ୨୩୮ | ୨୯୮୬ | ୦.୨୭୦ | ୦.୧୦୦ | ବିଲ ଜଳସେଚିତ ଦୋଫସଲି | ବନମାଳୀ ପ୍ରଧାନ, ଆନନ୍ଦ ପ୍ରଧାନ, ଯୁଧିଷ୍ଠିର ପ୍ରଧାନ, ବୃନ୍ଦାବନ ପ୍ରଧାନ, ବାସୁ ପ୍ରଧାନ, ପି.: ମେହେଙ୍କାଳ ପ୍ରଧାନ, ଜା: କୁରୁମ, ବା: ବାହାଡ଼ାଗୁଡ଼ା, ନିତ୍ୟାନନ୍ଦ ମାଦଳା, ସଦାନନ୍ଦ ମାଦଳା, ଗୌରାଙ୍ଗ ମାଦଳା, ସରସ୍ୱତୀ ମାଦଳା, ପି.: ବିନାୟକ ମାଦଳା, ଜା: ବ୍ରାହ୍ମଣ, ବା: ଫାସିଗୁଡ଼ା | |
| ୫୫ | ୨୪୮ | ୫୨ | ୦.୧୨୦ | ୦.୦୬୦ | ବିଲ ଅଣଜଳସେଚିତ ଦୁଇ | ବାଲ୍ମିକି ପଣ୍ଡା, ବାବୁ ପଣ୍ଡା, କୃଷ୍ଣ ପଣ୍ଡା, ଜମ୍ବୁ ପଣ୍ଡା, ମାମିନି ପଣ୍ଡା, ପି.: ଗଙ୍ଗାଧର ପଣ୍ଡା, ଝୁମ୍ପା ପଣ୍ଡା, ସ୍ୱା.: ଗଙ୍ଗାଧର ପଣ୍ଡା, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୫୬ | ୨୪୯ | ୩୭୫ | ୦.୦୭୦ | ୦.୦୫୫ | ବିଲ ଅଣଜଳସେଚିତ ଦୁଇ | ବାଲୁଙ୍କି ପଣ୍ଡା, ବାବୁ ପଣ୍ଡା, କୃଷ୍ଣ ପଣ୍ଡା, ଜମ୍ବୁ ପଣ୍ଡା, ମାମି ପଣ୍ଡା, ପି.: ଗଙ୍ଗାଧର ପଣ୍ଡା, ଝୁମ୍ପା ପଣ୍ଡା, ସ୍ୱା.: ଗଙ୍ଗାଧର ପଣ୍ଡା, ବିଶ୍ୱନାଥ ପଣ୍ଡା, ପି.: ଈଶ୍ୱର ପଣ୍ଡା, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୫୭ | ୨୬୦ | ୩୦୮୭ | ୦.୨୨୦ | ୦.୧୦୫ | ବିଲ ଜଳସେଚିତ ଦୋଫସଲି | ବିପ୍ର ପ୍ରଧାନ, ପି.: ଗୁଣ୍ଡିଚା ପ୍ରଧାନ, ଜା: କୁରୁମ, ବା: ବାହାଡ଼ା ଗୁଡ଼ା | |
ସମାଜରେ ସଚେତନତା ଓ ସହଯୋଗିତା ଦ୍ୱାରା ହିଁ ପ୍ରଦୂଷଣକୁ ନିୟନ୍ତ୍ରଣ କରାଯାଇ ପାରିବ। ସ୍ଥାନୀୟ ଲେଡି ଲୁଇସ୍ ବାଳିକା ବିଦ୍ୟାଳୟର ସଭା କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ଜାତୀୟ ପ୍ରଦୂଷଣ ନିରାକରଣ ଦିବସ ପାଳନ ଉତ୍ସବରେ ଯୋଗଦେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସମ୍ବଲପୁରର ଆଞ୍ଚଳିକ ଅଧିକାରୀ ଡା. ସତ୍ୟନାରାୟଣ ନନ୍ଦ କହିଛନ୍ତି। ସେ ତାଙ୍କ ଅଭିଭାଷଣରେ ସଂପ୍ରତି ବୃଦ୍ଧି ପାଉଥିବା ବାୟୁ, ଜଳ ଓ ମୃତ୍ତିକା ପ୍ରଦୂଷଣକୁ ହ୍ରାସ କରିବାକୁ ହେଲେ, ପୁନଃ ବ୍ୟବହାର ବା ନବୀକରଣ ଯୋଗ୍ୟ ସାମଗ୍ରୀ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାସହିତ ରାଜ୍ୟ ପ୍ରଦୂଷଣ ବୋର୍ଡ ପକ୍ଷରୁ ଆରମ୍ଭ ହୋଇଥିବା ପ୍ଲାଷ୍ଟିକ୍‌ମୁକ୍ତ ପିକ୍‌ନିକ୍ ଅଭିଯାନର ସଫଳ ରୂପାୟନ ପାଇଁ ସମସ୍ତଙ୍କ ସହଯୋଗ ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଲେଡିଲୁଇସ୍ ବାଳିକା ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହିତ ଚନ୍ଦ୍ରଶେଖର ବେହେରା ଜିଲାସ୍କୁଲ୍ ଓ ଗୋପାଳଜୀ ସଂସ୍କୃତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ପ୍ରଦୂଷଣ ନିୟନ୍ତଣ ଓ ପରିବେଶ ସୁରକ୍ଷା ସଚେତନତାଧର୍ମୀ ରାଲି ଆୟୋଜିତ ହୋଇଥିଲା। ସେହିପରି ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରଦୂଷଣ ସଚେତନତା ନେଇ ଚିତ୍ରାଙ୍କନ, ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ, ଲେଡିଲୁଇସ୍ ବାଳିକା ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଜିତ କୁମାର ଲୁହା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ପଣ୍ଡା, ସହକାରୀ ଶିକ୍ଷୟିତ୍ରୀ ଅନୁପମା ପଣ୍ଡା, ଗୋପାଳଜୀ ସଂସ୍କୃତ ବିଦ୍ୟାଳୟର ଗିତାଞ୍ଜଳି ପ୍ରଧାନ ଯୋଗଦେଇଥିଲେ। ସମ୍ବଲପୁର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଉପ ପରିବେଶ ବୈଜ୍ଞାନିକ ଅଂଶୁମାନ କୁସୁମ ମିଞ୍ଜ, ସହ ପରିବେଶ ବୈଜ୍ଞାନିକ ମନୋରଞ୍ଜନ ପ୍ରଧାନ, ସହକାରୀ ଯନ୍ତ୍ରୀ ରାକେଶ କୁମର ପଣ୍ଡା ପ୍ରମୁଖଙ୍କ ସହିତ ପ୍ରଦୂଷଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ହିଣ୍ଡାଲକୋ ହୀରାକୁଦ କମ୍ପ୍ଲେକ୍ସ, ଶ୍ୟାମ ମେଟାଲିକ୍ସ, ଜେଏସ୍‌ଡବ୍ଲ୍ୟୁଭୂଷଣ ପାୱାର ଏଣ୍ଡ ଷ୍ଟିଲ ଆଦି ଜିଲାର ବିଭିନ୍ନ ଶିଳ୍ପ କାରଖାନା ପରିସରରେ ମଙ୍ଗଳବାର ପ୍ରଦୂଷଣ ନିରାକରଣ ଦିବସ ପାଳିତ ହୋଇଯାଇଛି।



ଲେଡିଲୁଇସ୍ ବାଳିକା ବିଦ୍ୟାଳୟରେ ପାଳିତ ପ୍ରଦୂଷଣ ନିରାକରଣ ଦିବସ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

**ଲେଡିଲୁଇସ୍ ସ୍କୁଲ୍‌ରେ ଜାତୀୟ ପ୍ରଦୂଷଣ ନିରାକରଣ ଦିବସ**

# ଜିଲାସ୍ତରୀୟ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ସମ୍ବଲପୁର,୨।୧୨(ବି.ଶଙ୍କର)**

ଜିଲା କ୍ରୀଡା ସଂଘ ଆୟୋଜିତ ୬୧ତମ ସମ୍ବଲପୁର ଜିଲା ସ୍ତରୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା ମଙ୍ଗଳବାର ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମରେ ଉଦ୍‌ଯାପିତ ହୋଇଛି। କ୍ରୀଡା ସଂଘ ଉପସଭାପତି ତଥା ଏସ୍‌ପି ମୁକେଶ କୁମାର ଭାମୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାର କୃତୀ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଭାଜପା ନେତା ସୁଧିର ବହିଦାର ସମ୍ମାନୀତ ଅତିଥି ଥିଲେ । ଉଦ୍‌ଯାପନୀ ଉତ୍ସବରେ କ୍ରୀଡସଂଘ ଆଥଲେଟିକ ସମ୍ପାଦକ ବିକାଶ କେଶର ମିଶ୍ର ପୌରୋହିତ୍ୟ କରିଥିଲେ। କାଉନସିଲ ସଭ୍ୟ ସୁବୋଧ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ପ ରାଜା ଚାନ୍ଦ ମଞ୍ଚ ପରିଚାଳନା କରିଥିଲେ । ୧୪ ବର୍ଷରୁ କମ ବାଳକ ବର୍ଗରେ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ, ୧୬ ବର୍ଷରୁ କମ୍ ବାଳକ ବର୍ଗରେ ସେଣ୍ଟ ଯୋସେଫଙ୍କ କନଭେଣ୍ଟ ଉଚ୍ଚ ମାଧମିକ ବିଦ୍ୟାଳୟ, ୧୮ ବର୍ଷରୁ କମ ବାଳକ ବର୍ଗରେ ପଡିଆବାହାଲ ସ୍ଥିତ ଦୟାନନ୍ଦ ପବ୍ଲିକ ସ୍କୁଲ, ୨୦ ବର୍ଷରୁ କମ୍ ବାଳକ ବର୍ଗରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ୨୩ ବର୍ଷରୁ କମ୍ ପୁରୁଷ ବର୍ଗରେ କୁଲୁଣ୍ଡି ସ୍ଥିତ ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ଏବଂ ପୁରୁଷ ବର୍ଗରେ ସମ୍ବଲପୁର ଆଥଲେଟିକ୍ କ୍ଲବ ଦଳଗତ ଭାବେ ଚାମ୍ପିୟନ ହୋଇଛି। ସେହିପରି ୧୪ ବର୍ଷରୁ କମ୍ ବାଳିକା ବର୍ଗରେ ଡେଙ୍ଗିମଚା ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ଷଣ୍ଢ ପଥରସ୍ଥିତ ପିଏମ୍‌ଶ୍ରୀ ସରକାରୀ ହାଇସ୍କୁଲ ଯୁଗ୍ମ ଭ ଦଳଗତ ଚାମ୍ପିୟନ ହୋଇଛନ୍ତି । ଏଥିସହ ୧୬ ବର୍ଷରୁ କମ୍ ବାଳିକା ବର୍ଗରେ କୁଚିଣ୍ଡା ଆଥଲେଟିକ୍ ଆସୋସିଏଶନ୍, ୧୮ ବର୍ଷରୁ କମ୍ ବାଳିକା ବର୍ଗରେ ଭୋଜପୁର ବି.ଆର.ଜି. ହାଇସ୍କୁଲ ଏବଂ ସମ୍ବଲପୁର ଆଥଲେଟିକ୍ କ୍ଲବ ଯୁଗ୍ମ ଭାବେ ଦଳ ଗତ ଚାମ୍ପିୟନ ହୋଇଛନ୍ତି । ୨୦ ବର୍ଷରୁ କମ୍ ବାଳିକା ବର୍ଗରେ ହୀରାକୁଦ ଆଥଲେଟିକ୍ ଆସୋସିଏଶନ୍ ଓ ୨୩ ବର୍ଷରୁ କମ୍ ବାଳିକା ବର୍ଗରେ ହୀରାକୁଦ ଆଥଲେଟିକ୍ ଆସୋସିଏସନ୍ ଏବଂ ମହିଳା ଡ. ପର୍ଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା କେନ୍ଦ୍ର ଦଳଗତ ଚାମ୍ପିୟନ ହୋଇଛି। କ୍ରୀଡାସଂଘ ଉପସଭାପତି ତଥା ଓଡ଼ିଶା ଆଥଲେଟିକ୍ ଆସୋସଏଶନ ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ, କ୍ରୀଡସଂଘ ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ, କୋଷାଧକ୍ଷ ଉମାପତି ତ୍ରିପାଠୀ, କ୍ରିକେଟ ସମ୍ପାଦକ ଅଭିନାଶ ନନ୍ଦ, ଫୁଟବଲ ସମ୍ପାଦକ ଅବଦୁଲ ଗଫର, ହକି ସମ୍ପାଦକ ବିନୋଦ ଟପ୍ପୋ, କ୍ରୀଡା ସମ୍ପାଦକ ରାଜେଶ ସେଠଙ୍କ ସମେତ କାଉନସିଲ ସଦସ୍ୟ ପରିଚାଳନା ରେ ସହାୟତା କରିଥିଲେ ।


ଜିଲାସ୍ତରୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦଯାପନୀ ଉତ୍ସବରେ ଅତିଥି ଓ କୃତୀ ଖେଳାଳିମାନେ।

## ଡଇଁଚା ଧାନମଣ୍ଡି ଉଦ୍‌ଘାଟିତ, ହେଲାନି କିଣାବିକା

**ନାକଟିଦେଉଳ,୨।୧୨(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଡଇଁଚା ପ୍ରାଥମିକ ସେବା ସମବାୟ ସମିତି ପରିସରରେ ଥିବା ଧାନ ବିକ୍ରୟ କେନ୍ଦ୍ରରେ ମଙ୍ଗଳବାର ଚଳିତବର୍ଷ ପାଇଁ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ଏଥିରେ ସମବାୟ ସମିତି ପରିଚାଳନା କମିଟି ସଭାପତି ପ୍ରହ୍ଲାଦ ବେହେରା, ସମ୍ପାଦକ ଆର୍ତ୍ତତ୍ରାଣ ରାଉଳ, ସମ୍ବଲପୁର ଜିଲା ସମବାୟ ବ୍ୟାଙ୍କ ନାକଟିଦେଉଳ ଶାଖାର ପ୍ରଶାସନିକ ନିରୀକ୍ଷକ ନିହାର ରଞ୍ଜନ ସାହୁ ଅତିଥିଭାବେ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ମଙ୍ଗଳବାର ଖୋଲି ଥିବା ଏହି ଧାନ ମଣ୍ଡିକୁ କୌଣସି ଚାଷୀ ବିକ୍ରୟ ପାଇଁ ଧାନ ଆଣି ନ ଥିବା ବେଳେ କୌଣସି ମିଲର୍ସ ମଧ ଆସି ନ ଥିଲେ। ଫଳରେ ଧାନ ମଣ୍ଡି ଖୋଲିବାର ପ୍ରଥମ ଦିବସରେ ଏଠାରେ କୌଣସି କିଣା ବିକା ହୋଇ ପାରିନାହିଁ । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମିତି ନିର୍ଦ୍ଦେଶକ ଯତୀନ୍ଦ୍ର କୁମାର ପ୍ରଧାନ, ଡଇଁଚା ରାଜସ୍ୱ ନିରୀକ୍ଷକ ଧନଞ୍ଜୟ ସାହୁ, କୃଷି ଅଧୀଦର୍ଶକ ଜିତେନ୍ଦ୍ର କୁମାର ଦେବତା, ଗଗନ ବିହାରୀ ଧଳ, ଯୋଗେଶର ପ୍ରଧାନ, ଜୟନ୍ତ ଗଡ଼ନାୟକ ଏବଂ ରିଙ୍କୁ ସାହୁ ଦ୍ଦଙ୍କ ସମେତ ଡଇଁଚା ପ୍ୟାକ୍ସର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ହସ୍ତତନ୍ତ ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ

**ସମ୍ବଲପୁର,୨।୧୨(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁରୀ ବାନ୍ଧ କାରିଗରମାନଙ୍କ ବିକାଶ ସହ ବାନ୍ଧକଳାର ପ୍ରଚାର ପ୍ରସାର ପାଇଁ ସମ୍ବଲପୁରରେ ମଙ୍ଗଳବାର ହସ୍ତତନ୍ତ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ଜିଲାପାଳ ଡ. ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲାପାଳ କାର୍ଯ୍ୟାଳୟ ପରିସରରେ ହସ୍ତତନ୍ତ ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମହାନଗର ନିଗମ କମିଶନର ରେହାନ ଖତ୍ରୀ, ଅତିରିକ୍ତ ଜିଲାପାଳ ଅଶୋକ ଭୋଇ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ବୟନ ଶିଳ୍ପ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଦେବଜିତ ନନ୍ଦି, ଓରମାସର ଯୁଗ୍ମ ସିଇଓ ଶ୍ରୀମନ୍ତ ହୋତା, ଜିଲା କାର୍ଯ୍ୟକ୍ରମ ଅଧିକାରୀ ସଞ୍ଜୟ ମହାପାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ସମ୍ବଲପୁର ଜିଲାପାଳ ଜିଲାର ବୁଣାକାରମାନଙ୍କ ବିଭିନ୍ନ ସମସ୍ୟା ଦୂର ହେବା ସହ ସେମାନଙ୍କ ତାଲିମ ଆଦି କାର୍ଯ୍ୟକ୍ରମ ଏଣିକି ସହଜ ହେବ ବୋଲି କହିଥିଲେ। ସମ୍ବଲପୁର ଜିଲାରେ ବର୍ତ୍ତମାନ ୩୦୦ ପଞ୍ଜୀକୃତ ବୁଣାକାର ଥିବା ବେଳେ ଆଗାମୀ ୩ ମାସ ମଧ୍ୟରେ ଏଥିରେ ୫ଶହ ବୁଣାକାରଙ୍କୁ ସାମିଲ କରାଯିବ ବୋଲି କହିଥିଲେ। ହସ୍ତତନ୍ତ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ ହେବାପରେ ଜିଲାର ସମ୍ବଲପୁରୀ ବୁଣାକାର ଲାଭବାନ ହେବେ ବୋଲି ଅତିଥିମାନେ କହିଛନ୍ତି। ସମ୍ବଲପୁର ଜିଲାର କରଡୋଲା, ପଡିଆବାହାଲ ନିକଟ ବଡତୁରାଙ୍ଗ, ହୁମା, ରେଢାଖୋଲର କନ୍ଧରା ଆଦି ସ୍ଥାନରେ ବହୁ ସଂଖ୍ୟାରେ ବୁଣାକାର ପରିବାର ରହୁଥିବା ବେଳେ ସେମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନ କରାଯିବା ସହ ପଞ୍ଜୀକୃତ କରାଯିବ ବୋଲି ଯୁଗ୍ମ ନିର୍ଦ୍ଦେଶକ ନନ୍ଦି କହିଛନ୍ତି । ଏହି ଅବସରରେ ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ବୁଣାକାର, ସମ୍ବଲପୁରୀ ବସ୍ତ୍ରାଳୟର ପ୍ରତିନିଧି ଓ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ଆବଶ୍ୟକ ପ୍ରୋତ୍ସହନ ଅଭାବରୁ ଜିଲାରେ ବୁଣାକାରମାନଙ୍କ ସଂଖ୍ୟା କମିବାରେ ଲାଗିଥିଲା। ତେବେ କିଛିବର୍ଷ ହେବ ବୁଣାକାରମାନଙ୍କୁ ପ୍ରଶିକ୍ଷଣ ଦିଆଯିବା ଦ୍ୱାରା ଯୁବ ବୁଣାକାରମାନେ ସମ୍ବଲପୁରୀ ବାନ୍ଧକଳା ପ୍ରତି ଆକର୍ଷଣ ବଢିଥିବା ଯୁଗ୍ମ ନିର୍ଦ୍ଦେଶକ କହିଛନ୍ତି।


ହସ୍ତତନ୍ତ ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ଜିଲାପାଳ ଉଦ୍‌ଘାଟନ କରିବା ଅବସରରେ ଉପସ୍ଥିତ ଅତିଥି ଏବଂ ବୁଣାକାର।

**ଜିଲାର ସମ୍ବଲପୁରୀ ବୁଣାକାର ଲାଭବାନ୍ ହେବେ**

(ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ)

| କ୍ରମିକ ସଂଖ୍ୟା | ଖାତା ନମ୍ବର | ପ୍ଲଟ ନମ୍ବର | ମୋଟ ରକବା (ଏକରରେ) | ଅର୍ଜିତ ହେବାକୁଥିବା ଜମିର ପରିମାଣ (ଏକରରେ) | କିସମ | ରୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୭୬ | ୩୪୯ | ୪୩୭ | ୦.୦୭୦ | ୦.୦୭୦ | ପଦର | ଲିଙ୍ଗରାଜ ପଣ୍ଡା, ଲକ୍ଷ୍ମୀ ଚରଣ ପଣ୍ଡା, ବିପ୍ର ପଣ୍ଡା, ପି.: ରଘୁନାଥ ପଣ୍ଡା, ଜା: ବ୍ରାହ୍ମଣ, ବା: ନିଜଗାଁ | |
| | | ୪୩୮ | ୦.୦୫୦ | ୦.୦୫୦ | | | |
| | | ୪୩୯ | ୦.୦୩୦ | ୦.୦୨୦ | | | |
| | | ୪୪୫ | ୦.୦୨୫ | ୦.୦୦୫ | | | |
| | | ୭୧୩ | ୦.୧୫୦ | ୦.୦୪୦ | ବିଲ ଅଣଜଳସେଚିତ ଦୁଇ | | |
| ୭୭ | ୩୫୨ | ୫୭୩ | ୦.୩୫୫ | ୦.୦୪୦ | ପଦର | ଶଶି ପ୍ରଧାନ, ସ୍ୱା.: ଖଲି ପ୍ରଧାନ, ଜା: କୁରୁମ, ବା: ତୁଣ୍ଡୁରା | |
| ୭୮ | ୩୫୯ | ୬୩୮ | ୦.୦୯୫ | ୦.୦୯୫ | ପଦର | ସମ୍ବାରି ପ୍ରଧାନ, ପି.: କନ୍ଧ ପ୍ରଧାନ, ଜା: କୁରୁମ, ବା: ନିଜଗାଁ | କେନାଲରେ ୦.୦୩୦ ଗୋଚର ପ୍ରତି ବଦଳରେ ୦.୦୬୫ |
| | | ୧୪୮୦ | ୦.୦୮୦ | ୦.୦୦୫ | ବିଲ ଜଳସେଚିତ ଦୋଫସଲି | | |
| ୭୯ | ୩୬୦ | ୩୦୫୯ | ୦.୧୨୦ | ୦.୦୩୦ | ବିଲ ଜଳସେଚିତ ଦୋଫସଲି | ସମ୍ବାରୁ ପ୍ରଧାନ, ପି.: କନ୍ଧ ପ୍ରଧାନ, ନିରଞ୍ଜନ ପ୍ରଧାନ, ପି.: ନଟବର ପ୍ରଧାନ, ତମାଳ ପ୍ରଧାନ, ସୁଜନ ପ୍ରଧାନ, ପି.: ଉଜଳ ପ୍ରଧାନ, ରୁପା ପ୍ରଧାନ, ମାଗତାଣୀ ପ୍ରଧାନ, ସ୍ୱା.: ଉଜଳ ପ୍ରଧାନ, ଜା: କୁରୁମ, ବା: ନିଜଗାଁ | |
| ୮୦ | ୩୭୧ | ୧୦୩୩ | ୦.୧୬୦ | ୦.୦୨୫ | ପଦର | ଶ୍ୟାମ ମହାଙ୍କୁଡ଼, ପି.: ଦାସ ମାହାଙ୍କୁଡ଼, ଜା: ଗୌଡ଼, ବା: ମଣିଦେଇପେଣ୍ଠ | |
| ୮୧ | ୩୭୪ | ୨୭୫୭ | ୦.୧୬୮ | ୦.୧୧୫ | ବିଲ ଜଳସେଚିତ ଦୋଫସଲି | ସୀମାଞ୍ଚଳ ହୋତା, ଶରତ ଚନ୍ଦ୍ର ହୋତା, ପି.: ହରିକୃଷ୍ଣ ହୋତା, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୮୨ | ୩୯୧ | ୧୩୫୪ | ୦.୩୩୦ | ୦.୦୬୦ | ବିଲ ଜଳସେଚିତ ଦୋଫସଲି | ସୀମାଞ୍ଚଳ ସାହୁ, ପି.: ଅଭିମନ୍ୟୁ ସାହୁ, ଗୋବିନ୍ଦ ସାହୁ, କ୍ଷେତ୍ର ସାହୁ, ପି.: ଅନିରୁଦ୍ଧ ସାହୁ, ଜା: ଶୁଣ୍ଡି, ବା: ନିଜଗାଁ | |
| ୮୩ | ୪୦୫ | ୧୦୩୬ | ୦.୩୩୫ | ୦.୦୬୫ | ପଦର | ସୁରେନ୍ଦ୍ର ବେହେରା, ପି.: ବରଜ ବେହେରା, ଜା: କୁରୁମ, ବା: ନିଜଗାଁ | |
| ୮୪ | ୪୧୧ | ୩୦୨୬ | ୦.୩୦୦ | ୦.୦୯୦ | ବିଲ ଜଳସେଚିତ ଦୋଫସଲି | ଶୋଭାବତୀ ପଣ୍ଡା, ସ୍ୱା.: ଯୁଧିଷ୍ଠିର ପଣ୍ଡା, ଜା: ବ୍ରାହ୍ମଣ, ବା ; ଭୀଷ୍ମଗିରି | |
| ୮୫ | ୪୧୪ | ୯୯୪ | ୦.୭୩୫ | ୦.୨୦୫ | ବଗାୟତ ଦୁଇ | ଶ୍ରୀ ଚୈତନ୍ୟ ମହାପ୍ରଭୁ ବିଜେ ପୋଡ଼ାମାରି ମାର୍ଫତ ବା: ସୋମନାଥ ଦାଶ, ଗୁରୁବାବାଜୀ ଚୈତନ୍ୟ ଦାଶ, ଜା: ବୈଷ୍ଣବ, ବା: ପୋଡ଼ାମାରି | |
| | | ୧୦୧୦ | ୦.୮୩୦ | ୦.୦୭୫ | | | |
| | | ୩୪୮୧ | ୦.୫୩୦ | ୦.୨୭୦ | ବିଲ ଜଳସେଚିତ ଦୋଫସଲି | | |
| ୮୬ | ୪୧୭ | ୩୪୮୪ | ୦.୦୬୦ | ୦.୦୬୦ | ବିଲ ଜଳସେଚିତ ଦୋଫସଲି | ହରି ପ୍ରଧାନ, କ୍ଷେତ୍ର ପ୍ରଧାନ, ପି.: ଉଜଳ ପ୍ରଧାନ, ଜା: କୁରୁମ, ବା: ନିଜଗାଁ, ଜାରିଲି ପ୍ରଧାନ, ଝୁମା ପ୍ରଧାନ, ପି.: ବୁଦ୍ଧିଆ ପ୍ରଧାନ, ଅପର୍ତ୍ତି ପ୍ରଧାନ, ସ୍ୱା.: ବୁଦ୍ଧିଆ ପ୍ରଧାନ, ଜା: କୁରୁମ, ବା: ଫାସିଗୁଡ଼ା | ଗୋଚର ପ୍ରତି ବଦଳରେ |
| | | ୫୫୪ | ୦.୦୩୦ | ୦.୦୩୦ | | | |
| ୮୭ | ୪୧୮ | ୩୮୭ | ୦.୦୯୦ | ୦.୦୧୦ | ବିଲ ଅଣଜଳସେଚିତ ଦୁଇ | ହରିହର ଦାଶ, ପି.: ଲକ୍ଷ୍ମଣ ଦାଶ, ସୀମାଞ୍ଚଳ ଦାଶ, ପି.: ରାମଚନ୍ଦ୍ର ଦାଶ, ଗୁନୁ ଦାଶ, ପି.: ରଘୁନାଥ ଦାଶ, ଚନ୍ଦ୍ରମା ଦାଶ, ସ୍ୱା.: ରଘୁନାଥ ଦାଶ, ଜା: ବ୍ରାହ୍ମଣ, ବା: ନିଜଗାଁ | |
| | | ୪୨୮ | ୦.୧୯୦ | ୦.୧୪୦ | | | |
| ୮୮ | ୪୨୭/୧୫ | ୫୫୫ | ୦.୦୭୦ | ୦.୦୪୫ | ବିଲ ଅଣଜଳସେଚିତ ଦୁଇ | ଶଶି ପ୍ରଧାନ, ସ୍ୱା.: ଖଲି ପ୍ରଧାନ, ଜା: କୁରୁମ, ବା: ତୁଣ୍ଡୁରା | |
| ୮୯ | ୪୨୭/୧୬ | ୫୫୭ | ୦.୧୪୦ | ୦.୦୬୫ | ବିଲ ଅଣଜଳସେଚିତ ଦୁଇ | ଶଶି ପ୍ରଧାନ, ସ୍ୱା.: ଖଲି ପ୍ରଧାନ, ଜା: କୁରୁମ, ବା: ତୁଣ୍ଡୁରା | କେନାଲରେ ୦.୦୫୫ ଗୋଚର ପ୍ରତି ବଦଳରେ ୦.୦୧୦ |
| ୯୦ | ୪୨୭/୩୦ | ୭୩୪ | ୦.୧୪୫ | ୦.୦୧୫ | ପଦର | ପାଣ୍ଡବ ନାୟକ, ପି.: ଦଣ୍ଡପାଣି ନାୟକ, ଜା: କୁରୁମ, ବା: ଦୋଳବ | |
| ୯୧ | ୪୨୭/୪୫ | ୨୫୮୫ | ୦.୨୧୦ | ୦.୧୫୦ | ବିଲ ଜଳସେଚିତ ଦୋଫସଲି | ଗଙ୍ଗାଧର ପ୍ରଧାନ, ପି.: ଦଣ୍ଡପାଣି ପ୍ରଧାନ, ଜା: କୁରୁମ, ବା: ନିଜଗାଁ | |
| | | ୨୫୮୪ | ୦.୫୪୦ | ୦.୦୪୦ | | | |
| ୯୨ | ୪୨୭/୫୦ | ୧୪୬୪ | ୦.୨୭୦ | ୦.୧୯୦ | ବିଲ ଜଳସେଚିତ ଦୋଫସଲି | ଲକ୍ଷ୍ମୀ ଚରଣ ଦାସ, ପି.: ନଟବର ଦାସ, ଜା: ବ୍ରାହ୍ମଣ, ବା: ବାଙ୍ଗରଡ଼ା | |
| ୯୩ | ୪୨୭/୫୬ | ୧୩୨୫ | ୦.୧୬୩ | ୦.୦୬୦ | ବିଲ ଜଳସେଚିତ ଦୋଫସଲି | ମନାସ ଚୌଧୁରୀ, ସ୍ୱା.: ତବତିଆ ଚୌଧୁରୀ, ଜା: କୁରୁମ, ବା: ନିଜଗାଁ | |
| ୯୪ | ୪୨୭/୬୪ | ୧୩୧୨ | ୦.୦୮୦ | ୦.୦୫୦ | ବିଲ ଜଳସେଚିତ ଦୋଫସଲି | ଖଲିଆ ନାୟକ, ପି.: ମହରଗି ନାୟକ, ଜା: କୁରୁମ, ବା: ଛଣମେରୀ | |
| ୯୫ | ୪୨୭/୧୦୪ | ୪୨୭ | ୦.୧୭୦ | ୦.୧୭୦ | ବିଲ ଅଣଜଳସେଚିତ ଦୁଇ | ସରସ୍ୱତୀ ସାହୁ, ସ୍ୱା.: ସୀମାଞ୍ଚଳ ସାହୁ, ଜା: ସୁଣ୍ଡି, ବା: ବାଙ୍ଗରଡ଼ା | କେନାଲରେ ୦.୦୮ ଗୋଚର ପ୍ରତି ବଦଳରେ ୦.୦୯୦ |
| ୯୬ | ୪୨୭/୧୧୨ | ୧୪୨୦ | ୦.୨୩୫ | ୦.୧୩୦ | ବିଲ ଜଳସେଚିତ ଦୋଫସଲି | ଅରକ୍ଷିତ ଚୌଧୁରୀ, ପି.: ଅର୍ଜ୍ଜୁନ ଚୌଧୁରୀ, ଜା: କୁରୁମ, ବା: ବାଙ୍ଗରଡ଼ା | |
| ୯୭ | ୪୨୭/୧୨୬ | ୩୪୯୪ | ୦.୯୦୦ | ୦.୧୮୦ | ବିଲ ଜଳସେଚିତ ଦୋଫସଲି | ପାର୍ବତୀ ପ୍ରଧାନ, ସ୍ୱା.: ଟୁନା ପ୍ରଧାନ, ଜା: କୁରୁମ, ବା: ବାହାଡାଗୁଡ଼ା | |
| ୯୮ | ୪୨୭/୧୩୯ | ୨୭୯ | ୦.୧୫୦ | ୦.୦୩୫ | ପଦର | ଇଷ୍ଟେନ୍ ହେଚେରୀ ପ୍ରାଇଭେଟ ଲିମିଟେଡ କମ୍ପାନୀ ତରଫେ ଜେନେରାଲ ମ୍ୟାନେଜର ଦୀପକ କୁମାର ସାନ୍ୟାଲ, ପି.: ପରେଶ ନାଥ ସାନ୍ୟାଲ, ଜା: ବ୍ରାହ୍ମଣ, ବା: ଅଙ୍ଗାରପଦା, ଥାନା: ଜମୀପୁର, ପୋଷ୍ଟ: ଖଇରୀ ଯଶିପୁର, ଜିଲ୍ଲା: ମୟୂରଭଞ୍ଜ | ଗୋଚର ପ୍ରତି ବଦଳରେ |
| | | ୩୫୭ | ୦.୦୯୦ | ୦.୦୪୦ | ବିଲ ଅଣଜଳସେଚିତ ଦୁଇ | | |
| | | ୪୨୬ | ୦.୨୦୦ | ୦.୨୦୦ | | | କେନାଲରେ ୦.୧୭୦ ଗୋଚର ପ୍ରତି ବଦଳରେ ୦.୦୩୦ |
| | | ୪୨୫ | ୦.୦୪୦ | ୦.୦୪୦ | | | |
| ୯୯ | ୪୨୭/୧୪୧ | ୧୩୭୧ | ୦.୦୬୦ | ୦.୦୪୫ | ବିଲ ଜଳସେଚିତ ଦୋଫସଲି | ଶୁଶିଳା ହୋତା, ସ୍ୱା.: ସୀମାଞ୍ଚଳ ହୋତା, ଜା: ବ୍ରାହ୍ମଣ, ବା: ନିଜଗାଁ | |
| | | ୧୪୧୫ | ୦.୨୩୫ | ୦.୦୯୫ | | | |
| | | ୧୪୧୬ | ୦.୨୧୦ | ୦.୧୫୦ | | | |
| ୧୦୦ | ୪୨୭/୧୬୦ | ୩୨୪ | ୦.୧୬୫ | ୦.୧୬୫ | ବିଲ ଅଣଜଳସେଚିତ ଦୁଇ | ଇଷ୍ଟେର୍ଣ୍ଣ ହେଚେରି ପ୍ରାଇଭେଟ ଲିମିଟେଡ ତରଫେ ଅପରେସନ ମ୍ୟାନେଜର ଲୋକନାଥ ମିଶ୍ର, ପି.: ହରେକୃଷ୍ଣ ମିଶ୍ର, ଜା: ବ୍ରାହ୍ମଣ, ବା: ଲୁଇସ୍ ରୋଡ, ଭୁବନେଶ୍ୱର, ଖୋର୍ଦ୍ଧା | ଗୋଚର ପ୍ରତି ବଦଳରେ |
| | | ୩୭୧ | ୦.୨୧୦ | ୦.୦୯୦ | | | |
| | | ୩୨୫ | ୦.୩୫୦ | ୦.୩୨୦ | | | ଗୋଚର ପ୍ରତି ବଦଳରେ |
| ୧୦୧ | ୪୨୭/୧୬୮ | ୧୪୭୦ | ୦.୦୪୦ | ୦.୦୧୫ | ବିଲ ଜଳସେଚିତ ଦୋଫସଲି | ବିଷ୍ଣୁପ୍ରିୟା ନାୟକ, ସ୍ୱା.: ପର୍ଶୁରାମ ନାୟକ, ଜା: କୁରୁମ, ବା: ଡୋଳବ, ତହସିଲ: ସାନଖେମୁଣ୍ଡି | |
| ୧୦୨ | ୪୨୭/୧୭୩ | ୩୬୮ | ୦.୨୦୦ | ୦.୧୫୦ | ବିଲ ଅଣଜଳସେଚିତ ଦୁଇ | ଇଷ୍ଟେର୍ଣ୍ଣ ହେଚେରି ପ୍ରାଇଭେଟ ଲିମିଟେଡ ତରଫେ ଅପରେସନ ମ୍ୟାନେଜର ଲୋକନାଥ ମିଶ୍ର, ପି.: ହରେକୃଷ୍ଣ ମିଶ୍ର, ଜା: ବ୍ରାହ୍ମଣ, ବା: ଭୁବନେଶ୍ୱର, ଲୁଇସ୍ ରୋଡ, ପ୍ଲଟ ନଂ. ୨୯୩୨ | |
| | | ୪୩୬ | ୦.୧୦୦ | ୦.୦୧୫ | | | |
| ୧୦୩ | ୪୨୭/୨୦୩ | ୧୦୦୬ | ୦.୦୮୫ | ୦.୦୦୫ | ପଦର | କଂଗ୍ରେସ ଚୌଧୁରୀ, ପି.: ତ୍ରିନାଥ ଚୌଧୁରୀ, ଜା: କୁରୁମ, ବା: ନିଜଗାଁ | |
| ୧୦୪ | ୪୨୭/୨୦୪ | ୨୫୮୭ | ୦.୩୦୦ | ୦.୦୦୮ | ବିଲ ଜଳସେଚିତ ଦୋଫସଲି | ଦୁର୍ଗାମାଧବ ପଣ୍ଡା, ପି.: ଗୋବିନ୍ଦ ପଣ୍ଡା, ଜା: ବ୍ରାହ୍ମଣ, ବା: ନିଜଗାଁ | |
| | | ୨୫୮୬ | ୦.୨୧୫ | ୦.୧୦୫ | | | |
| ୧୦୫ | ୪୨୭/୨୨୨ | ୧୩୪୩ | ୦.୦୮୦ | ୦.୦୮୦ | ବିଲ ଜଳସେଚିତ ଦୋଫସଲି | ପାଣ୍ଡବ ବେହେରା, ପି.: ଧନୁ ବେହେରା, ଜା: କୁରୁମ, ବା: ନିଜଗାଁ | |
| ୧୦୬ | ୪୨୭/୨୪୩ | ୩୫୧ | ୦.୨୦୦ | ୦.୦୧୦ | ବିଲ ଅଣଜଳସେଚିତ ଦୁଇ | ରମେଶ ଗୌଡ଼, ପି.: ଦଣ୍ଡାସି ଗୌଡ଼, ଜା: ଗୌଡ଼, ବା: ନିଜଗାଁ | |
| ୧୦୭ | ୪୨୭/୨୮୨ | ୧୩୭୦ | ୦.୬୦୫ | ୦.୧୬୫ | ବିଲ ଜଳସେଚିତ ଦୋଫସଲି | ବିପ୍ର ଚରଣ ଚୌଧୁରୀ, ପି.: ନକୁଳ ଚୌଧୁରୀ, ଜା: କୁରୁମ, ବା: ନିଜଗାଁ | |
| ୧୦୮ | ୪୨୭/୨୮୩ | ୧୪୮୧ | ୦.୧୬୨ | ୦.୧୦୫ | ବିଲ ଜଳସେଚିତ ଦୋଫସଲି | ଉମା ଚରଣ ଚୌଧୁରୀ, ପି.: ନକୁଳ ଚୌଧୁରୀ, ଜା: କୁରୁମ, ବା: ନିଜଗାଁ | |
| ୧୦୯ | ୪୨୭/୨୯୨ | ୧୪୬୯ | ୦.୦୨୯ | ୦.୦୧୫ | ବିଲ ଜଳସେଚିତ ଦୋଫସଲି | ସଞ୍ଜୟ କୁମାର ପ୍ରଧାନ, ପି.: ବିନୋଦ କୁମାର ପ୍ରଧାନ, ଜା: କୁରୁମ, ବା: ନିଜଗାଁ | |
| | | ୧୪୯୦/୩୬୩୬ | ୦.୫୭୮ | ୦.୦୬୦ | | | |
| ୧୧୦ | ୭୦ | ୭୨୬ | ୦.୨୦୦ | ୦.୦୧୦ | ପଦର | କୋରେଶୁ ବେହେରା, ସୁରେନ୍ଦ୍ର ବେହେରା, ପି.: ବରଜ ବେହେରା, ଜା: କୁରୁମ, ବା: ନିଜଗାଁ | |
| ମୋଟ – ୧୫.୧୩୮ ଏକର | | | | | | | |

କେନାଲ ଖନନ ପାଇଁ ଜମି ଅଧିଗ୍ରହଣ = ୧୨.୯୨୮
ଗୋଚର ପ୍ରତିବଦଳ ପାଇଁ ଜମି ଅଧିଗ୍ରହଣ = ୨.୨୧୦

Sd./- Spl. L.A.-cum-R&R.O. (M.I.P.)
Mahendragada (Gajapati)

OIPR-24001/14/0215/2526

# ୫ ଏନ୍ଏସି, ୧ ମ୍ୟୁନିସିପାଲିଟି ଗଠନ ପାଇଁ ହୋଇନି ଅଧିସୂଚନା ଜାରି

ବଲାଙ୍ଗୀର,୨।୧୨(ବୀରେନ୍ଦ୍ର କୁମାର ଖାଙ୍ଗର)

ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ ରାଜ୍ୟର ୫ଟି ଏନଏସି ଏବଂ ଗୋଟିଏ ମ୍ୟୁନିସିପାଲିଟି ଗଠନ ପାଇଁ ଅଧିସୂଚନା ଜାରି ହୋଇ ନ ଥିବା ଜଣାପଡିଛି। ବିଶିଷ୍ଟ ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା ଏନେଇ ତଥ୍ୟ ରଖିଛନ୍ତି। ସୂଚନା ଅଧିକାର କର୍ମୀ ପଣ୍ଡା କହିଛନ୍ତି ଯେ, ରାଜ୍ୟ ସରକାର ଇତିମଧ୍ୟରେ ୩୦ଟି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି) ଓ ୮ଟି ମ୍ୟୁନିସିପାଲିଟି ଗଠନ କରିଥିବା ତାଙ୍କୁ ତଥ୍ୟ ଦିଆଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ନିର୍ବାଚନ ଶାଖା ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାର କରି ପଣ୍ଡା କହିଛନ୍ତି, ନୂତନ ୩୦ଟି ଏନ୍ଏସି ଓ ୮ଟି ମ୍ୟୁନିସିପାଲିଟି ଗଠନ କରାଯାଇଥିବା କଥା ସରକାର ଘୋଷଣା କରିଥିଲେ ମଧ୍ୟ ୫ଟି ଏନଏସି ଓ ଗୋଟିଏ ମ୍ୟୁନିସିପାଲିଟି ପାଇଁ ଅଧିସୂଚନା ଜାରି କରାଯାଇନାହିଁ।

**ସୂଚନା ଅଧିକାର ଆଇନ ଜରିଆରେ ମିଳିଲା ତଥ୍ୟ**

ସେ ଆହୁରି କହିଛନ୍ତି, ପୌର ଆଇନ ୧୯୫୦ ଅନୁଯାୟୀ ଗତ ୧୬ ଅଗଷ୍ଟ ଦିନ ୧୨ଟି ନୂତନ ଏନଏସି ଯଥା ପାଲଲହଡା, ସିମୁଳିଆ, ବଣ୍ଡା, ତିହିଡି, ଧୁସୁରି, ବେତନଟି, ବାଙ୍ଗିରିପୋଷି, ତିରିଡା, ବିଷମକଟକ, ବାମରା, ରେଙ୍ଗାଲି, ବୀରମହାରାଜପୁର ପାଇଁ ସରକାରୀ ଅଧିସୂଚନା ଜାରି କରିଥିବା ବେଳେ ୧ ସେପ୍ଟେମ୍ବର ଦିନ ୧୩ଟି ଯଥା ଖୋରହେଲା, ସାଲେପୁର, ବଡମ୍ବା, ନରସିଂହପୁର, ଗଁଡିଆ, ଜଗନ୍ନାଥପ୍ରସାଦ, ପାତ୍ରପୁର, ନର୍ଲା, ଜୟପାଟଣା, ଟାଙ୍ଗି, ବୋରିଗୁମ୍ମା ଓ ୨ଟି ମ୍ୟୁନିସିପାଲିଟି ପୋଲସରା, କରଞ୍ଜିଆ ଗଠନ ପାଇଁ ଅଧିସୂଚନା ଜାରି କରିଥିଲେ। କପ୍ତିପଦା ଏନଏସି ପାଇଁ ୮ ସେପ୍ଟେମ୍ବର, ନୂତନ ମ୍ୟୁନିସିପାଲିଟି ଆଠମଲ୍ଲିକ ପାଇଁ ୧୭ ସେପ୍ଟେମ୍ବର, କବିସୂର୍ଯ୍ୟନଗର ପାଇଁ ୧୦ ଅକ୍ଟୋବର, ଭଞ୍ଜନଗର ପାଇଁ ୧୪ ଅକ୍ଟୋବର, ବୌଦ୍ଧଗଡ ୧୬ ଅକ୍ଟୋବର, ଛତ୍ରପୁର ପାଇଁ ଯଥାକ୍ରମେ ୩୦ ଅକ୍ଟୋବରରେ ରାଜ୍ୟସରକାର ଅଧିସୂଚନା ଜାରି କରିଥିଲେ। ଅଧିସୂଚନାରେ ସମ୍ପୃକ୍ତ ଏନଏସି ଓ ମ୍ୟୁନିସିପାଲିଟି ଅଞ୍ଚଳରେ ସାମିଲ ହେବାକୁ ଥିବା ରାଜସ୍ୱ ଗ୍ରାମଗୁଡିକୁ ଚିହ୍ନଟ କରାଯାଇ ସାମିଲ କରିବା ପାଇଁ ପ୍ରସ୍ତାବ ରଖାଯାଇଛି। କିନ୍ତୁ ବଲାଙ୍ଗୀର ଜିଲାର ଲୋଇସିଂହା, ଯାଜପୁରର ଚଣ୍ଡିଖୋଲ, ନୂଆପଡା ଜିଲାର ସିନାପାଲି ଓ କୋମନା, ମୟୂରଭଞ୍ଜ ଜିଲାର ଯଶୀପୁର ଏନଏସି ଏବଂ ନୂଆପଡାର ଖରିଆର ରୋଡ ମ୍ୟୁନିସିପାଲିଟି ଗଠନ ପାଇଁ ଅଧିସୂଚନା ଜାରି କରାଯାଇ ନଥିବା ତଥ୍ୟରୁ ଜଣାପଡିଛି ବୋଲି ସୂଚନା କର୍ମୀ ପଣ୍ଡା କହିଛନ୍ତି। ନୂଆପଡା ନିର୍ବାଚନ ପ୍ରକ୍ରିୟା ସମାପ୍ତ ହୋଇଥିଲେ ମଧ୍ୟ କେତେକ ଏନଏସି ଓ ମ୍ୟୁନିସିପାଲିଟି ଗଠନ ପାଇଁ ପୌର ଆଇନ ଅନୁଯାୟୀ ଅଧିସୂଚନା ଜାରି କରାଯାଇନାହିଁ। ସିନାପାଲି, କୋମନା ଏନଏସି ଓ ଖରିଆର ରୋଡ ମ୍ୟୁନିସିପାଲିଟି ପାଇଁ ନୂଆପଡା ଜିଲାପାଳଙ୍କ ରିପୋର୍ଟ ପ୍ରଦାନ କରାଯାଇ ନଥିବା ତଥ୍ୟରୁ ଜଣାଯାଇଥିବା ପଣ୍ଡା କହିଛନ୍ତି।

# ଚର୍ଚ୍ଚା ସାଉଁଟୁଛି ଓଡିଆ ଫିଚର ଫିଲ୍ମ ଗୁରୁଜୀ ନମସ୍କାର



ଗ୍ଲୋବାଲ ଇଣ୍ଡିପେଣ୍ଡେଣ୍ଟ ଫିଲ୍ମ ଫେଷ୍ଟିଭାଲରେ ସମ୍ମାନ ଗ୍ରହଣ ଅବସରରେ ପ୍ରଯୋଜକ ଓ କଳାକାର।

ଲୋଇସିଂହା,୨।୧୨(ସୁଶାନ୍ତ ବାରିକ)

ଓଡିଆ ଫିଚର ଫିଲ୍ମ ଗୁରୁଜୀ ନମସ୍କାର ଅଦ୍ୟାବଧି ରିଲିଜ ହୋଇନାହିଁ। କିନ୍ତୁ ଏହାପୂର୍ବରୁ ଦେଶର ବିଭିନ୍ନ ପ୍ରତିଷ୍ଠିତ ଫିଲ୍ମ ଉତ୍ସବରେ ପ୍ରଦର୍ଶିତ ହୋଇ ଗୋଟିଏ ପରେ ଗୋଟିଏ ଆୱାର୍ଡ ବିଜୟୀ ହୋଇ ଓଡିଆ ସିନେମା ଜଗତକୁ ଗର୍ବିତ କରିଛି। ଦ ଅଣ୍ଡରଗ୍ରାଉଣ୍ଡ ପ୍ରଡକ୍ସନ ହାଉସ ଅଧୀନରେ ନିର୍ମିତ ଏହି ଫିଲ୍ମ ରାଷ୍ଟ୍ରୀୟ ସ୍ତରରେ ଏବେ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି। ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମର ଯୁବ ଲେଖକ ତଥା ପ୍ରଯୋଜକ ସଙ୍କେତ ତ୍ରିପାଠୀଙ୍କ ଦ୍ୱାରା ଓଡିଆ ଫିଚର ଫିଲ୍ମ ଗୁରୁଜୀ ନମସ୍କାର ପ୍ରସ୍ତୁତ ହୋଇଛି ।

ଜଣେ ଶିକ୍ଷକ ଓ ତାଙ୍କ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଭାବପୂର୍ଣ୍ଣ ଓ ପରିବର୍ତ୍ତନଶୀଳ ସମ୍ପର୍କକୁ ଆଧାର କରି ଏହି ଫିଲ୍ମ ତିଆରି ହୋଇଛି। ଏଥିରେ ଗ୍ରାମୀଣ ସ୍କୁଲର ଛୋଟ ଛୋଟ ପରିବର୍ତ୍ତନ କିପରି ବଡ ସାମାଜିକ ପରିବର୍ତ୍ତନର ଦ୍ୱାର ଖୋଲିପାରେ ଏପରି ଏକ କାହାଣୀ ଫିଲ୍ମରେ ଚମତ୍କାର ସନ୍ଦେଶ ଦେଇଛି। ନଭେମ୍ବର ୨୨ ତାରିଖରେ କଲକୋତା ଗ୍ଲୋବାଲ ଇଣ୍ଡିପେଣ୍ଡେଣ୍ଟ ଫିଲ୍ମ ଫେଷ୍ଟିଭାଲ ଆୱାର୍ଡସ୍(ଜିଆଇଏଫଏଫଏ)ବେଷ୍ଟ ଫିଚର ଫିଲ୍ମ ସମ୍ମାନ ଓ ଫିଲ୍ମ ନିର୍ଦ୍ଦେଶକ ଜିତେନ୍ଦ୍ରିୟ ପଧାନଙ୍କୁ ବେଷ୍ଟ ନିର୍ଦ୍ଦେଶକ ସମ୍ମାନ ମିଳିଛି। ସେହିପରି

**ଦେଶର ବିଭିନ୍ନ ପ୍ରତିଷ୍ଠିତ ଫିଲ୍ମ ଉତ୍ସବରେ ମିଳିଛି ଶ୍ରେଷ୍ଠ ସମ୍ମାନ**

ନଭେମ୍ବର ୭ରେ କାଶୀ ଇନ୍ଡିଆନ ଇଣ୍ଟର ନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ ଆୱାଡସ୍‌ରେ(କେଆଇଏଫଏଫଏ) ବେଷ୍ଟ ଚିଲଡ୍ରେନ ଫିଚର ଫିଲ୍ମ ଓ ବେଷ୍ଟ ନେଗେଟିଭ ଆକ୍ଟର ଭାବେ ସୁକୁମାର ଟୁଡୁଙ୍କୁ ସମ୍ମାନିତ କରାଯାଇଛି। ଏହାପୂର୍ବରୁ ଅକ୍ଟୋବର ୧୨ ତାରିଖରେ ମୁମ୍ବାଇ ଇଣ୍ଟର ନ୍ୟାଶନାଲ ଫିଲ୍ମ ଆୱାର୍ଡସ୍ -୨୦୨୫(ଏମ୍ଆଇଏଫଏ)ରେ ବେଷ୍ଟ ଫିଚର ଫିଲ୍ମ ଅଫ ଦ ଇୟର ସମ୍ମାନ ଅର୍ଜନ କରି ଏହି ଫିଲ୍ମ ଚର୍ଚ୍ଚାକୁ ଆସିଥିଲା। ଯଶପାଲ ଶର୍ମା,ସୀମା ବିଶ୍ୱାସ, ଗୋବିନ୍ଦ ପାଣ୍ଡେ,ରଘୁବୀର ଯାଦବ ଓ ଶ୍ରୀକାନ୍ତ ବର୍ମା ପରି ଦେଶର ଅଭିନେତ୍ରୀ ଅଭିନେତା ଓ ନାଟ୍ୟକାରଙ୍କ ଦ୍ୱାରା ପ୍ରଶଂସା ମିଳିଛି। ଫିଲ୍ମରେ ଅମନ ସୁକୁମାର ଟୁଡୁ ଓ ଶ୍ରୀବାଣୀ ସେନ୍ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି।

# 'ଗଣମାଧ୍ୟମ ପ୍ରତିନିଧିଙ୍କୁ ସୁରକ୍ଷା, ପେନ୍ସନ୍ ଦିଅ'

ବଲାଙ୍ଗୀର,୨।୧୨(ବୀରେନ୍ଦ୍ର କୁମାର ଖାଙ୍ଗର)

ଓଡିଶା ଷ୍ଟେଟ୍ ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟସ୍ (ଏସ୍‌ୟୁଜେ)ର ପ୍ରାନ୍ତୀୟ ସମାବେଶ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏସ୍‌ୟୁଜେ ବଲାଙ୍ଗୀର ଶାଖାର ସଭାପତି ଶରତ କୁମାର ମହାକୁର ପ୍ରଥମେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକ ସମାବେଶରେ ଅଧ୍ୟକ୍ଷତା କରିଥିଲେ। ଏହି ସମାବେଶରେ ବଲାଙ୍ଗୀର, ସୁନ୍ଦରଗଡ, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ, ବୌଦ୍ଧ, ସୁବର୍ଣ୍ଣପୁର, ନୂଆପଡା, କଳାହାଣ୍ଡି, ନୟାଗଡ, ରାୟଗଡା, ଯାଜପୁର ଓ ଦେବଗଡ ଜିଲା ସଙ୍ଗଠନର ସକ୍ରିୟ ସଦସ୍ୟ, ସଭାପତି, ସମ୍ପାଦକ ତଥା ରାଜ୍ୟ ପଦାଧିକାରୀ ଯୋଗ ଦେଇଥିଲେ। ଏସ୍‌ୟୁଜେ ବଲାଙ୍ଗୀର ଶାଖାର ସାଧାରଣ ସମ୍ପାଦକ ରଘୁନନ୍ଦନ ସିଂ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସମାବେଶରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ପୌରାଧ୍ୟକ୍ଷା ଲିପ୍ସା ସାହୁ ଯୋଗ ଦେଇଥିଲେ। ଏକ ପ୍ରଗତିଶୀଳ ସମାଜ ଗଠନରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ କହିଥିଲେ।



ସମାବେଶରେ ଯୋଗ ଦେଇଥିବା ଅତିଥି।

**ବଲାଙ୍ଗୀରରେ ଏସ୍‌ୟୁଜେର ପ୍ରାନ୍ତୀୟ ସମାବେଶ**

ମୁଖ୍ୟବକ୍ତା ଭାବେ ବଲାଙ୍ଗୀର ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅରବିନ୍ଦ ଓଝା ଯୋଗଦେଇ ସାମ୍ବାଦିକତାରେ ମୂଲ୍ୟବୋଧ ଏବଂ ନୀତି ନୈତିକତା ସମ୍ପର୍କରେ କହିଥିଲେ। ସଭାପତୀୟ ଅଭିଭାଷଣରେ ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ନାୟକ ଗଣମାଧ୍ୟମ ପ୍ରତିନିଧିଙ୍କ ଏକତା, ସେମାନଙ୍କ ସୁରକ୍ଷା, ପେନ୍ସନ ଓ ବୀମାରାଶି ବୃଦ୍ଧି ନିମନ୍ତେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ସୂଚନା ଦେଇଥିଲେ। ଏହି ଆଲୋଚନାରେ ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟର ଗଣମାଧ୍ୟମ ଏବଂ ଗଣଯୋଗାଯୋଗ ବିଭାଗର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଅନ୍ୟତମ ଅତିଥି ଭାବେ ଜାତୀୟ ସାଧାରଣ ସମ୍ପାଦକ ଡ. ଚିନ୍ତାମଣି ପାଢ଼ୀ, ରାଜ୍ୟ ଯୋଗାଯୋଗ ମୁଖ୍ୟ କାର୍ଯ୍ୟନିର୍ବାହୀ ଶଶୀଭୂଷଣ ଷଡ଼ଙ୍ଗୀ, ରାଜ୍ୟ କାର୍ଯ୍ୟକାରୀ ସଭାପତି କାର୍ତ୍ତିଚନ୍ଦ୍ର ସାହୁ, ରାଜ୍ୟ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ପାଢ଼ୀ, ରାଜ୍ୟ ଉପଦେଷ୍ଟା ଗୋପବନ୍ଧୁ ଶତପଥୀ, ରାଜ୍ୟ ଟ୍ରିବ୍ୟୁନାଲ ଅଧ୍ୟକ୍ଷ ସନ୍ତୋଷ କୁମାର ମିଶ୍ର, ଉପସଭାପତି ମହେନ୍ଦ୍ର କୁମାର ଦର୍ଜି, ସମରେଶ ମିଶ୍ର ମୂଲ୍ୟବୋଧ ଭିତ୍ତିକ ସାମ୍ବାଦିକତା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବରିଷ୍ଠ ଗଣମାଧ୍ୟମ ପ୍ରତିନିଧି ବଳରାମ ମିଶ୍ର, ଚନ୍ଦ୍ରଭାନୁ ମୌଲାନା, ପ୍ରବୀଣ ପୁରୋହିତ, ରଞ୍ଜିତରଞ୍ଜନ ପଟ୍ଟନାୟକ, ଖବରକାଗଜ ବିତରକ ଜୟପ୍ରକାଶ ମହାରୀ, ଡାକ୍ତର ବେଣୁଧର ପାଣ୍ଡେ, ସଫଳ ମହିଳା ଉଦ୍ୟୋଗୀ ମାଗୀ ଦେବୀ କେଜରିୱାଲ ଓ ସୁଜାତା ଅଗ୍ରୱାଲଙ୍କୁ ଏସ୍‌ୟୁଜେ ପକ୍ଷରୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସଭାପତି ମହେନ୍ଦ୍ର କୁମାର ଦର୍ଜି ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ମନୋରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୧ ହେକ୍ଟର ଜମିର ଧାନ ଖରି ପୋଡ଼ିଦେଲେ ଦୁର୍ବୃତ୍ତ

ଲୋଇସିଂହା,୨।୧୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ଥାନା ଅନ୍ତର୍ଗତ ବାଞ୍ଜିପାଳି ଗ୍ରାମର ଜଣେ ଚାଷୀଙ୍କ ଖଳାରେ ଥିବା ୧ ହେକ୍ଟର ଚାଷ ଜମିର ଧାନ ଖରିକୁ ଦୁର୍ବୃତ୍ତମାନେ ପୋଡ଼ି ଦେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ନିଆଁରେ ସମ୍ପୂର୍ଣ୍ଣ ପୋଡିଯାଇ ଧାନ ଖରି ଛାରଖାର ହୋଇଥିବାରୁ ଚାଷୀ ଗୋବର୍ଦ୍ଧନ ବିଶ୍ୱାଳ ସର୍ବହରା ହୋଇପଡ଼ିଛନ୍ତି। କିପରି ଗୋଟିଏ ବର୍ଷ ପରିବାର ଚଳାଇବେ ସେହି ଚିନ୍ତା ତାଙ୍କୁ ଘାରିଛି । ତାଙ୍କ ପରିବାର ଲୋକେ ମଧ୍ୟ ଭାଙ୍ଗି ପଡିଛନ୍ତି। ବର୍ଷକର ଫସଲକୁ ଅମଳ କରି ବିଶ୍ୱାଳ ପରିବାର ଖଳାରେ ଧାନ ଖରି ରଖିଥିଲେ। ହେଲେ ସୋମବାର ରାତିରେ ଦୁର୍ବୃତ୍ତମାନେ ସହ୍ୟ କରି ନ ପାରି ସେହି ଖରିକୁ ପୋଡ଼ି ଦେଇଥିବା ସେ ଅଭିଯୋଗ କରିଛନ୍ତି। ପୋଲିସ ତଦନ୍ତ କରି ଯଥାଶୀଘ୍ର ଦୁର୍ବୃତ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ଅପରପକ୍ଷେ ରାଜସ୍ୱ ବିଭାଗ ପକ୍ଷରୁ ଅନୁଧ୍ୟାନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବା ଦିଗରେ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି।

# ୩୪ ମାସର ପାରିଶ୍ରମିକ ପ୍ରଦାନ କରାଯାଉ

ଲାଠୋର,୨।୧୨(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଞ୍ଚାୟତ ଅଞ୍ଚଳରେ କାର୍ଯ୍ୟରତ ଗାଁସାଥୀ ଟିକେଶ୍ୱର ବେନିଆ, ପୀତବାସ ଗୁର୍ଲା, ପ୍ରେମସିଲା ହଂସ, ପବିତ୍ର ବାଗ ଏବଂ ଧବଳେଶ୍ୱର ଭୋଇ ଦୀର୍ଘ ୩୪ ମାସ ହେବ ତାଙ୍କୁ ପାରିଶ୍ରମିକ ପ୍ରଦାନ କରାଯାଇ ନାହିଁ ବୋଲି ଅଭିଯୋଗ କରିଛନ୍ତି। ଫଳରେ ସେମାନଙ୍କ ପରିବାରବର୍ଗ ଦୁର୍ଦ୍ଦିନରେ ରହିଛନ୍ତି। କେନ୍ଦ୍ର ସରକାରଙ୍କ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମଜିଏନଆରଇଜିଏସ)ରେ ଶ୍ରମିକ ଯୋଗାଡ କରି କାମ କରିବା ପାଇଁ ପ୍ରତ୍ୟେକ ଗ୍ରାମରେ ସ୍ୱଳ୍ପ ପାରିଶ୍ରମିକରେ ଗାଁସାଥୀ ନିଯୁକ୍ତି କରାଯାଇଛି। ସେହି କ୍ରମରେ ପ୍ରତ୍ୟେକ ଗ୍ରାମରେ ଗାଁସାଥୀମାନେ ଶ୍ରମିକମାନଙ୍କୁ ନେଇ କାମ କରୁଛନ୍ତି। ହେଲେ ସେମାନଙ୍କୁ ତାଙ୍କ ପାରିଶ୍ରମିକ ପ୍ରଦାନ କ୍ଷେତ୍ରରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି। ଗତ ଜାନୁୟାରୀ ୨୦୨୩ଠାରୁ ଆଜିପର୍ଯ୍ୟନ୍ତ ଦୀର୍ଘ ୩୪ ମାସ ହେବ ସେମାନଙ୍କୁ ପାରିଶ୍ରମିକ ପ୍ରଦାନ କରାଯାଇ ନାହିଁ।

**ଦୁର୍ଦ୍ଦିନରେ ଗାଁ ସାଥୀ**

କେବଳ ଟଙ୍କପାଣି ପଞ୍ଚାୟତର ନୁହେଁ ବ୍ଲକର ବିଭିନ୍ନ ପଞ୍ଚାୟତରେ ଏହି ସମସ୍ୟା ରହିଛି। ପାରିଶ୍ରମିକ ପ୍ରଦାନ ପାଇଁ ବାରମ୍ବାର ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ଅନୁରୋଧ କଲେ ମଧ୍ୟ ସମାଧାନ କରାଯାଉ ନାହିଁ। ଶେଷରେ କୌଣସି ଉପାୟ ନ ପାଇ ବ୍ଲକ ଗାଁସାଥୀ ସଂଘ ପକ୍ଷରୁ ଖପ୍ରାଖୋଲରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ପାରିଶ୍ରମିକ ପ୍ରଦାନ ପାଇଁ ଦାବି କରାଯାଇଥିଲା। ଫଳରେ ବର୍ତ୍ତମାନର ମହଙ୍ଗା ଯୁଗରେ ପରିବାରବର୍ଗଙ୍କୁ ପ୍ରତିପୋଷଣ କରି ନିଜ ନିଜର ପିଲାଙ୍କୁ ପାଠ ପଢାଇବାରେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ନିଜେ ସମସ୍ୟାରେ ଛନ୍ଦି ହୋଇଥିଲେ ମଧ୍ୟ ସରକାରଙ୍କ କାମରେ ଅବହେଳା ନ କରି ବରାବର ଶ୍ରମିକମାନଙ୍କୁ ନେଇ କାମ କରୁଛନ୍ତି । ଏନେଇ ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କୁ ପଚାରିବାରେ ଅଭିଯୋଗ ପାଇଲା ପରେ ସେମି ସ୍କିଲ୍‌ରେ ଅପ୍‌ଲୋଡ କରି ଦେଇଛୁ। ଯଥାଶୀଘ୍ର ସେମାନେ ପାରିଶ୍ରମକ ପାଇବେ ବୋଲି ଆଶା ରହିଛି।

# ବିଷାକ୍ତ କେମିକାଲ ପିଇ ଜଣେ ମୃତ: ଦୁଇ ଗୁରୁତର

ଖପ୍ରାଖୋଲ/ପାଟଣାଗଡ଼,୨।୧୨
(ଅଭୟ ତ୍ରିପାଠୀ/ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ଅଧୀନ ଓଡ଼ିଆପାଲି ଗ୍ରାମରେ ମଙ୍ଗଳବାର ଏକ ଦୁଃଖଦ ଘଟଣା ଘଟିଛି। ଦେଶୀ ମଦ ଭାବି କୁକୁଡ଼ା ଫାର୍ମରେ କୁକୁଡାମାନଙ୍କ ପାଇଁ ବ୍ୟବହାର କରାଯାଉଥିବା କେମିକାଲ ପିଇ ଜଣେ ବ୍ୟକ୍ତିଙ୍କ ଅକାଳ ମୃତ୍ୟୁ ଘଟିଛି ଓ ଅନ୍ୟ ଦୁଇ ଜଣ ଗୁରୁତର ହୋଇ ପାଟଣାଗଡ଼ ଉପଖଣ୍ଡ ଡ଼ାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ମୃତକ ହେଲେ ଉକ୍ତ ଗ୍ରାମର ସୁରୁ ମାଝୀ (୬୦)। ଗୁରୁତର ଯୁବକଦ୍ୱୟ ହେଲେ ହରି ମାଝି (୪୫) ଓ ଦୁର୍ଲ୍ଲଭ ନାଏକ (୪୭)। ସୂଚନା ଅନୁଯାୟୀ, ମଧ୍ୟାହ୍ନରେ ଗ୍ରାମର ଏକ କ୍ଷେତରେ ପୂଜାପାଠ (ଚରୁ) ହୋଇଥିଲା। ଏହି ଅବସରରେ ଓଡ଼ିଆପାଲି ଗ୍ରାମରେ ଥିବା ଏକ ନିର୍ଦ୍ଦିଷ୍ଟ କୁକୁଡ଼ା ଫାର୍ମ ଠାରେ କେତେଜଣ ଭୋଜି କରିଥିଲେ । ଭୋଜି ପରେ କୁକୁଡ଼ା ଫାର୍ମରେ କୁକୁଡାମାନଙ୍କ ପାଇଁ ବ୍ୟବହାର କରାଯାଉଥିବା କେମିକାଲକୁ ଦେଶୀ ରନ୍ଧାମଦ ବୋଲି ଭାବି ଉପରୋକ୍ତ ୩ ଜଣ ପିଇ ଦେଇଥିଲେ। ଫଳରେ ସେମାନେ ଗୁରୁତର ହୋଇ ପଡ଼ିଥିଲେ। ଖବର ପାଇ ସ୍ଥାନୀୟ ଲୋକେ ସେମାନଙ୍କୁ ସଙ୍ଗେ ସଙ୍ଗେ ଚିକିତ୍ସା ପାଇଁ ପାଟଣାଗଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ସୁରୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଏନେଇ ଖପ୍ରାଖୋଲ ଥାନାରେ ଅଭିଯୋଗ ହୋଇଥିବା ବେଳେ ନଂ ୧୭/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ନରେନ୍ଦ୍ର ଛତର ସୂଚନା ଦେଇଛନ୍ତି। ପ୍ରାଥମିକ ତଦନ୍ତରୁ ପିଇଥିବା ପାନୀୟ କୁକୁଡ଼ା ଫାର୍ମରେ ବ୍ୟବହୃତ କେମିକାଲ ବୋଲି ସୂଚନା ମିଳିଛି । କିଭଳି ଓ କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା ତାର ତଦନ୍ତ ଚାଲିଥିବା ଥାନା ଅଧିକାରୀ କହିଛନ୍ତି।


ପାଟଣାଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଦୁଇଜଣ ବ୍ୟକ୍ତି।

**ଭୋଜି କରିବା ବେଳେ ଅଘଟଣ**


GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
MINOR IRRIGATION DIVISION, KALAHANDI
Email : eemikldbpt@gmail.com
e-PROCUREMENT NOTICE
Bid Identification Notice No. : SE MID BPT-06/2025-26
Lt No. : 4201 Dt. : 27.11.2025
No.A-1032 : The Superintending Engineer, M.I. Division, Kalahandi, District-Kalahandi on behalf of Governor of Odisha invites Percentage Rate Bids in Double Cover System through e-procurement to be received in online mode only for the works as detailed in the table below. The bid should be submitted online in the website www.tendersodisha.gov.in by eligible contractors.

| | | | |
|---|---|---|---|
| 1. | Name of work | : | Construction of Canal Lining of Pipalpadar Minor Canal from RD.960 mtr to RD.2810 mtr of Bagpur MIP in Narla Block of Kalahandi District under the Scheme CAPEX Lining |
| 2. | Total No. of works | : | 01 (One) No. Only |
| 3. | Estimated cost | : | Rs.92.13 Lakhs Approximately |
| 4. | Class of Contractor | : | "B" |
| 5. | Period of completion | : | 03 (Three) Calendar Months |
| 6. | Date and time of availability of Bid Document in Portal | : | From 11:00 A.M. on 02.12.2025 and up to 5:30 P.M. on 11.12.2025 |
| 7. | Last date / time for receipt of Bid Document in portal | : | Up to 5:30 PM on 11.12.2025 |
| 8. | Date / Time of opening of Technical Bid | : | From 11:00 A.M. on 12.12.2025 At O/o M.I. Division, Kalahandi, Bhawanipatna |
| 9. | Date / Time of opening of Financial Bid | : | From 11:00 A.M. on 15.12.2025 At O/o M.I. Division, Kalahandi, Bhawanipatna |
| 10. | Name and Address of Tender Inviting Officer | : | Superintending Engineer, M.I. Division, Kalahandi, Officer inviting the Bid |
| 11. | Mode of Payment of Bid cost and Bid security | : | Online |
| 12. | Date of Lottery (If required) | : | On 16.12.2025 at 11.00 A.M. |

OIPR-32531/11/0006/2526
Sd./- Superintending Engineer
M.I. Division, Kalahandi



ODISHA LIFT IRRIGATION CORPORATION LIMITED
(A GOVERNMENT OF ODISHA UNDERTAKING)
OFFICE OF THE EXECUTIVE ENGINEER,
LIFT IRRIGATION DIVISION, BALASORE
mail: eelidvnbls@yahoo.com
e-Procurement Notice
Letter No.3499, Dated 29.11.2025
Corrigendum to the Tender Call Notice No.04/2025-26, Dt.20.11.2025
No.CAD-2539: In pursuance to Tender Call Notice No.04/2025-26, dt.20.11.2025 is hereby cancelled due to Technical Problem. The Term and conditions as per DTCN.
The details are available in the Government Tender website i.e. www.tenderodisha.gov.in and other related documents are available in the DTCN for bidding.
Sd./- Er. S.C. Munda
OIPR-32150/11/0006/2526 Executive Engineer, L.I. Division, Balasore



ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ଼
ପତ୍ରସଂଖ୍ୟା ୧୮୫୮/ ତାରିଖ ୨୯.୧୧.୨୦୨୫
ନିଲାମ ଘୋଷଣା
No.C-1634:ଆଗାମୀ ଆର୍ଥିକ ବର୍ଷ ୨୦୨୫-୨୬ ଏବଂ ୨୦୨୬-୨୭ (ଦୁଇ ବର୍ଷ) ନିମନ୍ତେ ପାଟଣାଗଡ ସହରର ସମସ୍ତ ବଜାର, ସାଇକେଲ ଷ୍ଟାଣ୍ଡ, ବସଷ୍ଟାଣ୍ଡ ପାର୍କିଂ ତଥା ଗୁଡା ଟିକସ ଆଦାୟ ନିମନ୍ତେ ନିଲାମ ଆହ୍ୱାନ କରାଯାଉଅଛି । ସମସ୍ତ ଆବଶ୍ୟକୀୟ କାଗଜାତ ସହିତ ଆସନ୍ତା ତା.୧୦.୧୨.୨୦୨୫ ରିଖ ଅପରାହ୍ନ ଘ.୧.୦୦ ମି.ପର୍ଯ୍ୟନ୍ତ ନିଲାମରେ ଭାଗ ନେଇପାରିବେ । ସବିଶେଷ ବିବରଣୀ ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ ୱେବ୍‌ସାଇଟ୍ (www.nacpatnagarh.in) ରେ ଉପଲବ୍ଧ ଏବଂ ଉକ୍ତ ୱେବସାଇଟ୍‌ରୁ ଏହାକୁ ଆପଣ ସଂଗ୍ରହ (Download)କରି କାର୍ଯ୍ୟାଳୟରେ ଥିବା ଜଉମୁଦ ବାକ୍ସରେ ଆବେଦନ କରିପାରିବେ ।
କାର୍ଯ୍ୟନିର୍ବାହୀ ଅଧିକାରୀ
OIPR-13102/11/0031/2526 ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ



GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR
CORRIGENDUM
No.5392/ Date 29.11.2025
1st Corrigendum to Bid Identification No. Tender Online-C.C. 30 of 2025 Dated 25.10.2025 invited vide this Office Lr.No.4891 dated 25.10.2025
No.O-1659: The date of availability of tender, date of opening of Technical Bid & Financial Bid invited vide this office N.I.T. No. Tender-Online-C.C.30 of 2025, Dt.25.10.2025 issued vide this office Lr.No.4891, Dt.25.10.2025 is hereby rescheduled as below due to some unavoidable circumstances.

| Procurement Officer | Bid Identification No. | Availability of Tender on-line for bidding | Date & Time of Opening of Tender | |
|---|---|---|---|---|
| | | Up to | Technical Bid | Financial Bid |
| Chief Construction Engineer, Central Rural Works Circle, Bhubaneswar | Tender-Online-C.C.- 30 of 2025 | 18.12.2025 upto 5.00 P.M. | 19.12.2025 at 11.00 A.M. | To be intimated later on |

All other conditions remain unaltered.
Sd./- Chief Construction Engineer
OIPR-25082/11/0024/2526 Central Rural Works Circle, Bhubaneswar



OFFICE OF THE EXECUTIVE ENGINEER, L. I. DIVISION, BERHAMPUR
e-mail: eeolicbam@ymail.com
e-Procurement Notice
Bid Identification No.08/2025-26 OLIC (BAM)/ Dt.29.11.2025
No.CAD-2532: The Executive Engineer, Lift Irrigation Division, Berhampur on behalf of OLIC invites Percentage Rate Bids in Single Cover System to be received in online mode only for the work "Installation and Energisation 21 nos LIPs in Ganjam District on Turnkey basis" as detailed in the table below. The bid should be submitted by the eligible class of contractors as mentioned below registered with the State Government and Contractors of equivalent grade/ Class registered with Central Government /M.E.S./ Railways/ C.P.W.D. for execution of Civil Works and valid Electrical (H.T.) License issued by ELBO, Odisha as a single or having joint venture having proper registration with authorised registering departments, through online in the Govt. website www.tendersodisha.gov.in. The bidders should have necessary portal enrolment with own digital signature certificate. The Contractor having similar nature of works are preferred.
1. Numbers of Packages : 21 Numbers, 2. Estimated Cost : Rs.16.29 Lakhs to 29.63 Lakhs, 3. Tender Cost: As per DTCN, 4. Class of Contractor : As per DTCN, 5. Date & Time of Publication : Dt.01.12.2025 from 12.00 Noon, 6. Date & Time of Closing Dt.10.12.2025 at 17.00 hrs, 7. Date & Time of opening of bid : Dt.11.12.2025 at 12.00 Noon
Further details can be seen from the website www.tendersorissa.gov.in. Addendum/ Corrigendum/Cancellation of tender, if any, can be seen in the said website.
OIPR-32145/11/0006/2526 Sd./- Executive Engineer



GOVERNMENT OF ODISHA
OFFICE OF THE SUPERINTENDING ENGINEER, RURAL WORKS DIVISION, KUCHINDA
e-Mail: eerw_kuchinda@yahoo.com
2nd Corrigendum to Bid Identification No. Tender Online 07/RWD/Kuchinda/2025-26
No.O-1663: Due to unavoidable circumstances the following changes have been made in this office Bid identification No-tender online 07/RWD/Kuchinda/2025-26.
The following changes have been made:-

| Procurement Officer | Bid Identification No. | Availability of Tender Online for bidding | | Last date & time for seeking clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, Rural Works Division, Kuchinda | Tender Online- 07/ RWD/ KCD | 11.12.2025 at 11.00 AM | 19.12.2025 at 5.00 PM | 18.12.2025 at 5.00 AM | 20.12.2025 at 11.00 AM | To be intimated later |

All other terms and conditions remain unchanged.
*Further details can be seen from the e-Procurement portal www.tendersorissa.gov.in
OIPR-25151/11/0039/2526 Sd./- Superintending Engineer, R.W.Division, Kuchinda



ଜଳସମ୍ପଦ ବିଭାଗ, ଓଡ଼ିଶା ସରକାର
No.A-1042
ଇ-ସଂଗ୍ରହଣ ବିଜ୍ଞପ୍ତି ସଂଖ୍ୟା: ACEDC-CTC-07/2025-26
୧. କାର୍ଯ୍ୟର ନାମ: ମୋଟ ୦୧ (ଏକ) ଗୋଟି ଜଳନିକାସ କାର୍ଯ୍ୟ ।
୨. ଅଟକଳ ମୂଲ୍ୟ: ୪୮୫.୪୧ ଲକ୍ଷ ଟଙ୍କା
୩. କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଅବଧି: ୧୮ (ଅଠର) ମାସ ।
୪. ପୋର୍ଟାଲରେ ନିଲାମ ଦସ୍ତାବେଜ ମିଳିବାର ଦିନ ଓ ସମୟ: ତା.୦୩.୧୨.୨୦୨୫ ର ୧୧.୩୦ ଘଣ୍ଟାରୁ ତା.୧୭.୧୨.୨୦୨୫ର ୧୮.୦୦ ଘଣ୍ଟା ପର୍ଯ୍ୟନ୍ତ ।
୫. ପୋର୍ଟାଲରେ ନିଲାମ ଗ୍ରହଣ କରିବାର ଅନ୍ତିମ ଦିନ ଓ ସମୟ: ତା.୧୭.୧୨.୨୦୨୫ ର ୧୮.୦୦ ଘଣ୍ଟା ।
୬. ନିଲାମ ଡାକିଥିବା ଅଧିକାରୀଙ୍କ ନାମ ଓ ଠିକଣା : ଅତିରିକ୍ତ ମୁଖ୍ୟଯନ୍ତ୍ରୀ, ଜଳନିକାସ ମଣ୍ଡଳ, କଟକ, ଠିକଣା: ଗଣ୍ଡରପୁର, କଟକ-୭୫୩୦୦୩, ଇ-ମେଲ୍: sedrainagecirclectc@gmail.com
ଅଧିକ ବିବରଣୀ ପାଇଁ ଇ-ସଂଗ୍ରହଣ ପୋର୍ଟାଲ "https://tendersodisha.gov.in" ଦେଖାଯାଇପାରିବ । ଆବଶ୍ୟକସ୍ଥଳେ ଉକ୍ତ ଟେଣ୍ଡର ସମ୍ପର୍କିତ ସମସ୍ତ ବିଜ୍ଞପ୍ତି, ସୂଚନା, ଶୁଦ୍ଧିପତ୍ର, ନାକଚ ବିଜ୍ଞପ୍ତି ଆଦି ଏହି ୱେବସାଇଟ୍‌ରେ ପ୍ରକାଶ କରାଯିବ ।
ସ୍ୱା./- ଅତିରିକ୍ତ ମୁଖ୍ୟଯନ୍ତ୍ରୀ
OIPR-32174/11/0040/2526 ଜଳନିକାସ ମଣ୍ଡଳ, କଟକ



OFFICE OF THE
ROURKELA MUNICIPAL CORPORATION
Udit Nagar, Rourkela, Dist-Sundargarh (Odisha) PIN-769012
Website: www.rmc.nic.in, Email Id: rourkelamunicipality@gmail.com
No.13552, Date:27.11.25
EXPRESSION OF INTEREST (EOI)
No.C-1610: Sealed applications are invited from the reputed firms/ Agencies for **"Lease of 2nd. Floor of Basanti Complex".**
Detail technical specifications alongwith terms & conditions etc. may be seen from the Website of Rourkela Municipal Corporation i.e. www.rmc.nic.in. from dated 29.11.2025. The last date for receipt of sealed tender is 15.12.2025 till 1.00 P.M. through Speed Post/ Regd. Post/ Courier/ or by hand in the office address of the undersigned.
Sd./- Commissioner
OIPR-13131/11/0176/2526 Rourkela Municipal Corporation

# ଜବରଦଖଲ ଉଚ୍ଛେଦ ଦାବିରେ ତହସିଲଦାରଙ୍କୁ ଦାବିପତ୍ର

ବୀରମହାରାଜପୁର, ୨।୧୨ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଅନ୍ତର୍ଗତ ମେଣ୍ଡାମାଳ ଗ୍ରାମରେ ଜବରଦଖଲ ଉଚ୍ଛେଦ ଦାବି ନେଇ ମଙ୍ଗଳବାର ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ଗ୍ରାମବାସୀ। କେତେକ ବ୍ୟକ୍ତି ଗ୍ରାମରେ ଥିବା ଅନାବାଦୀ, ଗୋଚର, ଜଳଚର, ପତ୍ରା ଜଙ୍ଗଲ ଜମିକୁ ବେଆଇନ ଭାବେ ଜବରଦଖଲ କରିଛନ୍ତି। ଜବରଦଖଲକାରୀମାନେ ସେହି ଜମିରେ ଧାନ ଓ କପା ଭଳି ଚାଷ କରୁଛନ୍ତି। ଫଳରେ ଗ୍ରାମରେ ଗୋପାଳକ ମାନେ ଗୋରୁ ଚରାଇବାରେ ଅସୁବିଧା ହେଉଛି। ଜବରଦଖଲ ଯୋଗୁ ଗ୍ରାମରେ ଗୋଚର ଭୂମି ନ ଥିବାରୁ ଗୋରୁଙ୍କ ଚାରଣରେ ସମସ୍ୟା ହେଉଛି। ଏଣୁ ଗ୍ରାମରେ ସର୍ବସମ୍ମତିକ୍ରମେ ଏକ ବୈଠକ କରାଯାଇଥିଲା। ଉକ୍ତ ବୈଠକରେ ଗ୍ରାମର ସମସ୍ତ ଗୋଚର, ଜଳଚର, ଅନାବାଦୀ ଭଳି ସରକାରୀ ଜମି ଚିହ୍ନଟ କରାଯାଇଥିବା ସହିତ ଜବରଦଖଲ ଉଚ୍ଛେଦ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଣୁ ଜବରଦଖଲ ହୋଇଥିବା ସରକାରୀ ଜମିରୁ ଉଚ୍ଛେଦ କରିବାକୁ ଗ୍ରାମବାସୀ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏନେଇ ଗ୍ରାମବାସୀଙ୍କ ଏକ ପ୍ରତିନିଧି ଦଳ ବୀରମହାରାଜପୁର ତହସିଲଦାର ସୁଚିସ୍ମିତା ପାଣିଗ୍ରାହୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଖୁବଶୀଘ୍ର ଜବରଦଖଲ ଚିହ୍ନଟ କରାଯାଇ ଉଚ୍ଛେଦ କରାଯିବ ବୋଲି ତହସିଲଦାର ପ୍ରକାଶ କରିଛନ୍ତି।


ତହସିଲ ଅଫିସକୁ ଦାବିପତ୍ର ନେବାକୁ ଆସିଥିବା ଗ୍ରାମବାସୀ ।

# ରାଧାକୃଷ୍ଣଙ୍କଠାରେ ଲାଗି ହେଲା ୧୦୮ ପ୍ରକାର ଭୋଗ

## ରାଧାମାଧବ ଭଗବତ ମନ୍ଦିରରେ ବ୍ୟଞ୍ଜନ ଦ୍ୱାଦଶୀ

ସୋନପୁର, ୨।୧୨ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ଘୋଡାଘାଟପଡାର ରାଧାମାଧବ ଭଗବତ ମନ୍ଦିରରେ ମଙ୍ଗଳବାର ବ୍ୟଞ୍ଜନ ଦ୍ୱାଦଶୀ ପାଇଁ ସ୍ୱତନ୍ତ୍ର ସେବା ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ ହୋଇଥିଲା। ପୂଜା ପରେ ରାଧାକୃଷ୍ଣଙ୍କ ନିକଟରେ ୧୦୮ ପ୍ରକାର ଭୋଗ ଲାଗି ହୋଇଥିଲା। ପୂଜକ ବାସୁଦେବ ଶତପଥୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଘୋଡାଘାଟପଡାର ସୂର୍ଯ୍ୟନାରାୟଣ ଦାଶ, ବ୍ରଜଗୋପାଳ ପୂଜାରୀ, ରାଧେଶ୍ୟାମ ପୁରୋହିତ, ଶ୍ରୀବତ୍ସ ମଲ୍ଲିକ, ଗାଣ୍ଡୁ ଗୋପାଳ ପଧାନ, ମୈଥିଳି ପଣ୍ଡା, ତାରା ଭୂଷଣ ସାହୁ ଓ ରାମ ମେହେର କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ ଏହି ଧାର୍ମିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଦୀର୍ଘ ବର୍ଷ ଧରି ଘୋଡାଘାଟପଡା ବାସୀଙ୍କ ସହଯୋଗରେ ଏହି ଧାର୍ମିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଆସୁଛି।


ଘୋଡାଘାଟପଡା ଭଗବତ ମନ୍ଦିରରେ ଭୋଗ ଲାଗି କରାଯାଇଛି।

# ରେଡ୍‌କ୍ରସ୍ ପରାମର୍ଶଦାତା ପ୍ରଶିକ୍ଷଣ ଶିବିର


ଅତିଥିଙ୍କ ସହିତ ଜୁନିୟର ରେଡ୍‌କ୍ରସ ପରାମର୍ଶଦାତାମାନେ।

ଅମରପାଲି, ୨।୧୨ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲି ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକସ୍ତରୀୟ ଜୁନିୟର ରେଡ୍‌କ୍ରସ ପରାମର୍ଶଦାତାମାନଙ୍କ ଏକଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ପରିଚାଳନା କମିଟି ସଭାପତି ଅଶୋକ କୁମାର ସାହୁ ଅତିଥିଭାବେ ଯୋଗଦେଇ ରେଡ୍‌କ୍ରସ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ ଆୟୋଜିତ ସଭାରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଘନଶ୍ୟାମ ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରାର୍ଥୀମାନଙ୍କୁ ଉତ୍ସାହିତ କରିବା ସହିତ ସମାଜ ସେବା ପାଇଁ ପିଲାଙ୍କୁ ଜାଗ୍ରତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ନିରଞ୍ଜନ ଦାଶ, ହିଞ୍ଜିମା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ପାଢ଼ୀ, ପୂର୍ବତନ ସରପଞ୍ଚ ଡମ୍ବରୁଧର ସାହୁ, ପୂର୍ବତନ ସମିତି ସଭ୍ୟ ପୀତାମ୍ବର ସାହୁ ସମ୍ମାନୀତ ଅତିଥିଭାବେ ଯୋଗଦେଇ ସ୍ୱାସ୍ଥ୍ୟ ସେବା ବନ୍ଧୁତାର ବାର୍ତ୍ତା ପ୍ରଦାନ କରିଥିଲେ। ସୁବର୍ଣ୍ଣପୁର ଜିଲା ଜୁନିୟର ରେଡ୍‌କ୍ରସ ଅଫିସର ରବିଚନ୍ଦ୍ର ପଶାୟତ ପ୍ରଶିକ୍ଷଣ ଶିବିରକୁ ମାର୍ଗଦର୍ଶନ କରିଥିବା ବେଳେ ବରିଷ୍ଠ ସାଧନକର୍ମୀ ଚନ୍ଦ୍ରମଣି ବାଘ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାଧନକର୍ମୀ ହୃଷୀକେଶ ଚାନ୍ଦ ସଭା ପରିଚାଳନା କରିଥିଲେ। ବିସିସି ବୈକୁଣ୍ଠ ନାୟକ ସ୍ୱାଗତ ପରିଚୟ ପ୍ରଦାନ ଓ ବିସିସି ବିଶ୍ୱନାଥ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ସାଧନକର୍ମୀ ଚନ୍ଦ୍ରଶେଖର ମହାପାତ୍ର, ବଳରାମ ପୁରୋହିତ, ଜଗଦୀଶ ଦାଶ ଓ ଅମରପାଲି ଉଚ୍ଚ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଏହି ଅବସରରେ ଗ୍ରାମରେ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ସାଧନକର୍ମୀ ଚନ୍ଦ୍ରଶେଖର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକର ୫୬ ବିଦ୍ୟାଳୟରୁ ସମସ୍ତ ରେଡ୍‌କ୍ରସ କାଉନସେଲର କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସାଧନକର୍ମୀମାନେ ରେଡ୍‌କ୍ରସ ଅଭିଯାନ, ପ୍ରାଥମିକ ଚିକିତ୍ସା, ସଡକ ସୁରକ୍ଷା, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

# ଜିଲା ବିଦ୍ୟାଳୟ ସମୂହ କ୍ରିକେଟ ପ୍ରତିଯୋଗିତା

ବୌଦ୍ଧ, ୨।୧୨ (ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ଶିକ୍ଷା ବିଭାଗ ପକ୍ଷରୁ ବୌଦ୍ଧ ସଦର ମହକୁମା ସ୍ଥିତ ଷ୍ଟାଡିୟମଠାରେ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ଚୋମଲାଲ ଧ୍ରୁବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା କ୍ରୀଡ଼ା ଅଧିକାରୀ ସୁଧାଂଶୁ ମଲ୍ଲିକ ମୁଖ୍ୟ ଅତିଥି, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ବୃନ୍ଦାବନ ବାରିକ, ବୌଦ୍ଧ ଜିଲା ଆଥଲେଟିକ ସଂଘ ସହ ସମ୍ପାଦକ ଲମ୍ବୋଦର ପୁରୋହିତ, କୋଷାଧ୍ୟକ୍ଷ ସୁଶିଳ ପଣ୍ଡିତ, ମୁଖ୍ୟ ଚୟନକର୍ତ୍ତା ପଞ୍ଚାନନ ପ୍ରଧାନ, ଜିଲା କ୍ରୀଡ଼ା ନିର୍ଦେଶକ ଆନନ୍ଦ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଜିଲାର ତିନି ବ୍ଲକ ଖେଳାଳିମାନେ ସାମିଲ ହୋଇଥିଲେ। ବୌଦ୍ଧ ବ୍ଲକ ଚାମ୍ପିୟନ ହୋଇଥିବା ବେଳେ କାମାଲ ବ୍ଲକ ପ୍ରଥମ ରନର୍ସ ଅପ୍ ଓ ହରଭଙ୍ଗା ବ୍ଲକ ଦ୍ୱିତୀୟ ରନର୍ସ ଅପ୍ ହୋଇଥିଲା। କ୍ରୀଡ଼ା ଶିକ୍ଷକ କୃଷ୍ଣଚନ୍ଦ୍ର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ



କୃତୀ ପ୍ରତିଯୋଗୀମାନଙ୍କ ସହ ମଞ୍ଚାସୀନ ଅତିଥି।

ବିନିକା, ୨।୧୨ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ମହିଳା କଲେଜ ମହାବିଦ୍ୟାଳୟରେ ଅଧ୍ୟକ୍ଷ ପଞ୍ଚାନନ ସାହୁଙ୍କ ସଭାପତିତ୍ୱରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଛି । ମୁଖ୍ୟ ଅତିଥି ଭାବେ ଯୁବ ରେଡ୍‌କ୍ରସ କାଉନସେଲର ତଥା ଅଧ୍ୟାପିକା ବୈଜୟନ୍ତୀ ସାହୁ, ସମ୍ମାନିତ ଅତିଥି ଅଧ୍ୟାପିକା ସଙ୍ଗୀତ ପୁରୋହିତ, ଖେଳ ଶିକ୍ଷୟିତ୍ରୀ ବିଦ୍ୟୁଲତା କର ଯୋଗ ଦେଇଥିଲେ। ଏଡ଼ସ ରୋଗର ଭୟବହତା ଓ ନିୟନ୍ତ୍ରଣ ବିଷୟରେ ଆଲୋକପାତ କରିଥିଲେ। ଅଧ୍ୟାପକ ସବ୍ୟସାଚୀ ଦଣ୍ଡ ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପକ ଅଶୋକ ବିଶି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ ରଚନା, ପୋଷ୍ଟର ତିଆରି, ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ପରେ ଏକ ଏଡ଼ସ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ଅଧ୍ୟାପକ ଶିବ ନାରାୟଣ ମେହେର ଓ ଅନ୍ୟମାନେ ଏଥିରେ ସହଯୋଗ କରିଥିଲେ।

# ବାଦିଦଣ୍ଡ ପ୍ରତିଯୋଗିତା: ପଦ୍ମନ ଭୋଇ ପ୍ରଥମ

ସୋନପୁର, ୨।୧୨ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଘାଟକଇଁତାର ଗ୍ରାମରେ ଅରୁଆ ପକା ମହୋତ୍ସବ ଅବସରରେ ବାଦି ଦଣ୍ଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଉଲୁଣ୍ଡା ବ୍ଲକ ନାକଡେଇଁ ଗ୍ରାମର ପଦ୍ମନ ଭୋଇ (୩୫) କୃଷ୍ଣ ଭୂମିକାରେ ଅଭିନୟ କରି ପ୍ରଥମ ହୋଇଛନ୍ତି। ପଦ୍ମନଙ୍କୁ ପ୍ରଥମ ପୁରସ୍କାର ସ୍ୱରୂପ ସ୍ୱର୍ଣ୍ଣ ମୁଦି ଓ ଉପଢୌକନ ଦେଇ କମିଟି ପକ୍ଷରୁ ସମ୍ମାନିତ କରାଯାଇଛି। ପଦ୍ମନ ଜଣେ ଯୁବ ଦଣ୍ଡ କଳାକାର ଭାବେ ପାରମ୍ପରିକ ଦଣ୍ଡ ନୃତ୍ୟ ପ୍ରଦର୍ଶନ କରି ପଶ୍ଚିମ ଓଡ଼ିଶାରେ ବେଶ ସୁନାମ ଅର୍ଜନ କରିଛନ୍ତି। ମହୋତ୍ସବ ଅବସରରେ କଳାକାରଙ୍କୁ ନେଇ ଗ୍ରାମରେ ୩ ଦିନ ଧରି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରାଧା ଓ କୃଷ୍ଣଙ୍କ ଜନ୍ମଲୀଳାକୁ ନେଇ ପ୍ରତିଯୋଗତା ହୋଇଥିଲା। ରାଧା ଭୂମିକାରେ ସୋନପୁର ବ୍ଲକ ଅର୍ଜ୍ଜୁନପୁର ର ବୁଧୁରାମ ଦେହେରୀ ଓ ତରଭା ବ୍ଲକ ବଘିଆମୁଣ୍ଡା ଗ୍ରାମର ତରଣୀ ନନ୍ଦ ଏବଂ କୃଷ୍ଣ ଭୂମିକାରେ ପଦ୍ମନ ଭୋଇ ଓ ସୋନପୁର ବ୍ଲକ ବାଙ୍କତେନ୍ତୁଳି ଗ୍ରାମର ହରିଶ୍ଚନ୍ଦ୍ର କୁମ୍ଭାର ଦଣ୍ଡ ନୃତ୍ୟ ପରିବେଷଣ କରିଥିଲେ। ବିଚାରପତି ମାନେ କୃଷ୍ଣ ଭୂମିକାରେ ସୁନ୍ଦର ଦଣ୍ଡନୃତ୍ୟ ପାଇଁ ପଦ୍ମନଙ୍କୁ ବିଜେତା ଘୋଷଣା କରିଥିଲେ। ମହୋତ୍ସବ କମିଟିର ମୁଖ୍ୟ ବିଜ୍ଞାନ କୁମ୍ଭାର, ଫକୀର ସୁନା, କୁଶଳେଶ୍ୱର ସୁନା, ବୈକୁଣ୍ଠ ବାରିକ୍, ଶାରଳା ଗଡତିଆ, ଶୁକଦେବ ପଟ୍ଟନାୟକ ଓ ସଞ୍ଜିବ୍ ନାଗଙ୍କ ଉପସ୍ଥିତିରେ ପଦ୍ମନଙ୍କୁ ପୁରସ୍କୃତ କରା ଯାଇଥିଲା।


ଦଣ୍ଡ କଳାକାର ପଦ୍ମନଙ୍କୁ ପୁରସ୍କୃତ କରାଯାଉଛି।

# ସଚେତନତା ଦ୍ୱାରା ଏଡ୍‌ସକୁ ନିୟନ୍ତ୍ରଣ କରାଯାଇପାରିବ


ସଚେତନତା କାର୍ଯ୍ୟକ୍ରମରେ ବୀରମହାରାଜପୁର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁବ ରେଡ୍‌କ୍ରସ୍ ସଦସ୍ୟ

ବୀରମହାରାଜପୁର, ୨।୧୨ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡ୍‌କ୍ରସ ତରଫରୁ ଏଡସ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଆଶୁତୋଷ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟର ଡାକ୍ତର ପ୍ରଣବ କୁମାର ମହାପାତ୍ର ମୁଖ୍ୟ ଅତିଥି, ଆଇଟିସିସି କାଉନସେଲର ନରସିଂହ ମହନ୍ତ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ସଚେତନତା ଦ୍ୱାରା ମାରାତ୍ମକ ଏଡ୍‌ସ ରୋଗକୁ ନିୟନ୍ତ୍ରଣ କରାଯାଇ ପାରିବ ବୋଲି କହିଥିଲେ। ଯୁବପିଢ଼ି ଏହାର ମଙ୍ଗ ଧରିବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବରିଷ୍ଠ ଅଧ୍ୟାପିକା ସନ୍ଧ୍ୟାରାଣୀ ରାଉତ ସମ୍ମାନିତ ଅତିଥିଭାବେ ଯୋଗଦେଇ ଏହାର ନିରାକରଣ ପଦ୍ଧତି ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ କଲେଜ ରେଡ୍‌କ୍ରସ ପରାମର୍ଶଦାତା ଗୀତାଞ୍ଜଳି ପଧାନ ସଭାର ଆଭିମୁଖ୍ୟ ଏବଂ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା.। ସଭା ପୂର୍ବରୁ ଏକ ରାଲିରେ ଛାତ୍ରୀମାନେ ନିକଟସ୍ଥ ଗ୍ରାମକୁ ଯାଇଥିଲେ।


**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER MINOR IRRIGATION DIVISION, KALAHANDI**
Email : eemikldbpt@gmail.com
**e-PROCUREMENT NOTICE**
Bid Identification Notice No. : SE MID BPT-06/2025-26
Lt No. : 4201 Dt. : 27.11.2025

**No.A-1032** : The Superintending Engineer, M.I. Division, Kalahandi, District-Kalahandi on behalf of Governor of Odisha invites Percentage Rate Bids in Double Cover System through e-procurement to be received in online mode only for the works as detailed in the table below. The bid should be submitted online in the website www.tendersodisha.gov.in by eligible contractors.

| | | |
|---|---|---|
| 1. | Name of work | Construction of Canal Lining of Pipalpadar Minor Canal from RD.960 mtr to RD.2810 mtr of Bagpur MIP in Narla Block of Kalahandi District under the Scheme CAPEX Lining |
| 2. | Total No. of works | 01 (One) No. Only |
| 3. | Estimated cost | Rs.92.13 Lakhs Approximately |
| 4. | Class of Contractor | "B" |
| 5. | Period of completion | 03 (Three) Calendar Months |
| 6. | Date and time of availability of Bid Document in Portal | From 11:00 A.M. on 02.12.2025 and up to 5:30 P.M. on 11.12.2025 |
| 7. | Last date / time for receipt of Bid Document in portal | Up to 5:30 PM on 11.12.2025 |
| 8. | Date / Time of opening of Technical Bid | From 11:00 A.M. on 12.12.2025 At O/o M.I. Division, Kalahandi, Bhawanipatna |
| 9. | Date / Time of opening of Financial Bid | From 11:00 A.M. on 15.12.2025 At O/o M.I. Division, Kalahandi, Bhawanipatna |
| 10. | Name and Address of Tender Inviting Officer | Superintending Engineer, M.I. Division, Kalahandi, Officer inviting the Bid |
| 11. | Mode of Payment of Bid cost and Bid security | Online |
| 12. | Date of Lottery (If required) | On 16.12.2025 at 11.00 A.M. |

OIPR-32531/11/0006/2526 Sd./- Superintending Engineer M.I. Division, Kalahandi

**ODISHA LIFT IRRIGATION CORPORATION LIMITED**
(A GOVERNMENT OF ODISHA UNDERTAKING)
**OFFICE OF THE EXECUTIVE ENGINEER, LIFT IRRIGATION DIVISION, BALASORE**
mail: eelidvnbls@yahoo.com
**e-Procurement Notice**
Letter No.3499, Dated 29.11.2025
**Corrigendum to the Tender Call Notice No.04/2025-26, Dt.20.11.2025**
No.CAD-2539: In pursuance to Tender Call Notice No.04/2025-26, dt.20.11.2025 is hereby cancelled due to Technical Problem. The Term and conditions as per DTCN.
The details are available in the Government Tender website i.e. www.tenderodisha.gov.in and other related documents are available in the DTCN for bidding.
Sd./- Er. S.C. Munda
OIPR-32150/11/0006/2526 Executive Engineer, L.I. Division, Balasore

**ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ଼**
ପତ୍ରସଂଖ୍ୟା ୧୮୫୮/ ତାରିଖ ୨୯.୧୧.୨୦୨୫
**ନିଲାମ ଘୋଷଣା**
No.C-1634:ଆଗାମୀ ଆର୍ଥିକ ବର୍ଷ ୨୦୨୫-୨୬ ଏବଂ ୨୦୨୬-୨୭ (ଦୁଇ ବର୍ଷ) ନିମନ୍ତେ ପାଟଣାଗଡ ସହରର ସମସ୍ତ ବଜାର, ସାଇକେଲ ଷ୍ଟାଣ୍ଡ, ବସଷ୍ଟାଣ୍ଡ ପାର୍କିଂ ତଥା ଗୁଡା ଟିକସ ଆଦାୟ ନିମନ୍ତେ ନିଲାମ ଆହ୍ୱାନ କରାଯାଉଅଛି । ସମସ୍ତ ଆବଶ୍ୟକୀୟ କାଗଜାତ ସହିତ ଆସନ୍ତା ତା.୧୦.୧୨.୨୦୨୫ ରିଖ ଅପରାହ୍ନ ଘ.୧.୦୦ ମି.ପର୍ଯ୍ୟନ୍ତ ନିଲାମରେ ଭାଗ ନେଇପାରିବେ । ସବିଶେଷ ବିବରଣୀ ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ ୱେବ୍‌ସାଇଟ୍ (www.nacpatnagarh.in) ରେ ଉପଲବ୍ଧ ଏବଂ ଉକ୍ତ ୱେବସାଇଟ୍‌ରୁ ଏହାକୁ ଆପଣ ସଂଗ୍ରହ (Download)କରି କାର୍ଯ୍ୟାଳୟରେ ଥିବା ଜଉମୁଦ ବାକ୍ସରେ ଆବେଦନ କରିପାରିବେ ।
କାର୍ଯ୍ୟନିର୍ବାହୀ ଅଧିକାରୀ
OIPR-13102/11/0031/2526 ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR**
**CORRIGENDUM**
No.5392/ Date 29.11.2025
1st Corrigendum to Bid Identification No. Tender Online-C.C. 30 of 2025 Dated 25.10.2025 invited vide this Office Lr.No.4891 dated 25.10.2025
No.O-1659: The date of availability of tender, date of opening of Technical Bid & Financial Bid invited vide this office N.I.T. No. Tender-Online-C.C.30 of 2025, Dt.25.10.2025 issued vide this office Lr.No.4891, Dt.25.10.2025 is hereby rescheduled as below due to some unavoidable circumstances.

| Procurement Officer | Bid Identification No. | Availability of Tender on-line for bidding | Date & Time of Opening of Tender | |
|---|---|---|---|---|
| | | Up to | Technical Bid | Financial Bid |
| Chief Construction Engineer, Central Rural Works Circle, Bhubaneswar | Tender-Online-C.C.- 30 of 2025 | 18.12.2025 upto 5.00 P.M. | 19.12.2025 at 11.00 A.M. | To be intimated later on |

All other conditions remain unaltered.
OIPR-25082/11/0024/2526 Sd./- Chief Construction Engineer Central Rural Works Circle, Bhubaneswar

**OFFICE OF THE EXECUTIVE ENGINEER, L. I. DIVISION, BERHAMPUR**
e-mail: eeolicbam@ymail.com
**e-Procurement Notice**
**Bid Identification No.08/2025-26 OLIC (BAM)/ Dt.29.11.2025**
No.CAD-2532: The Executive Engineer, Lift Irrigation Division, Berhampur on behalf of OLIC invites Percentage Rate Bids in Single Cover System to be received in online mode only for the work "Installation and Energisation 21 nos LIPs in Ganjam District on Turnkey basis" as detailed in the table below. The bid should be submitted by the eligible class of contractors as mentioned below registered with the State Government and Contractors of equivalent grade/ Class registered with Central Government /M.E.S./ Railways/ C.P.W.D. for execution of Civil Works and valid Electrical (H.T.) License issued by ELBO, Odisha as a single or having joint venture having proper registration with authorised registering departments, through online in the Govt. website www.tendersodisha.gov.in. The bidders should have necessary portal enrolment with own digital signature certificate. The Contractor having similar nature of works are preferred.
1. Numbers of Packages : 21 Numbers, 2. Estimated Cost : Rs.16.29 Lakhs to 29.63 Lakhs, 3. Tender Cost: As per DTCN, 4. Class of Contractor : As per DTCN, 5. Date & Time of Publication : Dt.01.12.2025 from 12.00 Noon, 6. Date & Time of Closing Dt.10.12.2025 at 17.00 hrs, 7. Date & Time of opening of bid : Dt.11.12.2025 at 12.00 Noon
Further details can be seen from the website www.tendersorissa.gov.in. Addendum/ Corrigendum/Cancellation of tender, if any, can be seen in the said website.
OIPR-32145/11/0006/2526 Sd./- Executive Engineer

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION, KUCHINDA**
e-Mail: eerw_kuchinda@yahoo.com
2nd Corrigendum to Bid Identification No. Tender Online 07/RWD/Kuchinda/2025-26
No.O-1663: Due to unavoidable circumstances the following changes have been made in this office Bid identification No-tender online 07/RWD/Kuchinda/2025-26.
**The following changes have been made:-**

| Procurement Officer | Bid Identification No. | Availability of Tender Online for bidding | | Last date & time for seeking clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, Rural Works Division, Kuchinda | Tender Online- 07/ RWD/ KCD | 11.12.2025 at 11.00 AM | 19.12.2025 at 5.00 PM | 18.12.2025 at 5.00 AM | 20.12.2025 at 11.00 AM | To be intimated later |

**All other terms and conditions remain unchanged.**
*Further details can be seen from the e-Procurement portal www.tendersorissa.gov.in
OIPR-25151/11/0039/2526 Sd./- Superintending Engineer, R.W.Division, Kuchinda

**ଜଳସମ୍ପଦ ବିଭାଗ, ଓଡ଼ିଶା ସରକାର**
ଇ-ସଂଗ୍ରହଣ ବିଜ୍ଞପ୍ତି ସଂଖ୍ୟା: ACEDC-CTC-07/2025-26
No.A-1042
୧. କାର୍ଯ୍ୟର ନାମ: ମୋଟ ୦୧ (ଏକ) ଗୋଟି ଜଳନିକାସ କାର୍ଯ୍ୟ ।
୨. ଅଟକଳ ମୂଲ୍ୟ: ୪୮୫.୪୧ ଲକ୍ଷ ଟଙ୍କା
୩. କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଅବଧି: ୧୮ (ଅଠର) ମାସ ।
୪. ପୋର୍ଟାଲରେ ନିଲାମ ଦସ୍ତାବେଜ ମିଳିବାର ଦିନ ଓ ସମୟ: ତା.୦୩.୧୨.୨୦୨୫ ର ୧୧.୩୦ ଘଣ୍ଟାରୁ ତା.୧୭.୧୨.୨୦୨୫ର ୧୮.୦୦ ଘଣ୍ଟା ପର୍ଯ୍ୟନ୍ତ ।
୫. ପୋର୍ଟାଲରେ ନିଲାମ ଗ୍ରହଣ କରିବାର ଅନ୍ତିମ ଦିନ ଓ ସମୟ: ତା.୧୭.୧୨.୨୦୨୫ ର ୧୮.୦୦ ଘଣ୍ଟା ।
୬. ନିଲାମ ଡାକିଥିବା ଅଧିକାରୀଙ୍କ ନାମ ଓ ଠିକଣା : ଅତିରିକ୍ତ ମୁଖ୍ୟଯନ୍ତ୍ରୀ, ଜଳନିକାସ ମଣ୍ଡଳ, କଟକ, ଠିକଣା: ଗଣ୍ଡରପୁର, କଟକ-୭୫୩୦୦୩, ଇ-ମେଲ୍: sedrainagecirclectc@gmail.com
ଅଧିକ ବିବରଣୀ ପାଇଁ ଇ-ସଂଗ୍ରହଣ ପୋର୍ଟାଲ "https://tendersodisha.gov.in" ଦେଖାଯାଇପାରିବ । ଆବଶ୍ୟକସ୍ଥଳେ ଉକ୍ତ ଟେଣ୍ଡର ସମ୍ପର୍କିତ ସମସ୍ତ ବିଜ୍ଞପ୍ତି, ସୂଚନା, ଶୁଦ୍ଧିପତ୍ର, ନାକଚ ବିଜ୍ଞପ୍ତି ଆଦି ଏହି ୱେବସାଇଟ୍‌ରେ ପ୍ରକାଶ କରାଯିବ ।
ସ୍ୱା./- ଅତିରିକ୍ତ ମୁଖ୍ୟଯନ୍ତ୍ରୀ
OIPR-32174/11/0040/2526 ଜଳନିକାସ ମଣ୍ଡଳ, କଟକ

**OFFICE OF THE ROURKELA MUNICIPAL CORPORATION**
Udit Nagar, Rourkela, Dist-Sundargarh (Odisha) PIN-769012
Website: www.rmc.nic.in, Email Id: rourkelamunicipality@gmail.com
No.13552, Date:27.11.25
**EXPRESSION OF INTEREST (EOI)**
No.C-1610: Sealed applications are invited from the reputed firms/ Agencies for **"Lease of 2nd. Floor of Basanti Complex".**
Detail technical specifications alongwith terms & conditions etc. may be seen from the Website of Rourkela Municipal Corporation i.e. www.rmc.nic.in. from dated 29.11.2025. The last date for receipt of sealed tender is 15.12.2025 till 1.00 P.M. through Speed Post/ Regd. Post/ Courier/ or by hand in the office address of the undersigned.
Sd./- Commissioner
OIPR-13131/11/0176/2526 Rourkela Municipal Corporation

# ପ୍ରଦୂଷଣ ନିରାକରଣ ଏକ ବିରାଟ ଆହ୍ୱାନ

## ଜାତୀୟ ପ୍ରଦୂଷଣ ନିରାକରଣ ଦିବସରେ ମତପ୍ରକାଶ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ରାଉରକେଲା,୨।୧୨(ବିପ୍ଳବ ରଞ୍ଜନ ଦାଶ)

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଆର୍‌ଏସ୍‌ପି ସ୍ଥିତ ସିପିଟିଆଇ ଅଡ଼ିଟୋରିୟମଠାରେ ମଙ୍ଗଳବାର ପ୍ରଦୂଷଣ ନିରାକରଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଦୂଷଣ ନିରାକରଣ ପୃଥିବୀ ପାଇଁ ଏକ ବିରାଟ ଆହ୍ୱାନ ବୋଲି ପରିବେଶ ବିଜ୍ଞାନୀମାନେ ମତପ୍ରକାଶ କରିଛନ୍ତି। ଏଥିରେ ଅଧ୍ୟକ୍ଷତା କରି ଏସ୍‌ପିସିବିର ଅତିରିକ୍ତ ମୁଖ୍ୟ ପରିବେଶ ବୈଜ୍ଞାନିକ ତଥା ଆଞ୍ଚଳିକ ଅଧିକାରୀ ଡ. ଅନୁପ କୁମାର ମଲ୍ଲିକ କହିଲେ, ୧୯୮୪ରେ ଭୋପାଳ ଗ୍ୟାସ ଦୁର୍ଘଟଣା ପରଠାରୁ ଆୟୋଜିତ ହୋଇଆସୁଥିବା ଏହି ଦିବସ ପାଳନ ପରିପ୍ରେକ୍ଷୀରେ ପ୍ରଦୂଷଣ ନିୟନ୍ତ୍ରଣ ଓ କାର୍ଯ୍ୟସ୍ଥଳରେ ସୁରକ୍ଷା ପ୍ରତି ଗୁରୁତ୍ୱ ଦେବାକୁ ହେବ। ଯାହାଦ୍ୱାରା ଏଭଳି ଘଟଣାର ପୁନରାବୃତ୍ତି ନ ହେବ। ଆଗାମୀ ଦିନରେ ବିଭିନ୍ନ କଳକାରଖାନା କାର୍ଯ୍ୟସ୍ଥଳୀର ପରିବେଶ ଓ ସୁରକ୍ଷା ପ୍ରତି ଅଧିକ ଧ୍ୟାନ ଦେବା ସହ ନିୟମଗୁଡ଼ିକୁ ଅନୁପାଳନ କରିବା ପାଇଁ ଡ଼ ମଲ୍ଲିକ ପରାମର୍ଶ ଦେଇଥିଲେ। ସମ୍ମିଳିତ ଉଦ୍ୟମ ଦ୍ୱାରା ହିଁ ନିରାପଦ କାର୍ଯ୍ୟସ୍ଥଳ ଓ ସବୁଜ ଭବିଷ୍ୟତର ପରିକଳ୍ପନା ସଫଳ ହୋଇପାରିବ ବୋଲି ସେ କହିଥିଲେ। ଏଥିରେ ଆର୍‌ଏସ୍‌ପି ମାଇନିଂ ବିଭାଗ ଇଡି ଇଂ. ଏମ୍. ପି ସିଂହ, ଏନ୍‌ଏସ୍‌ପିସିଏଲ୍‌ର ସିଜିଏମ୍ ତଥା ବିୟୁଏଚ୍ କେ. ସତ୍ୟନାରାୟଣ, ଫ୍ୟାକ୍ଟ୍ରି ଓ ବଏଲର ବିଭାଗର ଡେପୁଟି ଡାଇରେକ୍ଟର ବିଭୁ ପ୍ରସାଦ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସେମାନେ ପରିବେଶ ବିଜ୍ଞାନର ବିଭିନ୍ନ ଉପଚାର ଓ ନିୟନ୍ତ୍ରଣ ସମ୍ପର୍କରେ ଉପସ୍ଥିତ କାରଖାନା ପ୍ରତିନିଧିମାନଙ୍କୁ ସଚେତନ କରାଇଥିଲେ। ଜନ ସଚେତନତା ଓ ମାନସିକତାରେ ପରିବର୍ତ୍ତନ ଦ୍ୱାରା କାରଖାନା ଦୁର୍ଘଟଣା ରୋକାଯିବା ସହ ନିର୍ମଳ ପରିବେଶ ସମ୍ଭବ ହୋଇପାରିବ ବୋଲି ଅତିଥିମାନେ ମତ ଦେଇଥିଲେ। ଏହି ଅବସରରେ ଆୟୋଜିତ ବୈଷୟିକ ପର୍ଯ୍ୟାୟରେ ଆର୍‌ଏସ୍‌ପିର ପରିବେଶ ଇଞ୍ଜିନିୟରିଂ ବିଭାଗ ଜିଏମ୍ ଇଂ. ପ୍ରମୋଦ ଚନ୍ଦ୍ର ଦାଶ, ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ ଲିମିଟେଡ୍ ନାରାୟଣପୋଷି ଆଇରନ ଓ ମାଙ୍ଗାନିଜ ମାଇନ୍ସର ସିନିୟର ଜିଏମ ସୁରେଶ ମହାପାତ୍ର, ଡାଲମିଆ ଭାରତ ଲିମିଟେଡ୍‌ର ସିନିୟର ଜିଏମ୍ ବିଜୟ କୁମାର ଦାଶ ଓ ଏନ୍‌ଆଇଟି ରାଉରକେଲାର ଡିନ୍ ତଥା ଆଲୁମ୍ନି ଇଣ୍ଟରନ୍ୟାଶନାଲ ରିଲେସନଶିପ୍ ପ୍ରଫେସର ଏଚ୍. ବି. ସାହୁ ପ୍ରମୁଖ ସେମାନଙ୍କର ସନ୍ଦର୍ଭ ଉପସ୍ଥାପନା କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାର କୃତୀମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଡିଇଇ ଇଂ. ରମଣୀ ରଞ୍ଜନ ଦାଶ, ଇଂ. ରଜତ କୁମାର ସେଠୀ, ଡିଇଇ ସି.ଏସ୍. ଚୌହାନ, ଏଇଏସ୍ ପ୍ରଜ୍ଞାଜ୍ୟୋତି ସେନାପତି, ଓଏସ୍‌ଡି ବି. ବି. ମହନ୍ତ, ସ୍ୱେଚ୍ଛାସେବୀ ବିବେକାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଉପ ପରିବେଶ ଯନ୍ତ୍ରୀ ବିଜୟ କୁମାର ଭୋଇ ସଭା ସଞ୍ଚାଳନ କରିଥିଲେ। ସହକାରୀ ପରିବେଶ ବୈଜ୍ଞାନିକ ସୌମ୍ୟରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବିଭିନ୍ନ କଳକାରଖାନା, ଖଣି, ହସ୍ପିଟାଲ, ବ୍ୟବସାୟିକ ପ୍ରତିଷ୍ଠାନର ପ୍ରତିନିଧି, ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ।

# ଆର୍‌ଏସ୍‌ପି ସମ୍ପ୍ରସାରଣ ନେଇ ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା


ସମୀକ୍ଷା ବୈଠକରେ ରାଜସ୍ୱ ମନ୍ତ୍ରୀ ଏବଂ ଅନ୍ୟମାନେ।

ରାଉରକେଲା,୨।୧୨
(ବିପ୍ଳବ ରଞ୍ଜନ ଦାଶ/ଦିନେଶ ମିଶ୍ର)

